# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ମେ ୨୯/୨୦୧୯ (୧୬ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, May 29/ 2019 ★★

୧୫୪ ଭାଗ ୧୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ମୋ ନୃତ୍ୟ ଦକ୍ଷତା ପସନ୍ଦ କରନ୍ତି ପିଲା: ମାଧୁରୀ**
ମୋ ପିଲା ମୋର ନୃତ୍ୟଶୈଳୀକୁ ଖୁବ୍ ପସନ୍ଦ କରନ୍ତି ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପ୍ରକାଶ କରିଛନ୍ତି। ୦୨

୧୫ **ବୀରେନ୍ଦ୍ର ଉପଅଧିନାୟକ**
ଏଫ୍ଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ୍ସ ପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଆ ତାରକା ବୀରେନ୍ଦ୍ର ଲାକ୍ରା ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି।




ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**
ଭିତରକୁ ଦେଖ

**ଆଜିର ମନ୍ତବ୍ୟ**
ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜୟ ହୋଇଛି ବୋଲି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ପଦ ଛାଡ଼ିବା ଅନାବଶ୍ୟକ।
–ରଜନୀକାନ୍ତ, ସୁପରଷ୍ଟାର

**କିଛି ତଥ୍ୟ**
ଚଳିତ ବର୍ଷ ଏପ୍ରିଲ ମାସରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୦.୧% ବଢ଼ି ୮.୬୬୨ ନିୟୁତ ଟନ୍ ରହିଛି।
– ଇସ୍ପାତ ମନ୍ତ୍ରଣାଳୟ

ପାରାଦୀପ ବନ୍ଦରର ସର୍ବକାଳୀନ ରେକର୍ଡ
........୩........

# ଆଜି ନୂଆ ମନ୍ତ୍ରିମଣ୍ଡଳ
# ୧୧ କ୍ୟାବିନେଟ୍, ୯ ରାଷ୍ଟ୍ରମନ୍ତ୍ରୀ



ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ | ବିକ୍ରମକେଶରୀ ଆରୁଖ ଭଞ୍ଜନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ କାମାକ୍ଷାନଗର | ନିରଞ୍ଜନ ପୂଜାରୀ ସୋନପୁର | ପଦ୍ମନାଭ ବେହେରା ବୀରମହାରାଜପୁର | ପ୍ରତାପ ଜେନା ମାହାଙ୍ଗା | ଅରୁଣ କୁମାର ସାହୁ ନୟାଗଡ଼ | ସୁଦାମ ମାର୍ଣ୍ଡି ବାଙ୍ଗିରିପୋଷି | ସୁଶାନ୍ତ ସିଂ ଭଟଲି | ନବକିଶୋର ଦାସ ଝାରସୁଗୁଡ଼ା | ଟୁକୁନି ସାହୁ ଟିଟିଲାଗଡ଼

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

- **ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନବୀନ**
- **ସୂର୍ଯ୍ୟ ପାତ୍ର ହୋଇପାରନ୍ତି ବାଚସ୍ପତି**
- **ବହୁ ପୂର୍ବତନ ମନ୍ତ୍ରୀ ନିରାଶ**

ବୁଧବାର ପୂର୍ବାହ୍ନରେ ରାଜ୍ୟର ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ। ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ନୂଆ ମନ୍ତ୍ରିମଣ୍ଡଳରେ ୧୧ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ଓ ୯ଜଣଙ୍କୁ ରାଷ୍ଟ୍ର ପାହ୍ୟା ମନ୍ତ୍ରୀପଦ ମିଳିଛି। ଏନେଇ ରାଜଭବନ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ କେଶରୀ ଆରୁଖ, ପ୍ରଫୁଲ୍ଲ କୁମାର ମଲ୍ଲିକ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ପ୍ରତାପ ଜେନା, ଅରୁଣ କୁମାର ସାହୁ, ସୁଦାମ ମାର୍ଣ୍ଡି, ସୁଶାନ୍ତ ସିଂ, ନବକିଶୋର ଦାସ ଏବଂ ଟୁକୁନି ସାହୁଙ୍କୁ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦ ମିଳିଛି। ସେହିପରି ଅଶୋକ ଚନ୍ଦ୍ର ପଣ୍ଡା, ସମୀର ରଞ୍ଜନ ଦାଶ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଦିବ୍ୟଶଙ୍କର ମିଶ୍ର, ପ୍ରେମାନନ୍ଦ ନାୟକ, ରଘୁନନ୍ଦନ ଦାଶ, ପଦ୍ମିନୀ ଦିଆନ, ତୁଷାରକାନ୍ତି ବେହେରା ଏବଂ ଜଗନ୍ନାଥ ସାରକାଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ମିଳିଛି।

ଶପଥଗ୍ରହଣ ଦିନକ ପୂର୍ବରୁ ମଙ୍ଗଳବାର ମନ୍ତ୍ରୀ ପଦ ପାଇବା ନେଇ ବିଜେଡି ନେତାମାନଙ୍କ ମଧ୍ୟରେ ବହୁ ଉତ୍ସୁକତା ରହିଥିଲା। କେତେ ବେଳେ ଡକରା ଆସିବ। ପୁଣିଥରେ ମନ୍ତ୍ରୀ ପଦବୀ ମିଳିବ ନା ନାହିଁ। ଏଭଳି ଆଶଙ୍କା କରି ଆଶାୟୀ ପୂର୍ବତନ ମନ୍ତ୍ରୀଙ୍କର ହାର୍ଟ ବିଟ୍ ବଢ଼ିଯାଇଥିଲା। ମଙ୍ଗଳବାର ଦିନତମାମ ଆଶା ଓ ଆଶଙ୍କାରେ ଦିନ କାଟୁଥିଲେ ଆଶାୟୀ ଓ ବରିଷ୍ଠ ବିଧାୟକମାନେ। ସସପେନ୍ସ ଭିତରେ ପୂରା ଦିନ ବିତିଗଲା। ଖରା ଯାଇ ସଞ୍ଜ ନଇଁଲା, ତଥାପି ମନରେ ଥିଲା ଶଙ୍କା। ସମସ୍ତଙ୍କର ନବୀନ ନିବାସର ଫୋନ କଲ୍‌କୁ ଥିଲା ଅପେକ୍ଷା। ସନ୍ଧ୍ୟାବେଳକୁ ଗୋଟିଏ ପରେ ଗୋଟିଏ ଫୋନ୍ କଲ୍ ଉପରୋକ୍ତ ବିଧାୟକମାନଙ୍କ ପାଖକୁ ଯାଇଥିଲା।

ଅନ୍ୟପକ୍ଷରେ ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏବଂ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ମଧ୍ୟ ଫୋନ୍ କଲ୍ ଯାଇଥିବା ଜଣାପଡିଛି। ପ୍ରମିଳାଙ୍କୁ ଶାସକ ଦଳର ମୁଖ୍ୟ ସଚେତକ ଏବଂ ସୂର୍ଯ୍ୟଙ୍କୁ ବାଚସ୍ପତି ପଦବୀରେ ବସାଇବା ନେଇ ଚର୍ଚ୍ଚା ହେଉଛି। ଫୋନ କଲ ପାଇବା ପରେ ଉପରୋକ୍ତ ବିଧାୟକମାନେ ଉତ୍ସାହିତ ହୋଇପଡ଼ିଥିବା ସେମାନଙ୍କ ସହ କଥାବାର୍ତ୍ତା ବେଳେ ଜଣାପଡ଼ିଛି। ଅନ୍ୟପକ୍ଷରେ ଫୋନ କଲ ପାଇ ନ ଥିବା କେତେଜଣ ବରିଷ୍ଠ ବିଧାୟକଙ୍କୁ ନିରାଶ ହେବାକୁ ପଡ଼ିଛି।

ନୂଆ ମନ୍ତ୍ରିମଣ୍ଡଳରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅଧିକ ନୂଆ ମୁହଁକୁ ସାମିଲ କରିଛନ୍ତି। ବିଶେଷ କରି କୌଣସି ମାମଲାରେ ଜଡ଼ିତ ହୋଇ ନ ଥିବା ଯୁବ ବିଧାୟକଙ୍କୁ ନବୀନ ଗୁରୁତ୍ୱ ଦେଇଛନ୍ତି। ଯେଉଁମାନଙ୍କ ନାମରେ କିଛି ଅଭିଯୋଗ ରହିଛି କିମ୍ବା ପୂର୍ବ ରେକର୍ଡ ଖରାପ ରହିଛି, ସେମାନଙ୍କୁ ଦୂରେଇ ରଖାଯାଇଛି। ପୂର୍ବରୁ ସୁଶାନ୍ତ ସିଂ ଶକ୍ତି ଓ ଶ୍ରମ ବିଭାଗ ଦାୟିତ୍ୱ ତୁଲାଇଛନ୍ତି। ବିଜେପୁର ଉପନିର୍ବାଚନ ଓ ଗତ ସାଧାରଣ ନିର୍ବାଚନରେ ନବୀନଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ମନ୍ତ୍ରୀ ପ୍ରତାପ ଜେନାଙ୍କ ଭାଗ୍ୟ ମଧ୍ୟ ପୁଣି ଖୋଲିଯାଇଛି। ☞ପୃଷ୍ଠା–୧୦

## ରାଷ୍ଟ୍ରପାହ୍ୟା ମନ୍ତ୍ରୀ



ଅଶୋକ ଚନ୍ଦ୍ର ପଣ୍ଡା ଏକାମ୍ର–ଭୁବନେଶ୍ୱର | ସମୀର ରଞ୍ଜନ ଦାଶ ନିମାପଡ଼ା | ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସିମୁଳିଆ



ଦିବ୍ୟଶଙ୍କର ମିଶ୍ର ଜୁନାଗଡ଼ | ପ୍ରେମାନନ୍ଦ ନାୟକ ତେଲକୋଇ | ରଘୁନନ୍ଦନ ଦାଶ ବାଲିକୁଦା–ଏରସମା



ପଦ୍ମିନୀ ଦିଆନ କୋଟପାଡ଼ | ତୁଷାରକାନ୍ତି ବେହେରା କାକଟପୁର | ଜଗନ୍ନାଥ ସାରକା ବିଷମକଟକ

## ବେସ୍ କ୍ୟାମ୍ପରେ କଳ୍ପନାଙ୍କ ପାର୍ଥିବ ଶରୀର



**ଭୁବନେଶ୍ୱର, ୨୮।୫(ସ୍ପୋର୍ଟ୍ସ ବ୍ୟୁରୋ)**
ଏଭରେଷ୍ଟ ଶୃଙ୍ଗରେ ପର୍ବତାରୋହୀ କଳ୍ପନା ଦାଶଙ୍କ ମରଶରୀରର ସନ୍ଧାନ ଓ ଉଦ୍ଧାରକାର୍ଯ୍ୟରେ ଶେର୍ପା ଦଳ ସକ୍ଷମ ହୋଇଛନ୍ତି। ସେମାନେ ମଙ୍ଗଳବାର ମରଶରୀରକୁ ବେସ୍ କ୍ୟାମ୍ପ–୪କୁ ଆଣିଛନ୍ତି। ଲୁକ୍‌ଲାସ୍ଥିତ ବେସ୍ କ୍ୟାମ୍ପରେ ଆବଶ୍ୟକ ଔପଚାରିକତା ପରେ ବୁଧବାର ଏହାକୁ ବିମାନ ଯୋଗେ କାଠମାଣ୍ଡୁ ଅଣାଯିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି। କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ଏବଂ ଉଦ୍ଧାରକାରୀ ଦଳ ସହିତ ରାଜ୍ୟ ସରକାରଙ୍କ ଯୋଗାଯୋଗ ଅବ୍ୟାହତ ରହିଛି। କଳ୍ପନାଙ୍କ ପାର୍ଥିବ ଶରୀରକୁ ଯଥା ଶୀଘ୍ର ଅଣାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବା ଯୋଜନା ଚାଲିଥିବା ସୂଚନା ଦିଆଯାଇଛି। ପ୍ରକାଶ ଯୋଗ୍ୟ ଦୁଃସାହସିକ କ୍ରୀଡ଼ାରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଆଦର୍ଶ ପାଲଟିଥିବା ଏଭରେଷ୍ଟ ଆରୋହଣକାରୀ କଳ୍ପନା ଗତ ଗୁରୁବାର ମୃତ୍ୟୁ ଘଟିଥିବା ଖବର ଓଡ଼ିଶା କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଥିଲା। ସେ ଦ୍ୱିତୀୟଥରପାଇଁ ଏଭରେଷ୍ଟ ଆରୋହଣ କରି ☞ପୃଷ୍ଠା–୧୦

# ୟୁପିରେ ବିଷାକ୍ତ ମଦ ପିଇ ୧୨ ମୃତ

**ବାରାବାଙ୍କି,୨୮।୫(ପି.ଟି.)**

- **୪୦ ଅସୁସ୍ଥ, ରାଜନୈତିକ ଷଡ଼ଯନ୍ତ୍ର ସନ୍ଦେହ**
- **୧୦ ଅବକାରୀ, ୨ ପୋଲିସ କର୍ମଚାରୀ ସସ୍‌ପେଣ୍ଡ**
- **ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଯୋଗୀ**

ଉତ୍ତରପ୍ରଦେଶର ବାରାବାଙ୍କି ଜିଲ୍ଲାରେ ବିଷାକ୍ତ ମଦ ପିଇ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୪୦ ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୪ଜଣ ଥିବା ପ୍ରକାଶ। ସୋମବାର ରାତିରେ ଏହିସବୁ ଲୋକ ବିଷାକ୍ତ ମଦ ପିଇବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିବା ସହ ବାନ୍ତି କରିଥିଲେ। ସେମାନଙ୍କ ଛାତି ଓ ମୁଣ୍ଡ ବିନ୍ଧିବା ପରେ ଜଣକ ପରେ ଜଣେ ଆଖି ବୁଜିଥିଲେ। ଗୁରୁତରଙ୍କୁ ହସ୍ପିଟାଲ୍ ନିଆଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟିହୋଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଥିବା ସନ୍ଦେହ କରାଯାଉଛି।

ଏହି ଘଟଣାକୁ ନେଇ ୧୦ ଜଣ ଅବକାରୀ ବିଭାଗର କର୍ମକାରୀ ଓ ୨ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ୟୁପି ମନ୍ତ୍ରୀ ସିଦ୍ଧାର୍ଥ ନାଥ ସିଂ ପ୍ରକାଶ କରିଛନ୍ତି।

ସ୍ଥାନୀୟ ରାଣୀଗଞ୍ଜ ଓ ଏହାର ଆଖପାଖ ଅଞ୍ଚଳର ଲୋକମାନେ ରାମନଗରରେ ଥିବା ଏକ ଦୋକାନରୁ ସୋମବାର ରାତିରେ ମଦ କିଣି ପିଇଥିଲେ। ପରେ ସେମାନେ ଅସୁସ୍ଥ ଅନୁଭବ କରି ରାମନଗର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ଲାଗି ଯାଇଥିଲେ। ମଙ୍ଗଳବାର ସେମାନଙ୍କୁ ଲକ୍ଷ୍ନୌସ୍ଥିତ କିଙ୍ଗ ଜର୍ଜ ମେଡିକାଲ୍ ବିଶ୍ୱବିଦ୍ୟାଳୟ ହସ୍ପିଟାଲ୍‌କୁ ନିଆଯାଇଥିଲା। କେତେଜଣଙ୍କୁ ବଳରାମପୁର ଓ ଲକ୍ଷ୍ନୌର ରାମ ମନୋହର ଲୋହିଆ ହସ୍ପିଟାଲରେ ମଧ୍ୟ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କର ଡାଏଲିସିସ୍ ପରୀକ୍ଷା କରାଯାଇଥିଲା। ହେଲେ ଅନେକଙ୍କ ମୃତ୍ୟୁ ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି।

ୟୁପି ଅବକାରୀ ମନ୍ତ୍ରୀ ଜୟପ୍ରତାପ ସିଂ କହିଛନ୍ତି ଯେ, ଘଟଣାସ୍ଥଳକୁ ଅବକାରୀ କମିଶନର ଓ ଯୁଗ୍ମ କମିଶନରଙ୍କୁ ପଠାଯାଇଛି। ☞ପୃଷ୍ଠା–୧୦

# ସୁଭଦ୍ରା ରଥ ଚକ ତୁମ୍ବରେ ଫାଟ

**ପୁରୀ ଅଫିସ, ୨୮।୫**

ଆସନ୍ତା ଜୁଲାଇ ୪ରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ ଚାଲିଛି। ସବୁ ରଥର ତୁମ୍ବ ନିର୍ମାଣ ଶେଷ ହୋଇ ଚକ ତିଆରି କରାଯାଉଛି । ତେବେ ମଙ୍ଗଳବାର ସୁଭଦ୍ରା ରଥର ଏକ ଚକ ନିର୍ମାଣ ସମୟରେ ତୁମ୍ବରେ ଫାଟ ହୋଇଥିବା ଦେଖିବାକୁ ମିଳିଛି। ପରେ ଏହି ତୁମ୍ବ ବଦଳାଯାଇ ନୂତନ ତୁମ୍ବ ତିଆରି ଆରମ୍ଭ ହୋଇଛି।

ଅକ୍ଷୟ ତୃତୀୟାଠାରୁ ରଥଖଳାରେ ରଥ ନିର୍ମାଣ ଆରମ୍ଭ ହୋଇଛି। ପ୍ରଥମେ ତିନି ରଥର ତୁମ୍ବ ତିଆରି କରାଯାଇଥିଲା। ତିନି ରଥର ୪୨ଟି ତୁମ୍ବ ନିର୍ମାଣ ପରେ ସେଥିରେ ବିନ୍ଧ କରାଯାଇଥିଲା। ପରେ ଏଥିରେ ପଇ ସଂଯୋଗ କରାଯାଇ ଚକ ତିଆରି ଚାଲିଛି। ଭଉଁରିରେ ତିନି ରଥର ୨ଟି ଲେଖାଏ ଚକ ଅଖ ସହ ସଂଯୋଗ କରାଯାଇଥିବା ବେଳେ ବର୍ତ୍ତମାନ ଅନ୍ୟ ଚକ ତିଆରି ଚାଲିଛି । ତେବେ ମଙ୍ଗଳବାର ଅପରାହ୍ନରେ ବିଳେଇ ବାଡ଼ିଆ (ଅରରେ

**ନଜରକୁ ଆସିବା ପରେ ବଦଳାଗଲା**



ପଇ ସଂଯୋଗ) ଚାଲିଥିଲା। ଏହି ସମୟରେ କେତେଜଣ ଭୋଇ ସେବକ ଏବଂ ମହାରଣା ସେବକ ସୁଭଦ୍ରାଙ୍କ ରଥର ଏକ ତୁମ୍ବରେ ଫାଟ ହୋଇଥିବା ଦେଖିଥିଲେ। ଏ ନେଇ ସେମାନେ ମୁଖ୍ୟ ବିଶ୍ୱକର୍ମା କୃଷ୍ଣଚନ୍ଦ୍ର ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହାକୁ ବଦଳାଯାଇ ଏକ ନୂଆ ତୁମ୍ବ ତିଆରି କରାଯାଉଥିବା ଜଣାପଡ଼ିଛି।

ସାଧାରଣତଃ ତୁମ୍ବରେ ଅର ସଂଯୋଗ ପରେ ଉଭୟ ପାର୍ଶ୍ୱରେ ଲୁହାର ବଳା ପିନ୍ଧା ଯାଇଥାଏ। ବଳା ପିନ୍ଧାଇବା ଅଥବା ସିଙ୍ଗଡ଼ା ବାଡ଼ିଆ ସମୟରେ ☞ପୃଷ୍ଠା–୧୦

# ଥାନା ଛାତରୁ ଡେଇଁ ଅଭିଯୁକ୍ତ ମୃତ

- ତହସିଲ ଅଫିସରେ ଗଣ୍ଡଗୋଳ କରି ଅଟକ ଥିଲେ

**ବୀରମହାରାଜପୁର, ୨୮।୫(ଡି.ଏନ୍.ଏ.)**

ପୋଲିସ ହେପାଜତରେ ଥିବା ଜଣେ ଯୁବକ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଛାତ ଉପରୁ ଡେଇଁ ପ୍ରାଣ ହରାଇଛନ୍ତି । ସେ ହେଲେ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଟିଠିପାଲି ଗ୍ରାମର ଲିଙ୍ଗରାଜ ଅମାତ(୩୫)। ମଙ୍ଗଳବାର ଦ୍ୱିପ୍ରହରରେ ଘଟିଯାଇଥିବା ଏହି ଘଟଣା ସମସ୍ତଙ୍କୁ ଚକିତ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଲିଙ୍ଗରାଜ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ନିଶାସକ୍ତ ଅବସ୍ଥାରେ ଯାଇ ଗଣ୍ଡଗୋଳ କରୁଥିବା ଅଭିଯୋଗ ହୋଇଥିଲା। ଅତିରିକ୍ତ ତହସିଲଦାର ଗଙ୍ଗାରାମ ବୁଡେକଙ୍କ ଲିଖିତ ଏତଲାକ୍ରମେ ତାଙ୍କ ବିରୋଧରେ ଏକ ମାମଲା (ନଂ ୧୦୬/୧୯) ରୁଜୁ କରାଯାଇଥିଲା । ପୋଲିସ ତାଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ତେବେ ପଚରାଉଚରା ଚାଲିଥିବା ବେଳେ ଲିଙ୍ଗରାଜ ଶୌଚାଳୟ ଯିବା ବାହାନାରେ ପାହାଚ ଦେଇ ଥାନା କୋଠାର ଛାତ ଉପରକୁ ଚାଲି ଯାଇଥିଲେ। ଡ୍ୟୁଟିରେ ଥିବା ସେଣ୍ଟ୍ରି ଧନେଶ୍ୱର ମୁଣ୍ଡା ତାଙ୍କ ପିଛା କରିଥିଲେ ହେଁ ଲିଙ୍ଗରାଜ ହଠାତ୍ ଛାତ ଉପରୁ ତଳକୁ ଡେଇଁ ପଡିଥିବା ଆଇଆଇସି ପ୍ରଭା ଧନ କହିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା।



ଲିଙ୍ଗରାଜଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ସୁବର୍ଣ୍ଣପୁର ଏସ୍‌ପି ଦେବୀ ପ୍ରସାଦ ଦାଶ ଓ ସ୍ଥାନୀୟ ଏସ୍‌ଡିପିଓ ଧିରଜ ଚୋପଦାରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ଏହି ଘଟଣାର ଛାନଭିନ୍ ଚଳାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ବଡ ଡାକ୍ତରଖାନାରେ ରଖାଯାଇଛି । ଖବର ପାଇଁ ଲିଙ୍ଗରାଜଙ୍କ ପରିବାର ଲୋକେ ସେଠାରେ ପହଞ୍ଚିଛନ୍ତି। ଆଦର୍ଶ ଥାନାରେ ପରିଣତ ହେବା ପରେ ବୀରମହାରାଜପୁର ପୋଲିସ ଷ୍ଟେଶନରେ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା ୩୦ରେ ପହଞ୍ଚିଛି। ଏହାସତ୍ତ୍ୱେ ଥାନାରେ ଜଣେ ଅଟକ ଯୁବକ କୋଠା ଛାତ ଉପରକୁ ଯାଇ ସେଠାରୁ ଡେଇଁ ପଡିବା ପୋଲିସର ଅବହେଳାକୁ ପଦାରେ ପକାଇଛି।


ମୁଥୁଟ୍ ଫାଇନାନ୍ସ
ନିଅନ୍ତୁ ଗୋଟିଏ ଗୋଲ୍ଡ ଲୋନ୍ ଏବଂ ଜିତନ୍ତୁ* ମୁଥୁଟ-CSK ଲିମିଟେଡ୍ ଏଡିଶନ୍ ଗୋଲ୍ଡ ଓ ସିଲଭର କଏନ୍ସ ପ୍ରତିଦିନ
*ସର୍ତ୍ତାବଳୀ ଲାଗୁ।
1800 313 1212
muthootfinance.com

AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY) PARDHIAPALI, SAMBALPUR
For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

"Hurry Up" Admission Open
AIT
ASHA INSTITUTE OF TECHNOLOGY
100% Results
This course is approved by govt. of Odisha
B.Ed
10th +2 Arts Science Commerce
BA, BSc., B.Com. M.Com., MA, MSC, BSW, MSW, DCA, PGDCA
Failed & Discontinued students don't worry continue your studies
Contact: 9178713912, 9178713934, 9178359549, 9178359579, Franchise Contact- 9439820889
Address- Panchayat College Road, Near Naka Chowk, Bargarh

NECC NATIONAL EGG CO-ORDINATION COMMITTEE 28.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 87 | 141 | 151 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers

UTKAL UNIVERSITY
DEPARTMENT OF BUSINESS ADMINISTRATION
Vani Vihar, Bhubaneswar-751004, Odisha, India
NAAC-A+Accredited
ADMISSION OPEN
DEGREE WITH SKILL
MBA (AGRIBUSINESS)
Excellent Placement Record
ICICI Bank, AXIS Bank, Bandhan Bank, Yes Bank, Utkarsh Bank, Ujjivan Small Finance Bank, Seed Works, Pioneer Seeds, Dhanuka Agritech Ltd., Sinochem India, UPL, Matrix Fertilizer, Mahyco, VNR Seeds, Coromondel, Mansanto, DSCL, BFIL, Spandana, Arohan Microfinance, Annapurna Microfinance, Adhikar Microfinance, Origo Commodities, Pradan, AMUL, Mahashakti Foundation, Syngenta Foundation.
ELIGIBILITY:
B.Sc(Ag.) & Allied sectors/B.tech(Ag)/ B.tech(Food tech) B.Tech(Biotech), B.Tech/BE (Any stream), B.Sc in Life science (Zoology, Botany, Biotech, Microbiology) /B.Sc. (Chemistry), B.Com/BBA/BBM. Weightage will be given to Graduates in the Agriculture and allied sector. Candidates should have secured minimum 50% marks or equivalent (45% for SC/ST candidates) in Graduation and minimum 50% marks in 10th & 12th.
SELECTION:
Selection will be based on scores in MAT/CAT/CMAT/ICAR/OJEE followed by personal interview. The candidates, those who have not appeared the above tests, will have to appear for University Management Aptitude Test (UMAT) in the Utkal University campus.
APPLICATION PROCESS:
Fill in the Application form ONLINE at www.camutkal.ac.in
•Last date of submission of e-Application form : 15.06.2019 (23:45 hours)
•Last date of submission of hard copy along with other documents : 22.06.2019 (17:00 hours)
Contact
The Course Head, Centre for Agri-Management
Dept. of Business Administration, Utkal University, Bhubaneswar-751004
Ph./Fax: 0674-2567035, Mob.: 9437124356, 9778886001, 9938204639
e-mail : admission@camutkal.org, academic@camutkal.org, Website: www.camutkal.ac.in
Course Director



“କଂଗ୍ରେସକୁ ଆଗେଇ ନେବା ଲାଗି ରାହୁଲ ଗାନ୍ଧୀ ହିଁ ସବୁଠାରୁ ଉତ୍ତମ ବ୍ୟକ୍ତି।
-ଶଶୀ ଥରୁର୍,
ବରିଷ୍ଠ କଂଗ୍ରେସ ନେତା

# କଂଗ୍ରେସରେ ନେତୃତ୍ୱ ସଙ୍କଟ

**ନୂଆଦିଲ୍ଲୀ,୨୮।୫**

ସାଧାରଣ ନିର୍ବାଚନରେ କଂଗ୍ରେସର ପରାଜୟ ଦଳ ପାଇଁ ନେତୃତ୍ୱ ସଙ୍କଟର କାରଣ ପାଲଟିଛି। ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଇସ୍ତଫା ଦେଇଥିବାବେଳେ ତାକୁ ନେଇ ଅଡୁଆ ଛିଡୁନାହିଁ। ରାହୁଲ କଂଗ୍ରେସ ମୁଖ୍ୟ ଭାବେ ରୁହନ୍ତୁ ବୋଲି ଦଳର ବରିଷ୍ଠ ନେତାମାନେ ତାଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ପାଇଁ କେତେକ ମହଲରେ ସ୍ୱର ଉଠିବାରେ ଲାଗିଲାଣି।

୫୪୩ ସଦସ୍ୟ ବିଶିଷ୍ଟ ଲୋକ ସଭାର ମାତ୍ର ୫୨ ଆସନ ଦଖଲ କରିବାରେ ସକ୍ଷମ ହୋଇଛି କଂଗ୍ରେସ। ଏପରି କି ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଦଳ ଖାତା ମଧ୍ୟ ଖୋଲିପାରି ନାହିଁ। ଉତ୍ତରପ୍ରଦେଶର ପାରମ୍ପରିକ ଆସନ ଅମେଠିରେ ରାହୁଲଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏନେଇ କ୍ଷୁବ୍ଧ ରାହୁଲ ବିଫଳତା ପାଇଁ ଉତ୍ତରଦାୟିତ୍ୱ ନେଇ ଶନିବାର ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏହାସହ ସେ କମଲନାଥ, ପି. ଚିଦାମ୍ବରମ୍ ଓ ଅଶୋକ ଗେହଲଟଙ୍କ ଭଳି କେତେଜଣ ବରିଷ୍ଠ ନେତାଙ୍କ ଉପରେ ବର୍ଷିଥିଲେ। ଦିନକ ପାଇଁ ନେତାଙ୍କ ସହ ଆଲୋଚନା ଓ ବୈଠକକୁ ବାତିଲ କରିବା ପରେ ରାହୁଲ ମଙ୍ଗଳବାର ତୋଗ୍‌ଲକ୍ ଲେନ୍‌ସ୍ଥିତ ବାସଭବନରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ



ଅଶୋକ ଗେହଲଟ, ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ଦଳର ସାଧାରଣ ସମ୍ପାଦକ ତଥା ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ପୃଥକ୍ ବୈଠକ କରିଛନ୍ତି। ପ୍ରିୟଙ୍କାଙ୍କ ପରେ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ମୁଖପାତ୍ର ରଣଦୀପ ସୁର୍ଜେୱାଲା ମଧ୍ୟ ରାହୁଲଙ୍କୁ ସାକ୍ଷାତ କରିଛନ୍ତି। ରାହୁଲ ଇସ୍ତଫାପତ୍ର ପ୍ରତ୍ୟାହାର କରନ୍ତୁ ବୋଲି ନେତାମାନେ ତାଙ୍କୁ ଅନୁରୋଧ କରିଥିବାବେଳେ ସେ ନିଜ ଜିଦରେ ଅଟଳ ଥିବା କୁହାଯାଉଛି। ଏହାସତ୍ତ୍ୱେ ରାହୁଲ ଅଧ୍ୟକ୍ଷ ପଦ ବଜାୟ ରଖନ୍ତୁ ବୋଲି ବରିଷ୍ଠ ନେତାମାନେ ତାଙ୍କୁ ମନାଇବାରେ ଲାଗିଛନ୍ତି। ରାଜ୍ୟ ସଭା ସଦସ୍ୟ ପ୍ରମୋଦ ତିୱାରୀ କହିଛନ୍ତି, ରାହୁଲ ଇସ୍ତଫା ଦେବା ବଦଳରେ ଅନ୍ୟ ସମସ୍ତ ନେତାଙ୍କୁ ଇସ୍ତଫା ଲାଗି ନିର୍ଦ୍ଦେଶ ଦେଇ କଂଗ୍ରେସର ପୁନର୍ଗଠନ କରିବା ଉଚିତ। ପରାଜୟ ପାଇଁ ଉତ୍ତରଦାୟିତ୍ୱ ସ୍ଥିରକରିବା ସମୟ ଆସିଛି। ସେହିପରି ବରିଷ୍ଠ ନେତା ଶଶୀ ଥରୁର କହିଛନ୍ତି, କଂଗ୍ରେସ ବଞ୍ଚିଛି। ଏହାର ଶେଷକଥା ଲେଖିବାର ସମୟ ଆସିନାହିଁ। ଦଳର ନେତୃତ୍ୱ ପାଇଁ ରାହୁଲ ସବୁଠୁ ଯୋଗ୍ୟ ନେତା। ଅନୁରୂପ ଭାବେ ରାହୁଲ କଂଗ୍ରେସ ପାଇଁ ପ୍ରେରଣା ଏବଂ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜୟକୁ ନେଇ ସେ ଇସ୍ତଫା ଦେବା ଅନୁଚିତ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍. ବୀରାପ୍ପା ମୋଇଲି କହିଛନ୍ତି। ତାମିଲନାଡୁରେ କଂଗ୍ରେସର ସହଯୋଗୀ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ମଧ୍ୟ ପଦ ନ ଛାଡ଼ିବାକୁ ରାହୁଲଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନାନୁସାରେ ରାହୁଲ ନରମିଥିବା ଜଣାପଡ଼ିଛି। ସେ କେତେକ ସର୍ତ୍ତ ସହ ଅଧ୍ୟକ୍ଷ ପଦ ବଜାୟ ରଖିବାକୁ ରାଜି ହୋଇଛନ୍ତି। ରାହୁଲ ଲୋକ ସଭାରେ କଂଗ୍ରେସ ନେତା ମଧ୍ୟ ହେବା ପାଇଁ ପ୍ରସ୍ତୁତ। ତେବେ ଦଳ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇନାହିଁ।



ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତ କରିବା ଅବସରରେ।

## କମଲନାଥଙ୍କୁ ଦଳବଦଳ ଭୟ

**ଭୋପାଳ,୨୮।୫**

ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ କେବଳ କେନ୍ଦ୍ରୀୟ ନେତୃତ୍ୱ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିନାହିଁ, ବରଂ ଏହାର ପ୍ରଭାବ ରାଜ୍ୟ ସ୍ତରରେ ମଧ୍ୟ ଦେଖିବାକୁ ମିଳିଛି। ୫ ମାସ ତଳେ ଭାଜପାଠାରୁ କ୍ଷମତା ଛଡ଼ାଇନେଇ ମଧ୍ୟପ୍ରଦେଶରେ ସରକାର ଗଠନ କରିଥିବା କଂଗ୍ରେସରେ ଏବେ ବିଭାଜନ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ କମଲନାଥ ତାଙ୍କ କ୍ୟାବିନେଟ ସହଯୋଗୀମାନଙ୍କ ପାଇଁ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨୭ ମନ୍ତ୍ରୀ ୫ ଜଣ ଲେଖାଏ କଂଗ୍ରେସ ବିଧାୟକଙ୍କ ଉପରେ କଡ଼ା ନଜର ରଖିବେ। ବିରୋଧୀ ଭାଜପା ଶିବିରକୁ ଯେମିତି ଜଣେ ହେଲେ ବିଧାୟକ ଲମ୍ଫ ନ ମାରନ୍ତି ସେଦିଗରେ ଯତ୍ନଶୀଳ ହେବାକୁ କମଲନାଥ ମନ୍ତ୍ରୀମାନଙ୍କୁ ଦାଗିଦ କରିଛନ୍ତି। କମଲନାଥ ସରକାରଙ୍କ ଶକ୍ତିପରୀକ୍ଷା ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ ଗତ ୨୦ ତାରିଖରେ ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କ ନିକଟରେ ଦାବି କରିବା ପରେ କମଲନାଥଙ୍କ ଅଡୁଆ ବଢ଼ିଯାଇଛି। ସଦ୍ୟ ସମାପ୍ତ ଲୋକ ସଭା ନିର୍ବାଚନରେ ମଧ୍ୟପ୍ରଦେଶର ୨୯ ଆସନ ମଧ୍ୟରୁ କଂଗ୍ରେସ ମାତ୍ର ଗୋଟିଏ ଆସନ (ଛିନ୍ଦୱାଡାରେ ନକୁଲନାଥ) ରେ ସନ୍ତୁଷ୍ଟ ହୋଇଛି।



**୫ ବିଧାୟକଙ୍କୁ ଜଗିବେ ଜଣେ ମନ୍ତ୍ରୀ**

## ଗେହଲଟଙ୍କ ମୁଣ୍ଡରେ ସବୁ ଦୋଷ

**ନୂଆଦିଲ୍ଲୀ/ଜୟପୁର,୨୮।୫**

୫ ମାସ ତଳେ ଯେଉଁ ୩ ହିନ୍ଦୀଭାଷୀ ରାଜ୍ୟରେ ଭାଜପାଠାରୁ କଂଗ୍ରେସ କ୍ଷମତା ଛଡ଼ାଇନେଇଥିଲା ତନ୍ମଧ୍ୟରୁ ରାଜସ୍ଥାନ ଅନ୍ୟତମ। ୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ୧୦୦ ଆସନ ଦଖଲ କରି ୬ ବିଏସ୍‌ପି ଓ ୧୨ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ସରକାର ଗଢ଼ିବାରେ ସକ୍ଷମ ହୋଇଥିବା କଂଗ୍ରେସ ଉପରେ ଏବେ ସଙ୍କଟ ଦେଖାଦେଇଛି। ଲୋକ ସଭା ନିର୍ବାଚନରେ କଂଗ୍ରେସ ୨୫ଟି ଯାକ ଆସନରେ ପରାଜୟ ସ୍ୱୀକାର କରିଛି। ଏପରି କି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ମଧ୍ୟ ନିର୍ବାଚନ ହାରିଯାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସିଡବ୍ଲ୍ୟୁସି ବୈଠକରେ ଗେହଲଟଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବା ପରେ ରାଜ୍ୟ କଂଗ୍ରେସ ନେତାମାନେ ଦଳର ପରାଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉପରେ ସବୁ ଦୋଷ ଲଦିବାରେ ଲାଗିଛନ୍ତି।



ସଚିନ ପାଇଲଟ ଅଶୋକ ଗେହଲଟ

**ରାହୁଲ ପଦ ଛାଡ଼ିଲେ ଇସ୍ତଫା ଦେବେ ପାଇଲଟ**

ଅନ୍ୟପକ୍ଷରେ ରାହୁଲ କଂଗ୍ରେସ ଅଧ୍ୟକ୍ଷ ପଦରେ ନ ରହିଲେ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଉପମୁଖ୍ୟମନ୍ତ୍ରୀ ପଦ ସହ ରାଜ୍ୟ କଂଗ୍ରେସ ସଭାପତି ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଜୟପୁରରେ ବୁଧବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ବୈଠକ ହେବ। ଏଥିରେ ଉଭୟ ଗେହଲଟ ଓ ପାଇଲଟଙ୍କ ସମେତ ଏଆଇସିସି ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେ ଯୋଗଦେବେ।

## ପଶ୍ଚିମବଙ୍ଗର ୩ ବିଧାୟକ ଭାଜପାରେ

**ନୂଆଦିଲ୍ଲୀ,୨୮।୫**

**ମମତାଙ୍କୁ ଧକ୍କା**
**■୬୦ କାଉନ୍‌ସିଲର୍ ମଧ୍ୟ ସାମିଲ ହେଲେ**

ସାଧାରଣ ନିର୍ବାଚନରେ ଭାଜପା ପଶ୍ଚିମବଙ୍ଗରେ ସଫଳତା ପାଇବା ପରେ ଉତ୍ସାହିତ ହୋଇପଡ଼ିଛି। ମଙ୍ଗଳବାର ରାଜ୍ୟର ୩ ବିଧାୟକ ଓ ୩ ପୌରସଂସ୍ଥାର ୬୦ କାଉନ୍‌ସିଲର୍ ଭାଜପାରେ ଯୋଗ ଦେଇଛନ୍ତି। ଫଳରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତ୍ରୀ ମମତା ବାନାର୍ଜୀଙ୍କୁ ଏହା ଶକ୍ତ ଧକ୍କା ଦେଇଛି। ବିଜ୍‌ପୁର ବିଧାୟକ ଶୁଭ୍ରାଂଶୁ ରୟ, ନୋଆପାଡ଼ା ବିଧାୟକ ସୁନୀଲ ସିଂ, ବାରାକ୍‌ପୁର୍ ବିଧାୟକ ଶୀଳଭଦ୍ର ଦତ୍ତ ପ୍ରମୁଖ ତୃଣମୂଳ କଂଗ୍ରେସର ୬୦ କାଉନ୍‌ସିଲର୍‌ଙ୍କ ସହ ନୂଆଦିଲ୍ଲୀ ଯାଇ ଭାଜପାରେ ସାମିଲ ହୋଇଛନ୍ତି। ଟିଏମ୍‌ସିରେ ଗଣତନ୍ତ୍ର ନାହିଁ ବୋଲି ଏହି ନେତାମାନେ ପ୍ରକାଶ କରିଛନ୍ତି। ଏହାକୁ ନେଇ ରାଜ୍ୟରେ ରାଜନୈତିକ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

ହାଲିସହର, କାଞ୍ଚରାପଡ଼ା, ନୈହାଟି ମ୍ୟୁନିସିପାଲିଟିର ସଦସ୍ୟବୃନ୍ଦ ନୂଆଦିଲ୍ଲୀ ଗସ୍ତକରି ଭାଜପାରେ ସାମିଲ୍ ହୋଇଛନ୍ତି। ଭାଜପା ନେତା ମୁକୁଲ୍ ରୟଙ୍କ ପୁଅ ଶୁଭ୍ରାଂଶୁ ରୟଙ୍କୁ ମେ ୨୪ରେ ଟିଏମ୍‌ସିରୁ ନିଲମ୍ବିତ କରାଯାଇଥିଲା। ଏହାପରେ ଅସନ୍ତୋଷ ଦାନାବାନ୍ଧି ଏବେ ଭୟଙ୍କର ରୂପ ଧାରଣ କରିଛି। ୨୦୧୪ରେ ମାତ୍ର ୨ଟି ଆସନ ଦଖଲ କରିଥିବା ଭାଜପା ଏଥର ଟିଏମ୍‌ସିକୁ କଡା ଟକ୍କର ଦେବା ସହ ପଶ୍ଚିମବଙ୍ଗରେ ୧୮ ଆସନ ଦଖଲ କରିଛି। ଏହାପରେ ୩ ବିଧାୟକଙ୍କ ଭାଜପାରେ ସାମିଲ ଦଳକୁ ଶକ୍ତିବୃଦ୍ଧିରେ ସହାୟକ ହୋଇପାରିଛି। ଏଭଳି ସ୍ଥିତିକୁ ଦେଖି ଟିଏମ୍‌ସିର ନର୍ଥ ୨୪ ପ୍ରଗଣା ସଭାପତି ତଥା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଜ୍ୟୋତିପ୍ରିୟା ମଲ୍ଲିକ ମଙ୍ଗଳବାର ଅପରାହ୍ନରେ ସମସ୍ତ ଦଳୀୟ ବିଧାୟକ ଓ ପୌରସଂସ୍ଥା ମୁଖ୍ୟଙ୍କୁ ଏକ ଜରୁରିକାଳୀନ ବୈଠକକୁ ଡାକି ଆଲୋଚନା କରିଛନ୍ତି। ଭାଜପା କୂଟନୀତିକୁ ପ୍ରତିହତ କରିବା ଓ ଦଳୀୟ ଏକତା ବଜାୟ ରଖିବା ନେଇ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଭାଜପାର ଶକ୍ତିବୃଦ୍ଧି ମମତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।



ଶୁଭ୍ରାଂଶୁ ରୟଙ୍କୁ ଭାଜପା ନେତା କୈଳାସ ବିଜୟବର୍ଗୀୟ ସ୍ୱାଗତ କରୁଛନ୍ତି।

## ଝାଡ଼ଖଣ୍ଡରେ ନକ୍ସଲଙ୍କ ବିସ୍ଫୋରଣ
## ୧୧ ଯବାନ ଗୁରୁତର



**ରାଞ୍ଚି,୨୮।୫ (ପି.ଟି.)**

ଝାଡ଼ଖଣ୍ଡର ସରେଇକଳା-ଖରସୁଆଁ ଜିଲାରେ ନକ୍ସଲମାନେ ମଙ୍ଗଳବାର ସକାଳେ ଆଇଇଡି ବିସ୍ଫୋରଣ କରିବା ଫଳରେ ସେଇବାଟ ଦେଇ ଯାଉଥିବା ଯବାନମାନେ ଗୁରୁତର ହୋଇଛନ୍ତି। ସିଆର୍‌ପିଏଫ୍‌ର ସ୍ୱତନ୍ତ୍ର ଜଙ୍ଗଲ ୱାର୍‌ଫେୟାର୍ ୟୁନିଟ୍ ସହ କୋବ୍ରା ଓ ରାଜ୍ୟ ପୋଲିସ ବାହିନୀର କୁଚାଇ ଜଙ୍ଗଲାଞ୍ଚଳରେ ମିଳିତ କମ୍ବିଂ ଅପରେଶନ ଚାଲିଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ଏହାକୁ ନକ୍ସଲମାନେ ଅଳିଆ ଗଦାରେ ଲୁଚାଇ ବିସ୍ଫୋରଣ କରିଥିବା କୁହାଯାଉଛି। ଆହତ ୧୧ ଯବାନଙ୍କ ମଧ୍ୟରେ ୮ଜଣ କୋବ୍ରା ବାହିନୀର ହୋଇଥିବାବେଳେ ଅନ୍ୟମାନେ ରାଜ୍ୟ ପୋଲିସର ବୋଲି ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ହେଲିକପ୍ଟର ଯୋଗେ ରାଜଧାନୀ ରାଞ୍ଚିକୁ ଅଣାଯାଇ ଚିକିତ୍ସା କରାଯାଉଛି।

## ଶାହଙ୍କୁ ମିଳିପାରେ ଅର୍ଥ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୨୮।୫**

ମେ' ୩୦ରେ ପ୍ରଧାନମନ୍ତ୍ରୀଭାବେ ନରେନ୍ଦ୍ର ମୋଦି ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଶପଥଗ୍ରହଣ କରିବେ। ମନ୍ତ୍ରିମଣ୍ଡଳରେ କାହାକୁ ସ୍ଥାନ ମିଳିବ, ସେନେଇ ଅଙ୍କକଷା ଚାଲିଥିବାବେଳେ ପ୍ରଥମ ଥର ଲୋକ ସଭା ନିର୍ବାଚନ ଲଢ଼ି ଗାନ୍ଧିନଗର ଆସନରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ଜିତିଥିବା ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମିଳିବାର ସମ୍ଭାବନା ରହିଛି। ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଏଥର ଶାହଙ୍କୁ ଅର୍ଥ ମନ୍ତ୍ରଣାଳୟ ମିଳିପାରେ ବୋଲି କୁହାଯାଉଛି। ଶାହ ମନ୍ତ୍ରୀ ହେଲେ 'ୱାନ୍ ମ୍ୟାନ୍ ୱାନ୍ ପୋଷ୍ଟ' ନ୍ୟାୟରେ ତାଙ୍କୁ ଭାଜପା ଅଧ୍ୟକ୍ଷ ପଦ ଛାଡ଼ିବାକୁ ପଡ଼ିବ। ଏନେଇ ଦଳ ପକ୍ଷରୁ ପ୍ରସ୍ତୁତି ସରିଥିବାବେଳେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କିମ୍ବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଦୁଇ କେନ୍ଦ୍ରମନ୍ତ୍ରୀ ସାଙ୍ଗଠନିକ କାର୍ଯ୍ୟ ଠିକ୍‌ଭାବେ ତୁଲାଇ ପାରିବେ ବୋଲି ଭାଜପା ଆଶା ରଖିଛି। ଦୁହିଁଙ୍କ ମଧ୍ୟରୁ ଜଣେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରେ ରହିବେ ବୋଲି ଚର୍ଚ୍ଚା ହେଉଛି।

ସରକାରରେ ମୋଦି ଏଜେଣ୍ଡାକୁ ଗୁରୁତ୍ୱ ଦେବା ଲାଗି ସରକାରରେ ଶାହଙ୍କ ଆବଶ୍ୟକତା ରହିଛି। ମୋଦିଙ୍କ ଚାଣକ୍ୟ ବୋଲି କୁହାଯାଉଥିବା ଶାହଙ୍କ ନେତୃତ୍ୱ ଓ ଦଳକୁ ଆଗେଇ ନେବାରେ ସାଙ୍ଗଠନିକ ଇଚ୍ଛାଶକ୍ତି ବିରଳ। ଏଇ ଦୁଇ ନେତା ସରକାରର ରୂପରେଖ ସ୍ଥିର କରିବା ସହ କାହାକୁ କେଉଁ ମନ୍ତ୍ରଣାଳୟ ଦିଆଯିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଯୁବ ଓ ଅଭିଜ୍ଞ ପ୍ରାର୍ଥୀଙ୍କୁ ମନ୍ତ୍ରୀପଦ ମିଳିବାର ସମ୍ଭାବନା ରହିଛି।





**ଭାଜପା ଅଧ୍ୟକ୍ଷ ପଦ ଲାଗି ଚର୍ଚ୍ଚାରେ ଧର୍ମେନ୍ଦ୍ର**

## ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୮।୫ (ପି.ଟି.)**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲା ଏକ ଜଙ୍ଗଲରେ ୨ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଲୁଚିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା କର୍ମୀମାନେ ସେଠାକୁ ଯାଇ ଅଭିଯାନକୁ ଜୋର୍‌ଦାର୍ କରିଥିଲେ। କୋକେର୍‌ନାଗ୍‌ସ୍ଥିତ କଟୱାନୀ ଜଙ୍ଗଲରେ ଏହି ଏନ୍‌କାଉଣ୍ଟର୍ କରାଯାଇଥିଲା। ଯବାନମାନେ ତଲାସି ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ପାଲ୍‌ଟା ଜବାବରେ ୨ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା।



## ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ 'ୱାର୍ଲଡ ଆର୍କିଟେକ୍ଟର ନ୍ୟୁଜ୍'ଆୱାର୍ଡସ

**ମୁମ୍ବାଇ, ୨୮।୫:** ଗୁଜରାଟରେ ସ୍ଥାପିତ ବିଶ୍ୱର ସର୍ବୋଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟି ୨୦୧୯ ୱାର୍ଲଡ ଆର୍କିଟେକ୍ଟର ନ୍ୟୁଜ୍ (ଡବ୍ଲ୍ୟୁଏଏନ୍) ଆୱାର୍ଡସରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ ମାନର ସର୍ବୋତ୍ତମ ଡିଜାଇନ୍‌କୃତ ପ୍ରକଳ୍ପକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥାଏ। ଏଥିପାଇଁ ପୁରସ୍କାର ବିତରଣ ଉତ୍ସବ ଜୁଲାଇରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଷ୍ଟାଚ୍ୟୁ ନିର୍ମାତା 'ଲାର୍ସେନ ଆଣ୍ଡ ଟୁବ୍ରୋ'ର ସିଇଓ ତଥା ଏମ୍‌ଡି ଏସ୍.ଏନ୍. ସୁବ୍ରମଣ୍ୟନ୍ କହନ୍ତି, ଭାରତୀୟ ଇଞ୍ଜିନିୟରିଂ କୌଶଳ ଏବଂ ପ୍ରକଳ୍ପ ପରିଚାଳନାକୁ ଏହା ଏକ ଉଲ୍ଲେଖନୀୟ ସ୍ୱୀକୃତି। ଷ୍ଟାଚ୍ୟୁ ଅଫ୍ ୟୁନିଟି ବାସ୍ତବରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ସମଗ୍ର ଜାତିର ଗର୍ବ।

**ଇତିହାସର ଆଇନାରେ**

### ମେ ୨୯ର ପ୍ରମୁଖ ଘଟଣା

୧୯୮୮ ମେ ୨୯ରେ ଆମେରିକା ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍ ସୋଭିଏଟ୍ ରାଷ୍ଟ୍ରସଂଘକୁ ପ୍ରଥମ ଗସ୍ତରେ ଯାଇଥିଲେ। ସୋଭିଏଟ୍ ନେତା ମିଖାଇଲ୍ ଗୋର୍ବାଚୋଭ୍‌ଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଆମେରିକାର ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରମୁଖ୍ୟ ଏବଂ ଆମେରିକା ସରକାରଙ୍କ ମୁଖ୍ୟ। ରାଷ୍ଟ୍ରପତି ମଧ୍ୟ ଆମେରିକାର ସଶସ୍ତ୍ର ବାହିନୀର କମାଣ୍ଡର-ଇନ୍-ଚିଫ୍।

୨୦୦୪ ମେ ୨୯ରେ ୱାଶିଂଟନ୍ ଡିସିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସ୍ମାରକୀ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ୱାଶିଂଟନ୍ ଡିସିକୁ ଔପଚାରିକ ଭାବେ ଡିଷ୍ଟ୍ରିକ୍ଟ ଅଫ୍ କଲମ୍ବିଆ ମଧ୍ୟ କୁହାଯାଏ। ଆମେରିକାରେ ବିପ୍ଲବ ପରେ ଏହା ପ୍ରତିଷ୍ଠା କରାଯାଇଥିଲା।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୫.୯ |
| ଚାନ୍ଦବାଲି | ୩୮.୮ | ୨୮.୯ |
| କଟକ | ୩୭.୮ | ୨୬.୮ |
| ପାରାଦ୍ୱୀପ | ୩୩.୦ | ୨୮.୭ |
| ଭୁବନେଶ୍ୱର | ୩୮.୨ | ୨୭.୬ |
| ଗୋପାଳପୁର | ୩୩.୦ | ୨୬.୩ |
| ପୁରୀ | ୩୩.୬ | ୨୭.୬ |
| ଅନୁଗୋଳ | ୪୧.୭ | ୨୪.୬ |
| ବାରିପଦା | ୩୮.୬ | ୨୭.୪ |
| ଝାରସୁଗୁଡ଼ା | ୪୩.୬ | ୨୯.୬ |
| କେନ୍ଦୁଝର | ୪୦.୦ | ୨୪.୦ |
| ସମ୍ବଲପୁର | ୪୪.୭ | ୨୯.୬ |
| ସୁନ୍ଦରଗଡ଼ | ୪୨.୦ | ୨୫.୦ |
| ହୀରାକୁଦ | ୪୩.୭ | ୨୯.୬ |
| ତାଳଚେର | ୪୧.୨ | ୨୭.୦ |
| ଭବାନୀପାଟଣା | ୪୨.୬ | ୨୬.୬ |
| ବଲାଙ୍ଗୀର | ୪୪.୫ | ୨୯.୦ |
| କୋରାପୁଟ | ୩୪.୨ | ୧୮.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୪.୦ | ୨୪.୫ |
| ମାଲକାନଗିରି | ୪୨.୦ | ୧୮.୦ |
| ସୋନପୁର | ୪୪.୬ | ୨୬.୬ |
| ଦାରିଙ୍ଗିବାଡ଼ି | ୩୬.୦ | ୨୨.୫ |

ଡିଗ୍ରୀ ସେଲ୍‌ସିୟସ୍

## ନୃତ୍ୟକୁ ମୋ ପିଲାଙ୍କ ଖୁବ୍ ପସନ୍ଦ



ମାଧୁରୀ ଦୀକ୍ଷିତ

**ମୁମ୍ବାଇ:** ମୋ ପିଲା ମୁଁ ନାଚୁଥିବାର ଦେଖିଲେ ଖୁବ୍ ଖୁସି ହୁଅନ୍ତି ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପ୍ରକାଶ କରିଛନ୍ତି। ଏପରି କି ପିଲାଙ୍କୁ ସେମାନଙ୍କ ସାଙ୍ଗସାଥୀମାନେ କହନ୍ତି, 'ତୁମ ମମ୍ ଜଣେ ଭଲ ନର୍ତ୍ତକୀ।' ୫୨ ବର୍ଷୀୟା ଏହି ଅଭିନେତ୍ରୀ କହନ୍ତି, ନୃତ୍ୟ ତାଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେ ନୃତ୍ୟ ବିନା ଜୀବନ କଳ୍ପନା କରିପାରିବେ ନାହିଁ। ଜଣେ ଭଲ ନର୍ତ୍ତକୀ ବୋଲି ସେ ଏ ଯାଏ ଅନୁଭବ କରିନାହାନ୍ତି। ତେବେ ସେ ନୃତ୍ୟକୁ ଖୁବ୍ ଭଲ ପାଆନ୍ତି ଏବଂ ନୃତ୍ୟ ବେଳେ ସେ ଆତ୍ମହରା ହୁଅନ୍ତି। ସେ ଟ୍ରେନ୍‌ରେ, ବାହାରେ ଏବଂ ଯେ କୌଣସିଠାରେ ନୃତ୍ୟ କରିପାରନ୍ତି। ସେ ପିଲାଦିନର ଗୋଟିଏ କଥା ମନେପକାଇ କହନ୍ତି, ଏକଦା ତାଙ୍କ ମା' ତାଙ୍କୁ ତଳେ ବସାଇଦେଇ କହିଥିଲେ, 'ଚୁପଚାପ୍ ବସ। ନହେଲେ ଲୋକେ ଟଙ୍କା ବର୍ଷାକରିବା ଆରମ୍ଭ କରିବେ।' ସେ ୩ ବର୍ଷ ବୟସରୁ ନାଚ ପ୍ରତି ଆକର୍ଷିତ ହୋଇଥିଲେ। ନୃତ୍ୟ କି ଅଭିନୟ ବିନା ତାଙ୍କ ଜୀବନ ବୃଥା। ଏହା ତାଙ୍କୁ ଶୃଙ୍ଖଳା, ଶିଷ୍ଟାଚାର, ଆବେଗ, ପେସା ପ୍ରତି ସଚ୍ଚୋଟତା ଏବଂ ଆଧ୍ୟାତ୍ମିକତା ଶିଖାଇଛି ବୋଲି ମାଧୁରୀ ପ୍ରକାଶ କରିଛନ୍ତି। ମାଧୁରୀଙ୍କୁ ଆଗାମୀ କଲର୍ସ ଡ୍ୟାନ୍ସ ଶୋ' 'ଡ୍ୟାନ୍ସ ଦିୱାନେ'ରେ ଫିଲ୍ମ ନିର୍ଦ୍ଦେଶକ ଶଶାଙ୍କ ଖୈତାନ ଏବଂ କୋରିଓଗ୍ରାଫର ତୁଷାର କାଲିଆଙ୍କ ସହ ଦେଖିବାକୁ ମିଳିବ। ଉକ୍ତ ଶୋ'ରେ ୩ ପିଢ଼ି-ଶିଶୁ, ତରୁଣ ଏବଂ ବରିଷ୍ଠ ନୃତ୍ୟଶିଳ୍ପୀମାନେ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବେ।







# ଚ୍ୟାଲେଞ୍ଜ ସତ୍ତ୍ୱେ ରଥଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

**ଡିଜିପିଙ୍କ ପ୍ରଥମ ପ୍ରସ୍ତୁତି ବୈଠକ**

- ଭାଙ୍ଗି ଯାଇଥିବା ବାରାକ୍ ଶୀଘ୍ର ନିର୍ମାଣ କରାଯିବ
- କ୍ଷତିଗ୍ରସ୍ତ ସିସିଟିଭିଗୁଡ଼ିକୁ ଅସ୍ଥାୟୀଭାବେ ଲଗାଯିବ
- ମନ୍ଦିର ଆଖପାଖ ଓ ବଡ଼ଦାଣ୍ଡ ନୋ ଫ୍ଲାଇଙ୍ଗ୍ ଜୋନ୍



ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଭାଗୀୟ ଅଧିକାରୀମାନେ ।

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ଆଗକୁ ରହିଛି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା । ବାତ୍ୟାରେ ପୁରୀ ଜିଲାରେ ସର୍ବାଧିକ କ୍ଷୟକ୍ଷତି ହୋଇଥିବାବେଳେ ସୁରକ୍ଷା ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ପୋଲିସ ବାରାକ ଓ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି ଭାଙ୍ଗି ଯାଇଛି । ଏଭଳି ସ୍ଥିତିରେ କିଭଳି ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ହେବ ତାହା ପୋଲିସ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇଛି । ରଥଯାତ୍ରା ପାଖେଇ ଆସୁଥିବାବେଳେ ମଙ୍ଗଳବାର ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ କ୍ୟାମ୍ପ୍ ଅଫିସରରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଶୃଙ୍ଖଳିତ ରଥଯାତ୍ରା ପାଇଁ ସେ ଆହ୍ୱାନ ଦେବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ । ବାତ୍ୟା ପରଠାରୁ ପୁରୀରେ ଏକାଧିକ ଅଞ୍ଚଳରେ ଏବେବି ବିଦ୍ୟୁତ୍ ଆସିପାରି ନ ଥିବାବେଳେ ବହୁ ଭିତିଭୂମି ଭୁଶୁଡି ପଡ଼ିଛି । ତେଣୁ ଡ୍ୟୁଟି ପାଇଁ ଯାଉଥିବା ପୋଲିସ ଅଧିକାରୀଙ୍କ ରହିବା ଓ ବିଦେଶୀ ଭକ୍ତ ତଥା ପର୍ଯ୍ୟଟକଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବା ମଧ୍ୟ କଷ୍ଟକର ହେବ । ଏହାସତ୍ତ୍ୱେ ଦେବସ୍ନାନ ପୂର୍ଣ୍ଣିମାଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଡିଜିପି ଶର୍ମା କହିଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଡିଜିପି କହିଛନ୍ତି, ରଥଯାତ୍ରା ପାଇଁ କେନ୍ଦ୍ରୀୟ ପୋଲିସର ୨କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମଗାଯାଇଛି । ସାମୁଦ୍ରିକ ତଟ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି । ସାମୁଦ୍ରିକ ଥାନା ଓ କୋଷ୍ଟଗାର୍ଡକୁ ସତର୍କ ରହିବାକୁ କୁହାଯାଇଛି । ଆଗକୁ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଓ କୋଷ୍ଟ ଗାର୍ଡ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ବୋଲି ଡିଜିପି କହିଛନ୍ତି ।

ଅନ୍ୟପକ୍ଷରେ ପୁରୀରେ ଆଇନ ଶୃଙ୍ଖଳା ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ, ସମୁଦ୍ର ତଟ ସୁରକ୍ଷା ପ୍ରମୁଖ ସମସ୍ୟା ହେବ । ବାତ୍ୟାରେ ସିସିଟିଭି କ୍ୟାମେରା କ୍ଷତିଗ୍ରସ୍ତ ହୋଇଥିବାରୁ ଅସ୍ଥାୟୀଭାବେ ଏକାଧିକ ସ୍ଥାନରେ ଏହାକୁ ଲଗାଯିବ । ବରିଷ୍ଠ ପୋଲିସ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ରହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବେ । ଗୋଇନ୍ଦା ପୋଲିସ ମଧ୍ୟ ଅଧିକ ସଜାଗ ରହିବାକୁ କୁହାଯାଇଛି । ଭିଡ଼ ନିୟନ୍ତ୍ରଣ, ବାହାର ରାଜ୍ୟରୁ ଆସୁଥିବା ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ଟ୍ରେନ ଚଳାଚଳ ଆଦି ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ତେବେ ଡ୍ରୋନ୍ କ୍ୟାମେରା ବିପଦ ଆଶଙ୍କା ଥିବାରୁ ଏହା ଉପରେ ଆଲୋଚନାରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ତେଣୁ ମନ୍ଦିର ଉପରେ ନୋ ଫ୍ଲାଇଙ୍ଗ୍ ଜୋନ୍ ରହିଥିବାବେଳେ ଏବେ ମନ୍ଦିର ଆଖପାଖ ଓ ବଡ଼ଦାଣ୍ଡ ଉପରେ ମଧ୍ୟ ଏହି କଟକଣା ଲାଗୁ କରାଯାଇଛି । କୌଣସି ବ୍ୟକ୍ତି ଡ୍ରୋନ୍ କ୍ୟାମେରାକୁ ବଡ଼ଦାଣ୍ଡ ଓ ମନ୍ଦିର ଆଖପାଖ ଅଞ୍ଚଳରେ ଉଡାଇ ପାରିବେ ନାହିଁ । ସେହିପରି କେହି ଯେପରି କଟକଣା ଅଞ୍ଚଳର ଭିଡିଓ ରେକର୍ଡିଂ ନ କରନ୍ତି ସେଥିଲାଗି ଲୋକଙ୍କୁ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି । ପୋଲିସ ଫୋର୍ସ ରହିବା ପାଇଁ ବାତ୍ୟା କ୍ଷତିଗ୍ରସ୍ତ ବାରାକ, ସ୍କୁଲ୍ ଓ ଅନ୍ୟ ଘରଗୁଡିକୁ ତୁରନ୍ତ ପ୍ରସ୍ତୁତ କରିବାକୁ ଗୁରୁତ୍ୱ ଦିଆଯାଇଛି । ସେହିପରି ରଥଯାତ୍ରା ସମୟରେ ଯୋଗାଯୋଗର ମୁଖ୍ୟ ମାଧ୍ୟମ ଥିବା ଭିଏଚ୍‌ଏଫ୍ ରେଡିଓ ଟାୱାର ଭାଙ୍ଗି ଯାଇଥିବାରୁ ଏହାକୁ ଶୀଘ୍ର ନିର୍ମାଣ ପାଇଁ କୁହାଯାଇଛି । ପାର୍କିଂ ପାଇଁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବାବେଳେ ଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ଏକ୍ସକର୍ଟ ବ୍ୟବସ୍ଥା କରାଯାଇଛି । ଏହା ଉପରେ ବୈଠକରେ ଆଲୋଚନା ହୋଇଥିବା ପୋଲିସ ଡିଜି ସୂଚନା ଦେଇଛନ୍ତି ।

ଏହି ବୈଠକରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଏଡିଜିପି ଲ' ଆଣ୍ଡ୍ ଅର୍ଡର ସଞ୍ଜୀବ ପଣ୍ଡା, କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଏଡିଜି ଅପରେଶନ ଆର.ପି. କୋଚେ, ଏଡିଜି ସିପି ମନୋଜ ଛାବ୍ରା, ଏସ୍‌ପି ପୁରୀ ଉମାଶଙ୍କର ଦାଶ, ଏଡିଜି ଏସ୍‌ଏପି, ରେଲ୍‌ୱେ ଏଡିଜି, ନିର୍ଦ୍ଦେଶକ ଏସ୍‌ସିଆର୍‌ବି, ଆଇଜି ଗୁଇନ୍ଦା ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଶ୍ରୀଜୀଉଙ୍କ ଦର୍ଶନ କଲେ ନବୀନ


ବିଜେଡି ସଭାପତି ନବୀନ ପଟ୍ଟନାୟକ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

**ଶପଥ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କଲେ**

**ପୁରୀ ଅଫିସ, ୨୮।୫**

ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ବୁଧବାର ପୂର୍ବାହ୍ନରେ ଶପଥ ଗ୍ରହଣ ଉତ୍ସବ ହେବାକୁ ଥିବାବେଳେ ମଙ୍ଗଳବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ନବୀନ । ଅପରାହ୍ନ ସାଢେ ୫ଟାରେ ସେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପାଟ ପ୍ରଦାନପୂର୍ବକ ସ୍ୱାଗତ ଜଣାଇଥିଲେ । ଏହାପରେ କଡ଼ା ସୁରକ୍ଷା ମଧ୍ୟରେ ସେ ଶ୍ରୀମନ୍ଦିରକୁ ଯାଇଥିଲେ । ବାଇଶି ପାହାଚ, ବାଟ ଅଗଣା, କୀର୍ତ୍ତନ ଚକଡ଼ା ଏବଂ ଘଣ୍ଟିଦ୍ୱାର ବାଟ ଦେଇ ସେ ଭିତରକୁ ପ୍ରବେଶ କରିଥିଲେ । ଭିତର କାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପୁନଶ୍ଚ ଘଣ୍ଟିଦ୍ୱାର ଦେଇ ଫେରିଥିଲେ । ପ୍ରାୟ ୧୫ମିନିଟ୍ ପର୍ଯ୍ୟନ୍ତ ସେ ଶ୍ରୀମନ୍ଦିରରେ ରହି ବାହାରକୁ ଆସିଥିଲେ । ସିଂହଦ୍ୱାରରେ ଗଣମାଧ୍ୟମକୁ ନବୀନ କହିଥିଲେ, ଶପଥ ଗ୍ରହଣ କରିବା ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ଆସିଥିଲି । ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛି ।

ନବୀନଙ୍କ ଶ୍ରୀମନ୍ଦିର ପରିଦର୍ଶନ ସମୟରେ ପୁରୀ ଜିଲାର ନବ ନିର୍ବାଚିତ ବିଜେଡି ବିଧାୟକ ପ୍ରଦୀପ ମହାରଥୀ, ସମୀର ରଞ୍ଜନ ଦାଶ, ଉମାକାନ୍ତ ସାମନ୍ତରାୟ, ତୁଷାରକାନ୍ତି ବେହେରାଙ୍କ ସମେତ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପ୍ରଣବ ପ୍ରକାଶ ଦାସ, ଜିଲାପାଳ ବଲୱନ୍ତ ସିଂ, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶ ଏବଂ ବହୁ ପ୍ରଶାସନିକ ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ସଦସ୍ୟମାନେ ଉପସ୍ଥିତ ଥିଲେ । ସୂଚନାଥାଉ କି, ଭୋଟ ଗଣତି ପୂର୍ବରୁ ଅର୍ଥାତ୍ ଗତ ୧୮ ତାରିଖରେ ନବୀନ ଶ୍ରୀମନ୍ଦିରକୁ ଆସି ବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ । ଜୁନ୍ ୧୭ ସୁଦ୍ଧା ଶ୍ରୀମନ୍ଦିର ମରାମତି ଶେଷ କରିବାକୁ ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଥିଲେ ।

# ତାଣ୍ଡବ ରଚିଲା କାଳବୈଶାଖୀ

**ତାଳଚେର,୨୮।୫(ନି.ପ୍ର.)**

କାଳବୈଶାଖୀ ଯୋଗୁ ତାଳଚେର ଅଞ୍ଚଳରେ ମଙ୍ଗଳବାର ବ୍ୟାପକ କ୍ଷୟକ୍ଷତି ହୋଇଛି । ଅପରାହ୍ନ ସାଢ଼େ ୪ଟାରେ ହଠାତ୍ ଜୋର ପବନ ସହ ବର୍ଷା ହୋଇଥିଲା । ପବନର ବେଗ ଏତେ ଅଧିକ ଥିଲା ଯେ, ସହରରେ ଥିବା ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା । ୩୩ କେଭି ଓ ୧୧କେଭି ଲାଇନ ଓ ଷ୍ଟ୍ରକଚର କ୍ଷତିଗ୍ରସ୍ତ ହୋଇଥିବାବେଳେ କେତେକ ସ୍ଥାନରେ ଟ୍ରାନ୍ସଫର୍ମର ମଧ୍ୟ ତଳକୁ ଖସିପଡିଛି । ବିଭିନ୍ନ ଦୋକାନ ସମ୍ମୁଖରେ ଲାଗିଥିବା ବୋର୍ଡଗୁଡିକ ଉଡ଼ାଇ ନେଇଛି । କେତେକ ସ୍ଥାନରେ ଦୋକାନ ଘର ଭାଙ୍ଗିଯାଇଛି । ତାମ୍ରିତ ମାର୍କେଟରେ ଥିବା ଏକ ଗଛ ପଡ଼ିଯିବାରୁ ଏକ ଷ୍ଟୁଡିଓ ଭାଙ୍ଗି ଯାଇଛି । ସହରରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି । କ୍ଷୟକ୍ଷତି ଅଧିକ ହୋଇଥିବାରୁ ମୁଖ୍ୟ ଲାଇନ ରାତିରେ ସଜାଡିବା ଅସମ୍ଭବ ବୋଲି ସେସୁ ଏସ୍‌ଡିଓ ସୂଚନା ଦେଇଛନ୍ତି । ସେହିପରି ପରଜଙ୍ଗ ଅଞ୍ଚଳରେ ମଧ୍ୟ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ତୋଫାନରେ ବ୍ୟାପକ କ୍ଷତି ହୋଇଛି । ବହୁ ଆଜବେଷ୍ଟସ, ଟାଇଲ ଛପର ଉଡ଼ିଯାଇଛି । ବଡ଼ ବଡ଼ ଗଛ ଧରାଶାୟୀ ହୋଇଛି । ବାରିହାପୁର ଢ଼ାବା ନିକଟରେ ଏକ ଚାକୁଣ୍ଡା ଗଛ ଉପୁଡ଼ି ୫୩ନଂ. ଜାତୀୟ ରାଜପଥ ଉପରେ ପଡ଼ିଥିଲା । ଫଳରେ ଦୀର୍ଘ ସମୟ ଯାଏ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।

# ପାରାଦୀପ ବନ୍ଦରର ସର୍ବକାଳୀନ ରେକର୍ଡ

**■ ୨୪ ଘଣ୍ଟାରେ ୩୦ ଜାହାଜ ଚଳାଚଳ**

**ପାରାଦୀପ,୨୮।୫(ସ୍ୱ.ପ୍ର.)**

ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ପାରାଦୀପ ମଙ୍ଗଳବାର ଆଉ ଏକ ସଫଳତାର ପାହାଚ ଅତିକ୍ରମ କରିଛି । ସୋମବାର ସକାଳ ୭.୩୦ରୁ ମଙ୍ଗଳବାର ୭.୩୦ ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ବନ୍ଦର ପୋତାଶ୍ରୟକୁ ୩୦ଟି ଜାହାଜ ଚଳାଚଳ କରିଛି । ୧୦ଟି ଜାହାଜ ପୋତାଶ୍ରୟକୁ ପ୍ରବେଶ କରିଥିବାବେଳେ ୯ଟି ବାହାରକୁ ଯାଇଛି ଓ ୩ଟି ଜାହାଜରୁ ପଣ୍ୟ ଖଲାସ ଚାଲିଛି । ଏଥିସହ ୮ଟି ସପୋର୍ଟିଂ ଜାହାଜ ରହିଛି । ଏହା ପୂର୍ବରୁ ୨୦୧୮ ଅକ୍ଟୋବର ୧୫ରେ ୨୦ ଘଣ୍ଟାରେ ୨୭ ଜାହାଜ ପଣ୍ୟ କାରବାର କରିଥିଲା । ବନ୍ଦର ଉପସଂରକ୍ଷକ କ୍ୟାପ୍‌ଟେନ୍ ଅତୁଲ୍ୟ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ୍ଦର ମେରାଇନ୍ ବିଭାଗ, ଟ୍ରାଫିକ ବିଭାଗ କର୍ମଚାରୀ ଓ ବ୍ୟବହାରକାରୀ ସଂସ୍ଥାର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ । ସେମାନଙ୍କୁ ବନ୍ଦର ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜଣାଯାଇଛି । ଏହି ଧାରା ବଳବତ୍ତର ରହିଲେ ଚଳିତବର୍ଷ ଧାର୍ଯ୍ୟ ଲକ୍ଷ୍ୟ ୧୨୦ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର ହୋଇପାରିବ ବୋଲି ମହାପାତ୍ର କହିଛନ୍ତି । ୨୦୧୭-୧୮ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୦୯.୨୭ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର କରିଥିଲା ।

# ନବୀନଙ୍କ ୫ମ ପାଳି ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ବହୁ ବିଶିଷ୍ଟ ବ୍ୟକ୍ତି

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଲଗାତର ୫ମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥ ଗ୍ରହଣ କରିବେ । ରାଜଧାନୀସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ପୂର୍ବାହ୍ନ ୧୦ଟା ୩୦ମିନିଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହ ଅନ୍ୟ କେତେଜଣ ପ୍ରମୁଖ ବ୍ୟକ୍ତି ଯୋଗଦେବେ । ଏମାନଙ୍କ ମଧ୍ୟରେ ରହିଛନ୍ତି ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ସଂଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କର, ନୃତ୍ୟାଙ୍ଗନା ପ୍ରିୟମ୍ବଦା ମହାନ୍ତି, ଶିଳ୍ପପତି କୁମାର ମଙ୍ଗଲମ୍ ବିର୍ଲା, ନବୀନ ଜିନ୍ଦଲ, ଆଇଟିସିର ଅଧ୍ୟକ୍ଷ ସଞ୍ଜୀବ ପୁରୀ, ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ, ଟେକ୍ ମହିନ୍ଦ୍ରା ଏମ୍‌ଡି ସି.ପି. ଗୁରୁନାନୀ, ମାଇଣ୍ଡଟ୍ରିର ଅଧ୍ୟକ୍ଷ କେ.କେ. ନଟରାଜନ, ଓସିଏଲ୍‌ର ପୁନୀତ୍ ଡାଲମିଆ, ଆପୋଲ ଗ୍ରୁପର ସଙ୍ଗୀତା ରେଡ୍ଡି, ରାମ୍‌କୋ ଗ୍ରୁପ୍‌ର ପି. ଭି. ଭେଙ୍କଟ ରାମରାଜା, ହୃଦ୍‌ରୋଗ ବିଶେଷଜ୍ଞ ରମାକାନ୍ତ ପଣ୍ଡା, ଡାକ୍ତର ଟି.ପି. ଦାସ ଓ ଡାକ୍ତର ସୁବ୍ରତ ଆଚାର୍ଯ୍ୟ ।

OUTSTANDING PERFORMANCE of Class Room Prog. in JEE MAIN - 2019




ADMISSION OPEN | Total No. Selection 45 in JEE Main

MEDICAL & ENGINEERING
NEET, AIIMS, JEE (Main & Advanced) & Other Medical / Engineering Entrance Exams
2 years Classroom Program - ( Elig: 10th passed )
1 year Target Batch - ( Elig: 12th passed )

FOUNDATION
NTSE, Olympiads / School / Board Exams
( Elig: 7th / 8th / 9th / 10th )

| PROGRAM | COURSE | BATCH START |
| --- | --- | --- |
| 2 Years 2nd Batch | XI / XII BOARD / JEE / NEET / AIIMS | 06-05-2019 (Monday) |
| 1 Year 1st Batch | JEE (Main & Adv.) / OUAT / IISER / NISER | 06-05-2019 (Monday) |
| 1 Year 1st Batch | NEET / AIIMS | 09-05-2019 (Thursday) |

Virat MEDICAL . IIT-JEE . FOUNDATIONS
Viratian Educational Services (P) Ltd
0663 - 2541836, 7381652000, 9040010599
viratfoundation@gmail.com www.virat.org.in
2nd Floor, Anand Super Bazar, Budharaja, Sambalpur

SIHM
JOINTLY DEVELOPED BY GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

ADMISSIONS OPEN

| COURSES | DURATION | QUALIFICATION | AGE LIMIT |
| --- | --- | --- | --- |
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.

LOVELY PROFESSIONAL UNIVERSITY
Transforming Education Transforming India
Think BIG
nirf LPU Ranked Amongst India's Top Universities in MHRD, Govt. of India, NIRF 2019 Rankings




UNBEATABLE PLACEMENTS
1000's of LPU students placed in top MNCs in USA, UK, Canada, Australia etc. 500+ multinational & national companies including Google, Amazon, Lutron, HP, Bosch have recruited LPU Students. 110+ companies that recruit from IITs, NITs and IIMs also recruit from LPU.

ENCOURAGING ENTREPRENEURSHIP
To instil the spirit of entrepreneurship, LPU has its own Start-Up School, inaugurated by the Hon'ble Finance Minister of India, Mr. Arun Jaitley. At LPU, students are encouraged to innovate and assisted in the development and launch of products & services. 100+ Start-Ups already launched.

STUDY ABROAD OPPORTUNITIES
LPU has tie-ups with 200 top universities across the globe including in USA, UK, Canada, Australia, Singapore, New Zealand, France for student exchange programmes, study abroad and collaborative research opportunities.

B.Tech./ B.Tech. (Hons.)
Integrated B.Tech.-M.Tech.
Integrated B.Tech.-MBA
(ECE, CSE, IT, ME, Mechatronics, Aerospace Engg., Automobile Engg., Civil Engg., Electrical Engg., Electrical & Electronics Engg., Biotechnology+, Food Technology+, Biomedical Engg.+, Chemical Engg., Petroleum Engg.)
M.Tech. [Full Time]
BBA/ MBA
B.Sc./ M.Sc. (Hotel Mgmt.)
B.Arch./ B.Plan./ BCA/ MCA
B.Sc. (Hons.) Agriculture
B.Com./ M.Com./ B.Sc. (Hons.) Eco.
B.Sc./ M.Sc. (Hotel Mgmt.)
B.Sc./M.Sc. (Forensic Sciences)
B.A., LL.B. (Hons.)/ LL.M.
B.A./ BFA/ BPA/ B.Ed./ M.Ed./ B.P.Ed.
B.Sc./ M.Sc. (Biotech/ Microbio.)
B.Design/ M. Design (Fashion)
B.Design/ M.Design (Interior & Furniture)
B.Design/ M.Design (Product & Industrial)
B.Sc./ M.Sc. (Film & TV Prod.)
B.Sc./ M.Sc. (Design - Multimedia)
+Medical students can also apply For stream details, refer website www.lpu.in

Scholarships SCHOLARSHIP OF UPTO ₹ 4 LAKH PER STUDENT

LAST DATE OF ADMISSION WITH FULL SCHOLARSHIP: 31st May 2019

| Meet our Counsellors in Odisha | Time: 10 AM to 7 PM | Toll Free : 1800-102-4052 | |
| --- | --- | --- | --- |
| BHUBANESWAR | The Presidency, 1471/A, Nayapalli | Ph: 09875912783 | 29-31 May |

LOVELY PROFESSIONAL UNIVERSITY (LPU), Jalandhar-Delhi G.T. Road, Phagwara, Punjab
admissions@lpu.co.in | SMS LPU to 53030 | Toll Free: 1800-102-4052 SUNDAY OPEN

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ମେ ୨୯/୨୦୧୯




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ରାରୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୯ ଜିଲ୍ଲାକୁ କାଳବୈଶାଖୀ ସତର୍କତା

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ସାରା ରାଜ୍ୟରେ ଜାରି ରହିଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ। ଭୟଙ୍କର ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସକାଳ ୮ଟାରୁ ପ୍ରଚଣ୍ଡ ଖରାର ପ୍ରକୋପ ଆରମ୍ଭ ହୋଇଯାଉଛି। ଉପକୂଳରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଠି ଗରମ ସହ ଗୁଳୁଗୁଳି ଅନୁଭୁତ ହେଉଛି। ତେବେ ଦ୍ୱିପ୍ରହରରେ ପ୍ରବଳ ତାତିକୁ ବିଦ୍ୟୁତ କାଟ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ଗତ କିଛିଦିନ ହେବ ରାଜ୍ୟର ପ୍ରାୟ ସବୁ ସହରରେ ପାରଦ ଅଧିକ ରହୁଥିବାବେଳେ ମଙ୍ଗଳବାର ୧୨ ସହରର ତାପମାତ୍ରା ୪୦ଡିଗ୍ରୀ ଟପିଛି। ତେବେ ସମ୍ବଲପୁର ୪୪.୭ ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ସୋନପୁର ୪୪.୬, ବଲାଙ୍ଗୀର ୪୪.୫, ଟିଟିଲାଗଡ଼ ୪୪, ହୀରାକୁଦ ୪୩.୭, ଝାରସୁଗୁଡ଼ା ୪୩.୬, ଭବାନିପାଟଣା ୪୨.୬, ସୁନ୍ଦରଗଡ଼ ଓ ମାଲକାନଗିରି ୪୨, ତାଳଚେର ୪୧.୨, ଅନୁଗୋଳ ୪୧.୭, କେନ୍ଦୁଝରର ସର୍ବାଧିକ ତାପମାତ୍ରା ୪୦ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ତାପମାତ୍ରା ୩୮.୨ ଡିଗ୍ରୀ ଓ କଟକରେ ସର୍ବାଧିକ ୩୭.୮ ଡିଗ୍ରୀ ରହିଥିଲା। ତେବେ କେନ୍ଦୁଝର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜରେ ବର୍ଷା ହୋଇଥିବା ସୂଚନା ମିଳିଛି। ବୁଧବାରଠାରୁ ପାଗରେ ପରିବର୍ତ୍ତନ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳ ଓ ଉତ୍ତର ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ୧୯ ସହରରେ କାଳବୈଶାଖୀ ହେବାର ଆଶଙ୍କା ରହିଛି। ତେଣୁ ବଲାଙ୍ଗୀର, ସୋନପୁର, ସମ୍ବଲପୁର ଦେବଗଡ଼ ସମେତ ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ନୟାଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏସବୁ ଜିଲ୍ଲାରେ ଝଡ଼ ତୋଫାନ ସହ ବଜ୍ରପାତ ହେବ। ପବନର ବେଗ ୩୦ରୁ ୪୦କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

■ ପୁଣି ଚର୍ଚ୍ଚାରେ ସୋନା ମହାପାତ୍ର

# ସଲ୍‌ମାନ 'ବିଷାକ୍ତ ପୌରଷତ୍ୱର ପୋଷ୍ଟର ଚାଇଲ୍ଡ'

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**



ସୋନା ମହାପାତ୍ର



ସଲମାନ ଖାନ୍

କିଛିଦିନର ବ୍ୟବଧାନ ପରେ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି ଓଡ଼ିଶା ଜନ୍ମିତ କଣ୍ଠଶିଳ୍ପୀ ସୋନା ମହାପାତ୍ର। ସବୁବେଳେ ବିବାଦୀୟ ବୟାନକୁ ନେଇ ଚର୍ଚ୍ଚାରେ ରହିଆସିଥିବା ଏହି ବୋଲ୍ଡ ବଲିଉଡ୍ ପ୍ଲେବ୍ୟାକ୍ ସିଙ୍ଗର୍ ଏଥର ଟାର୍ଗେଟ କରିଛନ୍ତି ଭାଇଜାନ୍ ସଲମାନ୍ ଖାନ୍‌ଙ୍କୁ। ଗୋଟିଏ ପରେ ଗୋଟିଏ ସିରିଜ୍ ଟୁଇଟ୍ ମାଧ୍ୟମରେ ସଲମାନଙ୍କ ଉପରେ ବର୍ଷିଛନ୍ତି ସୋନା। ପ୍ରିୟଙ୍କା ଚୋପ୍ରା ନିଜ ବାହାଘର ପାଇଁ ସଲମାନ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ଭାରତ' ଛାଡିବାକୁ ନେଇ ଦେଇଥିବା ମନ୍ତବ୍ୟ ଉପରେ ଏଭଳି ଟୁଇଟ୍ କରିଛନ୍ତି ଏହି କଣ୍ଠଶିଳ୍ପୀ। ଏପରିକି ବିନା କୌଣସି ଭୟରେ ସେ ସଲ୍‌ମାନଙ୍କୁ 'ବିଷାକ୍ତ ପୌରଷତ୍ୱର ପୋଷ୍ଟର ଚାଇଲ୍ଡ' ବୋଲି କହିବାକୁ ମଧ୍ୟ ପଛାଇ ନାହାନ୍ତି।

ବଲିଉଡ୍‌ର ଦବଙ୍ଗ୍ ବା ଟାଇଗରଭାବେ ଜଣାଶୁଣା ସଲ୍‌ମାନ ଖାନ୍‌ଙ୍କ ରାଜ୍ ସବୁବେଳେ ଇଣ୍ଡଷ୍ଟ୍ରୀରେ ରହି ଆସିଛି। ବଡ଼ ବଡ଼ ପ୍ରଯୋଜକଙ୍କଠାରୁ ଆରମ୍ଭକରି ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଡରିଥାନ୍ତି। ସଲ୍‌ମାନଙ୍କ ନାକ ଉପରେ ରହୁଥିବା ରାଗ ପାଇଁ ତାଙ୍କସହ ଲାଗିବାକୁ ସମସ୍ତେ ଭୟ କରନ୍ତି ବୋଲି କୁହାଯାଏ। ହେଲେ ଗାୟିକା ସୋନା ମହାପାତ୍ର ଭାଇଜାନ୍‌ଙ୍କୁ ଖାତିର୍ ନ କରି ଟୁଇଟରରେ ତାଙ୍କ ଉପରେ ଥିବା ସମସ୍ତ ରାଗକୁ ଏକାଥରେ ସୁଝାଇଛନ୍ତି। ସଲମାନ୍ ଖାନଙ୍କ ଫିଲ୍ମ 'ଭାରତ'କୁ ଅଭିନେତ୍ରୀ ପ୍ରିୟଙ୍କା ନିଜ ବାହାଘର ପାଇଁ ଅଧାରୁ ଛାଡିଥିଲେ। ଏହା ବଲିଉଡ୍ ସୁପରଷ୍ଟାରଙ୍କୁ ପସନ୍ଦ ଆସି ନ ଥିଲା। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସଲ୍‌ମାନ ଏହି କଥା ଦୋହରାଇ କହିଥିଲେ, ଯେତେବେଳେ ଅନ୍ୟମାନେ 'ଭାରତ' ଫିଲ୍ମ ପାଇଁ ନିଜର ସର୍ବସ୍ୱ ଏପରିକି ସ୍ୱାମୀଙ୍କୁ ଛାଡିବାକୁ ପ୍ରସ୍ତୁତ ହୋଇଥିଲେ ସେତେବେଳେ ପ୍ରିୟଙ୍କା କିନ୍ତୁ ଫିଲ୍ମ ଛାଡିଦେଇଥିଲେ। ସଲ୍‌ମାନଙ୍କ ଏହି ମନ୍ତବ୍ୟ ପରେ ସୋନା ପ୍ରିୟଙ୍କାଙ୍କ ସମର୍ଥନରେ ଟୁଇଟ୍ କରି କହିଛନ୍ତି, ପ୍ରିୟଙ୍କା ଚୋପ୍ରାଙ୍କୁ ନିଜ ଜୀବନରେ ଆହୁରି ବହୁତ ଭଲ କାମ କରିବାର ଅଛି। ଜଣେ ସଚ୍ଚୋଟ ବ୍ୟକ୍ତିଙ୍କ ସହ ଜୀବନ ବିତାଇବା ସହ ନିଜ ସଫଳତାର ଯାତ୍ରା ମାଧ୍ୟମରେ ଅନ୍ୟ ଝିଅମାନଙ୍କୁ ପ୍ରେରଣା ଯୋଗାଉଛନ୍ତି ପ୍ରିୟଙ୍କା। ହେଲେ ଏଭଳି ମନ୍ତବ୍ୟ ମାଧ୍ୟମରେ ସଲ୍‌ମାନ ନିଜ ଭିତରେ ଥିବା ବିଷାକ୍ତ ପୌରଷତ୍ୱକୁ ଦେଖାଇଦେଇଛନ୍ତି ବୋଲି ସୋନା କଟାକ୍ଷ କରିଛନ୍ତି। ତେବେ ସୋନାଙ୍କ ଏହି ଟୁଇଟ୍‌କୁ କିନ୍ତୁ ସଲମାନଙ୍କ ଫ୍ୟାନ୍‌ମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ଏହି ବିବାଦ ଏବେ ଟୁଇଟରରେ ଟ୍ରେଣ୍ଡ୍ କରୁଥିବାବେଳେ ସଲ୍‌ମାନ୍ ଏପର୍ଯ୍ୟନ୍ତ ଏହାକୁ ନେଇ ମୁହଁ ଖୋଲିନାହାନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶୋଇବାର ସୁଖ ଖଟ ବିଛଣା ଲୋ**
**ରହିବାର ସୁଖ କୋଠା**
**କରିବାର ସୁଖ ହରିଭଜନ ଲୋ**
**ଖାଇବାର ସୁଖ ମିଠା ।**

ଖଟ ବିଛଣାରେ ଶୋଇବା ସୁଖକର। କୋଠାଘର ନିରାପଦ। ଏଥିରେ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁଖ ସୁବିଧା ମିଳିଥାଏ। ହରିଭଜନ କରିବା ଦ୍ୱାରା ଆତ୍ମତୃପ୍ତି ମିଳିଥାଏ। ସେହିପରି ମିଠା ଖାଇଲେ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶୁଖିଲା ପାନକୁ ଶୁଖିଲା ଚୂନ**
**ମୋଡ଼ି ମାଡ଼ି ହୋଇ ରହରେ ମନ ।**

ପାନପତ୍ର ଶୁଖିଗଲେ ତା'ର ପ୍ରକୃତ ସ୍ୱାଦ ମିଳି ନ ଥାଏ। ଚୂନ ଶୁଖିଗଲେ ତାହା ବ୍ୟବହାର ଉପଯୋଗୀ ହୋଇପାରି ନ ଥାଏ। ଫଳସ୍ୱରୂପ ଏହାକୁ ଖାଇଲେ ଖାଇବାର ମଜା ମିଳି ନ ଥାଏ। ପରୋକ୍ଷରେ କୌଣସି ବାଟ ବା ଉପାୟ ନ ପାଇ ଅସହ୍ୟ ଅବସ୍ଥାକୁ ସହି ପଡ଼ିରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାର ନୂଆ ମୁହଁକୁ ମିଳିପାରେ ସୁଯୋଗ

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାପରେ ଓଡ଼ିଶାରୁ କାହାକୁ ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ତାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ୨୧ ଲୋକ ସଭା ଆସନରୁ ଭାଜପା ୮ଟିରେ ସଫଳତା ପାଇଛି। ସେହିପରି ୧୪୬ ବିଧାନସଭା ଆସନରୁ ୨୩ଟିରେ ସଫଳତା ପାଇ ଭାଜପା ଓଡ଼ିଶାରେ ପ୍ରଥମ ଥର ଲାଗି ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି। ତେଣୁ ରାଜ୍ୟରେ ଦଳର ଏହି ସଫଳତାକୁ ଆଗକୁ ବଢ଼ାଇବା ସକାଶେ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ବିଶେଷ ଗୁରୁତ୍ୱ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ମୁଖ୍ୟତଃ ରାଜ୍ୟର ୪ ଏମପିଙ୍କ ମଧ୍ୟରୁ ଦୁଇଜଣଙ୍କୁ କେନ୍ଦ୍ରମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏବେ ଓଡ଼ିଶାରୁ ଦୁଇଜଣ ଏମ୍‌ପି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ୨୦୧୪ ନିର୍ବାଚନରେ ଓଡ଼ିଶାରୁ ଭାଜପାରୁ ଜଣେ ମାତ୍ର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଜୁଏଲ ଓରାମଙ୍କୁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ପଦ ମିଳିଥିଲା। ସେହିପରି ଛତିଶଗଡ଼ରୁ ରାଜ୍ୟ ସଭା ସଦସ୍ୟ ଭାବେ ମନୋନୀତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା। ହେଲେ ଏଥର ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ହେବାର ସମ୍ଭାବନା ଥିବା ଶୁଣିବାକୁ ମିଳୁଛି। ଦେଶରେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀଭାବେ ନରେନ୍ଦ୍ର ମୋଦି ଆସନ୍ତା ୩୦ ତାରିଖ ଶପଥ ନେବେ। ହେଲେ ଏହା ପୂର୍ବରୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ଗଠନ ସମ୍ପର୍କିତ ଆଲୋଚନା ବଢ଼ିଚାଲିଛି।

କେତେକ ଜାତୀୟ ଗଣମାଧମରେ ଆସୁଥିବା ରିପୋର୍ଟ ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭାଜପା ରାଷ୍ଟ୍ରୀୟ ସଭାପତି ଦାୟିତ୍ୱ ମିଳିପାରେ। ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ କେନ୍ଦ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ଦାୟିତ୍ୱ ନେବେ। ତେଣୁ ତାଙ୍କ ପଦରେ ଏହି ଦୁଇ ନେତାଙ୍କ ମଧ୍ୟରୁ ଜଣଙ୍କୁ ଦାୟିତ୍ୱ ଦିଆଯାଇପାରେ ବୋଲି ଶୁଣିବାକୁ ମିଳୁଛି। ଯଦି ଏଭଳି ସମ୍ଭାବନା ଶତ ପ୍ରମାଣିତ ହୁଏ ତେବେ ଓଡ଼ିଶାରୁ ନୂଆକରି ଏମ୍‌ପି ହୋଇଥିବା କେତେଜଣ ନେତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ନେଇ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରୁଛନ୍ତି। ସୁନ୍ଦରଗଡ଼ ଲୋକ ସଭା ଆସନରୁ ପୁଣିଥରେ ଜୁଏଲ ଓରାମ ନିର୍ବାଚିତ ହୋଇଛନ୍ତି। ତେଣୁ ତାଙ୍କୁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ପଦ ପୁନର୍ବାର ମିଳିପାରେ ବୋଲି କୁହାଯାଉଛି। ଯଦି ତାଙ୍କୁ ଏହି ଦାୟିତ୍ୱ ଦିଆ ନ ଯାଏ ତେବେ ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଆଦିବାସୀ କଲ୍ୟାଣ ମନ୍ତ୍ରାଳୟର ଦାୟିତ୍ୱ ମିଳିବା ସମ୍ଭାବନା ରହିଛି। ସେହିପରି ଭୁବନେଶ୍ୱରରୁ ପ୍ରଥମ ଥର ଏମ୍‌ପିଭାବେ ବିଜୟୀ ହୋଇଥିବା ଅପରାଜିତା ଷଡଙ୍ଗୀଙ୍କ ନାଁ ମଧ ଚର୍ଚ୍ଚାରେ ରହିଛି। ହେଲେ ଦଳର ଜଣେ ଆଗ ଧାଡିର ନେତାଙ୍କ କହିବାନୁଯାୟୀ, ଅପରାଜିତାଙ୍କୁ ଦଳ ଓଡ଼ିଶାର ସାଙ୍ଗଠନିକ ଦାୟିତ୍ୱ ହସ୍ତାନ୍ତର କରିବା ନେଇ ଆଲୋଚନା ହୋଇଛି। ସେହିପରି ମନ୍ତ୍ରୀ ତାଲିକାରେ ବରଗଡ଼ରୁ ଏମ୍‌ପି ହୋଇଥିବା ସୁରେଶ ପୂଜାରୀ ଏବଂ ବାଲେଶ୍ୱର ଆସନରୁ ଜିତିଥିବା ପ୍ରତାପ ଷଡ଼ଙ୍ଗୀଙ୍କ ନାମ ମଧ ରହିଛି। ଏହି ଦୁଇଜଣ ନେତାଙ୍କ ଭିତରୁ କେନ୍ଦ୍ର ନେତୃତ୍ୱ ଜଣଙ୍କୁ ମନ୍ତ୍ରୀପଦ ଦେବା ନେଇ ବିଚାର କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଯଦି ସାମାଜିକ ଓ ଜାତୀୟ ଗଣମାଧମରେ ଘୂରି ବୁଲୁଥିବା ତାଲିକା ଭୁଲ୍ ବାହାରେ ତେବେ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ରହିବା ଏକ ପ୍ରକାର ନିଶ୍ଚିତ ବୋଲି କେତେ ଜଣ ନେତା କହୁଛନ୍ତି। କେନ୍ଦ୍ରରେ ମନ୍ତ୍ରିମଣ୍ଡଳ ବଣ୍ଟାଯିବା ପରେ ରାଜ୍ୟରେ ବିରୋଧୀ ଦଳ ନେତା ଚୟନ କରାଯିବ। କେନ୍ଦ୍ର ମନ୍ତ୍ରିମଣ୍ଡଳ ଗଠନ କିଭଳି ହେଉଛି ତାହା ଦେଖିବାପରେ ବିରୋଧୀ ଦଳ ନେତା କାହାକୁ କରାଯିବ ତା' ଉପରେ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ନେତାଙ୍କଠାରୁ ଶୁଣିବାକୁ ମିଳିଛି।

# ମାଛ ଧରିବାକୁ ଯାଇ ବୁଡ଼ିଗଲେ ମତ୍ସ୍ୟଜୀବୀ

**ଖଇରା, ୨୮।୫(ଡି.ଏନ୍.ଏ.):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଡା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମର ପରେଶ ଗିରି ମଙ୍ଗଳବାର ଗାଁ ପୋଖରୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ସେ ଜାଲ ପକାଇ ତା ମଧ୍ୟର ମାଛ କାଢିବାକୁ ଯାଇ ଆଉ ପାଣି ଭିତରୁ ବାହାରି ନ ଥିଲେ। ଅଧଘଣ୍ଟାଏ ପର୍ଯ୍ୟନ୍ତ ସେ ପାଣିରୁ ନ ଉଠିବାରୁ ସମସ୍ତେ ଖୋଜାଖୋଜି କରି ତାଙ୍କୁ ଉପରକୁ ଆଣିଥିଲେ। ତାଙ୍କୁ ତୁରନ୍ତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ସେ ପ୍ରାଣ ହରାଇଥିବା ଡାକ୍ତର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବାରମ୍ବାର ସମସ୍ୟା ବିଜଡିତ ରହିବା କାରଣରୁ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ପାରିବେ ନାହିଁ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ରହିବ, ପ୍ରଶାସନିକ ସ୍ତରରେ ଦାୟିତ୍ୱବୋଧ ବଢ଼ିବ। ସାମାଜିକ କ୍ଷେତ୍ରରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବାର ଆଶା ରହିଛି ।

**ବୃଷ** କର୍ମକ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବାରେ ସମର୍ଥ ହେବେ। ଅଫିସ୍‌ରେ କାମର ଚାପ ପ୍ରଭାବରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ପରିବାର କ୍ଷେତ୍ରର ସମସ୍ୟା ପ୍ରଭାବରୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ମାନସିକ ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ** ଆନୁଷ୍ଠାନିକ କାମରେ ଆତ୍ମୀୟସ୍ୱଜନଙ୍କ ସହାନୁଭୂତିର ସୁଯୋଗ ଲାଭ କରିପାରିବେ। ଗୁରୁତ୍ୱପୂର୍ଣ୍ଣ କାମ ଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଲେ ପ୍ରଶଂସିତ ହେବେ। ବନ୍ଧୁମିଳନ ଘଟିପାରେ । ବିବାଦୀୟ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବା ଭଲ ହେବ ।

**କର୍କଟ** ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ପରିସ୍ଥିତିବଶତଃ ଘରର କଥା ବୁଝିବାକୁ ସମୟ ମଧ ପାଇ ପାରିବେ ନାହିଁ।

**ସିଂହ** କର୍ମକ୍ଷେତ୍ର କିମ୍ବା ଅସଫଳତାର ସମୀକ୍ଷା ଜନିତ ଆଲୋଚନା ସରଗରମ ହୋଇପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ଭୁଲ୍ ବୁଝାମଣା ଜନିତ ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ଶିକ୍ଷା ସଂକ୍ରାନ୍ତୀୟ ଆଲୋଚନାକୁ ନେଇ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କନ୍ୟା** ପାରସ୍ପରିକ ମତଭେଦ ଜନିତ ମୀମାଂସା ଅସମାପ୍ତ ରହିପାରେ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପଡ଼ିବ। ହିତୈଷୀଙ୍କ ସହଯୋଗରେ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବା ସହିତ ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଆପଣଙ୍କ ନିରବଚ୍ଛିନ୍ନ ଉଦ୍ୟମ କାରଣରୁ କାର୍ଯ୍ୟକ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବାର ଆଶା କରାଯାଇପାରେ ।

**ବିଛା** ମାନସିକ ଅସ୍ଥିରତା ଜନିତ ଭୟ, ଆଶଙ୍କା ଓ ଉଦବେଗ ମଧ୍ୟରେ ଦିନଟିକୁ କଟାଇବାକୁ ପଡ଼ିପାରେ। ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିପାରେ। ପରିବାରରେ ଭୁଲ୍ ବୁଝାମଣାବଶତଃ କଳହର ଆଶଙ୍କା ରହିଛି। ସାମାଜିକ ସ୍ଥିତି, ରାଜନୈତିକ ପରିସ୍ଥିତି, କଚେରି ମାମଲା ଓ ବାଣିଜ୍ୟ, ବ୍ୟବସାୟ ଦିଗ ଭଲ ରହିବ ।

**ଧନୁ** ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତି ଲାଗି ରହିବ । କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟସ୍ୱମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଆକସ୍ମିକ ଭାବରେ ବନ୍ଧୁବର୍ଗଙ୍କ ସାହାଯ୍ୟରୁ ମାନସିକ ଅସ୍ଥିରତା ଦୂରେଇଯିବ।

**ମକର** ପରିସ୍ଥିତିର ଉନ୍ନତି କାମନାରେ ବିଭିନ୍ନ ପ୍ରକାରର ବିକଳ୍ପ ଯୋଜନା କରିପାରନ୍ତି। ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। କିନ୍ତୁ ଶ୍ରବଣା ନକ୍ଷତ୍ରର କାର୍ଯ୍ୟସିଦ୍ଧି, ବନ୍ଧୁମିଳନ ଓ ଆର୍ଥିକ ଉନ୍ନତି ଜନିତ ମନ ଖୁସି ରହିବ।

**କୁମ୍ଭ** ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତି କିମ୍ବା ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ। ବୃତ୍ତି, ବାଣିଜ୍ୟ, ରାଜନୀତି,ପ୍ରଶାସନ ଓ କଳା,ସାହିତ୍ୟରୁ ପ୍ରଶଂସା ପାଇବେ।

**ମୀନ** କାର୍ଯ୍ୟବ୍ୟସ୍ତତା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆବଶ୍ୟକ ସାହାଯ୍ୟ, ସହଯୋଗ ଅବଶ୍ୟ ପାଇବେ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହୟତାରୁ ଉପକୃତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ବୁଧବାର, ମେ ୨୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଧନୁରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିଦ୍ୟାରମ୍ଭ, ବ୍ରତୋପନୟନ, ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ସକାଳ ଘ୬।୫୨ମି. ଗତେ ଘ୮।୨୯ମି. ମଧ୍ୟେ, ଘ୨।୫୬ମି. ଗତେ ଘ୪।୩୩ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୨ମି. ମଧ୍ୟେ, ଘ୧୦।୦୬ମି. ଗତେ ଘ୧୧।୫୭ମି. ମଧ୍ୟେ, ଘ୪।୩୪ମି. ଗତେ ଘ୬।୧୨ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday 0674-2580101, 2549302




**BRIDE WANTED**

Business ବ୍ରାହ୍ମଣ B.Com 1987, ପିତା-ରିଟାୟର୍ଡ ଅଫିସର ଭୁବନେଶ୍ୱର ବାସିନ୍ଦା କନ୍ୟା ପାତ୍ରୀ ଆବଶ୍ୟକ: 7377701129 mohapatra@gmail.com. D-12642

Need fair, beautiful, qualified Brahmin bride for BM, Indusind Bank of 35/ 5'71/2" based Bhubaneswar. 9692155737. D-12641

Karan boy, 1989, 5.10, B.Tech, MBA, serving Bank Manager Bombay. Sunasansar: 9937512659. D-66386

Wanted a beautiful educated bride for a handsome khandayat boy, 30 years, Height: 6', Rasi: Dhanu, Architect Engineer, having own business firm & house at Bangalore. Please contact: 9438677331, 8144614886. D-58087

Brahmin male 1990 B.Tech, MBA (IIM) Software Engineer Pune: 9776562742. D-58088

ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ୩୩ବର୍ଷ କରଣ ପୁଅପାଇଁ ଚାକିରି/ଘରୋଇ କନ୍ୟା ଆବଶ୍ୟକ। 9938448480. D-66471

ପୁଅ ବିଶ୍ୱକର୍ମା, 1993, 5'-9", B.Tech, SWE, Pune ପାଇଁ ଯେକୌଣସି ମେଧାବୀ/ ଚାକିରିଆ ସୁନ୍ଦର ମଧ୍ୟବିତ୍ତ କନ୍ୟାପାତ୍ରୀ ଆବଶ୍ୟକ। 9237023852. D-65646

**GROOM WANTED**

Bhubaneswar settled professor parents seeking matrimonial alliance for 26 yrs daughter BA (Hons) MA, M.Phil English from deserving Khandayat groom. 9970119909. D-66468

Sundhi girl 1991, 5.3 B.Tech serving AAO LIC. Sunasansar: 9937512659. D-66387

Widow bride Lecturer 40, Clerk 42, Business 35 (caste-no-bar): 7873374269. D-66470

48 ବର୍ଷ Central Bank of Indiaରେ Counselor ଭାବରେ ଓଡ଼ିଶା ବାହାରେ କାର୍ଯ୍ୟରତ ନୟାଗଡ଼ରେ ରହୁଥିବା ଖଣ୍ଡାୟତ ଘରର ଝିଅପାଇଁ ବରପାତ୍ର ଆବଶ୍ୟକ। (8763283720). D-63771

42, ବିଧବା, ନିଃସନ୍ତାନ, pvt job ଝିଅପାଇଁ Job/ Business କରୁଥିବା ଘରଜ୍ୱାଇଁ ପ୍ରସ୍ତାବ ଆବଶ୍ୟକ। (Caste No Bar). 8895458810. D-12668

Now Matrimonial ads. only on Wednesday & Sunday Book 1 Get 1 FREE

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

**AFFIDAVIT**

By an affidavit before the Executive Magistrate, Bhawanipatna, I Parikshita Chhuria previously called Parikshita Chhura employed as Secondary School teacher declair that I have changed my surname from Chhura to Chhuria. Henceforth I shall be known as Parikshita Chhuria for all purpose and Parikshita Chhura and Parikshita Chhuria is one and same person. D-12706

I Baishnab Pradhan, R/o- Panchupada, PO- Latalaga, Dist. Sundargarh, by an affidavit declared that, in my Aadhar card name of my father has been wrongly mentioned as Aniruddha Pradhan instead of Anirudha Pradhan. In my L.I.C. Policy my name has been wrongly mentioned as Baistab Pradhan instead of Baishnab Pradhan. That above both the names denotes to one and same person. D-37366




**SALE**

Excellent condition Swift Dzire ZXI Petrol 26000km for sale. Contact: 9182574495. D-66385




**SALE**

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାରଠାରେ electricity 30' ରାସ୍ତା ଥାଇ plot sqft.- 970/-ରେ ବିକ୍ରିହେବ: 7894216209. D-66378

କଟକ- ଭୁବନେଶ୍ୱର Twincity ମଧ୍ୟଭାଗରେ ନବନିର୍ମିତ Grand bazar ସମ୍ମୁଖରେ NH ଠାରୁ 800 ମିଟର ଦୂରତାରେ ଘରବାରି ପ୍ଲଟ ଶସ୍ତାରେ କିଣନ୍ତୁ: 8144647993. D-66389

BDA commercial ଜାଗା ପିତାପଲ୍ଲୀ ଛକ NH-16ରେ 550/-ରେ ମିଳୁଛି 7789999921. D-66383

ଭୁବନେଶ୍ୱର ପିତାପଲ୍ଲି NH-5 ଠାରୁ 20' ଦୂରତାରେ BDA ପ୍ଲଟ ମିଳୁଅଛି। 8339920771. D-66381

ଚଣ୍ଡିଖୋଲ ଛକର ନିକଟସ୍ଥ NH-16 କଡ଼ରେ ଥିବା ୩ଗୁଣ୍ଠ ଜମି ବିକ୍ରୀହେବ। ଆଗ୍ରହୀ କ୍ରେତା ଯୋଗାଯୋଗ କରନ୍ତୁ। 9437494776, 9437022376. D-64061

ଫୁଲନଖରା ନିକଟବର୍ତ୍ତି ଅନନ୍ତପୁର ମୌଜାରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8339826767. D-66388



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର




DSPL - 15

# "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା 10003/13/0011/1920


# ଚିନ୍ତାରେ ପକାଉଛି ଭୋଟ ବିଭାଜନ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟର ୨୧ ଲୋକ ସଭା ଏବଂ ୧୪୬ ବିଧାନସଭା ଆସନର ଫଳାଫଳ ଆସିସାରିଛି। ଭାଜପା ଚଳିତ ନିର୍ବାଚନରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। ୨୩ ବିଧାନସଭା ଓ ୮ ଲୋକ ସଭା ଆସନରେ ଭାଜପାକୁ ସଫଳତା ମିଳିଛି। ଅନ୍ୟପଟେ ଦୀର୍ଘଦିନ ଧରି ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇ ଆସୁଥିବା କଂଗ୍ରେସ ୯ ବିଧାନସଭା ଓ ଗୋଟିଏ ଲୋକ ସଭା ଆସନ ପାଇ ତୃତୀୟ ସ୍ଥାନକୁ ଖସିଛି। ଅପରପକ୍ଷରେ ବିଜେଡି ୧୧୨ ବିଧାନସଭା ଏବଂ ୧୨ ଲୋକ ସଭା ଆସନରେ ବିଜୟୀ ହୋଇଛି। ରାଜ୍ୟରେ ବିଜେଡି ପୂର୍ଣ୍ଣବହୁମତ ପାଇ ଗୁରୁବାର ସରକାର ଗଠନ କରିବ। ତେବେ ୨୦୧୪ ନିର୍ବାଚନରେ ଗୋଟିଏ ଲୋକ ସଭା ଆସନରେ ବିଜୟଲାଭ କରିଥିବା ଭାଜପା ଏଥର ୮ ଆସନରେ ବିଜୟୀ ହୋଇଥିବାରୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବଢିଥିବା କଥାକୁ ଅସ୍ୱୀକାର କରି ହେବନାହିଁ। ସେହିପରି ବିଧାନସଭା ନିର୍ବାଚନରେ ଭାଜପା ବିଧାୟକମାନେ ପାଇଥିବା ଭୋଟ ପ୍ରତିଶତକୁ ଦେଖିଲେ ତୃଣମୂଳସ୍ତରରେ ମଧ୍ୟ ଶାସକ ଦଳକୁ ଅଧିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆଲୋଚନା ଜୋର ଧରିଛି। ବିଜେଡି ପୁନର୍ବାର ସରକାରକୁ ଫେରିଥିଲେ ମଧ୍ୟ ରାଜ୍ୟରେ ଭୋଟ ବିଭାଜନକୁ ରୋକିପାରି ନାହିଁ। ଯାହାକି ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ରାଜ୍ୟରେ ସରକାର କରିଥିଲା। ସେତେବେଳେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଭାଜପାକୁ ତୃତୀୟ ସ୍ଥାନ ମିଳିଥିଲା। ବିଜେଡି ୪୩.୪ପ୍ରତିଶତ, କଂଗ୍ରେସ ୨୫.୭ ଏବଂ ଭାଜପା ୧୮ପ୍ରତିଶତ ଭୋଟ ପାଇଥିଲା। ଏଥର କିନ୍ତୁ ରାଜ୍ୟ ରାଜନୀତିର ଦୃଶ୍ୟପଟ ବଦଳିଯାଇଛି। ପୂର୍ବଥର ଭାଜପାର ମାତ୍ର ୧୦ ବିଧାୟକ ବିଧାନସଭା ଯାଇଥିବାବେଳେ ଏଥର ୨୩ ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଶେଷକରି ଭାଜପାର ଭୋଟ ପ୍ରତିଶତ ମଧ୍ୟ ବୃଦ୍ଧି ପାଇଛି। ପୂର୍ବଥର ୧୮ପ୍ରତିଶତ ଭୋଟ ପାଇଥିବାବେଳେ ଏଥର ବଢି ୩୨.୫ପ୍ରତିଶତ ହୋଇଛି। ସେହିପରି ବିଜେଡିର ପୂର୍ବଥର ଅପେକ୍ଷା ଭୋଟ ପ୍ରତିଶତ ସାମାନ୍ୟ ବୃଦ୍ଧି ପାଇ ୪୪.୭ରେ ପହଞ୍ଚିଛି। ମାତ୍ର କଂଗ୍ରେସକୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଏଥର ମାତ୍ର ୧୬.୧୨ପ୍ରତିଶତ ଭୋଟ କଂଗ୍ରେସକୁ ମିଳିଛି। ବିଧାନସଭା ନିର୍ବାଚନରେ ବିଜେଡିକୁ ମୋଟ ୧କୋଟି ୪ଲକ୍ଷ ୭୦ହଜାର ୯୪୧ ଖଣ୍ଡ ଭୋଟ ମିଳିଥିବା ବେଳେ, ଭାଜପାକୁ ୭୬ ଲକ୍ଷ ୯ହଜାର ୫୮୧ ଏବଂ କଂଗ୍ରେସକୁ ୩୭ଲକ୍ଷ ୭୫ହଜାର ୩୨୦ଖଣ୍ଡ ଭୋଟ ମିଳିଛି। ୧୪୬ ବିଧାନସଭା କ୍ଷେତ୍ର ମଧ୍ୟରୁ ଭାଜପା ୭୬ଟି ଆସନରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛି। ସେହିପରି ୨୧ଲୋକ ସଭା ଆସନ ମଧ୍ୟରୁ ଭାଜପା ୧୧ଟିରେ ଦ୍ୱିତୀୟ ସ୍ଥାନରେ ରହିଛି।

ଭୁବନେଶ୍ୱର ଓ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରକୁ ଲକ୍ଷ୍ୟ କଲେ ଭିନ୍ନ ସନ୍ଦେଶ ଆସୁଛି। ଭୁବନେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ଏକାମ୍ର, ଜଟଣୀ, ଖୋର୍ଦ୍ଧା ଏବଂ ବେଗୁନିଆ ବିଧାନସଭାମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି। ଏଥିରୁ ୬ଟି ଆସନ ବିଜେଡି ଖାତାକୁ ଯାଇଥିଲା ବେଳେ ଗୋଟିଏ କଂଗ୍ରେସ ଖାତାକୁ ଚାଲିଯାଇଛି। ହେଲେ ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏଠାରୁ ବିଜୟୀ ହୋଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସମାନଭାବେ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ ବିଧାନସଭାମଣ୍ଡଳୀ ଯଥା, ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ବ୍ରଜରାଜନଗର ଏବଂ ଝାରସୁଗୁଡ଼ା ଆସନରେ ବିଜେଡି ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ଏଥିରୁ ଗୋଟିଏ ବି ଆସନ ଅନ୍ୟ ଦଳ ହାତକୁ ଯାଇନାହିଁ। ବିଜେପୁର ଆସନରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ସତ୍ତ୍ୱେ ବରଗଡ଼ ଲୋକ ସଭା ଆସନ ଭାଜପା ନିଜ ଅକ୍ତିଆରକୁ ନେଇପାରିଛି।

ସେହିପରି ବିଜେଡିର ବହୁ ବରିଷ୍ଠ ନେତା ଯେଉଁମାନେ ୨୦୧୪ ନିର୍ବାଚନରେ ପ୍ରାୟ ୭୦ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେଇଥିଲେ ସେମାନେ ଏଥର ମାତ୍ର ୧୦ରୁ ୧୫ ହଜାର ଭୋଟରେ ଜିତିଛନ୍ତି। କେନ୍ଦ୍ରରେ ପୁନର୍ବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ହେବାକୁ ଯାଉଥିବାରୁ ଓଡ଼ିଶାରେ ମଧ୍ୟ ଭାଜପାର ପ୍ରଭାବ ରହିବ। ଆସନ୍ତା ୨ମାସ ମଧ୍ୟରେ ପୌର ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୌର ନିର୍ବାଚନରେ ଏଥର ଭାଜପାକୁ ସମ୍ମୁଖୀନ ହେବା ବିଜେଡି ପାଇଁ କଷ୍ଟସାଧ୍ୟ ହେବ ବୋଲି ଏବେଠୁ ଆଲୋଚନା ଜୋର୍ ଧରିଛି। ଯାହାକୁ ଶାସକ ଦଳର କେତେକ ନେତା ମଧ୍ୟ ସ୍ୱୀକାର କରିଛନ୍ତି। ଏଭଳିସ୍ଥିତିରେ ଭୁବନେଶ୍ୱର ସଙ୍ଗଠନ ଦାୟିତ୍ୱ ବିଜେଡି ବର୍ତ୍ତମାନ କାହାକୁ ଦେବ ସେନେଇ ବିଚାର ବିମର୍ଶ ଆରମ୍ଭ କରିଲାଣି। ଏପରି କି ଦଳର ସୁପ୍ରିମୋ ପରାଜିତ ନେତାଙ୍କୁ ଡକାଇ ଦଳର ଖରାପ ପ୍ରଦର୍ଶନ କାରଣ ସମ୍ପର୍କରେ ସମୀକ୍ଷା ଆରମ୍ଭ କରିସାରିଲେଣି। ଅପରପକ୍ଷରେ ଏହି ବିଭାଜିତ ଜନମତରୁ ଆଗାମୀ ଦିନରେ ଭାଜପା କେତେଦୂର ଫାଇଦା ନେଉଛି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ପୂର୍ବତନ ପ୍ରଧାନ ଶିକ୍ଷକ, ଟିସିଙ୍କୁ ଜେଲ ଦଣ୍ଡାଦେଶ

**ଫୁଲବାଣୀ ଅଫିସ,୨୮।୫:** ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ମଙ୍ଗଳବାର ଏକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଅର୍ଥ ଆତ୍ମସାତ୍ ମାମଲାର ବିଚାର କରି ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଲେଶ୍ୱର ମଲ୍ଲିକ ଏବଂ ସର୍ବଶିକ୍ଷା ଅଭିଯାନର ପୂର୍ବତନ ଟେକ୍ନିକାଲ କନ୍ସଲଟାଣ୍ଟ(ଟିସି) କାଳୀପ୍ରସାଦ ପାଣିଗ୍ରାହୀଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଏବଂ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୦୮ ରେ ଜୋଡଗଡ ବ୍ଲକ ଗୁଦ୍ରିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଟିସି କାଳୀପ୍ରସାଦଙ୍କ ଦ୍ୱାରା ଆକଳନ ପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୪ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୩ଟି କିସ୍ତିରେ ବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟରେ ୪ ଲକ୍ଷ ୬୦ ହଜାର ଟଙ୍କା ଜମା ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଲେଶ୍ୱର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୀ ପାଇକାଙ୍କ ଫେବୃୟାରୀ ୧୯ରୁ ଅକ୍ଟୋବର ୩୦ ମଧ୍ୟରେ ୪ ଲକ୍ଷ ୩୩ ହଜାର ଟଙ୍କା ଉଠାଇ ଅତିରିକ୍ତ ଶ୍ରେଣୀ ଗୃହର ଛାତ ପର୍ଯ୍ୟନ୍ତ କାମ କରିଥିଲେ, ଯାହା ଅତ୍ୟନ୍ତ ନିମ୍ନମାନର ହୋଇଥିଲା। କାମ ବାବଦରେ ଟିସି କାଳୀପ୍ରସାଦ ୪ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ରିପୋର୍ଟ ଦେଇଥିଲେ। ନିମ୍ନମାନର କାମ ହେବା ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ବ୍ଲକ ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସମେତ ଏକ ଟେକ୍ନିକାଲ କମିଟି ତଦନ୍ତ କରିଥିଲେ। ସେମାନେ କାମରେ ୩ ଲକ୍ଷ ୩୯ ହଜାର ୫୭ ଟଙ୍କା ଖର୍ଚ୍ଚ ହୋଇଥିବା ସହ ୧୯ ହଜାର ୩ ଟଙ୍କା ଜଳକା ଥିବା ଏବଂ ଶ୍ରେଣୀ ଗୃହର କାମ ନିମ୍ନ ମାନର ବୋଲି ରିପୋର୍ଟ ଦେଇଥିଲେ। ଭିଜିଲାନ୍ସ ବିଭାଗ ଏହି ଘଟଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଲେଶ୍ୱର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାଇକାଙ୍କ ଏବଂ ଟିସି କାଳୀପ୍ରସାଦଙ୍କୁ ଗିରଫ କରିଥିଲା। ପ୍ରମାଣ ଅଭାବରୁ ବିଚାରପତି ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୀ ପାଇକାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ମଦ ପିଇବାକୁ ବାରଣ କରିବାରୁ ସ୍ତ୍ରୀକୁ ହତ୍ୟା



- ହତ୍ୟାକାରୀ ସ୍ୱାମୀ ଅଟକ
- ଶର୍ଟ ଷ୍ଟେ ହୋମ୍‌ରେ ୨ ଝିଅ
- ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ମହାକାଳପଡ଼ା, ୨୮।୫ (ଡି.ଏନ୍.ଏ.)**

ମଦ ପିଇବାକୁ ବାରଣ କରିବାରୁ ସ୍ତ୍ରୀକୁ ପିଟି ପିଟି ହତ୍ୟା କରିଛନ୍ତି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳରେ। ଉକ୍ତ ଥାନା ଅଧୀନ ଗୋପାଳପୁର ଗ୍ରାମର ବାବୁଲି ସୁତାର(୩୦) ତାଙ୍କ ସ୍ତ୍ରୀ ବାସନ୍ତୀ(୨୮)ଙ୍କୁ ସୋମବାର ରାତିରେ ହତ୍ୟା କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମାର୍ଶାଘାଇ ବ୍ଲକ ଅଞ୍ଚଳରୁ ପୋଲିସ ବାବୁଲିଙ୍କୁ ଧରି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବାବୁଲି ସବୁବେଳେ ମଦ ପିଇ ଘରକୁ ଆସୁଥିବାରୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଖଟ୍‌ପଟ୍ ଲାଗି ରହୁଥିଲା। ବାବୁଲି ଅଧିକାଂଶ ସମୟରେ ବାସନ୍ତୀଙ୍କୁ ମାରପିଟ୍ କରୁଥିଲେ। ତେବେ ବାବୁଲିଙ୍କ ମଦ ଅଭ୍ୟାସ ଛଡ଼ାଇବା ପାଇଁ ବାସନ୍ତୀ ତାଙ୍କ ଖାଦ୍ୟରେ ଔଷଧ ଗୁଣ୍ଡ କରି ଦେଉଥିଲେ। ସୋମବାର ରାତିରେ ବାବୁଲିଙ୍କ ଖାଦ୍ୟରେ ବାସନ୍ତୀ ଔଷଧ ମିଶାଇଥିଲେ। ହେଲେ ତାହା ଖଣ୍ଡ ହୋଇ ରହିଯାଇଥିଲା। ଫଳରେ ବାବୁଲି ଏହା ଜାଣିପାରି ବାସନ୍ତୀଙ୍କୁ ନିଯୁକ୍ତ ପିଟିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ହିଁ ବାସନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ମହାକାଳପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛନ୍ତି। ଏ ନେଇ ଥାନାରେ ୫୭/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି। ବସନ୍ତୀଙ୍କର ଦୁଇ ଝିଅ ବସୁଧା (୮) ଓ ଯମୁନା (୬) ଅଛନ୍ତି। ସେମାନଙ୍କ ରହିବା ପାଇଁ ଶର୍ଟ ଷ୍ଟେ ହୋମ୍‌ରେ ବ୍ୟବସ୍ଥା କରାଯାଇଛି। ବାସନ୍ତୀଙ୍କୁ ବାବୁଲି ହତ୍ୟା କରିଥିବା ବସୁଧା ପୋଲିସ ଆଗରେ କହିଛନ୍ତି।

ସୂଚନାଯୋଗ୍ୟ, ମଦ ପିଇ ଘରେ କଳି ଝଗଡ଼ା କରିବା କାରଣରୁ ବାବୁଲିଙ୍କ ପ୍ରଥମ ସ୍ତ୍ରୀ ଘର ଛାଡ଼ି ପଳାଇଥିଲେ। ଏହାପରେ ଢେଙ୍କାନାଳ ସଦର ଥାନା ଗହୀର ଖାଲ ଗ୍ରାମର ବାସନ୍ତୀଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ଏଥିସହ ବାବୁଲି ନିଜ ମା' ଓ ଭାଉଜଙ୍କୁ ମଧ୍ୟ ବାଡେଇ ଘରୁ ବାହାର କରି ଦେଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ବାବୁଲିଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ କହିଛନ୍ତି।

# ରାଜ୍ୟ ସଂଗ୍ରହାଳୟରେ ପ୍ରଦର୍ଶିତ ହେଲା କଳ୍ପନାଙ୍କ ସ୍ମୃତି

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**



**୨୦୧୭ରେ ସଂସ୍କୃତି ବିଭାଗକୁ ଏଭରେଷ୍ଟ ଆରୋହଣର ପୋଷାକ, ଜୋତା ଓ ଅନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ କଳ୍ପନା**

ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି ପର୍ବତାରୋହୀ ତଥା ଏଭେରେଷ୍ଟ ବିଜୟିନୀ ସ୍ୱର୍ଗତା କଳ୍ପନା ଦାସଙ୍କ ସ୍ମୃତି। ୨୦୦୮ରେ କଳ୍ପନା ଏଭେରେଷ୍ଟ ଚଢ଼ିଥିବାବେଳେ ଯେଉଁ ପୋଷାକ ଓ ଉପକରଣ ବ୍ୟବହାର କରିଥିଲେ ତାହାକୁ ରାଜ୍ୟର ଏହି ଶ୍ରେଷ୍ଠ ସଂଗ୍ରହାଳୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ କରାଯାଇଛି। ରାଜ୍ୟର ପ୍ରଥମ ମହିଳାଭାବେ ସେ ଯେଉଁ ସଫଳତା ହାସଲ କରିଥିଲେ ତାଙ୍କର ଅକାଳ ମୃତ୍ୟୁ ପରେ ଏସବୁ ଏବେ ସ୍ମୃତି ହୋଇଯାଇଛି। କଳ୍ପନାଙ୍କ ଅଦମ୍ୟ ସାହାସ ଓ ଦୃଢ଼ ମନୋବଳର ସବୁଠୁ ବଡ଼ ସବୁତ ଭାବେ ଏସବୁ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଜୟନ୍ତୀ ରଥ କହିଛନ୍ତି।

ରାଜ୍ୟ ସଂଗ୍ରହାଳୟରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଳ୍ପନାଙ୍କ ଶ୍ରାଦ୍ଧାଞ୍ଜଳି ଦିଆଯିବା ସହ ତାଙ୍କ ବ୍ୟବହୃତ ସାମଗ୍ରୀ ଜନସାଧାରଣଙ୍କ ପାଇଁ ପ୍ରଦର୍ଶିତ ହୋଇଥିଲା। ୨୦୧୭ରେ କଳ୍ପନା ତାଙ୍କ ସଫଳତାର ସନ୍ତକ ଭାବେ ଏଭରେଷ୍ଟ ଆରୋହଣ ସମୟରେ ପିନ୍ଧିଥିବା ପୋଷାକ, ଜୋତା ଓ ଅନ୍ୟାନ୍ୟ ସାମଗ୍ରୀକୁ ସଂସ୍କୃତି ବିଭାଗକୁ ପ୍ରଦାନ କରିଥିଲେ। ଏହି ସାମଗ୍ରୀ ସଂଗୃହିତ ହୋଇ ପରବର୍ତ୍ତୀ ସମୟରେ ରାଜ୍ୟ ସଂଗ୍ରହାଳୟରେ ରଖାଯାଇଥିଲା। ବର୍ତ୍ତମାନ ଅସ୍ଥାୟୀଭାବେ ପ୍ରଦର୍ଶିତ ହୋଇଥିବାବେଳେ ଆଗାମୀ ଦିନରେ ଏହି ପୋଷାକକୁ ସ୍ଥାୟୀ ଭାବେ ପ୍ରଦର୍ଶିତ କରାଯିବ ବୋଲି ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଜଣେ ମହିଳା ହୋଇ ମଧ୍ୟ ବିଶ୍ୱର ଉଚ୍ଚତମ ଶୃଙ୍ଗ ଏଭେରେଷ୍ଟ ଶିଖରକୁ ଚଢ଼ି ବିଶ୍ୱର ଜଣେ ଦକ୍ଷ ପର୍ବତାରୋହୀ ଭାବେ ପରିଚିତ ହୋଇଥିଲେ ଢେଙ୍କାନାଳର କଳ୍ପନା ଦାଶ। ରାଜ୍ୟର କ୍ରୀଡ଼ାବିତ୍ ଓ ଯୁବପିଢ଼ି ପାଇଁ ରୋଲ୍ ମଡେଲ କଳ୍ପନା ଦ୍ୱିତୀୟଥର ପାଇଁ ଏଭେରେଷ୍ଟ ଶୃଙ୍ଗ ଅରୋହଣ କରି ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ଗତ ଗୁରୁବାର କଳ୍ପନାଙ୍କର ମୃତ୍ୟୁ ଘଟିଥିଲା। ୪୯ବର୍ଷୀୟା କଳ୍ପନା 'ତିନି ମହିଳା ଅଭିଯାତ୍ରୀ' ଦଳର ସଦସ୍ୟ ଭାବରେ ଏହି ଦୁଃସାହସିକ ଅଭିଯାନ କରୁଥିଲେ। ହେଲେ ଅମ୍ଳଜାନ ଅଭାବରୁ ଏଭେରେଷ୍ଟ ବାଲ୍‌କୋନୀ ଏରିଆରେ କଳ୍ପନା ଦାଶଙ୍କ ଦେହାନ୍ତ ହୋଇଥିବା ସୂଚନା ମିଳିଛି। ହିମାଳୟ ଶିଖରରେ ପହଞ୍ଚ ପାଦ ଦେଶକୁ ଓହ୍ଲାଇବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଆଜି କ'ଣ କେଉଁଠି

**କର୍ଲାମୁଣ୍ଡା**
- ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଉଦ୍‌ଘାଟନ, କର୍ଲାମୁଣ୍ଡା, ପୂର୍ବାହ୍ନ ୯ଟା।

**ବଲାଙ୍ଗୀର**
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବରେଣ୍ୟ ସଦସ୍ୟ ସମ୍ମାନ ପ୍ରଦାନ ଉତ୍ସବ, ସାହିତ୍ୟିକ ଭବନ, ବଲାଙ୍ଗୀର, ପୂର୍ବାହ୍ନ ୧୦ଟା।

**ବରଗଡ଼**
- ବରଗଡ ଆମ୍ ବଜାର ଉଦ୍‌ଘାଟନ, ବ୍ଲକ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲାସ୍ତରୀୟ ଆମ୍ବମେଳା, ଜେଲ ଛକ କଲ୍ୟାଣ ମଣ୍ଡପ, ସକାଳ ୮ଟା।
- ସାଂସ୍କୃତିକ ଉତ୍ସବ- ୨୦୧୯, ସହଯୋଗନଗର ଛକ, ସନ୍ଧ୍ୟା ୫ଟା।
- ଗୁରୁଭେଟି ମହୋତ୍ସବ ବୈଠକ, ସମ୍ବଲପୁର ଫୋକ ଆଣ୍ଡ ଆର୍ଟ ସେଣ୍ଟର, ସନ୍ଧ୍ୟା ୫ଟା।
- ଜିମ୍‌ନ କଲେଜ ସ୍ଥାନାନ୍ତରଣ ଶୀର୍ଷକ ବୈଠକ, ଖାଦ୍ୟାପତା ବଡ଼ଦୁଆର, ସନ୍ଧ୍ୟା ୭ଟା।

**ସୁନ୍ଦରଗଡ଼**
- ଅଖଣ୍ଡ ଶକ୍ତି ଜ୍ଞାନଯଜ୍ଞ ଶିବିର, ଭୂୟାଁ ସମାଜ କଲ୍ୟାଣ ମଣ୍ଡପ, ସନ୍ଧ୍ୟା ୬.୩୦।

**ଲୋଇସିଂହା**
- ହନୁମାନ ଚାଳିଶା ପାଠ, ହନୁମାନ ମନ୍ଦିର, ଜୁଡୁକା, ଆଗଲପୁର, ପୂର୍ବାହ୍ନ ୧୦ଟା।

**ବିଜିକା**
- ଅନ୍ତର୍ଦା ପ୍ରିମିୟର ଲିଗ କ୍ରିକେଟର ନବମ ଦିବସ ମ୍ୟାଚ ପିଜିଆର ଦଳ ବନାମ କେନେଆର ଦଳ ଅନ୍ତର୍ଦା ଖେଳ ପଡିଆ, ପୂର୍ବାହ୍ନ ୧୦ଟା।

# ଝଡ଼ବତାସରେ ଗଛ ଭାଙ୍ଗି ଘରେ ପଡ଼ିଲା

**ବଡଗାଁ, ୨୮।୫ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତର ଭଙ୍ଗାମୁଣ୍ଡା ଗ୍ରାମରେ ଗଛପଡ଼ି ଜଣେ ବ୍ୟକ୍ତିଙ୍କ ଘର ପାଚେରୀ ଭାଙ୍ଗିଥିବା ଜଣାପଡ଼ିଛି। ମଙ୍ଗଳବାର ଅପରାହ୍ନ ୨ଟାରେ ପବନ ସହ ସାମାନ୍ୟ ବର୍ଷା ହୋଇଥିଲା। ପବନ ଯୋଗୁ ଘର ନିକଟରେ ଗଛ ପଡ଼ିଥିଲା। ଫଳରେ ରୋମାଞ୍ଚ ଡମଲକିଆଙ୍କ ପରିବାର ଲୋକେ ବର୍ତ୍ତିଯାଇଥିଲେ ମଧ୍ୟ ଘର ଭାଙ୍ଗି କ୍ଷୟକ୍ଷତି ହୋଇଛି। ଗ୍ରାମର ଆଉ କେତେକ ବ୍ୟକ୍ତିଙ୍କ ଘର ପାଚେରୀ ଭାଙ୍ଗିଥିବା ସୂଚନା ମିଳିଛି।


BADRIPRASAD Group of Institutions
ADMISSION OPEN
DIPLOMA ENGINEERING
BCA BBA BA B.Sc. B.Com
100% Placement Assistance
At: Debalpali, Majhipali Chowk, P.O.- Sason, Dist.- Sambalpur, PIN- 768200
Contact: 7008920803, 7008757504, 8327725282, 7008483493
Web.: www.bitsambalpur.in
E-mail: bitechsbp@gmail.com, bcctsbp@gmail.com / bdcsbp@gmail.com



OFFICE OF THE PRINCIPAL, GOVT. COLLEGE, SUNDARGARH

No.1610 Date: 27.05.19

ADMISSION NOTICE (2019-20)

Principal, Govt. College, Sundargarh declares for admission into self-financing NCTE approved B.Ed course (two years) and P.G Courses for the current academic session 2019-20.
Interested deserving graduates are advised to go through the college website www.govtcollegesundargarh.org to download the Application form, Admission Brochure, Fee structure etc. The application form of B.Ed course will be available from 01.06.2019 and last date of submission of application form for B.Ed course in the college counter is 25.06.2019 (5:00 P.M).

Sd./- Principal
Govt. College, Sundargarh



ରେଳୱେ ବିଦ୍ୟୁତୀକରଣ
ଭୁବନେଶ୍ୱର
ବୈଦ୍ୟୁତିକ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ନଂ. LJRE-SBP-EL-OT-19-20-G-01, ତା: 18.05.2019
କାର୍ଯ୍ୟର ନାମ : Gr.346 ର ରେଳୱେ ବିଦ୍ୟୁତୀକରଣ ... OHE-ଇନ୍-PSI ... T/W ... 11/0.4KV ... (AT) ... (CLS) ... (TSS) ...
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 83,91,613/-, EMD (ଟଙ୍କାରେ) : ₹ 1,67,800/-, ... : ₹ 5,000/-, ... : 12(ବାର)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.06.2019 ଦିନ 1130 ଘଣ୍ଟାରେ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ: ତା.20.06.2019 ଦିନ 1200 ଘଣ୍ଟାରେ।
http://www.ireps.gov.in
PR-110/K/19-20



ୟୁକୋ ବ୍ୟାଙ୍କ
ବ୍ରଜରାଜନଗର ଶାଖା
E Mail: brajra@ucobank.co.in
ଦଖଲ ନୋଟିସ
(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ର ରୁଲ (୮) ଅନୁଯାୟୀ)
ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| [illegible] | ଟା.୩୧,୦୧,୦୧୯ ... ୮,୨୧,୪୨,୫୧୦.୦୪ ... | ୨୧.୦୨.୨୦୧୯ / ୨୨.୦୫.୨୦୧୯ | [illegible] |

ସ୍ଥାନ: ବ୍ରଜରାଜନଗର, ତାରିଖ : ୨୮.୦୫.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ,ୟୁକୋ ବ୍ୟାଙ୍କ

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱରୁ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନରୁ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। -ଶ୍ରୀଅରବିନ୍ଦ



# ଭିତରକୁ ଦେଖ

ସାଧାରଣ ନିର୍ବାଚନରେ କଂଗ୍ରେସ ଶୋଚନୀୟ ପରାଜୟ ବରଣକରିବା ପରେ ଏବେ ଏହାର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଦ ଛାଡ଼ିବାକୁ ଅଡ଼ି ବସିଛନ୍ତି। ୨୫ ମେ'ରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ସେ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ ମଧ୍ୟ ତାହାକୁ ଗ୍ରହଣ କରାଯାଇ ନାହିଁ। ବରଂ ସେ ଏହି ବୈଠକରେ କଂଗ୍ରେସର ବରିଷ୍ଠ ନେତାମାନଙ୍କୁ ପରାଜୟ ପାଇଁ ଦାୟୀ କରିଛନ୍ତି। 'ପୁତ୍ର ଉଦୟ' ମୋହରେ ପଡ଼ି କେତେକ ନେତା ପାର୍ଟିର ସ୍ୱାର୍ଥକୁ ନ୍ୟୂନ କରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଅବଶ୍ୟ ପରିବାରବାଦ ରାଜନୀତିର ରାହୁଲ ନିଜେ ଜଣେ ପ୍ରଥମ ହିତାଧିକାରୀ ଭାବେ ଜଣାଶୁଣା। ଅନ୍ୟପଟେ ଯେଉଁମାନଙ୍କୁ ରାହୁଲ ଦୋଷ ଦେବାକୁ ଉଚିତ ମନେକରିଛନ୍ତି, ସେମାନେ ସମସ୍ତେ ବ୍ୟକ୍ତିଗତ ଭାବେ ତାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଅବଶ୍ୟ ଶୁଣିବାକୁ ମିଳୁଛି ଯେ ତାଙ୍କ ମାତା ସୋନିଆ ଗାନ୍ଧୀ ଓ ଅନ୍ୟ କେତେ ଜଣ ବୟସ୍କ ନେତାଙ୍କ ଚାପରେ ଏହି ମୁଖ୍ୟମନ୍ତ୍ରୀମାନେ ପଦବୀ ପାଇଥିଲେ।

ଆଜିର ଭୋଟ ଢାଞ୍ଚାକୁ ଦେଖିଲେ ଗାନ୍ଧୀ-ନେହେରୁ ପରିବାର ନାମରେ କଂଗ୍ରେସ ଭୋଟ ରହିଆସିଛି ବୋଲି ଦୀର୍ଘଦିନରୁ ଯେଉଁ ଧାରଣା ଗଢ଼ି ଆସିଥିଲା ତାହା ଲୋପପାଇବାକୁ ବସିଲାଣି। ରାହୁଲ ଓ ତାଙ୍କ ନେତାମାନେ ଏହା ବୁଝିବାରେ ଅକ୍ଷମ ହେବାରୁ ଏଭଳି ଦଳୀୟ ବିପର୍ଯ୍ୟୟ ଦେଖାଗଲା ବୋଲି ବିଶ୍ଳେଷକମାନେ ମତ ଦେଲେଣି। ବରିଷ୍ଠ ନେତା ପି. ଚିଦାମ୍ବରମ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ସେମାନଙ୍କ ପୁଅମାନଙ୍କ ରାଜନୈତିକ କ୍ୟାରିୟର ପାଇଁ ବ୍ୟସ୍ତ ରହିବାରୁ ପାର୍ଟି ଖରାପ ପ୍ରଦର୍ଶନ କଲା ବୋଲି ଯେଉଁ ଦୋଷ ଦିଆଯାଉଛି, ତା' ଛଡ଼ା ଅନେକ କାରଣ ଏଥିପାଇଁ ଦାୟୀ। ୬ ମାସ ତଳେ ଯେତେବେଳେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କଲା, ସେତେବେଳେ ମୁଖ୍ୟମନ୍ତ୍ରୀ ଭାବେ ନୂଆ ଚେହେରା ବିଶେଷକରି ଯୁବ ନେତୃତ୍ୱକୁ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଥିଲା। ରାଜସ୍ଥାନରେ ସଚିନ ପାଇଲଟ ଓ ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ଥିବା ବେଳେ ଦଳ ଯଥାକ୍ରମେ ଅଶୋକ ଗେହଲଟ ଓ କମଲନାଥଙ୍କ ଉପରେ ବିଶ୍ୱାସ ରଖିଥିଲା। ଦଳର ଏଭଳି ନିଷ୍ପତ୍ତିରେ ପାର୍ଟି କର୍ମୀ ବିମୁଖ ହେବା ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ।

ନିର୍ବାଚନରେ ବିଫଳତା ଲାଗି ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ, ଆସାମ, ପଞ୍ଜାବ ଏବଂ କର୍ଣ୍ଣାଟକ କଂଗ୍ରେସ ମୁଖ୍ୟମାନେ ଇସ୍ତଫା ଦେଇଦେଲେଣି। ତେବେ ପାର୍ଟିର ଅଧ୍ୟକ୍ଷ ଭାବେ ରାହୁଲଙ୍କ ଇସ୍ତଫା ଓ ତାଙ୍କ ସ୍ଥାନରେ ଅନ୍ୟ କାହାରିକୁ ବସାଇବା ଲାଗି ସେ ଯେଭଳି ନିଷ୍ପତ୍ତି ନେଇଛନ୍ତି, ତାହା କଂଗ୍ରେସକୁ ପୁନର୍ଜନ୍ମ ଦେଇପାରେ। ଶେଷ ହୋଇଥିବା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)ର ସାଙ୍ଗଠନିକ ନେତୃତ୍ୱ ତାହାକୁ ବିଜୟ ମୁକୁଟ ପିନ୍ଧାଇଛି। ଏଥିସହିତ ଦେଶର ବୃହତ୍ ରାଜ୍ୟ ଉତ୍ତରପ୍ରଦେଶରେ ଜାତି, ସଂଖ୍ୟାଲଘୁ ତୁଷ୍ଟୀକରଣ ନେଇ ଯେଉଁ ରାଜନୀତି ଖେଳାଯାଇ ଆସୁଥିଲା ସମାଜବାଦୀ ପାର୍ଟି (ଏସ୍‌ପି) ଓ ବହୁଜନ ସମାଜପାର୍ଟି (ବିଏସ୍‌ପି)ର ଯୋଜନାକୁ ପଣ୍ଡ କରି ଭାଜପା ଭୋଟ ଧ୍ରୁବୀକରଣ କରିବାରେ ସଫଳ ହେଲା। ଏଠାରେ କେବଳ ସାଙ୍ଗଠନିକ କାର୍ଯ୍ୟ ମାଧ୍ୟମରେ ହାର୍‌ଜିତ୍ ହୋଇଛି ବୋଲି କହିହେବ ନାହିଁ। ମୋଦିଙ୍କ ସ୍ୱଷ୍ଟ ମତ ଏବଂ ଶକ୍ତିଶାଳୀ ଜାତୀୟତାବାଦ ସହିତ ଆହୁରି ଅନେକ କାରଣ ଯୋଗୁ ଭାଜପାକୁ ବିପୁଳ ସଫଳତା ଦେଖିବାକୁ ମିଳିଛି। ମନେହେଲା ଯେପରି ଭାଜପାକୁ ବିରୋଧ କରୁଥିବା ଦଳଗୁଡ଼ିକ କେବଳ ମୋଦିଙ୍କୁ ଆକ୍ରମଣ କରିବାରେ ସୀମିତ ରହିଗଲେ। 'ନ୍ୟାୟ' ଭଳି ଅଯଥା ଯୋଜନା ସମ୍ପର୍କରେ ଆଲୋଚନା କରିବା ବ୍ୟତୀତ କଂଗ୍ରେସ ମଧ୍ୟ ସଫଳତାର ସହିତ ବେକାର ଓ ଚାଷ ସମସ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଭଲ ଭାବେ ଉପସ୍ଥାପନ କରିପାରିଲା ନାହିଁ। ସମ୍ଭବତଃ ଭାରତର ସାଧାରଣ ଭୋଟର ଏବେ ଦୁଇଥର ସରକାର ଗଢ଼ିବାର ସୁଯୋଗ ଦେବାକୁ ଚାହିଁଛନ୍ତି। ତେବେ ୨୦୨୪ ମସିହାରେ ମୋଦିଙ୍କ ଭାବମୂର୍ତ୍ତିକୁ ପ୍ରତିହତ କଲା ଭଳି କାର୍ଯ୍ୟ କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକୁ ଏବେଠାରୁ ନେବାକୁ ପଡ଼ିବ।

ଭାଜପା ଭିତରେ ମୋଦି ଜଣେ ଏକଚ୍ଛତ୍ରବାଦୀ ନେତା ହୋଇପାରିଛନ୍ତି। କିନ୍ତୁ ସେହି ଦଳରେ ଅନେକ ନିୟମକାନୁନ ମାଧ୍ୟମରେ ଦଳୀୟ କର୍ମୀମାନଙ୍କୁ ସନ୍ତୁଷ୍ଟ ରଖାଯାଇପାରୁଛି। ଯଥା ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପୁନଶ୍ଚ ଟିକେଟ ଦିଆଯାଇ ନାହିଁ। ଦଳର କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ସ୍ଥାନରେ ଗୁରୁତ୍ୱ ଦିଆଯାଇଥାଏ। ହିନ୍ଦୁତ୍ୱ ଆଦର୍ଶ ସେମାନଙ୍କ ରାଜନୈତିକ ଖେଳକୁ ଏକତ୍ରିତ କରି ରଖିଛି। ଅନ୍ୟପଟେ କଂଗ୍ରେସର କୌଣସି ଚିନ୍ତାଧାରାରେ ବାନ୍ଧି ହୋଇ ରହିବାର ଲକ୍ଷଣ ଦେଖାଯାଉ ନାହିଁ। କେବଳ ଗାନ୍ଧୀ ପରିବାର ପାଇଁ ଆନୁଗତ୍ୟ ସେହି ଦଳରେ ନେତା ସୃଷ୍ଟି କରିଥାଏ। କଂଗ୍ରେସ ଭଳି ଅନ୍ୟ ସବୁ ଅଣ-ଭାଜପା ଦଳଗୁଡ଼ିକ ମଧ୍ୟ ନିଜର ଅସ୍ତିତ୍ୱ ହରାଇବାକୁ ବସିଲେଣି। ଆଞ୍ଚଳିକ ଦଳଗୁଡ଼ିକରେ କଂଗ୍ରେସ ଭଳି ଆଭିମୁଖ୍ୟ ଥିବାରୁ ତାମିଲନାଡୁର ଡିଏମ୍‌କେ ବ୍ୟତୀତ ଅନ୍ୟ ସମସ୍ତଙ୍କ କ୍ଷତି ଘଟିଛି। ଏଭଳି ପ୍ରଚ୍ଛଦପଟରେ ଏବେ ସବୁ ରାଜନୈତିକ ଦଳକୁ ଆଭ୍ୟନ୍ତରୀଣ ପରିବେଶ ପ୍ରତି ସଜାଗ ରହିବା ଆବଶ୍ୟକ ହୋଇପଡ଼ିଲାଣି।

# ମରିଯାଉଛି ମଣିଷପଣ



ସୁଧୀର କୁମାର ନାୟକ

ସକାଳୁ ସକାଳୁ ମହାପାତ୍ର ବାବୁଙ୍କ ମୁଣ୍ଡଟା ବିଗିଡ଼ିଯାଇଛି। ନିଜ ଝିଅପୁଅଙ୍କ ଚାଲିଚଳନ ଦିନକୁଦିନ ବେଢଙ୍ଗିଆ ହୋଇଯାଉଛି। ପିଲାମାନଙ୍କର ବେଶଭୂଷା, ଆଚାର ବ୍ୟବହାରରେ ଅଶିଷ୍ଟତା ତାଙ୍କ ହୃଦୟକୁ କଷ୍ଟ ଦେଉଛି। ନା କିଛି ଟାଣ କରି କହିହେଉଛି ନା ଚୁପ ରହିହେଉଛି। ପୁଅ ୨ ହଜାର ଟଙ୍କାର ପ୍ୟାଣ୍ଟଟିଏ କିଣିଛି, ଯାହାକୁ ଦେଖିବାକୁ ଘୃଣା ଲାଗୁଛି। ପ୍ୟାଣ୍ଟର ଆଗପଛ ଚିରାଫଟା କଙ୍କଡ଼ାଗାତ ପରି ତାଳି ପକା ହୋଇଛି। ଫଟା ସ୍ଥାନରେ ସୂତାଗୁଡ଼ିକ ବରଓହଳ ପରି ଝୁଲୁଛି। ଏ କି ପ୍ରକାର ପୋଷାକ। ଏହାର ପୁଣି କି ସୌନ୍ଦର୍ଯ୍ୟ ପିଲାମାନଙ୍କୁ କିପରି ଆକୃଷ୍ଟ କରୁଛି ? ସତେ ଯେମିତି ପ୍ୟାଣ୍ଟଟିକୁ ଚକଡ଼ା ରୋଗ ଧରିଛି। କି କଥା ! ସମାଜରେ ଲୋକେ କ'ଣ କହିବେ? ମହାପାତ୍ର ଘର ପୁଅଟା ବାତରା ହୋଇଗଲାଣି। ସାଧାରଣତଃ ଘରେ ଶ୍ରାଦ୍ଧପିଣ୍ଡ କାମରେ ପିଲାମାନେ ସ୍ଥିର ହୋଇ ୫-୧୦ମିନିଟ୍ ପିଣ୍ଡଦାନ ପାଖରେ ବସିପାରୁ ନାହାନ୍ତି। ହାତରେ ମୋବାଇଲ୍‌ଟିକୁ ଧରି ଅଙ୍ଗୁଳି ଘଷିବାରେ ବ୍ୟସ୍ତ। ଯାହା ପାଠଶାଠ ଥାଉ, ଚାକିରି କର କି ଅନ୍ୟ କିଛି, ଆପାତତଃ ବେଶଭୂଷା ଟିକେ ମାର୍ଜିତ ହେଉ। ଏତେ ଅପସଂସ୍କାରକୁ ଚାଲିଯିବାଟା ଭବିଷ୍ୟତ ପାଇଁ ଆଦୌ ଭଲ ନୁହଁ। ଚା କପ୍ ଧରି ଶ୍ରୀମତୀ ପହଞ୍ଚିଗଲେ। ପୁଅ କଥା କ'ଣ କହୁଛ, ଝିଅ କାଲି ଗୋଟାଏ ଡ୍ରେସ୍ କିଣିଛି। ଦେଖିଲେ ତୁମର ରକ୍ତଚାପ ବଢ଼ିଯିବ। ଉପରପାଖ ଜାମାଟା ମାଛଧରା ଜାଲ ପରି ହୋଇଛି। ତଳପଟ ଡ୍ରେସ୍‌ଟା ମୁଁ କହିପାରିବି ନାହିଁ। ହାତର ରୁମାଲଟା ବରଂ ତା' ଡ୍ରେସ୍‌ଠାରୁ ଓଜନ ଲାଗିବ। ପିଣ୍ଡାରେ ବସି ଜେଜେ ସବୁ କଥାକୁ କାନ ଦେଇଥିଲେ। ସମ୍ଭାଳି ନ ପାରି ତୁଣ୍ଡ ଖୋଲି ଦୁଇପଦ କହିଲେ, ଆମ ଅମଳରେ କମ୍ ପାଠ, କମ୍ ଧନ ଥିଲେ ବି ଲଜ୍ଜା, ସରମ, ମୁରବି ଜ୍ଞାନ ଟିକକ ଥିଲା। ସମୟ ବଦଳି ଯାଉଛି। ପିଲାଙ୍କୁ ଦୁଇପଦ କହିଲେ ସେମାନେ ଚାରିପଦ ମୁହଁରେ ଜବାବ ଦେଉଛନ୍ତି। ମନ୍ଦକୁ ଆଦରି ଭଲ ପାଖରୁ ଆଡ଼େଇ ଯାଉଛନ୍ତି।

ମୁରବି ଶ୍ରେଣୀୟ ମିଶ୍ର ମଉସା ଆସି ପହଞ୍ଚିଲେ। ଜେଜେ, ଆପଣ ଜାଣନ୍ତି, ଗତ କିଛି ଦିନ ଧରି ଟିଭି, ମୋବାଇଲ, ଖବରକାଗଜଗୁଡ଼ିକରେ କେତୋଟି ଫଟୋକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା। ଭାଲେଣ୍ଟାଇନ ଡେ ଅବସରରେ ମାଲାୟାଲମ ଫିଲ୍ମ ଅଭିନେତ୍ରୀ ପ୍ରିୟାଙ୍କ ଅଭିନୀତ ଏକ ଚଳଚ୍ଚିତ୍ରରେ ଏମିତି ଆଖିପତା ଦୋହଲାଇ ଡୋଳା ବୁଲାଇ ବୁଲାଇ ବାମ ଆଖିଟାକୁ ବୁଜିଦେବାର ଦୃଶ୍ୟଟା ଆମ ପିଲାମାନଙ୍କ ମନକୁ ପୂରା ପାଇଯାଇଛି। ସ୍କୁଲ, କଲେଜ, ଛକ, ବଜାର, ପାର୍କ ସବୁଠି ସେଇ ଗୋଟେ ଆଖିବୁଜା କଥା। ଏପରି ଦୃଶ୍ୟ ଏକ ମାମଲା ହୋଇ ସୁପ୍ରିମ୍‌କୋର୍ଟକୁ ବିଚାର ପାଇଁ ମଧ୍ୟ ଯାଇଥିଲା। ହେଲେ ସେହି ସମୟରେ ଜଣେ ଯୁବ ମିଲିଟାରୀ କମାଣ୍ଡାଣ୍ଟ ଦେଶ ପାଇଁ ଶହୀଦ ହୋଇଥିଲେ। ତାଙ୍କ ବିଷୟରେ ସେଭଳି କେଉଁଠି ବିଶେଷ ଆଲୋଚନା ହେଉ ନ ଥାଏ। ଜେଜେ କହିଲେ, ଆଖିମରା ହିରୋଇନ୍‌ଙ୍କ ନାମଟା ମନେ ରହିଯିବ। ଶହୀଦମାନଙ୍କ ନାମ କେତେଜଣ ମନେ ରଖିବେ ? ସ୍ୱାଧୀନତା, ଗଣତନ୍ତ୍ର ଦିବସ ଉପରେ ସ୍କୁଲ କଲେଜପଢୁଆ ପିଲାମାନଙ୍କୁ ଦୁଇପଦ କହିବାକୁ କହିଲେ ମୁହଁ ମୋଡ଼ିବେ। ଗାନ୍ଧୀ, ଗୋପବନ୍ଧୁ, ନେତାଜୀଙ୍କ ଜନ୍ମ ତାରିଖ ଜାଣି ନ ଥିବେ। ନିଜ ବାପାଙ୍କର ବାପା ନାମଟି ଭାବିକି କହୁ କହୁ ବି ଭୁଲ୍ ହେଉଥିବ, କିନ୍ତୁ ପିଲାମାନଙ୍କର କେତେକ ଅନାବଶ୍ୟକ ତଥ୍ୟ ଠିକ୍ ମନେ ରହୁଥିବ। ଆଗ ସମୟରେ ଗାଁ ସାହିବସ୍ତିମାନଙ୍କରେ ଯେଉଁ ଲୋକଟା ନିଶାପାଣି ସେବନ, ଚୋରି କରୁଥିଲା ସେ ସମାଜ ଆଗରେ ଘୃଣ୍ୟ ହେଉଥିଲା। ତା' ସହିତ ଗାଁ ଲୋକମାନେ ବିଶେଷ ମିଳାମିଶା କରୁ ନ ଥିଲେ। ହେଲେ ସମୟ ବଦଳିଯାଇଛି। ଆଜିକାଲି ଏ ସବୁଠାରୁ ଯିଏ ଦୂରେଇ ରହୁଛି, ସେ ଏକ ପ୍ରକାର ସମାଜରେ ବାଛନ୍ଦ ଭଳିଆ ଚଳୁଛି।

ଅସାମାଜିକତାକୁ ପ୍ରତିରୋଧ କରାଯାଉ ନାହିଁ, ଯିଏ ପ୍ରତିରୋଧ କରୁଛି ତାକୁ ସହଯୋଗ ବି ନାହିଁ, ବରଂ କେତେକ କ୍ଷେତ୍ରରେ ପ୍ରୋତ୍ସାହିତ କରାଯାଉଛି। ଦେଖୁନାହାନ୍ତି ଆଳୁ, ପିଆଜ, ଡାଲି, ଚାଉଳ, ପେଟ୍ରୋଲ, ଡିଜେଲ ଆଦି ଦରବୃଦ୍ଧି ଘଟିଲେ ପ୍ରତିବାଦ, ଆନ୍ଦୋଳନ ରାସ୍ତାରୋକୋ ହୁଏ। ଦିନେ ଦିନେ ସହର ବଜାର ବି ବନ୍ଦ କରାଯାଏ, ହେଲେ ମଦ, ଗଞ୍ଜେଇ, ବ୍ରାଉନସୁଗାର, ତାଡ଼ି ପରି ନିଶାଦ୍ରବ୍ୟଗୁଡ଼ିକର ଯେତେ ଗୁଣ ଦାମ୍ ବଢିଲେ ବି ସମାଜରେ ଚାହିଦା ଅଛି ଏବଂ ସେଥିପାଇଁ ପ୍ରତିବାଦ ନାହିଁ।

ଦିନକର ଘଟଣା। ଶିକ୍ଷକ ମଦ ଦୋକାନକୁ ଯାଇ କହିଲେ, ଯେଉଁ ନୂଆ ବ୍ରାଣ୍ଡଟା କହିଥିଲି ରଖିଛ ? ଦୋକାନୀ କହିଲା, ଆପଣ ଯାହାଙ୍କୁ ପଠାଇଥିଲେ ତାଙ୍କ ହାତରେ ଦେଇଦେଇଛି। ମୁଁ ତ କାହାକୁ ପଠେଇ ନ ଥିଲି। ଆପଣ ଯେଉଁ ଛାତ୍ର ଦୁଇଜଣଙ୍କୁ ପଠାନ୍ତି ସେମାନେ ତ ଆସି ଆପଣଙ୍କ କଥା କହି ନେଇଗଲେ। ଶିକ୍ଷକ ନିଜ ମୋବାଇଲରୁ ଫୋନ୍ କଲେ ସେହି ହାତବାରିଶି ଦୁଇ ଗୁରୁଭକ୍ତ ଛାତ୍ରଙ୍କ ପାଖକୁ। ଛାତ୍ରମାନେ ଉତ୍ତର ଦେଲେ- ସାର୍, ଆଜିକା ଜିନିଷଟା ନିୟୁ ବ୍ରାଣ୍ଡ୍ ହୋଇଥିବାରୁ ଲୋଭ ସମ୍ଭାଳି ପାରିଲୁ ନାହିଁ। ଆମେ ପିଇଦେଇଛୁ। କିଛି ମାଇଣ୍ଡ୍ କରିବେ ନାହିଁ। ଶିକ୍ଷକ ବାଉଳିଚାଉଳି ହୋଇ କହିଲେ, ପିଲାଗୁଡ଼ାକ ଆଉ ବାଟରେ ନାହାନ୍ତି। ଏତେ ବାଲୁଙ୍ଗା ହୋଇଗଲେ !

ଗାଁ ଛକ ପାନଦୋକାନୀ ବାବୁଲି ଦାଣ୍ଡରେ ଯାଉ ଯାଉ ଅଟକିଗଲା। ସାରା ଦୁନିଆର ବ୍ରେକିଂ, ହେଡ଼ିଂ, ସ୍କ୍ରୋଲିଂ ଖବର ତା' ମୁହଁରୁ ଅନର୍ଗଳ ବାହାରିଥାଏ। କେମିତି ନ ବାହାରିବ ! ତା' ଦୋକାନ ଆଗରେ ଯେଉଁ ବେଞ୍ଚ ଖଣ୍ଡକ ପଡ଼ିଛି ସେଇଠି ତ ସବୁ ପ୍ରକାର ଲୋକ ବସନ୍ତି। ଦେଶଦୁନିଆର ସବୁ ଖବର ସେଠି ଆଲୋଚନା ହୁଏ। ବାବୁଲି କହିଲା- ମିଶ୍ର ମଉସା, ମୋ ବାପା ଚାଷ ଋଣ ଶୁଝି ପାରିଲେ ନାହିଁ। ଗ୍ରାମସଭାରେ ଡେଙ୍ଗୁରା ପିଟି ବାପାଙ୍କୁ ବ୍ୟାଙ୍କବାଲା ଅପମାନିତ କଲେ। ଘର ଜମିବାଡ଼ି କୋରକ ପାଇଁ ଡେଙ୍ଗୁରା ପିଟା ହେଲା। ନୋଟିସ୍ ଘର ଆଗରେ ଝୁଲେଇ ଦେଲେ। ବାପାଙ୍କୁ ବହୁତ ବାଧିଲା। ସେ ସମୟରେ ଲଗାତର ମରୁଡ଼ି ଯୋଗୁ ଚାଷ ଉଜୁଡ଼ି ଯାଉଥାଏ। ପେଟ ପାଇଁ ଖାଦ୍ୟ ନ ଥାଏ ଋଣ ଶୁଝାହେବ କିପରି? ବଳଦ ହଳେ, ଗାଈ ବିକି ବାପା ଋଣ ଶୁଝିଲେ। ସେହି ବର୍ଷ ଚାଷ ବି ବନ୍ଦ ହୋଇଗଲା। ହେଲେ ଆଜିକାର ବିଜୟ ମାଲ୍ୟା, ନୀରବ ମୋଦି, ବିକ୍ରମ କୋଠାରୀଙ୍କ ପରି ବଡ଼ ବଡ଼ ଲୋକ ଋଣ ଆଳରେ ହଜାର ହଜାର କୋଟି ଟଙ୍କା ଦେଶରୁ ଲୁଟିଲେ। ଭାଗଚାଷୀଟିଏ ଋଣ ନେବା ପାଇଁ ଆଇନ ଗଢା ହୋଇପାରୁନାହିଁ। ବେକାରି ପିଲାଟା ଛୋଟମୋଟ ଧନ୍ଦା ପାଇଁ ବ୍ୟାଙ୍କକୁ ଗଲେ ଘର ଚୁଲିରୁ ଚାଳ, ବାପ ସାତପୁରୁଷଙ୍କ ରେକର୍ଡ ଯାଞ୍ଚ ହେଉଛି। ହେଲେ ଏହି ବଡ଼ ବଡ଼ ଠକମାନେ ଦେଶର ହଜାର ହଜାର କୋଟି ଟଙ୍କା ଠକି ଚାଲିଯାଉଛନ୍ତି କିପରି ? ସରକାରୀ ବାବୁମାନେ କେମିତି ଜାଣିପାରୁନାହାନ୍ତି? ଶହ ଶହ ଚୋର ଗଲେ ବି ବୁଦ୍ଧି ପଶୁନି। କେତେଥର ଆଉ ନେଡ଼ିଗୁଡ଼ କହୁଣିକି ବୋହିବ ? କି ପ୍ରକାର ମଧୁଚନ୍ଦ୍ରିକାରେ ଲୁଟ୍ ଚାଲିଛି। ସ୍ୱାଧୀନତା ପୂର୍ବରୁ ମୋଗଲ୍, ଇଂରେଜ ବାହ୍ୟ ଶତ୍ରୁରାଷ୍ଟ୍ର ଖଣ୍ଡା ବନ୍ଧୁକ ଦେଖାଇ ଆକ୍ରମଣ କରି ଦେଶରୁ ଅଜସ୍ର ଲୁଟିଥିଲେ। ସ୍ୱାଧୀନତା ପରେ ବି କିଛି ବିଶ୍ୱାସଘାତକ, ଦେଶଦ୍ରୋହୀ, ଭ୍ରଷ୍ଟାଚାରୀ ନେତା, ଅଫିସର, ଛଦ୍ମବେଶୀ ବେପାରୀ ଜାଲିଆତି କରି କଲମମୁନରେ ଦେଶର ସମ୍ପଦ ଲୁଟି ଚାଲିଛନ୍ତି।

ଏହି ସମୟରେ ଗାଁ ଦାଣ୍ଡରେ ମହିଳାମାନଙ୍କ ଶୋଭାଯାତ୍ରା ଆସୁଥିଲା। ନାରୀ ନେତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳାମାନେ ସ୍ଲୋଗାନ ଦେଇ କହୁଥାନ୍ତି ପାଗଳୀକୁ ନ୍ୟାୟ ମିଳୁ। ଅର୍ଥାତ୍ କିଛି ଦିନ ଧରି ପାଖ ବଜାରରେ ଜଣେ ପାଗଳୀ ବୁଲାବୁଲି କରୁଥିଲା। କ'ଣ ଖାଏ, କେଉଁଠି ଶୁଏ, କେହି ତା' କଥା ବୁଝନ୍ତି ନାହିଁ। କାଲି ରାତିରେ ସେ ଗଣବଳାତ୍କାରର ଶିକାର ହୋଇଛି। ଜେଜେ କପାଳରେ ହାତମାରି କହିଲେ ହାୟରେ! କ'ଣ ବେଳକାଳ ହେଲା, ଶେଷରେ ପାଗଳୀଟା ବି ବାଦ୍ ପଡ଼ିଲା ନାହିଁ। ମଣିଷ ଭିତରୁ କେମିତି ମଣିଷପଣିଆଟା ମରିଯାଉଛି!

ଧାମନଗର, ଭଦ୍ରକ, ମୋ-୯୯୩୮୦୮୦୨୯୪

# ଜଙ୍ଗଲ ନିଆଁ: କାରଣ ଓ ନିରାକରଣ



ଅଲେଖ ଚନ୍ଦ୍ର ସାମଲ

ସର୍ବଭାରତୀୟ ସ୍ତରରେ ଜଙ୍ଗଲ ନିଆଁରେ ଛତିଶଗଡ଼ର ସ୍ଥାନ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ସର୍ବଭାରତୀୟ ଫରେଷ୍ଟ ଷ୍ଟାଟିଷ୍ଟିକ୍ସ ବ୍ୟୁରୋ ଏପ୍ରିଲ ୨୪ ତାରିଖ ସୁଦ୍ଧା ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାର ସ୍ଥାନ ଦ୍ୱିତୀୟ ରହିବା ସହ ୨୩୪୯ଟି ଜଙ୍ଗଲରେ ନିଆଁ ଲାଗିବା ମାମଲା ରହିଛି। ୨୨୩୮ଟି ମାମଲା ଥିବା ମଧ୍ୟପ୍ରଦେଶର ସ୍ଥାନ ତୃତୀୟ। ସମ୍ପ୍ରତି ଲୋକ ସଭାରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୧୩ରୁ ୨୦୧୬, ୨୪ ଏପ୍ରିଲ ସୁଦ୍ଧା ଦେଶରେ ୭୪୧୦୯ଟି ଜଙ୍ଗଲରେ ନିଆଁ ଲାଗିବା ଘଟଣା ପଞ୍ଜୀକୃତ ହୋଇଛି।

ବାତ୍ୟା ଫନୀ ପରେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ଅନେକ ସ୍ଥାନରେ ଅସଂଖ୍ୟ ଛୋଟବଡ଼ ଗଛ ଭୂମିସାତ୍ ହୋଇଯାଇଛି। ପ୍ରଖର ଖରାରେ ସେଗୁଡ଼ିକ ଭୂମିରେ ପଡ଼ି ଶୁଖିଯିବାରୁ କେହି କେହି ଜାଳେଣି ଭାବେ ଏହାକୁ ବ୍ୟବହାର ନ କରି ବରଂ ନିଆଁ ଲଗାଇ ଦେଉଛନ୍ତି, ଯାହାକି ଭୟାନକ ତାତି ସୃଷ୍ଟି କରିବା ସହ ପରିବେଶକୁ ଉତ୍ତପ୍ତ କରିଦେଉଛି। ଜଙ୍ଗଲ ନିଆଁରେ ସାରା ରାଜ୍ୟ ଅଂଶୁଘାତ ତାତି ସହ ଭୟାନକ ଦାବାନଳର ଲେଲିହାନ ଆଁ ଭିତରେ। ୪୦ଡିଗ୍ରୀ ଉପରେ ପ୍ରାୟତଃ ରହୁଥିବା ଗ୍ରୀଷ୍ମର ଅସହ୍ୟ ତାତି ସହ ଜଙ୍ଗଲ ନିଆଁ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପ୍ରତିବର୍ଷ ଏହି ଗ୍ରୀଷ୍ମ ସମୟରେ ରାଜ୍ୟର ବିଭିନ୍ନ ପ୍ରମୁଖ ଜଙ୍ଗଲରେ ନିଆଁ ଲାଗେ। ଜଙ୍ଗଲ ବିଭାଗ, ସ୍ଥାନୀୟ ପ୍ରଶାସନ ଉଦ୍ୟମ କରି କିଛିଟା ପ୍ରଶମିତ କରିଥାନ୍ତି। କିନ୍ତୁ ଗତ ବର୍ଷ ଓଡ଼ିଶା ଜଙ୍ଗଲ ନିଆଁରେ ଭାରତରେ ଦ୍ୱିତୀୟ ସ୍ଥାନର କୁଖ୍ୟାତି ଅର୍ଜିଛି। ଓଡ଼ିଶାର ଜଙ୍ଗଲରେ ହଜାର ହଜାର ହେକ୍ଟର ପରିମିତ ସ୍ଥାନରେ ଔଷଧୀୟ ବୃକ୍ଷ ରହିଛି। ଏଥିସହିତ ମୟୂରଭଞ୍ଜ, କନ୍ଧମାଳ, ବଲାଙ୍ଗୀର, ଢେଙ୍କାନାଳରେ ଜଙ୍ଗଲ ନିଆଁ ଗ୍ରାମବସତିକୁ ମାଡ଼ି ଆସି କିଛି ଘର ମଧ୍ୟ ତା'ପେଟ ଭିତରେ ସ୍ୱାହା କରିସାରିଲାଣି।

ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର ପ୍ରଦତ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୬୦ଟି ବନ ଡିଭିଜନ ଭିତରୁ ଦଶଟି ଅଧିକ ସମ୍ବେଦନଶୀଳ ରହିଛି। ପ୍ରତିବର୍ଷ ନୟାଗଡ଼, କନ୍ଧମାଳ, ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର, ମୟୂରଭଞ୍ଜ ପରି ଦଶଟି ବନଖଣ୍ଡରେ ନିଆଁ ଲାଗିଥାଏ ଏବଂ ଏହାକୁ ନେଇ ଜଙ୍ଗଲ ବିଭାଗ ମଧ୍ୟ ସେହି ଅନୁରୂପରେ ପ୍ରସ୍ତୁତି ରଖିଥାଏ। ତେବେ ପ୍ରତିବର୍ଷ ଏହାର ଆୟତନ ଓ କ୍ଷେତ୍ରଫଳ ବଢୁଛି, ଯାହାକି ସବୁ ମହଲରେ ଉଦ୍‌ବେଗକୁ ବଢ଼ାଉଛି। ପରିବେଶ ବିଜ୍ଞାନୀଙ୍କଠାରୁ ଉଦ୍ଭିଦବିଜ୍ଞାନୀ ଆଉ ପଶୁପ୍ରେମୀଙ୍କ ଭିତରେ ଏ ନେଇ ଉଦ୍‌ବେଗ ବଢୁଥିଲେ ବି ପ୍ରଶାସନିକ କ୍ଷେତ୍ରରେ ନିଦାବିଷ୍ଟ ଚିନ୍ତନ ସେମାନଙ୍କର ଅସହାୟତାକୁ ପ୍ରକାଶ କରୁଛି। ଗତ ଏକମାସ ଭିତରେ ରାଜ୍ୟର ବିଭିନ୍ନ ଜଙ୍ଗଲର ପ୍ରାୟ ୨୫୦ଟି ସ୍ଥାନରେ ନିଆଁ ଲାଗିଛି। ମୂଲ୍ୟବାନ ବୃକ୍ଷରାଜି ସହ ଔଷଧୀୟ ଓ ଦୁଷ୍ପ୍ରାପ୍ୟ ଗଛ ଏବଂ ଛୋଟବଡ଼ ବିଭିନ୍ନ ପ୍ରଜାତିର ସରୀସୃପ ପୋଡ଼ି ନଷ୍ଟବିନଷ୍ଟ ହେଉଛନ୍ତି। ସ୍ୱାଭାବିକ ଭାବେ ହାତୀ, ଜଙ୍ଗଲୀ ବାର୍ହା, ଭାଲୁ, ହେଟାବାଘ ଓ କେତେକ କ୍ଷେତ୍ରରେ ବାଘ ମଧ୍ୟ ଏହି ତାପକୁ ସହି ନ ପାରି ଜନବସତିମୁହାଁ ହେଉଛନ୍ତି, ଯାହା ପାଇଁ ସାଧାରଣରେ ଭୟାନକ ପରିସ୍ଥିତି ସୃଷ୍ଟି ହେଉଛି। ସରକାରୀ ତଥ୍ୟ ଅନୁଯାୟୀ ସାରା ରାଜ୍ୟରେ ନିଆଁ ଲିଭାଇବା ପାଇଁ ୨୧୬ଟି ଫାୟାର ସ୍କ୍ୱାଡ୍ ନିୟୋଜିତ ହେବା ସହ ୧୨,୫୬୨ ବନ ସୁରକ୍ଷା ସମିତି ସହାୟତାରେ ବ୍ୟାପକ କାର୍ଯ୍ୟକ୍ରମ ନିଆଯାଉଛି।

ପରିବେଶବିତ୍‌ଙ୍କ ମହଲରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଗତବର୍ଷ ଏଲ୍‌ନିନୋ ପ୍ରଭାବ ଯୋଗୁ ଚଳିତବର୍ଷ ତାପମାତ୍ରା ବଢ଼ିଛି, ଯାହାର ପ୍ରଭାବରେ ଜଙ୍ଗଲରେ ନିଆଁ ଲାଗୁଛି। କେତେକ କ୍ଷେତ୍ରରେ ଗଛରେ ଗଛ ଘଷିହେବା ସହ ପତ୍ରରେ ନିଆଁ ଲାଗି ଜଙ୍ଗଲକୁ ବ୍ୟାପୁଛି, ଆଉ କେତେକ କ୍ଷେତ୍ରରେ ସ୍ଥାନୀୟ ଆଦିବାସୀମାନେ ସେମାନଙ୍କର ଲୋକବିଶ୍ୱାସକୁ ନେଇ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ସେହିପରି ଆଉ କେତେକ କ୍ଷେତ୍ରରେ କିଛି ଅସାମାଜିକ ଲୋକ ଜଙ୍ଗଲରେ ମଉଜମଜ୍‌ଲିସ୍ କରି ନିଆଁ ପକାଉଥିବାରୁ ଏହା ବ୍ୟାପିଥାଏ। ଶିକାରୀମାନେ ମଧ୍ୟ ଜଙ୍ଗଲରେ ନିଆଁ ଲଗାଇ ଜନ୍ତୁ ଶିକାର କରୁଥିବାର ନଜିର ରହିଛି। କେତେକ କ୍ଷେତ୍ରରେ ବନ କର୍ମଚାରୀ ଓ ଶିକାରୀଙ୍କ ଭିତରେ ସଲାସୁତରା ନେଇ ଜଙ୍ଗଲ ନିଆଁ ବଢୁଥିବାର ଅଭିଯୋଗ ହେଉଛି। ଜଙ୍ଗଲରେ ପ୍ରତିବର୍ଷ ନିଆଁ ଲାଗି ବ୍ୟାପକ ଜଙ୍ଗଲ ସମ୍ପତ୍ତି ନଷ୍ଟ ହେବା ସହ ପ୍ରାକୃତିକ ପରିବେଶ ଯେପରି ପ୍ରଦୂଷଣକୁ ସାମ୍ନା କରୁଛି ତାହା ଅଚିନ୍ତନୀୟ। ନିଆଁ କବଳରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ପୃଥିବୀର ବିଭିନ୍ନ ରାଷ୍ଟ୍ର ଯଥା ମ୍ୟାନ୍‌ମାର, ଚାଇନା, ରୁଷ, ଆମେରିକା ଓ ଜାପାନରେ ଯେପରି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ସେ ସବୁ ଆପଣାଇବାର ସମୟ ଆସିଛି। ସେହିପରି ନିଆଁ ଲିଭାଇବାର କୌଶଳ ମଧ୍ୟ ସ୍ଥାନୀୟ ଆଦିବାସୀଙ୍କ ସହ ଜଙ୍ଗଲ ସନ୍ନିକଟ ଅଧିବାସୀଙ୍କୁ ଶିଖାଇବା ଜରୁରୀ। ଯେଉଁମାତ୍ରାରେ ଦିନକୁ ଦିନ ଗଛ କଟାଯାଇ ବଡ଼ ବଡ଼ ସୁରମ୍ୟ ଅଟ୍ଟାଳିକା ତିଆରି ହେଉଛି ସେ କ୍ଷେତ୍ରରେ କେତେ ପରିମାଣର ବୃକ୍ଷରୋପଣ ହେଉଛି ?

ଜଙ୍ଗଲ କ୍ଷେତ୍ର ଛାଡ଼ନ୍ତୁ ସହରାଞ୍ଚଳରେ ଛୋଟବଡ଼ ଗଛ ରହିଥିବା ସ୍ଥାନରେ ଆମର ଅଳିଆ ଆବର୍ଜନାକୁ ସଫା କରିବା ନାମରେ ଯେଉଁ ନିଆଁ ଲଗାଯାଉଛି, ତାହାଦ୍ୱାରା ସହରାଞ୍ଚଳର ଛୋଟ ଛୋଟ ଗଛ ପୋଡ଼ି ନଷ୍ଟ ହେଉଛି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଏହାର ଅନୁଭୂତି କିଛି କମ୍ ନୁହେଁ। ତେଣୁ ସମୟ ଆସିଛି ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱକୁ ଦୃଢ଼ୀଭୂତ କରିବା। ନଚେତ୍ ଜଙ୍ଗଲ ନିଆଁ ସହରାଞ୍ଚଳକୁ ମାଡ଼ି ଆସିବାର ସମୟ ଆଉ ବେଶି ଦୂର ନୁହେଁ ?

ସହକାରୀ ବନ ସଂରକ୍ଷକ,
ରାୟଗଡ଼ା , ବନଖଣ୍ଡ, ରାୟଗଡ଼ା,
ମୋ-୯୪୩୭୨୫୭୧୨୩

## ଏଇ ଭାରତରେ

ପଇସାପତ୍ର ଅଭାବରୁ ଏକ ବୃଦ୍ଧ ଦମ୍ପତି ପରିଣତ ବୟସରେ ବାହା ହୋଇଛନ୍ତି। ତାହା ପୁଣି ବୟସ୍କ ଝିଅପୁଅ ଏବଂ ନାତୁଣୀନାତିଙ୍କ ମେଳରେ। ସେମାନେ ଏକତ୍ର ୫୦ ବର୍ଷ ହେଲା ରହିଆସୁଛନ୍ତି। ଏପରି ଏକ ଘଟଣା ଘଟିଛି ଗୁଜରାଟର ଉଦୟପୁରରେ। ଉଦୟପୁର ଅନ୍ତର୍ଗତ ଲାମ୍ବାଡିଆସ୍ଥିତ ମାଲବାସରେ ସମ୍ପନ୍ନ ହୋଇଛି ଏହି ବୟସ୍କ ବିବାହ। ୭୫ବର୍ଷ ବୟସ୍କ ଗମନା ସୋଲାଙ୍କି ୬୮ବର୍ଷ ବୟସ୍କା ବଞ୍ଜାରୀ ଦେବୀଙ୍କୁ ଧୁମ୍‌ଧାମରେ ବିବାହ କରିଛନ୍ତି। ଗମନାଙ୍କୁ ୨୫ବର୍ଷ ହୋଇଥିବାବେଳେ ସେ ବଞ୍ଜାରୀଙ୍କ ସହିତ ଲିଭ୍‌ଇନ୍‌ରେ ରହିବା ଆରମ୍ଭ କରିଥିଲେ। ସେତେବେଳେ ବଞ୍ଜାରୀଙ୍କୁ ୧୮ ବର୍ଷ ହୋଇଥିଲା। ଅର୍ଥାଭାବରୁ ସେମାନେ ବିବାହ କରିପାରି ନ ଥିଲେ। ଇତିମଧ୍ୟରେ ସେମାନଙ୍କ ୫ ପୁଅ ବାହା ହୋଇ ଘରକୁ ବୋହୂ ଆଣିଛନ୍ତି। ୨ ଝିଅଙ୍କ ବିବାହ ମଧ୍ୟ ହୋଇଯାଇଛି। ବୟସ୍କା ଦମ୍ପତି ନାତୁଣୀନାତି ମଧ୍ୟ ଦେଖିଲେଣି। ଏତେ ଦିନ ପରେ ବୃଦ୍ଧ ଦମ୍ପତିଙ୍କ ବିବାହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହେବା ସହିତ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୯୪

- ବିକ୍ରିକର ଓ ଏକକ ବିକ୍ରିକର ପରିବର୍ତ୍ତେ ସମଗ୍ର ଦେଶରେ ମୂଲ୍ୟଭିତ୍ତିକ ଟିକସ (ଭାଟ୍) ପ୍ରଚଳନ ପାଇଁ ଗତକାଲି ଅନୁଷ୍ଠିତ ଅର୍ଥମନ୍ତ୍ରୀ ସମ୍ମିଳନୀରେ ସହମତି ପ୍ରକାଶ ପାଇବା ପରେ ଏଥିପାଇଁ ୧୦ଟି ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଏକ କମିଟି ଗଢାଯାଇଛି।
- ବିଶ୍ୱବ୍ୟାଙ୍କର ଋଣ ଓ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେବାକୁ ଥିବା ରାଜ୍ୟ ସହରାଞ୍ଚଳ ବିକାଶ ପ୍ରକଳ୍ପରେ ଓଡ଼ିଶାର ୧୧ଟି ସହର ଅନ୍ତର୍ଭୁକ୍ତ କରାଯାଇଛି।

## ଚିରନ୍ତନୀ

ପ୍ରାସାଦ-କୁଟୀର ଭେଦ ମମତାର ବନ୍ଧନରେ ବାନ୍ଧି
ସକଳ ସଂଘର୍ଷ ପରେ ଶାନ୍ତି ଢାଳି ଜାଗ ଜାଗ ଗାନ୍ଧି!
ଜାଗ ଜାଗ ଯୁଗେ ଯୁଗେ କହି ତବ କଲ୍ୟାଣ ବାରତା-
ଲଭିପାରେ ଶାନ୍ତି ଧରା ନ ଗଡାଇ ପୁଞ୍ଜିପତି ମଥା।
(ଜାଗ ଜାଗ ଗାନ୍ଧି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | | 8 | | | | | | 6 | | | |
| | | 5 | | D | E | | 9 | | | 8 | 2 | | | A |
| B | 4 | | | | | 6 | 8 | | C | | | | E | 0 |
| C | | 0 | | 3 | 7 | 4 | A | | | | | | | |
| 9 | 8 | | 5 | | | | B | E | | | 0 | 7 | | |
| | | C | 9 | A | | 2 | | | | | | | | |
| | | | | C | | | 5 | | | | | 6 | | |
| | | | 7 | | | | | 1 | | | | 9 | | 4 |
| | | 1 | | | D | | C | 9 | 8 | | | | | B |
| | 3 | | | | | 0 | | | 5 | | E | 2 | C | |
| 4 | | | | | | D | 0 | | | B | | | A | |
| 1 | | 6 | 2 | | | 8 | | | | 5 | | | | |
| | B | | | 6 | | E | | | 4 | | | | | |
| 3 | 2 | | A | 5 | 0 | | 6 | | | E | | | | |
| | 7 | A | | | | B | | | | 1 | | | D | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | D | 9 | B | A | 6 | 4 | 7 | 3 | E | 5 | 8 | 2 | 0 | 1 |
| 2 | 3 | 4 | 5 | C | 1 | D | 0 | 6 | A | 9 | B | 7 | 8 | E |
| 8 | E | 7 | 0 | 4 | 9 | C | B | 5 | 2 | 1 | D | 3 | A | 6 |
| 5 | 0 | 1 | 2 | D | 3 | A | 8 | E | 4 | 6 | 7 | C | B | 9 |
| A | 6 | B | 7 | E | 8 | 9 | 1 | 2 | 0 | 3 | C | D | 4 | 5 |
| 6 | 8 | A | 1 | B | C | 5 | 9 | 4 | 7 | D | 0 | E | 2 | 3 |
| 4 | 2 | 0 | 6 | 9 | 7 | 3 | D | A | 8 | C | E | 1 | 5 | B |
| E | 7 | 5 | 3 | 0 | 2 | 8 | 6 | B | 1 | 4 | 9 | A | D | C |
| 3 | 1 | C | D | 8 | A | 0 | E | 7 | 5 | B | 2 | 9 | 6 | 4 |
| 9 | B | D | E | 5 | 4 | 1 | 2 | C | 3 | A | 6 | 8 | 7 | 0 |
| 0 | C | 2 | 9 | 6 | E | 7 | 5 | 1 | D | 8 | 4 | B | 3 | A |
| D | 4 | 6 | A | 1 | 5 | E | C | 8 | B | 2 | 3 | 0 | 9 | 7 |
| 7 | A | E | C | 2 | B | 6 | 3 | D | 9 | 0 | 5 | 4 | 1 | 8 |
| 1 | 9 | 3 | 8 | 7 | D | B | 4 | 0 | 6 | E | A | 5 | C | 2 |
| B | 5 | 8 | 4 | 3 | 0 | 2 | A | 9 | C | 7 | 1 | 6 | E | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଘାସମରା ବିଷ ବଳୟରେ ମଣିଷ

ମହାଶୟ,

ଅଧୁନା ଚାଷ ସମୟରେ ଜମିରେ ବଢୁଥିବା ଘାସ ମାରିବା ପାଇଁ ଚାଷୀ 'ଗ୍ଲାଇଫସେଟ୍' ନାମକ ଔଷଧ ପ୍ରୟୋଗ କରି ନିଜ ଜୀବନ ତଥା ଜନସାଧାରଣଙ୍କ ପାଇଁ ଅଶେଷ କ୍ଷତି ପହଞ୍ଚାଉଛି। ଏହି ବିଷ ପ୍ରଭାବରେ ମାରାତ୍ମକ କ୍ୟାନ୍‌ସର ହେବା ପ୍ରମାଣିତ। ଆହାର କଲା ସଂହାର। ଏଥିଯୋଗୁ ଜୈବବିବିଧତା ଆଜି ବିପନ୍ନ। ଆଧୁନିକ ଜ୍ଞାନକୌଶଳ ଜୈବିକ ପଦ୍ଧତିର ପଥରୋଧ କରୁଛି। ଶ୍ରମ ଉପଯୋଗ କରି ଜମିରୁ ଘାସ ଉପୁଡ଼ାଇବା ହିଁ ଠିକ୍। ଚାଷୀକୁଳର ମାନସିକତାରେ ପରିବର୍ତ୍ତନ ଆସୁ। ଦେଶ ତଥା ରାଜ୍ୟର କୃଷି ମନ୍ତ୍ରଣାଳୟ ଏ ଦିଗରେ ସମୁଚିତ ଧ୍ୟାନ ଦେଉ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଲାଞ୍ଚୁଆ ଅଫିସରଙ୍କୁ ବହିଷ୍କାର କରାଯାଉ

ଯେଉଁମାନେ ଏ ରାଜ୍ୟର ରକ୍ଷକ, ସେହିମାନଙ୍କର ଦୁର୍ଗୁଣ ବେଶ୍ ପରିଲକ୍ଷିତ ହେଉଛି। ସରକାରଙ୍କଠାରୁ ସେମାନେ କ୍ଷମତା ପାଇଛନ୍ତି ସୁଶାସନ କରିବା ପାଇଁ। ଅଥଚ ସେମାନଙ୍କର କୁଶାସନ ଜନସମାଜକୁ ଉଚ୍ଛନ୍ନ କରିପକାଉଛି। ପୋଲିସ ସମାଜରେ ଶୃଙ୍ଖଳା ରଖିବା କଥା। ସେମାନଙ୍କର ନାଲିଆଖି ଲୋକଙ୍କୁ ଭୟଭୀତ କରୁଛି। ଲୋକଙ୍କୁ ନ୍ୟାୟ ମିଳୁନାହିଁ। ଅନେକ ସମୟରେ ସେମାନେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଧରାପଡ଼ି ନିଲମ୍ବିତ ହେଉଛନ୍ତି। ପୁଣି ପୁନର୍ନିଯୁକ୍ତି ପାଇ ସେହି ଚୌକିରେ ବସି ରାଜ୍ କରୁଛନ୍ତି। ନା ସେମାନଙ୍କର ଡରଭୟ ଅଛି ନା ପଶ୍ଚାତ୍ତାପ। ଯଦି ସେମାନଙ୍କୁ ବହିଷ୍କାର କରାଯାନ୍ତା ତେବେ ସେମାନେ ଏପରି କାମ କରିବାକୁ ମନ ବଳାନ୍ତେ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ସଂସ୍କାର ଅଣାଯାଉ

ଆଜିକାଲି ସିନେମା ଜଗତ ଦ୍ୱାରା ଅଧିକ ସଂଖ୍ୟାରେ ପ୍ରେମଜନିତ ନଗ୍ନ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଉଛି, ଯାହାକୁ ଦେଖି ବିଶେଷକରି ଆମର ଯୁବସମାଜ ବିଭ୍ରାନ୍ତ ଓ ବିପଥଗାମୀ ହେଉଛନ୍ତି ଏବଂ ଅନେକ ପ୍ରକାର ଅସାମାଜିକ ଓ ପାପ କାର୍ଯ୍ୟ କରୁଛନ୍ତି, ଯାହା ପୂର୍ବକାଳ ବା ସମୟ ଅପେକ୍ଷା ଯଥେଷ୍ଟ ଅଧିକ। ତେଣୁ ଚଳଚ୍ଚିତ୍ର ନିର୍ମାତାମାନେ ସମାଜ ଏବଂ ଦେଶର ମଙ୍ଗଳ ପାଇଁ ଅଧିକ ସଂଖ୍ୟାରେ ସାମାଜିକ, ପୌରାଣିକ ଓ ବାସ୍ତବବାଦୀ ବା ବାସ୍ତବଧର୍ମୀ ଚଳଚ୍ଚିତ୍ର ନିର୍ମାଣ କରନ୍ତୁ, ଯାହାକୁ ଦେଖି ଲୋକେ ପ୍ରକୃତ ଉପକୃତ ହେବେ ଏବଂ ଅସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରହି ରାଜ୍ୟ ତଥା ଦେଶର ହିତ ସାଧନରେ ଅଧିକ ମନୋଯୋଗ ଦେବେ।

ଡା. ଅଜିତ୍ ବେଉରା, ତାଳପଡ଼ା, ରାହାମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା। - ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ରବି ଧାନ ବିକ୍ରି କରିବାରୁ ବଞ୍ଚିତ ବସନ୍ତପୁର ପଞ୍ଚାୟତ ଚାଷୀ

ଚିପିଲିମା,୨୮।୫(ଡି.ଏନ୍.ଏ.) ସମ୍ବଲପୁର ଜିଲାରେ ଗତ ମେ' ୧୦ରେ ରବିଋତୁ ଧାନକିଣା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ପ୍ରକୃତରେ ୧୪ ତାରିଖର ଧାନକିଣା ଆରମ୍ଭ ହୋଇଥିଲା। ଚାଷୀମାନେ ପି-ପାସ୍ ପାଇଁ ନିଜ ନିଜ ସମବାୟ ସମିତିରେ ଆବେଦନ କରିଥିଲେ। ସମ୍ବଲପୁର ଧନକଉଡ଼ା ବ୍ଲକ ଗୋବିନ୍ଦପାଲିସ୍ଥିତ ଚାରପାଲି ମାର୍କେଟ ୟାର୍ଡରେ କର୍ଡୋଲା, ବସନ୍ତପୁର ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରୁଥିବାବେଳେ ବସନ୍ତପୁର ପଞ୍ଚାୟତର ଅଧିକାଂଶ ଚାଷୀ ପି-ପାସ୍ ପାଇବା ପାଇଁ ଆବେଦନ କରିଥିଲେ ହେଁ ଅଦ୍ୟାବଧି ପାଇପାରି ନାହାନ୍ତି। ଧାନ ଅମଳ କରି ଶହ ଶହ ବସ୍ତା ଧାନ ଖୋଲା ଆକାଶ ତଳେ ଖଳାରେ ପଡ଼ି ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅମଳ ଧାନ ବର୍ଷାରେ ଭିଜିଯାଇଥିବା ଆଶଙ୍କାରେ ଚାଷୀମାନେ ରହିଛନ୍ତି। ଅପର ପକ୍ଷରେ ଚାଷୀମାନେ ଅମଳ ଧାନ ବିକ୍ରି କରି ଶ୍ରମିକ ପାଉଣା କରିବା ଅପେକ୍ଷାରେ ଥିବା ବେଳେ ପି-ପାସ୍ ଅଭାବରୁ ଧାନ ବିକ୍ରି କରି ନ ପାରି ଅଭାବି ବିକ୍ରିର ଶିକାର ହେଉଥିବା ମଧ ଅଭିଯୋଗ ଆସୁଛି। ପି-ପାସ ପାଇଁ ୧୫ ଦିନ ହେଲା ସମସ୍ତ ଆବଶ୍ୟକ କାଗଜପତ୍ର କର୍ଡୋଲା ସେବା ସମବାୟ ସମିତିରେ ଦାଖଲ କରିଥିବା ବେଳେ ଅଦ୍ୟାବଧି ଆସି ନ ଥିବା ଅଭିଯୋଗ ଆଣିଛନ୍ତି ସତୀଯୋରର ଚାଷୀ ବିଶ୍ୱ ପଣ୍ଡା। ଏଥିପାଇଁ ସେ ପ୍ରଶାସନିକ କଳକୁ ଦାୟୀ କରିଥିବା ବେଳେ ବସନ୍ତପୁର ପଞ୍ଚାୟତ ଚାଷୀଙ୍କ ପ୍ରତି ପ୍ରଶାସନର ବୈମାତୃକ ମନୋଭାବ ରହିଥିବା ସେ କହିଛନ୍ତି। ଫଳରେ ପ୍ରତିବର୍ଷ ଏପରି ସମାନ ସ୍ଥିତି ଉପୁଜିଥାଏ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କର୍ଡୋଲା ସେବା ସମବାୟ ସମିତି ସମ୍ପାଦକ ବିମଳେଶ୍ୱର ଛନ୍ଦଙ୍କୁ ପଚାରିବାକୁ ସେ କହିଲେ, ବିଭିନ୍ନ କାରଣରୁ ପ୍ରକ୍ରିୟାରେ ବିଳମ୍ବ ହୋଇଛି। ଅନେକଙ୍କ ପି-ପାସ୍ ଆସିଯାଇଛି। ଆଜି ଅନେକ ଚାଷୀ ଧାନ ବିକ୍ରି ମଧ କରିଛନ୍ତି। ଏଣିକି ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ।

### ଅଭିନବ ଉପାୟରେ ଟ୍ରାଫିକ ପୋଲିସର ସଚେତନତା

ସମ୍ବଲପୁର,୨୮।୫(ବ୍ୟୁରୋ): ସମ୍ବଲପୁର ଟ୍ରାଫିକ ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟମ ପାଳନ ନେଇ ଲୋକଙ୍କୁ ଅଭିନବ ଉପାୟରେ ସଚେତନ କରାଯାଉଛି। ପ୍ରାୟ ୩ ଦିନ ହେଲା ସହରର ବିଭିନ୍ନ ସ୍ଥାନରେ ବାଇକ୍‌ଗୁଡ଼ିକର ନମ୍ବର ପ୍ଲେଟ ଯାଞ୍ଚ କରାଯାଉଛି। ଯଦି ନିମୟ ଅନୁସାରେ ନମ୍ବର ପ୍ଲେଟରେ ନମ୍ବର ଲେଖାଯାଇ ନାହିଁ ତେବେ ପୋଲିସ ନମ୍ବର ଏହାକୁ ଖୋଲିଦେଉଛି। ନମ୍ବର ପ୍ଲେଟ କିଭଳି ଲେଖାଯାଏ ସେ ନେଇ ପୋଲିସ ସମ୍ପୃକ୍ତ ବାଇକ୍ ଚାଳକଙ୍କୁ ସଚେତନ କରୁଛି। ପ୍ରାୟ ୬୦ ବାଇକ୍‌ର ନମ୍ବର ପ୍ଲେଟ ଖୋଲାଯାଇଥିବା ଟ୍ରାଫିକ ଡିଏସ୍‌ପି ସୁଜାତା ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ସହରରେ ଅପରାଧିକ କାର୍ଯ୍ୟକଳାପରେ ପ୍ରାୟ ବାଇକ୍ ବ୍ୟବହାର ହୋଇଥାଏ। ଲୁଟ, ଚୋରି ଓ ମାରପିଟ ଭଳି ଅପରାଧ ଘଟାଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥାନ୍ତି। ହେଲେ ନମ୍ବର ପ୍ଲେଟରେ ଫ୍ୟାନ୍ସି ତଥା ବିକୃତ ଭାବେ ନମ୍ବର ଲେଖାଯାଇଥିବା ଯୋଗୁ ସେଗୁଡ଼ିକୁ ଧରିବା ସମ୍ଭବ ହୁଏନାହିଁ। ତେଣୁ ଏହି ପଦକ୍ଷପ ନିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

■ ଠାକୁରପଡ଼ା ଶୀତଳଷଷ୍ଠୀ ଯାତ୍ରା

# ମୟୂର ସିଂହାସନ ମୁଖ୍ୟ ଆକର୍ଷଣ

ସମ୍ବଲପୁର,୨୮।୫(ବ୍ୟୁରୋ)

ଠାକୁରପଡ଼ା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାରେ ମୟୂର ସିଂହାସନ ଭକ୍ତମାନଙ୍କୁ ଆକୃଷ୍ଟ କରିବ। ଏହି ସିଂହାସନରେ ବାବା ଗୁପ୍ତେଶ୍ୱର ଓ ମା' ପାର୍ବତୀ ଉପବିଷ୍ଟ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଏହାକୁ ଦୃଷ୍ଟିରେ ରଖି ଯାତ୍ରା କମିଟି ଚଳିତବର୍ଷ ମୁଖ୍ୟ ପରଭା (ସିଂହାସନ) ତାରକଶି କାମରେ ତିଆରି କରୁଛନ୍ତି। ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ଲାଗି କମିଟି କର୍ମକର୍ତ୍ତା, ସଭ୍ୟ, ଅଞ୍ଚଳବାସୀ, ଶିଳ୍ପୀ ପ୍ରଭୃତି କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ସୂଚନାଯୋଗ୍ୟ, ୧୯୮୬ରୁ ବାବା ଗୁପ୍ତେଶ୍ୱର ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ହୋଇଆସୁଛି। କିନ୍ତୁ ବିଗତ ୧୫ବର୍ଷ ହେବ ବିବାହ ସହ ଆଡ଼ମ୍ବରରେ ଯାତ୍ରା କରାଯାଉଛି।

**କର୍ମକର୍ତ୍ତା**

ଯାତ୍ରା କମିଟିରେ କର୍ମକର୍ତ୍ତାଙ୍କ ସମେତ ୧୫୦ ସଭ୍ୟ ରହିଛନ୍ତି। ସଭାପତି ଶିବ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଜଗଦୀଶ ସିଂ, ଧର୍ମେନ୍ଦ୍ର ସିଂ, ଉପସଭାପତି ଦେବରାଜ ପ୍ରଧାନ, ଭବାନୀଶଙ୍କର ବାବୁ, ଗୋଲକ ବିହାରୀ ମିଶ୍ର, ବାବୁଲୁ ନାୟକ, ସୁଧୀର ପଟ୍ଟନାୟକ, ରାଜେନ୍ଦ୍ର ଗୁପ୍ତା, ସାଧାରଣ ସମ୍ପାଦକ ସନ୍ତୋଷ ବାଗ, ସାନନ୍ଦ ଜାଲ, ଆନନ୍ଦ ଜାଲ, ସାଙ୍ଗଠନିକ ସମ୍ପାଦକ ସନ୍ତୋଷ ସିଂ, ବଳରାମ ବେହେରା, ସନ୍ଦୀପ ନାୟକ, କିଶୋର ମହାକୁର, କୋଷାଧ୍ୟକ୍ଷ ବିଶ୍ୱ ଦୋରା, କାଳିଆ ଦୋରା, ସାଂସ୍କୃତିକ ସମ୍ପାଦକ ସଞ୍ଜୁ ଷଣ୍ଢ, ସଞ୍ଜୀବ ଆଚାର୍ଯ୍ୟ, ଗିରୀଶ ବାରିକ, ଶ୍ରଦ୍ଧାକର ବାରିକ, କୀର୍ତ୍ତି ବାଗ, ସାଜସଜ୍ଜା ସମ୍ପାଦକ ଜୟକୁମାର ବେହେରା, ନାରାୟଣ ସାହୁ, ଭବାନୀ ମହାକୁର, ରହଣି ସମ୍ପାଦକ ବାବୁଲୁ ସାହୁ, ରବୀନ୍ଦ୍ର ସାହୁ, ତମୁଡୁ ବାବୁ ଓ ଡିଳେଶ୍ୱର ପ୍ରଧାନ ଯାତ୍ରା ପ୍ରସ୍ତୁତିରେ ଲାଗିଛନ୍ତି। ତାଙ୍କୁ ସହରର ବିଭିନ୍ନ ଅଞ୍ଚଳର ୧୩ଜଣ ଉପଦେଷ୍ଟା ସହଯୋଗ କରୁଛନ୍ତି।

**୨୫ ଲକ୍ଷ ବ୍ୟୟ ଅଟକଳ**



ମଙ୍ଗଳବାର ସମ୍ବଲପୁର ମୁଦିପଡ଼ାଠାରେ ଠାକୁରପଡ଼ା ଯାତ୍ରା କମିଟି ପରଭା ନିର୍ମାଣ ଚାଲିଛି।

ଚଳିତବର୍ଷ ଯାତ୍ରା ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। କମିଟିର ୧୫୦ ସଭ୍ୟଙ୍କ ସମେତ ଗୋପାଳମାଲ, ଠାକୁରପଡ଼ା, ବେହେରାମୁଣ୍ଡା, ପାଞ୍ଚଗଛିଆ, ବୁଢ଼ାରଜା, ଫାଟକ, ଦାନୀପାଲି, ଭୀମ ଭୋଇ ନଗର ଅଞ୍ଚଳର ଭକ୍ତମାନେ ଯାତ୍ରା ଲାଗି ଆର୍ଥିକ ସହାୟତା ଦେଇଥାନ୍ତି। ଚଳିତବର୍ଷ ସରକାରୀ ସହାୟତା ମଧ ମିଳିବା ଆଶା ରହିଛି। ୧୫ବର୍ଷର ଯାତ୍ରା ହୋଇଥିଲେ ସୁଦ୍ଧା ଆମେ ପ୍ରତିବର୍ଷ ନୂତନତାକୁ ଆପଣାଇ ଥାଉ। ତେଣୁ ଶୋଭାଯାତ୍ରାରେ ଯାଜପୁର ମହିଳା କଳସ ନାଚ, ଆଦିବାସୀ ନୃତ୍ୟ, ଛତିଶଗଡ଼ର ଝାଞ୍ଜି, ଘୁମୁରା, ଗଞ୍ଜାମର ଦଶାବତାର, ଭଞ୍ଜନଗରର ପୁତୁଲି ନାଚ, ଦୁର୍ଗର ମୟୂରକୁଳ ନୃତ୍ୟ ଓ ଶବର ନାଚ, ସମ୍ବଲପୁରର ସମ୍ପ୍ରଦା, ଦୁଲଦୁଲି, ଘଣ୍ଟ, ବାଡ଼ି ଖେଳ ସାମିଲ ହେବ। ସେହିପରି ରଥ ନାଚରେ ବ୍ରହ୍ମପୁର, ଭୁବନେଶ୍ୱର, ରାୟପୁର, ଦୁର୍ଗ, ଅମ୍ବିକାପୁର ଅଞ୍ଚଳର କଳାକାରମାନେ ନୃତ୍ୟ ଓ ଗୀତ ପରିବେଷଣ କରିବେ। ପ୍ରଜ୍ଞାପନ ମେଢ଼ରେ ଚକୁଳିଆ ପଣ୍ଡା, ପର୍ଶୁରାମ, ଯବାନ ଅଭିନନ୍ଦନ, ନବଗୁଞ୍ଜି, ବିଶ୍ୱ ମାନଚିତ୍ର ଓ ଡବ୍ଲୁଡବ୍ଲୁଏଫ୍‌ରେ ମଞ୍ଚ ସାମିଲ ହେବ। ଏହା ଦର୍ଶକଙ୍କୁ ବିମୋହିତ କରିବ ବୋଲି କହନ୍ତି ସଭାପତି ଶିବ ପ୍ରଧାନ।

**ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି**

ଜିଲା ପ୍ରଶାସନ ପକ୍ଷରୁ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ ହୋଇଥାଏ। ପ୍ରଶାସନିକ ଅଧିକାରୀମାନେ ଯାତ୍ରା ପଥ ଓ ଅଞ୍ଚଳର ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ତାହା କାର୍ଯ୍ୟକାରୀ ହୋଇ ନ ଥାଏ। ଫଳରେ ଆମେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଉ। ଚଳିତବର୍ଷ ଫାଟକ ମାଲିପଡ଼ାରୁ ଗୋପାଳମାଲ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ରହିଛି। ରାସ୍ତାରେ ବିଦ୍ୟୁତ୍ ତାର ଝୁଲୁଛି। ସେହିପରି କଳାକାରମାନେ ରହୁଥିବା ରାମଚଣ୍ଡି ସେବାସଦନ ଅଞ୍ଚଳ ଅନ୍ଧକାର ହୋଇଥାଏ। ଏ ସବୁର ସୁବିଧା କରିବା ପାଇଁ ଗତ ୧୫ବର୍ଷ ହେବ ଦାବି କରିଆସୁଛୁ। ଚଳିତବର୍ଷ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବ ବୋଲି ଆଶା ରଖିଛୁ। ଅପରପକ୍ଷେ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି କମିଟିର ଶହେ ସଭ୍ୟ ପୋଲିସକୁ ସହଯୋଗ କରିବାକୁ ସ୍ଥିର ହୋଇଛି ବୋଲି କହନ୍ତି ସାଧାରଣ ସମ୍ପାଦକ ସନ୍ତୋଷ ବାଗ।

**ମତ୍ସ୍ୟ ସିଂହାସନରେ ରାମସୀତା**

ମୁଖ୍ୟ ଶୋଭାଯାତ୍ରାରେ ତିନୋଟି ରଥ ସାମିଲ ହୋଇଥାଏ। ମୁଖ୍ୟ ରଥ ପରଭା (ସିଂହାସନ) ତାରକଶି କାମ କରାଯାଉଛି। ଏଥିରେ ୧୬ଟି ମୟୂର ଓ ୧୬ଟି ପଦ୍ମ ଫୁଲ ଖଞ୍ଜାଯିବ। ସେହିପରି ଥର୍ମକୁଲରେ ହନୁମାନଙ୍କ ପରଭା ହେବ। ଏଥିରେ ଫୁଲ ଓ ଲତା ସଜ୍ଜିତ କରାଯିବ। ରାମସୀତା ମତ୍ସ୍ୟ ସିଂହାସନରେ ବିରାଜିବେ। ଏହି ସିଂହାସନରେ ୮ଟି ମାଛ ଖଞ୍ଜାଯିବ। ତେଣୁ ପରଭାଗୁଡ଼ିକରେ ଚୁମକି, ଲେସ, କାଚ ଗୋଲ, ବିଭିନ୍ନ ପ୍ରକାରର ରଙ୍ଗ ବ୍ୟବହୃତ କରାଯାଉଛି। ଗତ ୮ଦିନ ହେବ କାର୍ଯ୍ୟ ଆରମ୍ଭ କରିଛୁ। ଆସନ୍ତା ୫ ତାରିଖରେ ସମସ୍ତ ପରଭା କମିଟିକୁ ହସ୍ତାନ୍ତର କରିବୁ। ପ୍ରାୟ ୫୫ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମୁଖ୍ୟଶିଳ୍ପୀ ଲକ୍ଷ୍ମଦତ୍ତ ତରିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଛି ବୋଲି କହନ୍ତି ଶିଳ୍ପୀ ସୁରତ ତରିଆ।



ସୁରତ ତରିଆ, ଶିଳ୍ପୀ।



ଶିବ ପ୍ରଧାନ, ସଭାପତି।



ସନ୍ତୋଷ ବାଗ ସମ୍ପାଦକ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୪ ଆହତ

ପଡ଼ିଆବାହାଲ,୨୮।୫ (ଡି.ଏନ୍.ଏ.)

୫୩ନଂ ଜାତୀୟ ରାଜପଥର ବାରିବନ୍ଧ ରାଇସ୍ ମିଲ ସାମନାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ବାଇକ୍‌ରେ ଥିବା ୫ଜଣ ବ୍ୟକ୍ତି ରାଜପଥରେ ଛିଟିକି ପଡ଼ିଥିଲେ। ଏହି ସମୟରେ ଦେବଗଡ଼ ପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ସିଜି୦୭-ବିକ୍ୟୁ୭୭୩୫ ନମ୍ବର କୋଇଲା ପଥର ବୋଝେଇ ଟ୍ରକ୍ ଜଣକ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଜମନକିରା ଥାନା ହଳଦୀବାହାଲ ଗ୍ରାମର ଜୁନାସ ବାର୍ଜୋ (୪୨)। ଜୁନାସ ଓଆର୍୧୫-ଡି୫୭୫୫ନଂ ବାଇକ୍ ତାଙ୍କ ଝିଆରୀ ପ୍ରମିଳା ବାର୍ଜୋଙ୍କୁ ବସାଇ ସମ୍ବଲପୁର ଯିବାବେଳେ ଏହି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ପ୍ରମିଳାଙ୍କ ସମେତ ଅନ୍ୟ ବାଇକ୍‌ରେ ଥିବା ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳିଛି। ସେ ହେଲେ ଜମନକିରା ବ୍ଲକ ବାଙ୍କଟାଲ ଗ୍ରାମର ନୀଳା କେରକେଟା (୨୨)। ପ୍ରମିଳା, ନୀଳା ଓ ଅନ୍ୟ ଜଣଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ନୀଳାଙ୍କ ସହ ଥିବା ଅନ୍ୟ ଯୁବକ ଜଣକ ବାଇକ୍ ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ଟ୍ରକ୍ ଓ ଗୋଟିଏ ଜୁନାସଙ୍କ ବାଇକ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ପୁଞ୍ଜିଲଏଡ୍ ଠିକାସଂସ୍ଥା କରୁଛି। ତେବେ ଅତି ମନ୍ଥର ଗତିରେ କାମ ହେଉଛି। ଅଧାପନ୍ତରିଆ କାମ କରି ପକାଇ ରଖିବା ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ଦୁର୍ଘଟଣା ଜନିତ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି ହେଉଛି।

■ ପୋଖରୀରେ ବୁଡ଼ି ନବୋଦୟ ଛାତ୍ରଙ୍କ ମୃତ୍ୟୁ ଘଟଣା

## ଅବହେଳାରୁ ମୃତ୍ୟୁ, ଏକାଡେମୀ ମାଲିକ ଗିରଫ

ସମ୍ବଲପୁର,୨୮।୫(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା କାଇଁଶିର କାଇଁଶିରସ୍ଥିତ ଗୌରାଙ୍ଗ ଏକାଡେମୀ ପକ୍ଷରୁ ଆୟୋଜିତ ସମର କ୍ଲାସରେ ଯୋଗଦେଇଥିବା ଗୋଶାଳା ନବୋଦୟ ବିଦ୍ୟାଳୟ ଛାତ୍ର ତଥା ବାମରା ଗ୍ରାମର ରଜତ କୁମାର ସାହୁ (୧୫)ଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ତଦନ୍ତ କରି ପୋଲିସ ଏକାଡେମୀ ମାଲିକ ଅସିତ ପୁରୋହିତକୁ ଗିରଫ କରିଛି। ଏକାଡେମୀ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ରଜତଙ୍କ ମୃତ୍ୟୁ ଘଟିଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପଟେ ଏକାଡେମୀର ସରକାରୀ ସ୍ୱୀକୃତି ନାହିଁ। ସୁରକ୍ଷା ବ୍ୟବସ୍ଥା ଭିଲା ରହିଥିଲା। ଗାର୍ଡ କିମ୍ବା ୱାର୍ଡେନ ନ ଥିଲେ। ଏ ସବୁ ବ୍ୟବସ୍ଥା ରହିଥିଲେ ରଜତ ସାଙ୍ଗମାନଙ୍କ ସହ ବାହରକୁ ଯାଇପାରି ନ ଥାନ୍ତେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ ଅସିତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ରଜତ ଚଳିତବର୍ଷ ଅଷ୍ଟମ ଶ୍ରେଣୀ ପାସ୍ କରି ନବମ ଶେଣୀକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଏପ୍ରିଲ ୩୦ ତାରିଖରୁ ସେ ଖରା ଛୁଟିରେ ଘରକୁ ଯାଇଥିଲେ। ଗୌରାଙ୍ଗ ଏକାଡେମୀ ପକ୍ଷରୁ ଆୟୋଜିତ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ସେ ନାମ ଲେଖାଇଥିଲେ। ଗତ ଶୁକ୍ରବାର ସକାଳେ ସେ ୬ ଜଣ ସାଙ୍ଗଙ୍କ ସହ ଏକାଡେମୀ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଏକାଡେମୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନା ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ରଜତଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଲକ୍ଷ୍ମୀଧର ସାହୁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୨୦୬/୧୯) ରୁଜୁ କରି ତଦନ୍ତ କରୁଥିଲା। କେବଳ ଗୌରାଙ୍ଗ ଏକାଡମି ନୁହେଁ, ସହରରେ ୫୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ କୋଚିଂ ସେଣ୍ଟର ରହିଛି। ଏହି କୋଚିଂ ସେଣ୍ଟରଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଓ ସରକାରୀ ନିୟମ ପାଳନ କରୁଛନ୍ତି କି ନାହିଁ ସେ ନେଇ ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

### ମୃତ୍ୟୁଞ୍ଜୟ ମିଶ୍ରଙ୍କ ଶୋକସଭା

ଚିପିଲିମା,୨୮।୫(ଡି.ଏନ୍.ଏ.)

ବୁର୍ଲା ଭାଜପାର ସକ୍ରିୟ କର୍ମୀ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଶୋକସଭା ମଙ୍ଗଳବାର ଭାଜପା ବୁର୍ଲା ମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ବୁର୍ଲା ମଣ୍ଡଳ ସଭାପତି ଆଡ୍‌ଭୋକେଟ ନମ୍ରସକାନ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁଧୀର କୁମାର ପୂଜାରୀ, ଯୁବମୋର୍ଚ୍ଚା ସଭାପତି ଧର୍ମେନ୍ଦ୍ର ଗିରି, ଉପସଭାପତି ସନ୍ତୋଷ କୁମାର ସାହୁ, ଓବିସି ମୋର୍ଚ୍ଚା ସଭାପତି ନରେନ୍ଦ୍ର ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ଦୟାନନ୍ଦ ନାୟକ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏମ୍‌ଡି ଅନସାର ଲାଡ୍ରି, ସାଧାରଣ ସମ୍ପାଦକ ରଞ୍ଜିତ ସିଂ, ଏସ୍‌ସି ମୋର୍ଚ୍ଚା ସାଧାରଣ ସମ୍ପାଦକ ହୃଷୀକେଶ ସରଭଙ୍ଗ, ନରେନ୍ଦ୍ର ଷଣ୍ଢ, ବବଲୁ ବେଶନ, ମାନସରଞ୍ଜନ ଦାସ, ଅର୍ଜୁନ ପୋଢ଼, କୈଳାସ ଦାସ, କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ।



ଜାତୀୟ କନ୍‌କ୍ଲେଭରେ ବେଦାନ୍ତ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

### ଜାତୀୟ କନ୍‌କ୍ଲେଭ୍‌ରେ ବେଦାନ୍ତ ପୁରସ୍କୃତ

ସମ୍ବଲପୁର,୨୮।୫(ବ୍ୟୁରୋ)

ସୁରଟ ଓରୋ ବିଶ୍ୱବିଦ୍ୟାଳୟ ଆୟୋଜିତ ୫ଏସ୍ ଜାତୀୟ କନ୍‌କ୍ଲେଭରେ ଝାରସୁଗୁଡ଼ାସ୍ଥିତ ବେଦାନ୍ତ କମ୍ପାନୀ ପୁରସ୍କୃତ ହୋଇଛି। କମ୍ପାନୀର ପ୍ଲାଣ୍ଟ-୧ ଓ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ୫ଏସ୍‌ରେ ନିଜର ନବୀନତା, ରଚନାତ୍ମକ ବିଚାର ଓ କାଇଜେନ ସକାଶେ ଏକ୍ସଲେନ୍ସ ଏବଂ ବେଷ୍ଟ ପର୍ଫର୍ମାନ୍ସ ପୁରସ୍କାର ପାଇଛି। କମ୍ପାନୀ ସିଇଓ ଅଭିଜିତ ପତି କହିଛନ୍ତି, ୫ଏସ୍ ପୁରସ୍କାର ମନୋଭାବ ପୂର୍ବକ ନିଜ ବ୍ୟବସାୟରେ ସୁଧାର ଓ ଉନ୍ନତ ପ୍ରଦର୍ଶନ ଲାଗି ସର୍ବଦା ତତ୍ପର, ବ୍ୟବସାୟିକ ସହ ଅଧିକ ସମନ୍ୱିତ କରିପାରିବ। ଅପରପକ୍ଷେ ବେଦାନ୍ତ କମ୍ପାନୀ ଉତ୍କୃଷ୍ଟ ବ୍ୟବସାୟିକ ପଦ୍ଧତିକୁ ଆପଣାଇ ନିଜ ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବା ସହ ଭବିଷ୍ୟତ ଲାଗି ପ୍ରସ୍ତୁତ କରିପାରିଛି। ତେଣୁ କମ୍ପାନୀ ଅନେକ ପୁରସ୍କାର ପାଇପାରିଛି ବୋଲି ସେ କହିଛନ୍ତି।

## ହରଡ଼ଯୋରରେ ମିଶୁଛି ମଇଳା ପାଣି, ଆବର୍ଜନା

■ ପଦକ୍ଷେପ ନେବାକୁ ଏମ୍‌ଏମ୍‌ସି କମିଶନରଙ୍କ ନିକଟରେ ଦାବି

ସମ୍ବଲପୁର,୨୮।୫(ବ୍ୟୁରୋ)

ସମ୍ବଲୁପର ମହାନଗର ନିଗମ ଗୋବିନ୍ଦତୋଳା ନିକଟ ହରଡ଼ଯୋରାରରେ ସହରର ମଇଳା ପାଣି ଓ ଆବର୍ଜନା ମିଶୁଛି। ଏହି ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ମହାନଗର ନିଗମ କମିଶନର ତ୍ରିଲୋଚନ ମାଝିଙ୍କୁ ଗୋବିନ୍ଦତୋଳାବାସୀ ଭେଟି ଦାବି କରିଛନ୍ତି। ଅଭିଯୋଗ କ୍ରମେ ସହରର ବିଭିନ୍ନ ପଡ଼ାରୁ ଧୋବିଯୋର ନାଳ ଦେଇ କମିଶନର କଲୋନୀ ହାଇସ୍କୁଲ ନିକଟ ହରଡ଼ଯୋରରେ ମଇଳା ପାଣି ଓ କୁଢ଼ କୁଢ଼ ଆବର୍ଜନା ମିଶୁଛି। ଗ୍ରୀଷ୍ମଋତୁରେ ପାଣି ସମସ୍ୟା ଯୋଗୁ ଅଞ୍ଚଳବାସୀ ଗାଧୋଇବା ପାଇଁ ହରଡ଼ଯୋର ଉପରେ ନିର୍ଭର କରନ୍ତି। ଏବେ ପାଣି ଦୂଷିତ ହୋଇଯାଇଥିବାରୁ ଚର୍ମ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏହା ସହ ପଡ଼ାର ଉଭୟ ପାର୍ଶ୍ୱରେ ଥିବା ନାଳଗୁଡ଼ିକ ସଫେଇ କରାଯାଉ ନାହିଁ। କର୍ମଚାରୀମାନେ ମାତ୍ର ୨ ଘଣ୍ଟା କାମ କରି ପଳାଇ ଯାଉଛନ୍ତି। ସଫେଇ କର୍ମଚାରୀଙ୍କୁ ଠେଲା ଗାଡ଼ି ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ଦିଆଯାଉ ନାହିଁ। ନାଳଗୁଡ଼ିକରେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ମଶା ମାଛିଙ୍କ ଦୌରାତ୍ମ୍ୟ ବଢ଼ିଯାଇଛି। ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ଲୋକେ। ପୂର୍ବତନ କାଉନସିଲର ଦାମୋଦର କର, ସନ୍ତୋଷ ଧରେଇ, ପ୍ରଭାତୀ କର, କାଞ୍ଚନ ଧରେଇ, ଅରୁଣ କୁମାର ଦାସ, ରାଜାରାମ ପାଢ଼ୀ, ଆକାଶ ସାଗର, ବିକାଶ ସୁନାର ପ୍ରମୁଖଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର କମିଶନରଙ୍କୁ ପ୍ରଦାନ କରାଯାଇଛି।



ସମ୍ବଲପୁର ମହାନଗର ନିଗମ ଗୋବିନ୍ଦତୋଳାବାସୀ କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

## ସୁଦମୁଣ୍ଡାରେ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ହେଉ

ରେଢାଖୋଲ,୨୮।୫(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତର ସୁଦମୁଣ୍ଡା ଗ୍ରାମରେ ଉଠାଜଳସେଚନ ପଏଣ୍ଟ ସ୍ଥାପନ ହେଉ। ଏହି ଦାବି ନେଇ ମଙ୍ଗଳବାର ସୁଦମୁଣ୍ଡା ଗ୍ରାମବାସୀ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ଦାବି କରିଛନ୍ତି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦାବୀ କରିଛନ୍ତି ଯେ, ସୁଦମୁଣ୍ଡା ଗ୍ରାମ ଏକ ଚିର ମରୁଡି ପ୍ରପୀଡିତ ଗ୍ରାମ। ବର୍ଷା ଜଳ ଉପରେ ନିର୍ଭର କରି ଏହି ଗ୍ରାମର ଚାଷୀ ଚାଷ କାର୍ଯ୍ୟ କରିଥାନ୍ତି। ହେଲେ ବର୍ଷାର ଅନିୟମିତତା ଯୋଗୁ ବହୁ ବର୍ଷ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥାଏ। ଗ୍ରାମବାସୀ ଗ୍ରାମ ନିକଟ ଦେଇ ବହି ଯାଇଥିବା କେରାଣ୍ଡି ଯୋରରୁ ଚାଷଜମିକୁ ଜଳସେଚନ ପାଇଁ ଏକ ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରାଯିବାକୁ ଦାବି କରିଥିଲେ। ସରକାର ସୁଦମୁଣ୍ଡା ଗ୍ରାମରେ ଉଠାଜଳସେଚନ ପଏଣ୍ଟ ସ୍ଥାପନ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ହେଲେ ଏହି ଉଠା ଜଳସେଚନ ପଏଣ୍ଟ ସୁଦମୁଣ୍ଡା ଗ୍ରାମରେ ସ୍ଥାପନ କରା ନ ଯାଇ ବଘାରପାଲିରେ ସ୍ଥାପନ କରାଯିବାକୁ ଉଦ୍ୟମ କରି ଫଳକ ନିର୍ମାଣ କରାଯାଇଛି। ଯଦିଓ ବଘାରପାଲି ଗ୍ରାମରେ ପୂର୍ବରୁ ଏକ ଉଠାଜଳସେଚନ ପଏଣ୍ଟ କାଯ୍ୟକ୍ଷମ ଅଛି। ଏହାକୁ ନେଇ ସୁଦମୁଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଦଳୀଗଡ ସରପଞ୍ଚ ନଳିନୀ ଦେହୁରୀ, ସତ୍ୟାନନ୍ଦ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ସୁରଥ ଷଣ୍ଢ, ଚାଷୀନେତା ବୃଷକେତୁ ପ୍ରଧାନ, ନିରଞ୍ଜନ ବାଘ, ଶ୍ୟାମ ସୁନ୍ଦର ଷଣ୍ଢ, ପ୍ରାଣକୃଷ୍ଣ ପ୍ରଧାନ, ଶ୍ରୀପତି ବାଘଙ୍କ ସମେତ ବହୁ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହାର ଏକ ନକଲ ଉଠାଜଳସେଚନ ପ୍ରକଳ୍ପ ଅଧିକାରୀ, ରେଢାଖୋଲ ବିଡିଓଙ୍କୁ ମଧ ପ୍ରଦାନ କରାଯାଇଛି।




ସୁଦମୁଣ୍ଡା ଗ୍ରାମବାସୀ ରେଢାଖୋଲ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ତାଙ୍କ କାର୍ଯ୍ୟାଳୟରେ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ






ଦିଲ୍ଲୀ ପଠାଯିବା ପାଇଁ ସମ୍ବଲପୁର ଷ୍ଟେଶନରେ ରଖାଯାଇଥିବା ଆମ୍ବ ସହ ଅଧିକାରୀ।

# ଦିଲ୍ଲୀ ବଜାରକୁ ଗଲା ସମ୍ବଲପୁର ଆମ୍ବ

**ସମ୍ବଲପୁର,୨୮।୫(ବ୍ୟୁରୋ)**

ସମ୍ବଲପୁର ଜିଲାରୁ ମଙ୍ଗଳବାର ଟ୍ରେନ୍ ଯୋଗେ ଦିଲ୍ଲୀ ବଜାରକୁ ବିକ୍ରି ପାଇଁ ଆମ୍ବ ପଠାଯାଇଛି। ଓରମାସ ପକ୍ଷରୁ ଦିଲ୍ଲୀ ମଦର ଡାଏରି ଫାର୍ମକୁ ଏହି ଆମ୍ବ ପଠାଯାଇଛି। ମଧ୍ୟାହ୍ନ ୧୨ଟାରେ ସମ୍ବଲପୁର ଷ୍ଟେଶନରୁ ହୀରାକୁଦ ଏକ୍ସପ୍ରେସ ଯୋଗେ ଆମ୍ବ ଯାଇଥିଲା। କୁଚିଣ୍ଡା ମା' ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଜିଲାର ବିଭିନ୍ନ ସ୍ଥାନରୁ ଆମ୍ବ ସଂଗ୍ରହ କରାଯାଇଥିଲା। ଲେଙ୍ଗଡ଼ା, ଆମ୍ରପଲୀ କିସମର ପ୍ରାୟ ୩୨.୨୪ କୁଇଣ୍ଟାଲ ଆମ୍ବ ପ୍ରଥମ ପର୍ଯ୍ୟାୟରେ ଯାଇଛି। ଏହି ଅବସରରେ ଓରମାସ ଉପନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର, ନାବାର୍ଡ ଏଜିଏମ୍ ଦେବେଶ ବେହେରାଙ୍କ ସମତେ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତବର୍ଷ ମଧ ୯୦ କୁଇଣ୍ଟାଲ ଆମ୍ବ ସମ୍ବଲପୁର ଜିଲାରୁ ଦିଲ୍ଲୀକୁ ପଠାଯାଇଥିଲା। ସେଠାରେ ସମ୍ବଲପୁର ଆମ୍ବର ଢେର ଚାହିଦା ରହିଛି। ତେଣୁ ଚଳିତବର୍ଷ ଗତବର୍ଷ ଅପେକ୍ଷା ଅଧିକ ଆମ୍ବ ପଠାଯିବାକୁ ବ୍ୟବସ୍ଥା କରାଯାଉଛି। ଶୁକ୍ରବାର ପୁଣି ପ୍ରାୟ ୪୦ କୁଇଣ୍ଟାଲ ଆମ୍ବ ଦିଲ୍ଲୀ ପଠାଯିବ। ଆଗକୁ ମଧ ଆମ୍ବ ପଠାଯିବା ବ୍ୟବସ୍ଥା ଜାରି ରହିବ ବୋଲି ଓରମାସ ଉପନିର୍ଦ୍ଦେଶକ ହୋତା କରିଛନ୍ତି।

■ ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳ

# ପୁଣି ବାଦ୍ ପଡ଼ିଲା ସମ୍ବଲପୁର ଜିଲା

**ସମ୍ବଲପୁର,୨୮।୫(ବ୍ୟୁରୋ)**

ବିଜେଡି ପଞ୍ଚମ ଥର ପାଇଁ ରାଜ୍ୟରେ ସରକାର ଗଠନ କରିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଓ ତାଙ୍କ ନୂଆ ମନ୍ତ୍ରିମଣ୍ଡଳ ବୁଧବାର ଶପଥ ଗ୍ରହଣ କରିବେ। ମଙ୍ଗଳବାର ମନ୍ତ୍ରୀପଦ ପାଇଁ ନବୀନ ନିବାସରୁ ବିଧାୟକମାନଙ୍କୁ ଫୋନ କଲ୍ ଯାଇଥିଲା। ତେବେ ଫୋନ୍ କଲ୍ ପାଇଥିବା ବିଧାୟକଙ୍କ ମଧ୍ୟରେ ସମ୍ବଲପୁର ଜିଲାର କେହି ନାହାନ୍ତି। ତେଣୁ ଗତ ଥର ଭଳି ଏ ଥର ମଧ ମନ୍ତ୍ରିମଣ୍ଡଳରେ ସମ୍ବଲପୁର ଜିଲା ବାଦ୍ ପଡ଼ିଛି। ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ସମ୍ପୃକ୍ତ ଆସନରୁ ଦ୍ୱିତୀୟ ଥର ବିଜୟୀ ହୋଇଛନ୍ତି। କୁଚିଣ୍ଡା ଆସନରୁ କିଶୋର ନାଏକ ପ୍ରଥମ ଥର ବିଜୟୀ ହୋଇଛନ୍ତି। ଏହି କ୍ରମରେ ବରିଷ୍ଠତା ଦୃଷ୍ଟିରୁ ଚଳିତଥର ରେଢ଼ାଖୋଲ ବିଧାୟକ ପୂଜାରୀଙ୍କୁ ମନ୍ତ୍ରୀ ପରିଷଦରେ ସାମିଲ କରାଯିବା ନେଇ ଚର୍ଚ୍ଚା ହେଉଥିଲା। କାରଣ ନବୀନଙ୍କ ପୁରୁଣା ମନ୍ତ୍ରିମଣ୍ଡଳରେ ଜିଲାର କୌଣସି ବିଧାୟକ ସାମିଲ ହୋଇ ନ ଥିଲେ। ରୋହିତଙ୍କ ସମର୍ଥକମାନେ ମଧ ସେ ମନ୍ତ୍ରୀପଦ ପାଇବା ନେଇ ଆଶାବାଦୀ ଥିଲେ। ହେଲେ ବୁଧବାର ଶପଥ ଗ୍ରହଣ ଉତ୍ସବରେ ମନ୍ତ୍ରୀ ଭାବେ ଶପଥ ନେବାକୁ ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରୁ ବିଧାୟକମାନଙ୍କୁ ଫୋନ୍ ଯୋଗେ ଅବଗତ କରାଯିବା ପରେ ରୋହିତଙ୍କ ସମେତ ତାଙ୍କ ସମର୍ଥକ ତଥା ସମଗ୍ର ଜିଲାବାସୀ ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ରୋହିତ କହିଛନ୍ତି, ମୋ ପାଖକୁ ଫୋନ୍ କଲ୍ ଆସି ନାହିଁ। କାହାକୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ ବା ନ କରାଯିବା ତାହା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ବ୍ୟାପାର। ମୋତେ ଯେଉଁ ଦାୟିତ୍ୱ ଦେବେ ତାହାକୁ ଠିକ୍ ଭାବେ ପରିଚାଳନା କରିବି ବୋଲି ରୋହିତ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଜିଲାର ସମ୍ବଲପୁର ବିଧାନସଭା ଆସନରୁ ରାସେଶ୍ୱରୀ ପାଣିଗ୍ରାହୀ, ରେଙ୍ଗାଲିରୁ ରମେଶ ପଟୁଆ ଓ ରେଢ଼ାଖୋଲରୁ ରୋହିତ ପୂଜାରୀ ବିଜୟୀ ହୋଇଥିଲେ। ହେଲେ ସେ ସମୟରେ ଏମାନଙ୍କ ମଧ୍ୟରୁ କାହାକୁ ମଧ ମନ୍ତ୍ରୀପଦ ମିଳି ନ ଥିଲା। ଏପରି କି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ମଧ ଜିଲାରୁ କାହାରିକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

# ସରକାରୀ ନିୟମ ମାନୁନାହାନ୍ତି ବିଭିନ୍ନ ଅନୁଷ୍ଠାନ

**ସମ୍ବଲପୁର,୨୮।୫(ବ୍ୟୁରୋ)**

ସମ୍ବଲପୁର ସହରରେ ଦିନକୁ ଦିନ ଗଢ଼ି ଉଠୁଛି ଶପିଂ ମଲ୍, ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ଶିକ୍ଷାନୁଷ୍ଠାନ, ନର୍ସିଂହୋମ, ହୋଟେଲ, ହଷ୍ଟେଲ, ଚାମ୍ବର, ଅପାର୍ଟମେଣ୍ଟ ଇତ୍ୟାଦି। ତେବେ ଅଧିକାଂଶ ଅନୁଷ୍ଠାନରେ ସରକାରୀ ନିୟମ ପାଳନ କରାଯାଉ ନାହିଁ। ଅଗ୍ନିଶମ ବିଭାଗ ଓ ଏସ୍‌ଡିଏ ପକ୍ଷରୁ ରହିଥିବା ଗାଇଡ୍ ଲାଇନ୍ ପାଳନ କରାଯାଇ ନ ଥିବା ବିକାଶ ମଞ୍ଚ ଆବାହକ ଦେବାଶିଷ ପୁରୋହିତ ଅଭିଯୋଗ କରିଛନ୍ତି।




ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ନୂଆରମ୍ଭେଲାରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ରେଙ୍ଗାଲି,୨୮।୫(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆରମ୍ଭେଲାସ୍ଥିତ କଲ୍ୟାଣ ମଣ୍ଡପଠାରେ ରେଡ୍‌କ୍ରସ ସୋସାଇଟି ଏବଂ ସ୍ୱାଧୀନ ଏକତା ସଂଗଠନ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ମାଗଣା ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସ୍ୱାଧୀନ ଏକତା ସଂଗଠନ ସଭାପତି ରାଜୀବ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ତପନ ବିଶ୍ୱାଳ ସଭା ପରିଚାଳନା କରିଥିବାବେଳେ ପଦ୍ମଲୋଚନ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ରେଡ୍‌କ୍ରସ ସୋସାଇଟି ସେକ୍ରେଟାରି ଜୟ ଜର୍ଜ ମୁଖ୍ୟଅତିଥି ଏବଂ ଫିଲ୍ଡ କୋଅର୍ଡିଟେର ପ୍ରମିଳା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ତାରାକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ମାହାଣା, ସରୋଜ ବିଶୋଇ, ଲଳିତ ସାହୁ, ହରିଶ ସା, ସଂଗ୍ରାମ କେଶରୀ ଦାଶ ଏବଂ ସିଲେଇ ପ୍ରଶିକ୍ଷିକା ବାସନ୍ତୀ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ନୃତ୍ୟଗୁରୁ ରଞ୍ଜିତଙ୍କୁ ସିନିୟର ଫେଲୋଶିପ୍

■ ରାଜକୁମାର, ଚୁମକି, ସମାପ୍ତାଙ୍କୁ ଜୁନିୟର ସ୍କଲାରଶିପ୍



ନୃତ୍ୟଗୁରୁ ରଞ୍ଜିତ ସାହୁ।



ରାଜକୁମାର ଜାଲ।



ସମାପ୍ତା ଦାଶ।



ଚୁମକି ବୈଠାରୁ।

**ସମ୍ବଲପୁର,୨୮।୫(ବ୍ୟୁରୋ)**

ସମ୍ବଲପୁରୀ ଲୋକନୃତ୍ୟ, ଲୋକଗୀତ ବିଶ୍ୱବିଦିତ। ଏଠାକାର ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀମାନଙ୍କ ସ୍ୱତନ୍ତ୍ରତା ରହିଛି। ଏହି କ୍ରମରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ୨୦୧୮-୧୯ ବର୍ଷ ସକାଶେ ଫେଲୋଶିପ ଓ ସ୍କଲାରଶିପ୍ ଘୋଷଣା କରିଛନ୍ତି। ସମ୍ବଲପୁରର ନୃତ୍ୟଗୁରୁ ରଞ୍ଜିତ କୁମାର ସାହୁ ସିନିୟର ଫେଲୋଶିପ ଲାଗି ମନୋନୀତ ହୋଇଛନ୍ତି। ସେହିପରି ଲୋକନୃତ୍ୟରେ ଚୁମକି ବୈଠାରୁ, ସମାପ୍ତା ଦାଶ ଓ ଲୋକ ସଙ୍ଗୀତରେ ରାଜକୁମାର ଜାଲ ଜୁନିୟର ସ୍କଲାରଶିପ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମଙ୍ଗଳବାର ଏନେଇ ସମ୍ବଲପୁରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା, ନୃତ୍ୟଗୁରୁ, କଳାକାରମାନେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଚୁମକି ଦୀର୍ଘବର୍ଷ ହେବ ନୃତ୍ୟ ଗୁରୁ ଆଲୋକ କୁମାର ପଣ୍ଡା, ସମାପ୍ତା ଗୁରୁ ସୂର୍ଯ୍ୟପ୍ରକାଶ ଗୁରୁ ଏବଂ ରାଜକୁମାର ଗୁରୁ ନଟରାଜ ଗ୍ରୁପ୍‌ରେ ପ୍ରଶିକ୍ଷଣ ନେଇଥିଲେ।

ମନେ ପଡ଼ନ୍ତି

Condolance message of
**Late Promotha Nath Ghosh**



In ever lasting memory of late Promotha Nath Ghosh, on his 15th death anniversary, on 28th may, we the wife, son, & daughter, daughter-in-law & son-in-law & grand sons and the staff of Sea View Hotel, Sea beach road, Puri, pray to the almighty that he rest in eternal peace in his heavenly abode and with tearful and heavy heart we grieve for you and you will remain in our heart forever by grieving family and staff of Sea view Hotel, Puri
D-64062

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଅନ୍ନପୂର୍ଣ୍ଣା ମହାନ୍ତି**
ସ୍ୱା : ୰ ହରେକୃଷ୍ଣ ମହାନ୍ତି
ପାନପଲ୍ଲି, ପୋ-ବାଲିଆ, କୁଜଙ୍ଗ, ଜଗତସିଂହପୁର
ତିରୋଧାନ : ୦୯.୦୬.୨୦୧୮
ନିଜେ କଷ୍ଟ ସହି ପିଲା ମୁହେଁ ହସ
ଦେଇଛି ସେ ସିନା ମାଆ
ତା'ଠାରୁ ଅଧିକ କରି ଦେଖାଇଛୁ
ସଂସାରେ ଆମକୁ ଠିଆ।
ସବୁ ଶୁଝିହେବ ଶୁଝି ହେବନାହିଁ
ମାଆ ଋଣ କାଣିଚାଏ।
ଆତ୍ମା ଶାନ୍ତି ପାଇଁ ପ୍ରଭୁଙ୍କୁ ଡ଼ାକିବୁ
ଆମେ ବଞ୍ଚିଥିବା ଯାଏ।
ଆଲୋକ, କୁନି, ଟୁକୁନି, ରେଣୁ
ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୨୭୦୫

**ଅଭୁଲା ସ୍ମୃତି**



**ସ୍ୱର୍ଗତା ଏମିନା ଉପାସନା**
ଆବିର୍ଭାବ: ୨୯।୦୮।୧୯୮୮
ତିରୋଧାନ: ୨୯।୦୫।୨୦୦୭
ମା ଇମୁନି, କାଲିପରି ଲାଗୁଛି... ଦେଖୁ ଦେଖୁ ବାର ବର୍ଷ ବିତିଗଲା। ତୋ ବିନା ସତେ ସବୁକିଛି ଅଧୁରା। ଗୋଟିଏ ବି ଦିନ ବିତିନାହିଁ ଯେଉଁଦିନ ତୋ କଥା ମନେପଡ଼ି ନାହିଁ। ତୋର ଅବର୍ତ୍ତମାନର ଜୀବନ ଆମମାନଙ୍କ ପାଇଁ ଆଜିବି ଅସହ୍ୟ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ପବିତ୍ର ଆତ୍ମାକୁ ଚିର ଶାନ୍ତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ: ତୋର ହତଭାଗା ପାପା, ମମୀ ଆଉ ଭାଇ ସୋନୁ**
ଧ-୬୫୯୦୫

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

ASTROLOGY

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ
ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ। ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

FINANCE

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡ଼ା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
୫୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
8676907143, 9348274623

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତ୍ତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
ସ୍ୱୀକୃତିପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ୍, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତ୍ତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ
ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

DHARITRI Career appointment Every Wednesday and Saturday

ଖର୍ଚ୍ଚ ଋଣରୁ କଟିବ
Mudra Finance
(Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675
8527858125
9454715754

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା। - ଲେନିନ୍



# ଗତିପଥ ବଦଳାଉଛି ବୁଢ଼ାବଳଙ୍ଗ



ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱସ୍ଥ ନଳକୁଳି ଗାଁ।

**ମାନସ ବିଶ୍ୱାଳ**

ବାଲେଶ୍ୱର ଅଫିସ, ୨୮।୫

■ ଭୀମଦିଆ ପରେ ନଳକୁଳି ନିଶ୍ଚିହ୍ନ ଆଶଙ୍କା

■ ବେଘର ହେଉଛନ୍ତି ଶହ ଶହ ପରିବାର

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀ ଦୀର୍ଘ ଦୁଇ ଦଶନ୍ଧି ଧରି ଗତିପଥ ବଦଳାଉଥିବାରୁ ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତର କାଠପାଳ, ଜଗନ୍ନାଥପୁର, ମାଣିକୁଲା ଓ ନଳକୁଳ ଗ୍ରାମ ପ୍ରତି ବିପଦ ଦେଖାଦେଇଛି। ଜନବସତି ଆଡ଼କୁ ନଦୀ ମାଡି ଆସୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର କରାଯାଉନାହିଁ। ଏହି ନଦୀ ତଟବର୍ତ୍ତୀ ଭୀମଦିଆ ଗ୍ରାମ କେବେଠାରୁ ନଦୀଗର୍ଭରେ ଲୀନ ହୋଇଗଲାଣି। ପୂର୍ବରୁ ୩ଶହରୁ ଊର୍ଦ୍ଧ୍ୱ ପରିବାର ଉକ୍ତ ଗ୍ରାମରେ ବସବାସ କରୁଥିଲେ। ଲୋକେ ଭିଟାମାଟି ହରାଇ ଏବେ ନିରାଶ୍ରୟ ଅବସ୍ଥାରେ ଅନ୍ୟତ୍ର ମୁଣ୍ଡଗୁଞ୍ଜି ରହୁଛନ୍ତି। ବିସ୍ଥାପିତ ଲୋକେ କୁଆଡେ ଗଲେ ତାହାର ହିସାବ ପ୍ରଶାସନ ନିକଟରେ ନାହିଁ। ଅନ୍ୟପକ୍ଷେ ନଦୀ ଅପରପାର୍ଶ୍ୱରେ ଥିବା ନଳକୁଳି ଗ୍ରାମ ଧୀରେ ଧୀରେ ନଦୀଗର୍ଭରେ ବିଲୀନ ହେବାକୁ ଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ନଦୀର ଗତିପଥ ପରିବର୍ତ୍ତନକୁ ରୋକିବା ପାଇଁ ସ୍ପର ନିର୍ମାଣ ସାଙ୍ଗକୁ ନଦୀବନ୍ଧ ପାର୍ଶ୍ୱକୁ ପଥର ପ୍ୟାକିଂ କରିବା ଲାଗି ତଟବର୍ତ୍ତୀ ଗ୍ରାମର ଲୋକେ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ନଦୀଗର୍ଭକୁ ଚାଲିଯାଇଥିବା ଭୀମଦିଆ ଗ୍ରାମ ପଟୁ ଏବେ ନଦୀଶଯ୍ୟା ପୋତିହୋଇ ନଳକୁଳି ଆଡ଼କୁ ଖାଇ ଖାଇ ଯାଉଛି। ଏହି ଗ୍ରାମର ପ୍ରାୟ ଅଧା କି.ମି. ଅଞ୍ଚଳ ନଦୀଗର୍ଭରେ ଲୀନ ହୋଇଗଲାଣି। ବର୍ଷାଦିନେ ନଦୀର ଜଳସ୍ତର ବଢ଼ିଲେ ଆଖପାଖ ଅଞ୍ଚଳରେ ପାଣି ମାଡ଼ି ଘରଦ୍ୱାର ବୁଡ଼ିଯାଇଥାଏ। ଏହି ସମୟରେ ଗ୍ରାମବାସୀ ନିଜ ଘର ଉପରେ କିମ୍ବା ଡଙ୍ଗାରେ ରହି ସମୟ କାଟିଥାନ୍ତି। ପ୍ରାୟ ପ୍ରତିବର୍ଷ ନଦୀ ତଟବର୍ତ୍ତୀ ଅଞ୍ଚଳବାସୀ ବନ୍ୟା ବିପତ୍ତିକୁ ସାମ୍ନା କରି ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳବାସ କହିଛନ୍ତି ଯେ, ନଳକୁଳି ରାଜସ୍ୱ ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିଲେ। ଏବେ ମାତ୍ର ୭୦ ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଅନ୍ୟମାନେ ଘର ଛାଡି ଅନ୍ୟତ୍ର ପଳାଇ ଯାଇଛନ୍ତି। ନଦୀଗର୍ଭରେ ଚାଷ ଜମି ଲୀନ ହୋଇଯାଉଥିବାରୁ ଲୋକେ ଜୀବିକା ହରାଇ ବସିଛନ୍ତି। ପ୍ରଶାସନର ନଜର ଆଢୁଆଳରେ ଥିବା ଏସବୁ ଗାଁର ଲୋକଙ୍କ ପାଖରେ ସରକାରୀ ସହାୟତା ଓ ସୁବିଧା ପହଞ୍ଚିପାରୁନାହିଁ। ଅଧିକାଂଶ ଗରିବ ପରିବାର ଭଙ୍ଗା ଚାଳ ଛପର ଘରେ ରହୁଛନ୍ତି। ନଦୀକୂଳ ଖାଇ ଜନବସତି ଆଡ଼କୁ ମାଡି ଆସିଲେ ସେମାନେ ବାସସ୍ଥାନ ଛାଡି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ବାଧ ହେବେ ବୋଲି ନଳକୁଳି ଗ୍ରାମବାସୀ କହିଛନ୍ତି। ସେମାନେ ଆହୁରି ଦର୍ଶାଇଛନ୍ତି ଯେ, ଏକଦା ବୁଢ଼ାବଳଙ୍ଗ ନଦୀ ସ୍ଥାନୀୟ ଲୋକଙ୍କ ପାଇଁ ଆଶୀର୍ବାଦ ପାଲଟିଥିଲା। ନଦୀ ତଟ ଅଞ୍ଚଳ ଉର୍ବର ହୋଇଥିବାରୁ ସେମାନେ ନାନା ଫସଲ ଉତ୍ପାଦନ କରି ଚଳୁଥିଲେ। ଏହାର ଜଳସ୍ରୋତ କ୍ରମେ ଗାଁ ଆଡକୁ ମୁହାଁଇବାରୁ ବୁଢ଼ାବଳଙ୍ଗ ଆଜି ସେମାନଙ୍କ ପାଇଁ ଅଭିଶାପ ପାଲଟିଛି। ଅନେକ ଗ୍ରାମବାସୀଙ୍କ ନିକଟରେ ସ୍ଥାୟୀବାସିନ୍ଦା ପ୍ରମାଣପତ୍ର ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଆଶ୍ରୟ ନେବା ଲାଗି ଏହି ଅଞ୍ଚଳରେ ଏଯାଏ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ହୋଇନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରରେ ମଧ ନଦୀ ଅବବାହିକା ଅଞ୍ଚଳ ଅବହେଳିତ ହୋଇରହିଛି। ଏ ସମ୍ପର୍କରେ ବାରମ୍ବାର ଜିଲାପାଳ, ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ପୂର୍ବତନ ସରପଞ୍ଚ ବୃନ୍ଦାବନ ରାଉତ ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳର ବରିଷ୍ଠ ନାଗରିକ କରୁଣାକର ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ରାଉତ, ବିଜେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ଖୁଣ୍ଟିଆ, ତ୍ରିଲୋଚନ ବିଶ୍ୱାଳ, ଅଚ୍ୟୁତ ଦାସ, ହରିଶ୍ଚନ୍ଦ୍ର ଖଟୁଆ, ସୂର୍ଯ୍ୟକାନ୍ତ ପ୍ରଧାନ, ଶଙ୍କରା ମାଝି, ବାସ ଟୁଡୁ, ବେଲ ଦାସ, ଲକ୍ଷ୍ମୀମଣି ସାହୁ, ସାବିତ୍ରୀ ରାଉତ, ପ୍ରେମଲତା ପରିଡ଼ା ପ୍ରମୁଖ ବର୍ଷାଦିନ ପୂର୍ବରୁ ନଦୀବନ୍ଧକୁ ସୁଦୃଢ଼ କରିବା ପାଇଁ ମରାମତି କାର୍ଯ୍ୟ କରା ନ ଗଲେ ସେମାନେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସତ୍ୟଭାମା ରାଉତଙ୍କୁ ପଚାରିବାରୁ କହିଛନ୍ତି, ୨୦୦୫-୦୬ ମସିହାରେ ଜଳସେଚନ ବିଭାଗ ପକ୍ଷରୁ ନଦୀପାର୍ଶ୍ୱରେ ପଥରବନ୍ଧ କରାଯାଇଥିଲା। କାମ ଶେଷ ନ ହେବାରୁ ଗ୍ରାମର କିଛି ଅଂଶ ବାଦ୍ ପଡିଥିଲା। ୨୦୧୩ରେ ହୋଇଥିବା ବନ୍ୟାରେ କାଠପାଳ କୋଷ୍ଟକେନାଲ ବନ୍ଧ ସମେତ ନଦୀବନ୍ଧ ଅତଡ଼ା ଖାଇଥିଲା। ଏଯାଏ ତାହାକୁ ମରାମତି କରାଯାଇନାହିଁ। ଏଥର ବର୍ଷା ଋତୁରେ ବଡ଼ ଧରଣର ବନ୍ୟା ହେଲେ ମାଣିକୁଲା, ଜଗନ୍ନାଥପୁର, କାଠପାଳ ଓ ନଳକୁଳି ଗ୍ରାମ ସମେତ ଆଖପାଖ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିବ। ନଦୀକୂଳବର୍ତ୍ତୀ ୪ଶହରୁ ଊର୍ଦ୍ଧ୍ୱ ପରିବାରର ୩ ହଜାରରୁ ଅଧିକ ଲୋକ ବିପନ୍ନ ହେବାର ଆଶଙ୍କା ରହିଛି। ଏଣୁ ସମସ୍ୟାର ପ୍ରତିକାର ଲାଗି ପଞ୍ଚାୟତ ଅଧିକାରୀ, ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଜିଲା ଜଳସେଚନ ବିଭାଜନ ଯନ୍ତ୍ରୀ ନିରଞ୍ଜନ ମହାଲିକଙ୍କୁ ପଚାରିବାରୁ କହିଛନ୍ତି, ବୁଢ଼ାବଳଙ୍ଗ ନଦୀକୂଳିଆ ଅଞ୍ଚଳର ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ରହିଛି। ଖୁବ୍‌ଶୀଘ୍ର ଏକ ଟେକ୍‌ନିକାଲ ଟିମ୍ ଦ୍ୱାରା ସର୍ଭେ କରାଯାଇ ପଥରବନ୍ଧ ନିର୍ମାଣ ଲାଗି ନାବାର୍ଡ଼କୁ ରିପୋର୍ଟ ପ୍ରଦାନ କରାଯିବ।

# ବଜରଙ୍ଗ କଳାକାର ସଂଘ ପକ୍ଷରୁ ଶୁଭ ମହୁରତ

ଦେବଗଡ଼,୨୮।୫(ସ୍ୱ.ପ୍ର.)





ଶୁଭ ମହୁରତରେ ଉପସ୍ଥିତ ସଦସ୍ୟ।

ଦେବଗଡ଼ ଜିଲା ସମେତ ପୌରାଞ୍ଚଳରେ ଲୁକ୍କାୟିତ ଲୋକ ସଂସ୍କୃତି ତଥା ଲୋକକଳା, ଡ୍ରାମା, ନୃତ୍ୟ, ନାଟକରେ ଜଡ଼ିତ କଳାକାରମାନଙ୍କୁ ଏକଜୁଟ କରି ଆହୁରି ଲୋକଲୋଚନକୁ ଆଣିବା ସହ ସେମାନଙ୍କ ପ୍ରତିଭାକୁ ଦିଗ୍‌ଦର୍ଶନ ଦେବା ପାଇଁ ସଦର ମହକୁମା ନିକଟ ନାଳପଡ଼ିଆଠାରେ ମଙ୍ଗଳବାର ସନ୍ଧ୍ୟାରେ ବଜରଙ୍ଗ କଳାକାର ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ରଥଯାତ୍ରା ସମୟରେ ଏକ ସମାଜଧର୍ମୀ ନାଟକ ପରିବେଷଣ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ସ୍ଥାନୀୟ ହନୁମାନ ମନ୍ଦିରରେ ନାଟକ ବହି ପୂଜା କରାଯାଇ ଶୁଭ ମହୁରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚଳିତବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଟିକେଶ୍ୱର ଗୁରୁ, ଉପସଭାପତି ସୁଶାନ୍ତ କୁମାର ଦ୍ୱିବେଦୀ, ସମ୍ପାଦକ ପ୍ରୀତମ କୁମାର ବେହେରା, ସହସମ୍ପାଦକ ପ୍ରଶାନ୍ତ କୁମାର ଦେବ ଓ କୋଷାଧ୍ୟକ୍ଷ ଭାବେ ଚିନ୍ମୟ କୁମାର ଦାସଙ୍କୁ ଚୟନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଳାକାର ପ୍ରଦୀପ ଅମାନ୍ତ, ନିର୍ଦ୍ଦେଶକ ମଙ୍ଗଳ ମହାକୁଲ, ରୋମିଓ ମହାପାତ୍ର, ପ୍ରଶାନ୍ତ ଭଞ୍ଜ, ଯଦୁମଣି ବେହେରା, ଗଗନ ବିହାରୀ ଦେବ, ସୁଶାନ୍ତ ନନ୍ଦ, ପ୍ରଶାନ୍ତ ଦେବଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

Tel No. 06792-261343(O)/261344(Fax)/E-Mail:- serwcbaripada@nic.in

No.07-O

GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS CIRCLE, BARIPADA
"e" Procurement Notice for Road Work
**Identification No.- Online Tender- Road N.C.B. No. 159 for 2019-20.**

Letter No. 1453 — Date. 24.05.2019

1. Name of the work :- Construction of OMBADC Road work in the District of Mayurbhanj during 2018-19.
2. Total No. of work :- 01 No. (One)
3. Estimated Cost :- Rs.33.62 Lakhs (approximately).
4. Eligible Class of Contractor :- As per Annexure in the DTCN.
5. Period of Completion :- As per Annexure in the DTCN.
6. Other details :-

| Procurement Officer | Bid identification No. | Availability of tender online for bidding | | Last Date & time of seeking tender clarification | Date & time of opening of tender in O/O S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | Road On-line N.C.B. No.159 | Dt.31.05.2019 at 11.00 A.M. | Dt. 17.06.2019 upto 3.00 P.M. | Dt.13.06.2019 upto 1.00 P.M. | Dt.18.06.2019 at 11.00 A.M. | Will be intimated Separately |

- Further details can be seen from the website: www.tendersorissa.gov.in
- Any Corrigendum / Addendum will be displayed in the above e_tender website only.

25130/11/0001/1920 — Superintending Engineer, R.W. Circle, Baripada.

TDCCOL
TRIBAL DEVELOPMENT CO-OPERATIVE CORPORATION OF ORISSA LTD.
Tel. 0674-2542475 / 2542617, Fax-2544828
Email: admin@tdccorissa.org, website: www.tdccodisha.org
Notice No. 1250, dated 27.05.2019

**Tender Call Notice for Supply of Plastic Packaging Material for Packaging of different Minor Forest Produce & Surplus Agriculture Produce**

**No. CAD-28:-** Sealed Tender(s) are invited from only registered dealers/ manufacturers/ authorized suppliers/ registered SHGs/ Producer Groups for supply of plastic packaging material for packaging of different Minor Forest Produce and Surplus Agriculture Produce. The detail terms and conditions can be downloaded from the official website- www.tdccodisha.org. The last date and time of receipt of tender documents is up to 4:00pm on 17.06.2019.

26005/11/0002/1920 — *Sd./- Managing Director*

No.01-V

**Directorate of Sch. Castes & Sch. Tribes Research & Training Institute Bhubaneswar-3**

**TENDER NOTICE**

**No.1326/M-4/19 — Date:25/05/2019**

Sealed tenders are hereby invited from interested agencies/firms for "Enriching Interactive Kiosks for the use of Visitors of Odisha State Tribal Museum, Bhubaneswar" in SCSTRTI. The bid must be addressed to Director & Spl. Secy. to Govt, SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is 17.06.2019 at 03:PM The interested Agency/firms can log on to the Govt. website (www.odisha.gov.in and www.scstrti.in) for detail.

Sd./-
Director &Spl. Secy. to Govt.
26026/11/0001/1920 SCSTRTI, Bhubaneswar.

ଚିପିଲିମା ସିଏଚ୍‌ଇପି ଡାକ୍ତରଖାନା

# ନିୟମିତ ଡାକ୍ତର ଆସୁ ନ ଥିବା ଅଭିଯୋଗ

ଚିପିଲିମା,୨୮।୫(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଚିପିଲିମା ଅଞ୍ଚଳରେ କୌଣସି ସରକାରୀ ଡାକ୍ତରଖାନା ନ ଥିବାବେଳେ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ଅଧୀନ ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ (ସିଏଚ୍‌ଇପି)ର ଅଛି ଏକମାତ୍ର ଡାକ୍ତରଖାନା। ଏହି ଡାକ୍ତରଖାନା ପରିଚାଳନା ପାଇଁ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଟେକ୍ନିସିଆନ, ଜଣେ ଡ୍ରେସର ରହିଛନ୍ତି। ଏହା ଉପରେ ଅଞ୍ଚଳର କର୍ଡୋଲା ଓ କୁଦଗୁଣ୍ଡେରପୁର ପଞ୍ଚାୟତର ପ୍ରାୟ ୨୦ରୁ ୨୫ ଗ୍ରାମବାସୀ ନିର୍ଭରଶୀଳ। ଏହାକୁ ଛାଡ଼ିଦେଲେ ବିକଳ୍ପ ହେଉଛି ୨୫ କିଲୋମିଟର ଦୂର ବୁର୍ଲା ଭିମସାର। ଏଠାକୁ ଡାକ୍ତର ନିୟମିତ ଆସୁ ନ ଥିବା ଅଭିଯୋଗ ହେଉଛି। ଫାର୍ମାସିଷ୍ଟଙ୍କ ଭରସାରେ ଡାକ୍ତରଖାନା ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ପାଇଁ ସିଏଚ୍‌ଇପି ମୁଖ୍ୟଙ୍କ ଉଦାସୀନତାକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ସେହିପରି ଛୁଟିଦିନରେ ଏହି ଡାକ୍ତରଖାନା ବନ୍ଦ ରହୁଥିବା ମଧ ଅଭିଯୋଗ ହେଉଛି। ଡାକ୍ତରଖାନା ଗୋଟିଏ ବେଳା ଖୋଲା ରହୁଛି। ଡାକ୍ତରଖାନାକୁ ନିୟମିତ ଖୋଲିବା ସହ ଡାକ୍ତର ଯେପରି ନିୟମିତ ଆସିବେ ସେ ଦିଗରେ ସିଏଚ୍‌ଇପି ମୁଖ୍ୟ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଦେବଗଡ଼ରେ ଘଡ଼ଘଡ଼ି ସହ ବର୍ଷା

## ଅସହ୍ୟ ତାତିରୁ ତ୍ରାହି, ବିଦ୍ୟୁତ୍ ସେବା ବ୍ୟାହତ

ଦେବଗଡ଼,୨୮।୫(ସ୍ୱ.ପ୍ର.)

ଦେବଗଡ଼ ପୌରାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ବିଜୁଳି ଘଡ଼ଘଡ଼ି ସହ ଅସରାଏ ବର୍ଷା ହୋଇଛି। ଫଳରେ ପ୍ରଚଣ୍ଡ ତାତିରୁ ଲୋକେ ସାମାନ୍ୟ ତ୍ରାହି ପାଇଛନ୍ତି। ଅନ୍ୟପକ୍ଷରେ ବର୍ଷା ଯୋଗୁ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଏପଟେ ପୌର ପରିଷଦ ପକ୍ଷରୁ ରାସ୍ତାଘାଟ ସଫେଇ କରାଯାଇ ନ ଥିବାରୁ ବର୍ଷାରେ କୁଢ଼କୁଢ଼ ଆବର୍ଜନା ରାସ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି।

# ବଜ୍ରପାତରେ ୨ ଗାଈ ମୃତ

ଦେବଗଡ଼,୨୮।୫(ସ୍ୱ.ପ୍ର.)

ଦେବଗଡ଼ ଜିଲାର କେତେକ ସ୍ଥାନରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ସହ ବର୍ଷା ହୋଇଥିଲା। ବଜ୍ରପାତରେ ତିଲେଇବଣି ବ୍ଲକ ସୁନାମୁଣ୍ଡା ଗ୍ରାମରେ ୨ ଗାଈଙ୍କ ମୃତ୍ୟୁ ହୋଇଛି। ମୃତ ଗାଈ ଦ୍ୱୟ ସନାତନ ରଣା ଓ ପଦ୍ମ ପାତ୍ରଙ୍କର ବୋଲି ଜଣାପଡ଼ିଛି।

THE ODISHA MINING CORPORATION LIMITED
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
**NIT No. 13/E-PROC/OMC/2019**
OMC | ODISHA NEW OPPORTUNITIES

No.CAD-19:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work in month | Class of contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Installation of PVC over head tank to sector-III quarters at Daitari in the district of Keonjhar. | 33.46 | 6 months | C&B | 33,500/- | 6000/- +18% GST |
| 2. | Construction of rest shelter at Putulpani mines of Gandhamrdhan Region in the dist of Keonjhar. | 27.02 | 4 months | C&B | 27,100/- | 6000/- +18% GST |

1. Available of Bid document in Govt. portal from dt.31.05.2019 to 10.06.2019 up to 5.00 PM.
2. Last date of on-line submission of tender in the portal is dt.10.06 .2019 up to 5.00 PM.
3. Date of opening of Technical Bid is dt.11.06.2019 at 11.00 AM.

All other details can be seen from DTCN available at Govt. website www.tendersorissa.gov.in The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0001/1920 — GM (Civil)

OFFICE OF THE EXECUTIVE ENGINEER
UPPER KOLAB IRRIGATION DIVISION
**At/PO: Borigumma, Dist: Koraput,**
**Email id: eeukid4borigumma@gmail.com**
**QUOTATION CALL NOTICE NO. 01/2019-20 DT. 25.05.2019**

**No.10-A:-** Sealed quotations/tenders are invited from interested reputed Travel Agencies/ Tour Operatiors or private individuals for providing 3 (Three) Nos. of Non AC Diesel driven vehicle having sitting capacity not more than ten including driver, which shall conform to the Terms and conditions (Annexure-II) for official use in the office of the Executive Engineer Upper Kolab Irrigation Division, Borigumma, Dist- Koraput on monthly rent basis.

| Sl. No. | Type of vehicle | Minimum Average Milease |
|---|---|---|
| 1 | Engagement of Private vehicle (Bolero/Marshal/ Tata Sumo/ Mahindra Max) for use of Upper Kolab Irrigation Division, Borigumma for the year 2019-20 | 10 Kmpl |
| 2 | Engagement of Private vehicle (Bolero/Marshal/ Tata Sumo/ Mahindra Max) for use of Upper Kolab Irrigation Sub-Division No-I, Borigumma for the year 2019-20 | 10 Kmpl |
| 3 | Engagement of Private vehicle (Bolero/Marshal/ Tata Sumo/ Mahindra Max) for use of Upper Kolab Irrigation Sub-Division No-III, Kotpad for the year 2019-20 | 10 Kmpl |

1. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up to date tax payment etc. which are mandatory for playing of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of NSC/TDR/ Postal Pass Book and duly pledged in favour of the Executive Engineer, Upper Kolab Irrigation Division, Borigumma and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of 10.00 Kms. Per litre.
7. The details of the make and year of manufacture of the vehicle registration No mileage (kms Covered per litre) and name of the driver with driving license No and period of validity should be specifically Provided in the general bid information to be furnished with the Quotation/Tender (Annexure-III).
8. The quotation completed in all respect should reach the undersigned on or before 07.06.2019 by 10.00 Hour and shall be opened on the same day at 11.00 Hour in presence of the bidders or their authorized representatives.
9. The application form of quotation/tender containing General Bid Information & Terms and conditions for hiring of vehicles etc. will be available in the office of the Executive Engineer, Upper Kolab Irrigation Division, Borigumma, Dist: Koraput on payment of Rs. 100/- (One hundred) only from date 28.05.2019 to 07.06.2019 upto 10.00 Hour or can be downloaded from Odisha Govt Website www.odisha.gov.in from Date 28.05.2019 to 07.06.2019 upto 10.00 Hour. In case the application form is downloaded from Govt. website the applicant shall furnish a demand draft for an amount Rs. 100/- (Rupees one hundred) only towards the cost of application. The Demand Draft issued from any Nationalized Bank payable at S.B.I. Main Branch, Jeypore, Dist-Koraput drawn in favour of the Executive Engineer, Upper Kolab Irrigation Division, Borigumma, Dist-Koraput (Odisha) along with the application.
10. The authority reserves all rights to reject any or all quotations without assigning any reason thereof.

**Er. S.K. Sahu**
**Executive Engineer,**
**32054/11/0001/1920 U.K. Irrigation Division, Borigumma**

**OFFICE OF THE**
**DIVISIONAL FOREST OFFICER, KHARIAR DIVISION, KHARIAR**
At/Po- Khariar, Dist.- Nuapada, Odisha-766107, E-mail ID- dfokhariar@gmail.com, Phone No- 06671-224237

Office Order No. 73 — **TENDER CALL NOTICE** — /Date 24.05.2019

**No. 03-MM:-** Sealed Tender are invited from intending manufacturers/ Authorised distributers/ Suppliers, Government Agencies for supply of the following Materials.

1. Vermi-Compost
2. Bio-fertiliser (NPK Based)
3. Insecticide (Neem Cake)

Materials should be supplied as per prescribed specification of the above items for utilization in plantation programme under MGNREGA 2019-20 of Khariar Forest Division. The quantity of fertilizer may vary as per requirement. The EMD amount of Rs.10,000/- (Rupees Ten Thousand) only should be submitted in shape of Bank Draft in favour of the Divisional forest Officer, Khariar Forest Division, Khariar along with the tender. The sealed tenders are to be submitted for the above products separately itemwise with all required documents. Last date of receipt of tenders is 10.06.2019 at 01.00PM and date of opening of tender is on dt.12.06.2019 at 10.00AM. Sealed tenders should be submitted to the Office of the Divisional Forest Officer, Khariar Forest Division, Khariar, Dist.- Nuapada, Odisha, Pin- 766107 through Speed Post/ Regd. Post or in the Tender Box kept in the Office. The purchase Committee (consist of ACFs, Range Officer and Dealing Assistant of MGNREGS Section) reserve the right to accept or reject the tenders without assigning any reason thereof.

**Samples of products may be submitted** in the O/o the Divisional Forest Officer, Khariar Forest Division, Khariar on the day of opening of Tender.

(i) The Tender Papers will be opened in presence of the tenderers or the authorized representatives on dt.12.06.2019 at 10.00 AM in the Office of the Divisional Forest Officer, Khariar forest Division.
(ii) Samples will be verified and demonstrated by the suppliers on dt.12.06.2019 at 10.00 AM before the purchase Committee.

**"Name of the items should be superscribed on the top of the envelope"**

**LIST OF DOCUMENTS TO BE SUBMITTED ALONG WITH TENDER**

1. Copy of valid GSTIN
2. Copy of PAN Registration
3. Copy of TIN Registration
4. Marketing License for the business of fertilizer
5. Copy of Nutrient contains of the product
6. Organic certificate from any reputed organization

The finalized product as approved by the Purchase Committee of Divisional Forest Officer, Khariar Division shall place the order for supply of Vermi-Compost, Bio-fertiliser (NPK Based), Insecticide (Neem Cake) by following the prescribed Norms.

**Terms and Conditions**

1. The quotations received incomplete or after the scheduled date and time are liable to be rejected.
2. The price quote should be inclusive of all taxes, transportation and deliveries at Range head quarters under Khariar Forest Division.
3. The stock should be delivered in good condition within 10 days from the date of issue of purchase order with challan/ credit bill along with bank account information. No advance payment will be made.
4. Samples of Vermi-Compost, Bio-fertiliser (NPK Based), Insecticide (Neem Cake) may be brought on the date of opening of quotations for inspection and test.
5. The stock should be supplied by successful bidders as per samples submitted.
6. The rate of successful bidder may be valid up to 31.03.2020 or next call/ Tender Call.
7. The undersigned reserves the right to reject/cancel any or all the quotation without assigning any reason thereof and terminate the order in case of changes in Government Procedure or policy of instruction/direction.
8. All the disputes shall be subject to the jurisdiction of Civil Court situated at Nuapada only.

08029/11/0001/1920 — *Sd./- Divisional Forest Officer, Khariar Division*

No. 08-A

**GOVERNMENT OF ODISHA**
**DAM REHABILITATION AND IMPROVEMENT PROJECT**
**REQUEST FOR EXPRESSION OF INTEREST**
**EOI No.: NCB-UMB/ - 01/ 2019-20**
No. // Dated:

Consultancy Services for "Implementation of Resettlement Action Plan" for the work Construction of Additional Spillway of Hirakud Dam on Left of Gandhi Hillock, Burla, Odisha, India. A consultant will be selected in accordance with the World Bank guidelines: Selection and Employment of Consultants under IBRD Loans and IDA Credits and Grants by World Bank Borrowers of January 2011, based on the "Fixed budget Based Selection" method criterion.

| | |
|---|---|
| Financial Institution | International Bank for Reconstruction and Development (IBRD) and International Development (IDA), jointly called the World Bank |
| The Borrower | GOVERNMENT OF ODISHA, Department of Water Resources, through Government of India |
| The Execution Agency | Chief Engineer & Basin Manager, Department of Water Resources, Govt. of Odisha, Burla, Dist-Sambalpur, Pin-768017, Odisha, India. |
| The Project for Civil Construction | Construction of Additional Spillway of Hirakud Dam |
| The Assignment | "Consultancy Services for Implementation of Resettlement Action Plan" for the work Construction of Additional Spillway of Hirakud Dam on Left of Gandhi Hillock, Burla, Odisha, India |
| Period of Consulting Services | Period of Consulting Services 12 months |
| Language | English |
| Start downloading E O I documents from www.dowrodisha.gov.in | Date: 25.05.2019 Time: 16:00 Hrs |
| Address for correspondence and requests for information | Executive Engineer, Additional Spillway Division, Department of Water Resources, Govt. of Odisha, Hirakud, Camp Office- Burla, Dist-Sambalpur, Pin-768017, Odisha, India, Phone No.: 91-0663-2430080, email: eeasdhirakud@gmail.com |
| Last date for seeking information | Date: 03.06.2019 Time: up to 13:00 Hrs |
| Submission of E O I for Consultancy | Expressions of Interest must be submitted in the "drop box" in office of the Executive Engineer, Additional Spillway Division, Hirakud Department of Water Resources, Govt. of Odisha, Camp Office- Burla, Dist- Sambalpur, Pin-768017, Odisha, India, by 15:00 Hrs. on 24.06.2019. The EOI envelope shall also contain 2 CDs with scanned copies of the original EOI. |
| Date and Hour of Opening of "drop box" | Date 24.06.2019 Time: 16:00 Hrs |
| Place of Opening of E O I on 24.06.2019 at 16:00 Hrs | O/o Executive Engineer, Additional Spillway Division, Department of Water Resources, Govt. of Odisha, Hirakud, Camp Office- Burla, Dist-Sambalpur, Pin-768017, Odisha, India |

*Sd./- Chief Engineer& Basin Manager*
32048/11/0001/1920 *Upper Mahanadi Basin, W.R.D. Burla, Dist- Sambalpur. Pin-768017, (Odisha)*

# ଖରିଫ୍ ଚାଷ ପାଇଁ ପ୍ରସ୍ତୁତି



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ



ଖରିଫ୍ ଋତୁ ଓଡ଼ିଶା ଓ ଭାରତବର୍ଷରେ ମୁଖ୍ୟ ଫସଲ ଋତୁ। ଓଡ଼ିଶାରେ ଏହି ଫସଲ ଋତୁରେ ଧାନ, ମାଣ୍ଡିଆ, ମକା, ଜୁଆର, କପା, ନଳିତା, ସିରଡ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇଥାଏ। ଖରିଫ୍ ଫସଲ ପାଇଁ ମୁଖ୍ୟ ହେଲା ଜମି ପ୍ରସ୍ତୁତି। ଫନୀ ବାତ୍ୟାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭଲ ବର୍ଷା ହୋଇଛି। ତେଣୁ ଜମିକୁ ଚାଷ ସହଜରେ କରିହେବ। ଖରିଫ୍ ଫସଲ ପାଇଁ ଖରାଟିଆ ଚାଷ ନିତାନ୍ତ ଜରୁରୀ। ଖରାଟିଆ ଚାଷର ଅନେକଗୁଡ଼ିଏ ଉପକାରିତା ରହିଛି। ମାଟି ଓଲଟିବା ଦ୍ୱାରା ମାଟିରେ ଥିବା ଘାସ, ଘାସମଞ୍ଜି ନଷ୍ଟ ହୋଇଯାଏ ଏବଂ ପରବର୍ତ୍ତୀ ଫସଲରେ ଅନାବନା ଘାସ ଯଥେଷ୍ଟ ପରିମାଣରେ ହ୍ରାସ ପାଇଥାଏ। ପୁଣି ମାଟିରେ ଥିବା ପୋକଯୋକ, ଶୁକ, ଅଣ୍ଡାଗୁଡ଼ିକ ନଷ୍ଟ ହୋଇଯାଆନ୍ତି ଏବଂ ଚଢ଼େଇମାନେ ସେଗୁଡ଼ିକ ଖାଇଯାଆନ୍ତି। ଯାହାଫଳରେ ପରବର୍ତ୍ତୀ ଫସଲ ପୋକ ପ୍ରାଦୁର୍ଭାବରୁ ରକ୍ଷା ପାଇଥାଏ। ନିକଟରେ ଅକ୍ଷୟ ତୃତୀୟା ଯାଇଛି। ଧାନ ବୁଣାଯିବା ଅଞ୍ଚଳରେ ଅକ୍ଷିମୁଠି ଅନୁକୂଳ ହୋଇଥିବ। ବର୍ତ୍ତମାନ ଖରାଟିଆ ଚାଷକରି, ହିଡ଼ କଟି କରି ଆବଶ୍ୟକ ପରିମାଣର ଶଢ଼ା ଗୋବର ଖତ ଓ କମ୍ପୋଷ୍ଟ ଖତ ଜମିରେ ପ୍ରୟୋଗ କରନ୍ତୁ। ଧାନ ଫସଲ କରୁଥିବା ଚାଷୀମାନେ ତଳିଘରାକୁ ଭଲ ଭାବରେ ଚାଷକରି ଗୋବର ଖତ ପ୍ରୟୋଗ କରି ପ୍ରସ୍ତୁତ କରି ରଖନ୍ତୁ। ରଜ ପରେ ପରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଗଲେ ବୁଣାବୁଣି ଓ ତଳିଘରା ପ୍ରସ୍ତୁତି କାମ କରିବାକୁ ହେବ ଏବଂ ଧାନତଳି ବୁଣିବାକୁ ହେବ। ଜୈବିକ ଗୋବର ଖତରୁ ଗଛ ଆବଶ୍ୟକ କରୁଥିବା ଯବକ୍ଷାରଯାନ, ଫସ୍‌ଫସରସ୍ ଓ ପଟାସ୍ ଉପଲବ୍ଧ ହୋଇଥାଏ। ଗଛ ଉପରୋକ୍ତ ସାରକୁ ଧୀରେ ଧୀରେ ଗ୍ରହଣ କରି ହୃଷ୍ଟପୁଷ୍ଟ ହୋଇ ବଢ଼ିଥାଏ। ଫସଲ ପାଇଁ ଆବଶ୍ୟକ ହେଉଥିବା ପୃଷ୍ଟିସାର ଗୋବର ଖତରେ ଅଧିକ ପରିମାଣରେ ଥିବାରୁ ଏହା ଫସଲ ପାଇଁ ଉପାଦେୟ।

ଜମି ପ୍ରସ୍ତୁତି ସଙ୍ଗେ ସଙ୍ଗେ ଆଉ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ବିହନ ଯୋଗାଡ଼ କରିବା। ଅଧିକ ଅମଳ ପାଇଁ ସୁସ୍ଥ, ନୀରୋଗ, ହୃଷ୍ଟପୁଷ୍ଟ ଓ ଉନ୍ନତମାନର ବିହନର ଆବଶ୍ୟକତା ରହିଛି। ଉନ୍ନତ ମାନର ବିହନ ଅନୁବଂଶୀୟ ଓ ଭୌତିକ ଶୁଦ୍ଧତା ସମ୍ପନ୍ନ ହୋଇଥିବା ଦରକାର। ବିହନରେ ଅନ୍ୟ ପ୍ରଜାତି କିମ୍ବା ଘାସମଞ୍ଜି ନ ଥାଇ ଶୁଦ୍ଧ ଏବଂ ପରିଷ୍କାର ହେବା ଆବଶ୍ୟକ। ବିହନ ରୋଗପୋକ ଦ୍ୱାରା ସଂକ୍ରମିତ ହୋଇ ନ ଥିବା ଦରକାର। କୃଷି ଉତ୍ପାଦନ ବୃଦ୍ଧିରେ ଉନ୍ନତମାନର ବିହନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶୁଦ୍ଧ ଓ ନୀରୋଗ ବିହନ ଜମିରେ ସୁସ୍ଥ ସବଳ ଚାରା ଗଛ ସୃଷ୍ଟି କରିଥାଏ। ଜମିରେ ବିହନ ବୁଣିବା ପୂର୍ବରୁ ନମୁନା ନେଇ ନମୁନା ବିହନ ଅଙ୍କୁରିତ ହେଉଛି କି ନାହିଁ ତାହା ପରୀକ୍ଷା କରିବା ଦରକାର। ପ୍ରମାଣିତ ବିହନଗୁଡ଼ିକ ରୋଗପୋକ ଜୀବାଣୁମୁକ୍ତ ଓ ଉପଚାରିତ ହୋଇଥିବାରୁ ପ୍ରମାଣିତ ବିହନ ଉପଯୋଗ କରିବା ଉଚିତ। ସାଧାରଣତଃ ଆମର ଚାଷୀମାନେ ପୂର୍ବ ବର୍ଷ ଚାଷ କରିଥିବା ଧାନର ବିହନ ରଖି ବ୍ୟବହାର କରିଥାନ୍ତି। ପ୍ରମାଣିତ ବିହନ ଅପେକ୍ଷା ଏହି ବିହନର ଗୁଣବତ୍ତା ଯଥେଷ୍ଟ କମ୍ ଏବଂ ଏହା ଉପଯୋଗ କରିବା ଦ୍ୱାରା ଉତ୍ପାଦନ ହ୍ରାସ ପାଇଥାଏ। ପ୍ରଜନକ ବିହନ, ପିଣ୍ଡ ବିହନ ଓ ପ୍ରମାଣିତ ବିହନ ଉନ୍ନତ ମାନର ବିହନ ଅଟେ। ଏହି ବିହନ ବ୍ୟବହାର କଲେ ବିହନ ପରିମାଣ କମ୍ ଲାଗିଥାଏ ଏବଂ ଅଧିକ ଅମଳ ମିଳିଥାଏ।

ଉନ୍ନତମାନର ବିହନର ଅଭାବ ଆମ ରାଜ୍ୟରେ ଏକ ଉତ୍କଟ ସମସ୍ୟା। ଆମ ରାଜ୍ୟରେ ଉନ୍ନତମାନର ବିହନର ଅଭାବ ହେତୁ ଅନେକ ସମୟରେ ଆମକୁ ଅଲଗା ରାଜ୍ୟ, ବିହନ ଉତ୍ପାଦନକାରୀ ସଂସ୍ଥା ତଥା ବିହନ କମ୍ପାନୀଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଅନେକ ସମୟରେ ଏହିସବୁ ବିହନ ଗଜା ନ ହେବା, ରୋଗାକ୍ରାନ୍ତ ହେବା, ଧାନ ଫସଲରୁ ଧାନକେଣ୍ଡା ନ ବାହାରିବା ଇତ୍ୟାଦି ସମସ୍ୟାଗୁଡ଼ିକ ଦେଖାଯାଉଛି। ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ବିହନ ନିଗମ, କୃଷି ବିଭାଗର ବିକ୍ରୟ କେନ୍ଦ୍ର, କୃଷି ସମବାୟ ସମିତିଗୁଡ଼ିକ ମାଧ୍ୟମରେ ବିହନ ଯୋଗାଇ ଦିଆଯାଉଛି। ଚଷା ହୁଡ଼ିଲେ ବରଷେ। ଅସ୍ୱାଭାବିକ ଗୁଣସମ୍ପନ୍ନ ବିହନଗୁଡ଼ିକର ବ୍ୟବହାରର ନିରାକରଣ ହେବା ଉଚିତ। ଏଥିପାଇଁ ସବୁ ମହଲରେ ଉଦ୍ୟମ ହେବା ଆବଶ୍ୟକ।

ବର୍ଷାଋତୁ ଆଉ ଏକମାସ ପରେ ଆସିଯିବ। 'ଚାଷ ତରତର ବଣିଜ ମଠ'। ତେଣୁ ବର୍ଷାଋତୁ ପୂର୍ବରୁ ଚାଷୀମାନେ ଖରାଟିଆ ଚାଷ, ତଳିଘରା ପ୍ରସ୍ତୁତି, ଗୋବର ଓ କମ୍ପୋଷ୍ଟ ଖତ ପ୍ରୟୋଗ କରି ପୂରା ପ୍ରସ୍ତୁତିରେ ରୁହନ୍ତୁ। ଉନ୍ନତମାନର ବିହନ ସଂଗ୍ରହ କରି ସଅଳସଅଳ ବୁଣାବୁଣି ଓ ରୁଆପୋତା ସାରନ୍ତୁ। ମକା, ମାଣ୍ଡିଆ, ଜୁଆର, ବାଜରା, କପା, ହରଡ ଇତ୍ୟାଦି ଫସଲ ଚାଷ କରିବା ପାଇଁ ମନସ୍ଥ କରିଥିବା ଚାଷୀମାନେ ଭଲ ବିହନ ସଂଗ୍ରହ କରି ଠିକ୍ ସମୟରେ ଫସଲ ବୁଣନ୍ତୁ। ପ୍ରଧାନ ଫସଲ ଋତୁ ଖରିଫ ଋତୁରେ ସଅଳ, ଠିକ୍ ଏବଂ ଲାଭଜନକ ଫସଲ ଚାଷ କରି ନିଜର ଭରଣପୋଷଣ କରିବା ସଙ୍ଗେ ସଙ୍ଗେ ଦୁନିଆକୁ ଆହାର ଯୋଗାନ୍ତୁ। ଖାଲ, ମଟାଳ ଓ ଉଚ୍ଚା ଜମି ପାଇଁ ଠିକ୍ କିସମ୍‌ର ବିହନ ବାଛନ୍ତୁ। ଏବର୍ଷ ଖରିଫ୍ ଋତୁ ପ୍ରାରମ୍ଭରୁ ପ୍ରଳୟଙ୍କରୀ ବାତ୍ୟା ଫନୀ କୃଷକଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି। ବାତ୍ୟା, ବନ୍ୟା ଓଡ଼ିଶା ଚାଷୀଙ୍କର ଚୀର ସହଚର। ଏଥିରେ ହତୋତ୍ସାହିତ ନ ହୋଇ ଓଡ଼ିଶାର ଚାଷୀଭାଇମାନେ ପୁଣି ମେରୁଦଣ୍ଡ ସଳଖି ଠିଆ ହୁଅନ୍ତୁ ଏବଂ ପରବର୍ତ୍ତୀ ଖରିଫ୍ ଫସଲ ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ।

—ମୋ:୭୮୯୪୩୩୫୩୭୧

# ଚାଷ ଦେଇଛି ପରିଚୟ



ସଫଳଚାଷୀ

ନିରଞ୍ଜନ ପ୍ରଧାନ

ପିଲାଟି ଦିନରୁ ତାଙ୍କର ଚାଷ ପ୍ରତି ଥିଲା ଅହେତୁକ ଆଗ୍ରହ। ହାଇସ୍କୁଲରେ ପଢୁଥିବା ବେଳେ ସେ ଆରମ୍ଭ କରିଥିଲେ ପରିବା ଚାଷ। ଏହି ଚାଷ ହିଁ ତାଙ୍କୁ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଥିଲା। ଏଥିରୁ ନିଜ ପାଠପଢା ଖର୍ଚ୍ଚ ମେଣ୍ଟାଇବାକୁ ବି ସକ୍ଷମ ହୋଇଥିଲେ। ସ୍ନାତକୋତ୍ତର ଶିକ୍ଷା ଶେଷ ପରେ ବି ଚାଷକାର୍ଯ୍ୟକୁ ସ୍ୱରୋଜଗାରର ମାଧ୍ୟମ ଭାବେ ଆପଣେଇ ନେଇଥିଲେ। ତେବେ କିଛିବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ନିଜକୁ ପରିଚିତ କରାଇବାରେ ହୋଇଛନ୍ତି ସମର୍ଥ। ସେ ହେଲେ ନିରଞ୍ଜନ ପ୍ରଧାନ (ମୋ:୮୦୧୮୮୦୫୫୨୧)। ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ଗ୍ରାମ ପଞ୍ଚାୟତ ଅଧୀନ ପତିରାଜପୁର ଗ୍ରାମରେ ତାଙ୍କ ଘର।

ବାପା ବନମାଳୀଙ୍କ ସହ ପରିବା କ୍ଷେତକୁ ଯାଇ କିଛି କାମ କରିପାରିଲେ ତାଙ୍କୁ ଖୁସି ଲାଗେ। ଏଇଭଳି ହିଁ ତାଙ୍କର ଚାଷପ୍ରତି ଆଗ୍ରହ ବଢିଥିଲା। ହାଇସ୍କୁଲରେ ପଢୁଥିବା ବେଳେ ୧୫ଗୁଣ୍ଠ ଜମିରେ ପ୍ରଥମେ ପରିବା ଚାଷ କରିଥିଲେ। ପ୍ରାଥମିକ ସଫଳତା ତାଙ୍କ ଆଗ୍ରହକୁ ବହୁଗୁଣିତ କରିଦେଲା। ଆଉ ଆଗକୁ ପାଠ ପଢିବାଲାଗି ମନୋବଳ ବି ବଢାଇଦେଲା। ଚାଲିଲା ଚାଷକାମ, ଏଥିରୁ ମିଳୁଥିବା ଲାଭରେ ପାଠପଢା ଖର୍ଚ୍ଚ ମେଣ୍ଟାଇବା ସହ ବାପାଙ୍କୁ ମଧ କିଛି ସାହାଯ୍ୟ କରିଥିଲେ। ଏହିଭଳି ଭାବେ ତାଙ୍କର ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ହେଲା। ଏତିକି ବେଳେ ସାଙ୍ଗମାନେ ଚାକିରି କରୁଥିବାର ଦେଖି ତାଙ୍କର ମଧ୍ୟ କମ୍ପାନୀରେ ଚାକିରି କରିବାକୁ ଇଚ୍ଛା ହେଲା । ସେ ମୁମ୍ବାଇ ପଳାଇଲେ । ଚାକିରି କଲେ। କିଛିଦିନ ଯିବାପରେ ତାଙ୍କୁ ଅଡୁଆ ଲାଗିଲା। ଆତ୍ମନିର୍ଭଶୀଳ ହୋଇ ବଞ୍ଚି ଆସୁଥିବା ନିରଞ୍ଜନଙ୍କୁ ଅନ୍ୟପାଖରେ ଚାକିରି କରିବା ସହଜ ହେଲାନାହିଁ । ବାରମ୍ବାର ସେଠାରେ ଅସୁସ୍ଥ ହେଲେ। ବର୍ଷେ ନ ପୂରୁଣୁ ସେ ମୁମ୍ବାଇ ଛାଡି ଗାଁକୁ ଫେରି ଆସିଲେ। ମାତ୍ର ଆଉ ଚାକିରି ନ କରି ଚାଷ ମାଧ୍ୟମରେ ସ୍ୱରୋଜଗାରକ୍ଷମ ହେବା ଲାଗି ଅଣ୍ଟା ଭିଡ଼ିଲେ। ବାଇଗଣ, କାକୁଡି, ଭେଣ୍ଡି, ବୋଇତାଲୁ ସମେତ ବିଭିନ୍ନ ପରିବା ଏବଂ ଶାଗ ଚାଷରେ ତାଙ୍କ କ୍ଷେତ ହସିଉଠେ। ବର୍ଷ ତମାମ ସେ ନିକଟସ୍ଥ ଅଲିପୁର, ପତିରାଜପୁର, ଢୁଙ୍ଗୁରା ଓ ଅଡା ହାଟର ପ୍ରାୟ ପରିବା ଚାହିଦାକୁ ମେଣ୍ଟାଇ ଆସୁଛନ୍ତି। ଗୋଟିଏ ପ୍ରକାରର ଚାଷ ବଦଳରେ ସ୍ଥାନୀୟ ବଜାରର ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ଚାଷ କଲେ ଏଥିରୁ ଅଧିକ ଲାଭ ମିଳିପାରିବ ବୋଲି କୁହନ୍ତି ସେ। ଏଥିସହ ନିଜେ ଖବରକାଗଜ ପଢି ଓ ଟିଭିରେ କୃଷି ସମ୍ପର୍କିତ ଖବର ଦେଖି ଉନ୍ନତ ପ୍ରଣାଳୀରେ ଚାଷର କୌଶଳ ଜାଣିପାରୁଛନ୍ତି, ଯାହାକି ଚାଷକାମରୁ ଅଧିକ ଦୁଇ ପଇସା ମିଳିବାରେ ସହାୟକ ହେଉଛି। ଗୋଟିଏ ଋତୁ(୬ମାସ)ରେ ସବୁଖର୍ଚ୍ଚ ଯାଇ ପାଖାପାଖି ଲକ୍ଷେଟଙ୍କା ଲାଭ ମିଳିଥାଏ ବୋଲି କୁହନ୍ତି ନିରଞ୍ଜନ । ଏହି ଆୟରୁ ୩ଝିଅଙ୍କର ପାଠପଢା ସମେତ ପରିବାରର ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ସହ ଭଲ ଘରଟିଏ ବି କରିଛନ୍ତି। ଚାକିରି କରିଥିବା ସାଙ୍ଗଙ୍କଠାରୁ ସେ ଅଧିକ କିଛି କରିଥିବାର ଆତ୍ମତୃପ୍ତି ପାଆନ୍ତି। ୨୦୧୬ରେ କୁଆପଥର ବର୍ଷାରେ ତାଙ୍କର ବହୁ ପରିମାଣର ଚାଷ କ୍ଷତି ହୋଇଥିଲା। ଚାଷ ଦେଖିବାକୁ ଆସିଥିବା ବିଭିନ୍ନ ଅଧିକାରୀ, ନେତା କ୍ଷତିଭରଣା ନେଇ ଅନେକ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଟଙ୍କାଟିଏ ବି କ୍ଷତିପୂରଣ ନ ମିଳିବା ତାଙ୍କୁ ଅନେକ କଷ୍ଟ ଦେଇଥିଲା। ଫନୀ ବାତ୍ୟାରେ ତାଙ୍କର ମଧ୍ୟ କିଛି କ୍ଷତି ହୋଇଛି ବୋଲି କହିଛନ୍ତି । ଆବଶ୍ୟକ ସମୟରେ ଖଇରା କୃଷିସୂଚନା ପରାମର୍ଶ କେନ୍ଦ୍ରରୁ ସହାୟତା ମିଳିପାରୁଛି। ଯଦି ଖଇରା ଅଞ୍ଚଳରେ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇପାରନ୍ତା ଏଥିରେ ଅଧିକ ଅମଳକୁ ସାଇତି ରଖାଯାଇ ଦରକାର ସମୟରେ ଏହାର ଫାଇଦା ନିଆଯାଇପାରନ୍ତା ବୋଲି କୁହନ୍ତି ସେ। ଖଇରା, ସିମୁଳିଆ ଓ ସୋର ଦେଇ ପ୍ରବାହିତ କାଂଶବାଂଶ ନଦୀକୁ ସ୍ୱତନ୍ତ୍ର ନଦୀବନ୍ଧ ଯୋଜନାରେ ଉନ୍ନତୀକରଣ କରାଯାଇ ଏହାର ଦୁଇପାର୍ଶ୍ୱରେ ଥିବା ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇପାରିଲେ ସ୍ଥାନୀୟ ଚାଷୀଭାଇମାନେ ଏଥିରୁ ଢେର ଉପକୃତ ହୋଇପାରନ୍ତେ। ତେବେ ପରିଶ୍ରମ ସହ ପରିବାର ସଦସ୍ୟଙ୍କ ସାହାଯ୍ୟ ତାଙ୍କୁ ଏଇଠି ପହଞ୍ଚାଇଛି ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ନିରଞ୍ଜନ।

—ଉତ୍କଳବନ୍ଧୁ ପଣ୍ଡା



ନିଜ ଖେତରେ ପରିବାର ସହ ନିରଞ୍ଜନ।

# ଫଳଚାଷ ସମ୍ପର୍କରେ...



ଓଡ଼ିଶାର ଜଳବାୟୁରେ ନାନାପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳୀ, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରନ୍ତୁ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଏବେଠୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ସକାଶେ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଖୋଳନ୍ତୁ। ସପୁରୀ ଲାଗି ୩୦ସେମି ଚଉଡା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

# ନଳିତାରେ କୋଡ଼ାଖୁସା

ନଳିତା ୩ ସପ୍ତାହର ହୋଇଯାଇଥିଲେ କୋଡାଖୁସା ସାରି ପ୍ରଥମ ଦଫା ଘାସ ବାଛି ଦିଅନ୍ତୁ ଏବଂ ତା' ସହିତ ଗଛପତଳା କରି ଦିଅନ୍ତୁ। ଯେଉଁ ଜାଗାରେ ବର୍ଷା ହୋଇଯାଇଥିବ, ସଅଳ ବୁଣାଯାଇଥିବା ନଳିତା ୫ରୁ ୬ ସପ୍ତାହର ହୋଇ ଯାଇଥିଲେ କୋଡ଼ାଖୁସା ସାରି ଘାସ ବାଛି ଦିଅନ୍ତୁ। ତା' ସହିତ ଗଛ କରି ଦିଅନ୍ତୁ ଏବଂ ଏକର ପିଛା ୧୭.୫ କିଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ।



# ଫନୀ ପରବର୍ତ୍ତୀ ପ୍ରାଣୀଙ୍କ ପରିଚାଳନା

(ଦ୍ୱିତୀୟ ଭାଗ)

**ସଂକ୍ରାମକ ରୋଗ ନିୟନ୍ତ୍ରଣ:** ବାତ୍ୟା ସମୟରେ ପ୍ରାଣୀମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯିବା ଫଳରେ ବିଭିନ୍ନ ରୋଗ ଯଥା ସାହାଣା, ବଜବଜିଆ, ଅଢ଼େଇଦିନିଆ ଜ୍ୱର, ଫାଟୁଆ, ଗୋମଡ଼କ, ଥନହରା, କାଶ, ସର୍ଦ୍ଦି, ଗଳାଫୁଲା ଆଦି ଦେଖାଯାଇଥାଏ। ତା'ଛଡ଼ା କୃମି ଓ ଚିଙ୍କଜନିତ ସଂକ୍ରାମକ ରୋଗ ମୁଖ୍ୟତଃ ଗୋପାଳକଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥାଏ। ପାଣି ଜମିରହିବା ଫଳରେ କୃମିଙ୍କ ବଂଶ ବୃଦ୍ଧି ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। କୃମି ମୁକ୍ତ କରିବା ପାଇଁ କୃମି ନାଶକ ଔଷଧ ଖାଇବାକୁ ଦିଅନ୍ତୁ। ତରଳ ଝାଡ଼ା ହେଉଥିଲେ ହଠାତ୍ କୃମି ଔଷଧ ଦିଅନ୍ତୁ ନାହିଁ। ବାତ୍ୟା ପରେ କୌଣସି ରୋଗର ଲକ୍ଷଣ ଦେଖାଯିବା



ମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖାଇବାକୁ ଦିଅନ୍ତୁ। ନିମ୍ବପତ୍ର, ହଳଦୀ ପାଉଡର ଓ ତୁଳସୀ ପତ୍ର ଦିନକୁ ଦୁଇ ଥରକରି ସାତ ଦିନ ଯାଏ ଖାଇବାକୁ ଦେବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ କୃମି ନାଶକ ହିସାବରେ ମଧ କାମକରିଥାଏ। ପ୍ରାଣୀ ଚିକିତ୍ସା ଶିବିରର ସହାୟତା ନିଅନ୍ତୁ।

ପରିବେଶର ଚାପ ଓ ଅତ୍ୟଧିକ ଗରମ ଯୋଗୁଁ ପ୍ରାଣୀର କୌଣସି ଅସ୍ୱାଭାବିକ ଲକ୍ଷଣମାନ ଦେଖିଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଛାଇ ଜାଗାକୁ ନେଇଯାଆନ୍ତୁ। ମୁଣ୍ଡରେ ଓଦା କପଡ଼ା ବା ଅଖା ରଖି ଦିଅନ୍ତୁ ଓ ଥଣ୍ଡା ପାଣିରେ ପୋଛି ଥଣ୍ଡା ପବନରେ ରଖନ୍ତୁ।

**ସରକାରୀ ସହାୟତା:** ବାତ୍ୟା ପରବର୍ତ୍ତୀ ସମୟରେ ସରକାର ସହାୟତା ରାଶି ଘୋଷଣା କରଛନ୍ତି। ପଶୁ ମୃତ୍ୟୁ, ଗୁହାଳ ଭଙ୍ଗା ଓ ଅନ୍ୟାନ୍ୟ କ୍ଷେତ୍ରରେ ସହାୟତା ରାଶି ମିଳିବ। ତେଣୁ ଏହାର ଲାଭ ପାଇବା ପାଇଁ ସ୍ଥାନୀୟ ସରପଞ୍ଚ ଓ ବିଭିନ୍ନ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ (ରାଜସ୍ୱ ଅଧିକାରୀ, ପ୍ରାଣୀ ସଂପଦ ଅଧିକାରୀ)ଙ୍କ ପରାମର୍ଶ କ୍ରମେ ବିହିତ ପଦକ୍ଷେପମାନ ନେବା ଜରୁରୀ।

—ଡା. ସାରଦା ପ୍ରସନ୍ନ ସାହୁ
—ଡା. ରଞ୍ଜନ କୁମାର ମହାନ୍ତ

## ୟୁପିରେ ବିଷାକ୍ତ ...

ସେମାନେ ସେଠାରୁ ଫେରିବା ପରେ ଏନେଇ ଅଧିକ ସୂଚନା ମିଳିପାରିବ। ଏହି ଘଟଣା ପରେ ବାରାବାଙ୍କି ଜିଲା ଅବକାରୀ ଅଧିକାରୀ ଶିବ ନାରାୟଣ ଦୁବେ, ଅବକାରୀ ଇନ୍ସପେକ୍ଟର୍ ରାମତୀର୍ଥ ମୌର୍ଯ୍ୟ, ୩ ହେଡ୍ କନ୍‌ଷ୍ଟେବଳ ଓ ୫ଜଣ କନ୍‌ଷ୍ଟେବଳଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ପୋଲିସ ସର୍କଲ୍ ଅଫିସର୍ ପଓ୍ୱନ୍ ଗୌତମ୍ ଓ ଷ୍ଟେଶନ୍ ହାଉସ୍ ଅଫିସର୍ ରାଜେଶ କୁମାର ସିଂଙ୍କୁ ମଧ କର୍ତ୍ତବ୍ୟରେ ଅବହେଳା ଯୋଗୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହ ସେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏଭଳି ଘଟଣା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଅଛି କି ନାହିଁ ତା'ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଚଳିତ ବର୍ଷ ପ୍ରାରମ୍ଭରେ ବିଷାକ୍ତ ମଦ ପିଇବା ଯୋଗୁ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ପୂର୍ବରୁ ରାଜନୈତିକ ଶତ୍ରୁତା ଓ ଷଡ଼ଯନ୍ତ୍ରକୁ ନେଇ ଏଭଳି ଅନେକ ଘଟଣା ଘଟିଥିବାର ଉଦାହରଣ ରହିଛି। ଆଜମ୍‌ଗଡ଼, ହର୍ଦୋଇ, କାନ୍‌ପୁର,ବାରବାଙ୍କି ମଦମୃତ୍ୟୁ ଘଟଣା ପଛରେ ସମାଜବାଦୀ ପାର୍ଟି ନେତାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏଥିରେ ରାଜନୈତିକ ଷଡ଼ଯନ୍ତ୍ର ଥିବା କଥାକୁ ସମ୍ପୂର୍ଣ୍ଣ ଏଡାଇ ଦିଆଯାଇ ପାରିବନି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରକାଶ କରିଛନ୍ତି।

## ସୁଭଦ୍ରା ରଥ ଚକ...

ଏଥିରେ ଫାଟ ହୋଇଥାଇପାରେ ବୋଲି ମହାରଣା ସେବକମାନେ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ସୁଦ୍ଧା ନନ୍ଦିଘୋଷ ଏବଂ ତାଳଧ୍ୱଜ ରଥର ୪ଟି ଲେଖାଏ ଏବଂ ଦେବୀ ରଥର ୩ଟି ଚକ ନିର୍ମାଣ ସରିଛି। ରଥଖଳାରେ ୬ଟି ଅରମୁଣ୍ଡି ଏବଂ ୮ଟି ଅଖ କାଠ ପଡ଼ିଥିବା ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ନୃସିଂହ ଚତୁର୍ଦ୍ଦଶୀଠାରୁ ରୂପକାର ସେବକମାନେ ଖୋଦେଇ କାର୍ଯ୍ୟରେ ଯୋଗଦେଇଛନ୍ତି। କଣଗୁଜ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ରୂପକାର ସେବକ ପଞ୍ଚାନନ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଦୋଳବେଦୀ କୋଣସ୍ଥିତ ଅସ୍ଥାୟୀ କମାରଶାଳରେ କଣ୍ଟା ତିଆରି କାମ ଜୋର୍‌ସୋରରେ ଚାଲିଛି। ରଥ ନିର୍ମାଣ କାମ ଦେଖିବା ପାଇଁ ପ୍ରତ୍ୟହ ଖଳା ନିକଟରେ ଲୋକଙ୍କ ଭିଡ଼ ଜମୁଛି।

## ବେସ୍ କ୍ୟାମ୍ପରେ ...

ଫେରୁଥିବାବେଳେ ବାଲକୋନି ଏରିଆରେ ପ୍ରାଣ ହରାଇଥିବା ଖବର ପ୍ରଚାରିତ ହୋଇଥିଲା। ଢେଙ୍କାନାଳର କଳ୍ପନା ପୂର୍ବରୁ ୨୦୦୪ ଓ ୨୦୦୬ରେ ଏଭରେଷ୍ଟ ଆରୋହଣରେ ବିଫଳ ହୋଇଥିଲେ ହେଁ ୨୦୦୮ ମେ ୨୧ରେ ନିଜ ସ୍ୱପ୍ନକୁ ସାକାର କରିଥିଲେ। ଓଡ଼ିଶାର ପ୍ରଥମ ପର୍ବତାରୋହୀଭାବେ ସେ ଏଭରେଷ୍ଟ ଆରୋହଣ କରିଥିଲେ। ନିକଟରେ ଦ୍ୱିତୀୟଥରପାଇଁ ସେ ନିଜ ଉଦ୍ୟମରେ ସଫଳ ହୋଇଥିଲେ ହେଁ ପ୍ରତ୍ୟାବର୍ତ୍ତନ ପଥରେ ଏହି ଦୁଃଖଦ ଘଟଣା ଘଟିଥିଲା। ତାଙ୍କ ମରଶରୀର ଆଣିବା ଦାୟିତ୍ୱ ରାଜ୍ୟ ସରକାର ନେଇଥିବାବେଳେ ଓଡ଼ିଶାରୁ ଏକ ଟିମ୍ ନେପାଳ ଯାତ୍ରା କରିଛନ୍ତି।

## ୧୧ କ୍ୟାବିନେଟ୍...

କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ତାଙ୍କର କୁଆଡେ ବଡ଼ ଭୂମିକା ଥିଲା। ଏଥିପାଇଁ ତାଙ୍କୁ ପୁଣି ମନ୍ତ୍ରୀ ପଦବୀ ମିଳିଥିବା କୁହାଯାଉଛି। ଏକାମ୍ର ବିଧାୟକ ଅଶୋକ ପଣ୍ଡା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦାୟିତ୍ୱରେ ଥିଲେ। ପୁଣି ତାଙ୍କୁ ମନ୍ତ୍ରୀପଦ ମିଳିଛି। ଗଞ୍ଜାମ ଜିଲାରୁ ମନ୍ତ୍ରୀ ଥିବା ବିକ୍ରମ କେଶରୀ ଆରୁଖ, ସୋନପୁର ଜିଲାରୁ ଦୁଇଜଣ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ନିରଞ୍ଜନ ପୂଜାରୀ ପୁଣି ମନ୍ତ୍ରୀ ପଦବୀ ପାଇବାରେ ସଫଳ ହୋଇଛନ୍ତି।

ଦୀର୍ଘଦିନ ଧରି ବିଧାନସଭାକୁ ଜିତି ଆସୁଥିବା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। କଳାହାଣ୍ଡି ଜିଲାର ଜୁନାଗଡରୁ ଦୁଇଥର

ପ୍ରଥମ ପୃଷ୍ଠାରୁ...

ବିଧାୟକ ହୋଇଥିବା କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ହେବାର ସୌଭଗ୍ୟ ମିଳିଛି। ପୁରୀ ଜିଲାରେ ଦୁଇ ପ୍ରଭାବଶାଳୀ ନେତା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ସଞ୍ଜୟ ଦାସବର୍ମାଙ୍କର ଗତ ନିର୍ବାଚନରେ ଶୋଚନୀୟ ପରାସ୍ତ ହେବା ପରେ ଲଗାତର ୩ ଥର ବିଧାୟକ ହୋଇଥିବା ସମୀର ରଞ୍ଜନ ଦାଶଙ୍କ ପାଇଁ ମନ୍ତ୍ରୀ ହେବା ରାସ୍ତା ପରିଷ୍କାର ହୋଇଯାଇଛି। ଟିଟିଲାଗଡର ଟାଣୁଆ ବିଜେଡି ନେତା ଅଭିମନ୍ୟୁ ସାହୁଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ତ୍ରୀ ଟୁକୁନି ସାହୁଙ୍କୁ ସେଠାରୁ ବିଜେଡି ପ୍ରାର୍ଥୀ କରିଥିଲା। ସେ ଲଗାତର ଦୁଇଥର ସେଠାରୁ ନିର୍ବାଚିତ ହୋଇସାରିଛନ୍ତି। ଟୁକୁନିଙ୍କୁ ମଧ କେନ୍ଦ୍ରାପଡାରେ ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ପ୍ରଚାର ଦାୟିତ୍ୱ ଦିଆଯାଇଥିଲା। ସେ ନିଜର ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଥିବାରୁ ନବୀନ ତାଙ୍କ ଉପରେ ଭରସା କରିଥିବା କୁହାଯାଉଛି। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ପୁଣି ମନ୍ତ୍ରୀ ପଦବୀ ମିଳିଛି। ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିବା ଏବଂ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କୁ ପରାସ୍ତ କରିଥିବା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାଶ ଏବଂ କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ବିଜେଡି ପୁରସ୍କୃତ କରିଛି। ସେହିପରି ଦକ୍ଷିଣ ଓଡ଼ିଶାରୁ ପ୍ରଥମ ଥର ବିଜୟୀ ହୋଇଥିବା କୋଟପାଡ଼ ବିଧାୟିକ ପଦ୍ମିନୀ ଦିଆନଙ୍କୁ ନବୀନ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ନିର୍ବାଚନ ଜିତିବା ପରେ ମନ୍ତ୍ରୀ ହେବା ଆଶାରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅନେକ ଆଶାୟୀ ବିଧାୟକ ଓ ପୂର୍ବତନ ମନ୍ତ୍ରୀ ଗତ କିଛି ଦିନ ହେବ ଭୁବନେଶ୍ୱରରେ ଡେରା ପକାଇଥିଲେ। ଶେଷରେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି।

ଗତ ନିର୍ବାଚନରେ ବିଜେଡିକୁ ରାଜ୍ୟରେ ବିପୁଳ ବିଜୟ ମିଳିଛି। ୧୧୨ ବିଧାନସଭା ଆସନ ଦଖଲ କରି ରାଜ୍ୟ ଶାସନ ମଙ୍ଗ ଧରିବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ନବୀନ ଓ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ପ୍ରଦର୍ଶନୀ ପଡିଆଠାରେ ଶପଥ ନେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଗଣେଶୀ ଲାଲ ଶପଥ ପାଠ କରାଇବେ।

# ଗାଡ଼ି ଡିକି ଭାଙ୍ଗି ଅଳଙ୍କାର ଲୁଟ୍

ଭଦ୍ରକ ଅଫିସ, ୨୮।୫

ଭଦ୍ରକ ଟାଉନ ଥାନା ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢିବାରେ ଲାଗିଛି। କେତେବେଳେ ବାଇକ୍ ଲୁଟ୍ ତ ଆଉ କେତେବେଳେ ଘରେ ପଶି ସୁନା ଅଳଙ୍କାର ଲୁଟି ନେବା ଭଳି ଘଟଣା ଘଟୁଛି। ସୋମବାର ବାଁଶଡା ଥାନା ଅଧୀନ ପରମାନନ୍ଦପୁର ଗାଁର ଅଳଙ୍କାର ବ୍ୟବସାୟୀ ପର୍ଶୁରାମ ସାହୁ(୨୮) ଭଦ୍ରକରୁ ସୁନା ଓ ରୁପା ଅଳଙ୍କାର କିଣି ଭଦ୍ରକ ବାଇପାସ୍‌ରେ ଥିବା ଏକ ଜୁସ୍ ଦୋକାନ ନିକଟରେ ଗାଡି ରଖି ଜୁସ୍ ପିଉଥିବା ବେଳେ ସେଠାରେ ଅଳଙ୍କାର ବ୍ୟାଗ୍ ଲୁଟ୍ ହୋଇଯାଇଥିଲା। ସେ ଜୁସ୍ ପିଇ ସାରି ସ୍କୁଟିର ଡିକି ଖୋଲି ସୁନା ଅଳଙ୍କାର ବ୍ୟାଗ ନ ଥିବା ଦେଖି ଆଖପାଖ ଅଞ୍ଚଳରେ ଲୁଟେରାଙ୍କୁ ଖୋଜାଖୋଜି କରିଥିଲେ । କୌଣସି ସନ୍ଧାନ ନ ପାଇବାରୁ ଶେଷରେ ଟାଉନ ଥାନାରେ ଏତଲା ଦାଏର କରିଥିଲେ। ପୋଲିସ ଏ ନେଇ ଏକ ମାମଲା(ନଂ ୧୫୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଲୁଟେରାଙ୍କ କୌଣସି ସନ୍ଧାନ ମିଳିନାହିଁ।

# ବିଧାନସଭା ନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କ ଭୋଟ ବ୍ୟବଧାନ

| ଆସନ ସଂଖ୍ୟା | ନିର୍ବାଚନମଣ୍ଡଳୀ | ବିଜୟୀ ପ୍ରାର୍ଥୀ | ଦଳ | ବ୍ୟବଧାନ |
|---|---|---|---|---|
| ୧୨୦. | ଖଣ୍ଡପଡ଼ା | ସୌମ୍ୟରଞ୍ଜନ ପଟ୍ଟନାୟକ | ବିଜେଡି | ୮୧୪୩୦ |
| ୧୩୧. | ହିଞ୍ଜିଳି | ନବୀନ ପଟ୍ଟନାୟକ | ବିଜେଡି | ୬୦୧୬୦ |
| ୮୯. | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ | ବିଜେଡି | ୫୭୯୯୫ |
| ୨. | ବିଜେପୁର | ନବୀନ ପଟ୍ଟନାୟକ | ବିଜେଡି | ୫୭୧୨୨ |
| ୯୮. | ଆଳି | ପ୍ରତାପ କେଶରୀ ଦେବ | ବିଜେଡି | ୫୫୬୦୧ |
| ୧୦୩. | ବାଲିକୁଦା-ଏରସମା | ରଘୁନନ୍ଦନଦାସ | ବିଜେଡି | ୫୪୫୮୩ |
| ୫୧. | ଧର୍ମଶାଳା | ପ୍ରଣବ କୁମାର ବଳବନ୍ତରାଏ | ବିଜେଡି | ୫୨୭୩୯ |
| ୧୨୫. | କବିସୂର୍ଯ୍ୟନଗର | ଲତିକା ପ୍ରଧାନ | ବିଜେଡି | ୪୯୦୨୮ |
| ୬୩. | ଆଠମଲ୍ଲିକ | ରମେଶ ଚନ୍ଦ୍ର ସାଏ | ବିଜେଡି | ୪୭୧୮୪ |
| ୭. | ଝାରସୁଗୁଡା | ନବକିଶୋର ଦାସ | ବିଜେଡି | ୪୫୬୯୯ |
| ୧୦୫. | କାକଟପୁର | ତୁଷାରକାନ୍ତି ବେହେରା | ବିଜେଡି | ୪୫୬୯୧ |
| ୨୨. | ଆନନ୍ଦପୁର | ଭାଗୀରଥି ସେଠୀ | ବିଜେଡି | ୪୪୧୯୩ |
| ୧୨୬. | ଖଲ୍ଲିକୋଟ | ସୂର୍ଯ୍ୟମଣି ବୈଦ୍ୟ | ବିଜେଡି | ୪୧୫୪୫ |
| ୫୨. | ଯାଜପୁର | ପ୍ରଣବ ପ୍ରକାଶ ଦାଶ | ବିଜେଡି | ୪୦୬୫୬ |
| ୧୩୪. | ଦିଗପହଣ୍ଡି | ସୂର୍ଯ୍ୟନାରାୟଣ ପାତ୍ର | ବିଜେଡି | ୪୦୪୫୨ |
| ୧୦୨. | ତିର୍ତ୍ତୋଲ | ବିଷ୍ଣୁଚରଣ ଦାସ | ବିଜେଡି | ୪୦୩୮୬ |
| ୧୩୩. | ବ୍ରହ୍ମପୁର | ବିକ୍ରମ କୁମାର ପଣ୍ଡା | ବିଜେଡି | ୩୫୪୮୪ |
| ୩୫. | ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର | ବିଜେଡି | ୩୫୪୪୩ |
| ୧୨୧. | ଦଶପଲ୍ଲା | ରମେଶ ଚନ୍ଦ୍ର ବେହେରା | ବିଜେଡି | ୩୫୨୯୧ |
| ୪୪. | ଭଦ୍ରକ | ସଞ୍ଜୀବ କୁମାର ମଲ୍ଲିକ | ବିଜେଡି | ୩୩୩୮୯ |
| ୨୧. | ଘସିପୁରା | ବଦ୍ରିନାରାୟଣ ପାତ୍ର | ବିଜେଡି | ୩୨୬୮୮ |
| ୯୪. | ସାଲେପୁର | ପ୍ରଶାନ୍ତ ବେହେରା | ବିଜେଡି | ୩୨୨୧୦ |
| ୧୦୬. | ନିମାପଡ଼ା | ସମୀର ରଞ୍ଜନ ଦାଶ | ବିଜେଡି | ୩୨୦୦୮ |
| ୪୭. | ଝରିଗାଁ | ପ୍ରକାଶ ଚନ୍ଦ୍ର ମାଝି | ବିଜେଡି | ୩୧୩୭୦ |
| ୫୩. | କୋରେଇ | ଅଶୋକ କୁମାର ବଳ | ବିଜେଡି | ୩୦୭୨୪ |
| ୯୫. | ମାହାଙ୍ଗା | ପ୍ରତାପ ଜେନା | ବିଜେଡି | ୨୯୫୮୫ |
| ୧୧୪. | ଏକାମ୍ର ଭୁବନେଶ୍ୱର | ଅଶୋକ ଚନ୍ଦ୍ର ପଣ୍ଡା | ବିଜେଡି | ୨୮୬୫୭ |
| ୭୮. | ଜୁନାଗଡ଼ | ଦିବ୍ୟଶଙ୍କର ମିଶ୍ର | ବିଜେଡି | ୨୭୮୫୯ |
| ୯୨. | ନିଆଳି | ଡ.ପ୍ରମୋଦ୍ କୁମାର ମଲ୍ଲିକ | ବିଜେଡି | ୨୭୭୦୩ |
| ୧୨୮. | ଆସ୍କା | ମଞ୍ଜୁଳା ସ୍ୱାଇଁ | ବିଜେଡି | ୨୭୨୩୩ |
| ୨୫. | ଚମ୍ପୁଆ | ମୀନାକ୍ଷୀ ମହାନ୍ତ | ବିଜେଡି | ୨୬୪୦୮ |
| ୯୩. | କଟକ ସଦର | ଚନ୍ଦ୍ରସାରଥି ବେହେରା | ବିଜେଡି | ୨୬୦୭୯ |
| ୬୫. | ସୋନପୁର | ନିରଞ୍ଜନ ପୂଜାରୀ | ବିଜେଡି | ୨୫୭୨୬ |
| ୧୪୬. | ମାଲକାନଗିରି | ଆଦିତ୍ୟ ମାଢୀ | ଭାଜପା | ୨୫୫୬୯ |
| ୧୧୩. | ଭୁବନେଶ୍ୱର ଉତ୍ତର | ସୁଶାନ୍ତ କୁମାର ରାଉତ | ବିଜେଡି | ୨୫୪୧୪ |
| ୮୪. | ଫୁଲବାଣୀ | ଅଙ୍ଗଦ କହଁର | ବିଜେଡି | ୨୪୪୧୬ |
| ୮୮. | ବାଙ୍କୀ | ଦେବୀ ରଞ୍ଜନ ତ୍ରିପାଠୀ | ବିଜେଡି | ୨୪୧୧୮ |
| ୬୦. | ତାଳଚେର | ବ୍ରଜକିଶୋର ପ୍ରଧାନ | ବିଜେଡି | ୨୪୧୦୨ |
| ୧୩୦. | ସାନଖେମୁଣ୍ଡି | ରମେଶ ଚନ୍ଦ୍ର ଜେନା | କଂଗ୍ରେସ | ୨୩୭୨୭ |
| ୫. | ଭଟ୍ଲି | ସୁଶାନ୍ତ ସିଂ | ବିଜେଡି | ୨୩୨୩୨ |
| ୪. | ଅତାବିରା | ସ୍ନେହାଙ୍ଗିନୀ ଛୁରିଆ | ବିଜେଡି | ୨୨୩୯୬ |
| ୯୧. | ଚୌଦ୍ୱାର-କଟକ | ସୌଭିକ୍ ବିଶ୍ୱାଳ | ବିଜେଡି | ୨୧୫୮୪ |
| ୪୮. | ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ବିଜେଡି | ୨୧୨୨୬ |
| ୧୨୭. | ଛତ୍ରପୁର | ସୁବାସ ଚନ୍ଦ୍ର ବେହେରା | ବିଜେଡି | ୨୧୦୫୧ |
| ୧୦୧. | ପାରାଦୀପ | ସମ୍ବିତ୍ ରାଉତରାୟ | ବିଜେଡି | ୨୦୯୯୨ |
| ୫୫. | ଢେଙ୍କାନାଳ | ସୁଧୀର କୁମାର ସାମଲ | ବିଜେଡି | ୨୦୬୪୦ |
| ୧୩୫. | ଚିକିଟି | ଉଷା ଦେବୀ | ବିଜେଡି | ୨୦୬୩୫ |
| ୭୧. | ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ | ବିଜେଡି | ୨୦୩୩୦ |
| ୧୧୬. | ବେଗୁନିଆ | ରାଜେନ୍ଦ୍ର କୁମାର ସାହୁ | ବିଜେଡି | ୨୦୦୪୮ |
| ୬୯. | ଟିଟିଲାଗଡ଼ | ଟୁକୁନି ସାହୁ | ବିଜେଡି | ୧୯୫୮୭ |
| ୩୩. | ବାରିପଦା | ପ୍ରକାଶ ସୋରେନ୍ | ଭାଜପା | ୧୯୪୧୧ |
| ୫୬. | ହିନ୍ଦୋଳ | ସୀମାରାଣୀ ନାୟକ | ବିଜେଡି | ୧୮୯୦୫ |
| ୧୧୧. | ଜୟଦେବ | ଅରବିନ୍ଦ ଢାଲି | ବିଜେଡି | ୧୮୭୦୦ |
| ୯୯. | ରାଜନଗର | ଧ୍ରୁବଚରଣ ସାହୁ | ବିଜେଡି | ୧୮୪୦୮ |
| ୮୭. | ବଡମ୍ବା | ଦେବୀପ୍ରସାଦ ମିଶ୍ର | ବିଜେଡି | ୧୮୦୧୯ |
| ୧୦୯. | ସତ୍ୟବାଦୀ | ଉମାକାନ୍ତ ସାମନ୍ତରାୟ | ବିଜେଡି | ୧୭୮୧୨ |
| ୩୬. | ଭୋଗରାଇ | ଅନନ୍ତ ଦାସ | ବିଜେଡି | ୧୬୮୭୫ |
| ୫୪. | ସୁକିନ୍ଦା | ପ୍ରୀତିରଞ୍ଜନ ଘଡାଇ | ବିଜେଡି | ୧୬୭୩୦ |
| ୫୭. | କାମାକ୍ଷାନଗର | ପ୍ରଫୁଲ୍ଲ କୁମାର ମଲ୍ଲିକ | ବିଜେଡି | ୧୬୫୦୯ |
| ୧୦. | ବୀରମିତ୍ରପୁର | ଶଙ୍କର ଓରାମ୍ | ଭାଜପା | ୧୬୩୫୧ |
| ୮. | ତଳସରା | ଭବାନୀ ଶଙ୍କର ଭୋଇ | ଭାଜପା | ୧୬୧୮୮ |
| ୭୯. | ଧର୍ମଗଡ | ମୌଷଧୀ ବାଗ୍ | ବିଜେଡି | ୧୬୦୯୮ |
| ୧୧୦. | ପିପିଲି | ପ୍ରଦୀପ ମହାରଥୀ | ବିଜେଡି | ୧୫୭୮୭ |
| ୧୦୦. | ମହାକାଳପଡା | ଅତନୁ ସବ୍ୟବାଚୀ ନାୟକ | ବିଜେଡି | ୧୫୬୬୩ |
| ୧୩୭. | ପାରଳାଖେମୁଣ୍ଡି | କେ.ନାରାୟଣ ରାଓ | ଭାଜପା | ୧୫୩୩୫ |
| ୪୨. | ସିମୁଳିଆ | ଜ୍ୟୋତିପ୍ରକାଶ ପାଣିଗ୍ରାହୀ | ବିଜେଡି | ୧୪୯୫୯ |
| ୧୨୨. | ନୟାଗଡ | ଅରୁଣ କୁମାର ସାହୁ | ବିଜେଡି | ୧୪୮୫୫ |
| ୧୮. | ରେଢାଖୋଲ | ରୋହିତ ପୂଜାରୀ | ବିଜେଡି | ୧୪୬୩୨ |
| ୭୭. | ଲାଞ୍ଜିଗଡ | ପ୍ରଦୀପ କୁମାର ଦିଶାରୀ | ବିଜେଡି | ୧୪୩୦୮ |
| ୧୨୯. | ସୋରଡ଼ା | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ବିଜେଡି | ୧୩୯୯୬ |
| ୬୬. | ଲୋଇସିଂହା | ମୁକେଶ ମହାଲିଙ୍ଗ | ଭାଜପା | ୧୩୬୬୮ |
| ୩୮. | ବାଲେଶ୍ୱର | ମଦନମୋହନ ଦତ୍ତ | ଭାଜପା | ୧୩୪୦୬ |
| ୧୩୯. | ବିଷମକଟକ | ଜଗନ୍ନାଥ ସାରକା | ବିଜେଡି | ୧୩୩୩୨ |
| ୬୪. | ବୀରମହାରାଜପୁର | ପଦ୍ମନାଭ ବେହେରା | ବିଜେଡି | ୧୩୦୫୭ |
| ୧୨୪. | ପୋଲସରା | ଶ୍ରୀକାନ୍ତ ସାହୁ | ବିଜେଡି | ୧୨୭୩୯ |
| ୧୪. | ବଣାଇ | ଲକ୍ଷ୍ମଣ ମୁଣ୍ଡା | ସିପିଏମ୍ | ୧୨୦୩୦ |
| ୩୭. | ବସ୍ତା | ନିତ୍ୟାନନ୍ଦ ସାହୁ | ବିଜେଡି | ୧୧୮୬୪ |
| ୨୯. | ବାଙ୍ଗିରିପୋଷି | ସୁଦାମ ମାଣ୍ଡି | ବିଜେଡି | ୧୧୮୪୪ |
| ୬. | ବ୍ରଜରାଜନଗର | କିଶୋର କୁମାର ମହାନ୍ତି | ବିଜେଡି | ୧୧୬୩୪ |
| ୧୧୨. | ଭୁବନେଶ୍ୱରମଧ୍ୟ | ଅନନ୍ତ ନାରାୟଣ ଜେନା | ବିଜେଡି | ୧୧୪୪୨ |
| ୮୩. | ଜି.ଉଦୟଗିରି | ସାଲୁଗା ପ୍ରଧାନ | ବିଜେଡି | ୧୧୨୬୧ |
| ୩୨. | ବଡ଼ସାହି | ସନାତନ ବିଜୁଳି | ଭାଜପା | ୧୧୧୧୯ |
| ୬୭. | ପାଟଣାଗଡ଼ | ସରୋଜ କୁମାର ବେହେରା | ବିଜେଡି | ୧୧୦୨୮ |
| ୧୧୮. | ଚିଲିକା | ପ୍ରଶାନ୍ତ କୁମାର ଜଗଦ୍ଦେବ | ବିଜେଡି | ୧୦୮୫୬ |
| ୧୨. | ରାଉରକେଲା | ସାରଦା ପ୍ରସାଦ ନାୟକ | ବିଜେଡି | ୧୦୪୬୦ |
| ୮୬. | ବୌଦ୍ଧ | ପ୍ରଦୀପ କୁମାର ଅମାତ | ବିଜେଡି | ୧୦୪୪୮ |
| ୧୧୭. | ଖୋର୍ଦ୍ଧା | ଜ୍ୟୋତିରିନ୍ଦ୍ରନାଥ ମିତ୍ର | ବିଜେଡି | ୧୦୦୪୩ |
| ୭୩. | ଉମରକୋଟ | ନିତ୍ୟାନନ୍ଦ ଗଣ୍ଡ | ଭାଜପା | ୯୯୨୨ |
| ୪୫. | ବାସୁଦେବ ପୁର | ବିଷ୍ଣୁବ୍ରତ ରାଉତରାୟ | ବିଜେଡି | ୯୫୮୧ |
| ୧୨୩. | ଭଞ୍ଜନଗର | ବିକ୍ରମ କେଶରୀ ଆରୁଖ | ବିଜେଡି | ୯୧୦୩ |
| ୮୧. | ନର୍ଲା | ଭୂପିନ୍ଦର ସିଂ | ବିଜେଡି | ୯୦୨୦ |
| ୪୩. | ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ | ବିଜେଡି | ୮୮୫୯ |
| ୬୧. | ଅନୁଗୋଳ | ରଜନୀକାନ୍ତ ସିଂ | ବିଜେଡି | ୮୮୨୩ |
| ୩୦. | କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ୍ | ବିଜେଡି | ୮୭୬୩ |
| ୧୦୪. | ଜଗତ୍ସିଂହପୁର | ପ୍ରଶାନ୍ତ କୁମାର ମୁଦୁଲି | ବିଜେଡି | ୮୬୪୨ |
| ୨୬. | ଯଶିପୁର | ଗଣେଶ ରାମସିଂ ଖୁଣ୍ଟିଆ | ଭାଜପା | ୮୫୫୨ |
| ୩. | ବରଗଡ | ଦେବେଶ ଆଚାର୍ଯ୍ୟ | ବିଜେଡି | ୮୪୫୨ |
| ୪୭. | ଚାନ୍ଦବାଲି | ବ୍ୟୋମକେଶ ରାଏ | ବିଜେଡି | ୮୦୮୦ |
| ୨୩. | ପାଟଣା | ଜଗନ୍ନାଥ ନାଏକ | ବିଜେଡି | ୭୭୯୬ |
| ୧୧୫. | ଜଟଣୀ | ସୁରେଶ କୁମାର ରାଉତରାୟ | କଂଗ୍ରେସ | ୭୫୨୨ |
| ୯. | ସୁନ୍ଦରଗଡ | କୁସୁମ ଟେଟେ | ଭାଜପା | ୭୩୬୪ |
| ୭୬. | ଡାବୁଗାଁ | ମନୋହର ରନ୍ଧାରୀ | ବିଜେଡି | ୭୩୬୩ |
| ୧୯. | ଦେବଗଡ଼ | ସୁବାସ ଚନ୍ଦ୍ର ପାଣିଗ୍ରାହୀ | ଭାଜପା | ୭୧୦୬ |
| ୮୨. | ବାଲିଗୁଡ଼ା | ଚକ୍ରମଣି କହଁର | ବିଜେଡି | ୬୯୧୦ |
| ୭୫. | ନବରଙ୍ଗପୁର | ସଦାଶିବ ପ୍ରଧାନୀ | ବିଜେଡି | ୬୮୭୮ |
| ୨୭. | ସାରସକଣା | ଡ.ବୁଧାନ ମୁର୍ମୁ | ଭାଜପା | ୬୮୧୩ |
| ୬୨. | ଛେଣ୍ଡିପଦା | ସୁଶାନ୍ତ କୁମାର ବେହେରା | ବିଜେଡି | ୬୭୯୪ |
| ୧୬. | ରେଙ୍ଗାଲି | ନାଉରି ନାୟକ | ଭାଜପା | ୬୭୪୩ |
| ୩୪. | ମୋରଡା | ରାଜକିଶୋର ଦାସ | ବିଜେଡି | ୬୭୦୪ |
| ୯୭. | କେନ୍ଦ୍ରାପଡା | ଶଶିଭୂଷଣ ବେହେରା | ବିଜେଡି | ୬୩୨୦ |
| ୧୪୪. | କୋରାପୁଟ | ରଘୁରାମ ପଡାଲ | ବିଜେଡି | ୬୨୮୫ |
| ୧୩୮. | ଗୁଣୁପୁର | ରଘୁନାଥ ଗମାଙ୍ଗ | ବିଜେଡି | ୬୨୭୦ |
| ୫୯. | ପାଲଲହଡା | ମୁକେଶ କୁମାର ପାଲ | ବିଜେଡି | ୬୨୧୪ |
| ୨୦. | ତେଲକୋଇ | ପ୍ରେମାନନ୍ଦ ନାୟକ | ବିଜେଡି | ୫୯୨୦ |
| ୧. | ପଦମ୍ପୁର | ବିଜୟ ରଞ୍ଜନ ସିଂ ବରିହା | ବିଜେଡି | ୫୭୩୪ |
| ୧୪୩. | ଜୟପୁର | ତାରାପ୍ରସାଦ ବାହିନୀପତି | କଂଗ୍ରେସ | ୫୪୫୧ |
| ୬୮. | ବଲାଙ୍ଗୀର | ନରସିଂହ ମିଶ୍ର | କଂଗ୍ରେସ | ୫୩୪୧ |
| ୪୧. | ସୋର | ପର୍ଶୁରାମ ଧଡା | ବିଜେଡି | ୪୯୩୬ |
| ୧୪୦. | ରାୟଗଡା | ମକରନ୍ଦ ମୁଦୁଲି | ସ୍ୱାଧୀନ | ୪୮୭୦ |
| ୮୦. | ଭବାନୀପାଟଣା | ପ୍ରଦୀପ୍ତ କୁମାର ନାୟକ | ଭାଜପା | ୪୬୮୪ |
| ୧୧. | ରଘୁନାଥପାଲି | ସୁବ୍ରତ ତରାଇ | ବିଜେଡି | ୪୬୮୪ |
| ୪୬. | ଧାମନଗର | ବିଷ୍ଣୁ ଚରଣ ସେଠୀ | ଭାଜପା | ୪୬୨୫ |
| ୧୭. | ସମ୍ବଲପୁର | ଜୟନାରାୟଣ ମିଶ୍ର | ଭାଜପା | ୪୩୮୦ |
| ୧୪୫. | ପଟ୍ଟାଙ୍ଗୀ | ପ୍ରିତମ ପାଢୀ | ବିଜେଡି | ୪୨୫୫ |
| ୧୧୯. | ରଣପୁର | ସତ୍ୟନାରାୟଣ ପ୍ରଧାନ | ବିଜେଡି | ୪୨୫୧ |
| ୩୯. | ରେମୁଣା | ସୁଧାଂଶୁ ଶେଖର ପରିଡା | ବିଜେଡି | ୪୧୧୮ |
| ୪୯. | ବରୀ | ସୁନନ୍ଦା ଦାସ | ବିଜେଡି | ୪୦୬୨ |
| ୧୦୭. | ପୁରୀ | ଜୟନ୍ତ କୁମାର ଷଡଙ୍ଗୀ | ଭାଜପା | ୪୦୦୮ |
| ୯୦. | ବାରବାଟୀ-କଟକ | ମହମ୍ମଦ ମୋକିମ୍ | କଂଗ୍ରେସ | ୩୮୨୭ |
| ୮୫. | କନ୍ଧମାଳ | ମହିଧର ରଣା | ବିଜେଡି | ୩୬୫୦ |
| ୧୫. | କୁଚିଣ୍ଡା | କିଶୋର ଚନ୍ଦ୍ର ନାୟକ | ବିଜେଡି | ୩୫୦୮ |
| ୭୨. | ଖରିଆର | ଅଧିରାଜମୋହନ ପାଣିଗ୍ରାହୀ | କଂଗ୍ରେସ | ୨୮୫୭ |
| ୨୮. | ରାଇରଙ୍ଗପୁର | ନବଚରଣ ମାଝି | ଭାଜପା | ୨୮୪୭ |
| ୧୩୨. | ଗୋପାଳପୁର | ପ୍ରଦୀପ କୁମାର ପାଣିଗ୍ରାହୀ | ବିଜେଡି | ୨୬୭୩ |
| ୧୪୨. | କୋଟପାଡ଼ | ପଦ୍ମିନୀ ଦିଆନ | ବିଜେଡି | ୨୬୩୧ |
| ୧୪୭. | ଚିତ୍ରକୋଣ୍ଡା | ପୂର୍ଣ୍ଣଚନ୍ଦ୍ର ବକା | ବିଜେଡି | ୨୫୪୫ |
| ୧୩୬. | ମୋହନା | ଦାଶରଥୀ ଗମାଙ୍ଗ | କଂଗ୍ରେସ | ୨୩୫୪ |
| ୧୦୮. | ବ୍ରହ୍ମଗିରି | ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର | ଭାଜପା | ୨୧୩୦ |
| ୪୦. | ନୀଳଗିରି | ସୁକାନ୍ତ କୁମାର ନାୟକ | ଭାଜପା | ୧୫୭୭ |
| ୫୦. | ବଡଚଣା | ଅମର ପ୍ରସାଦ ଶତପଥୀ | ବିଜେଡି | ୧୪୮୫ |
| ୩୧. | ଉଦଳା | ଭାସ୍କର ମଢେଇ | ଭାଜପା | ୧୪୩୩ |
| ୨୪. | କେନ୍ଦୁଝର | ମୋହନଚରଣ ମାଝୀ | ଭାଜପା | ୧୧୨୪ |
| ୧୩. | ରାଜଗାଙ୍ଗପୁର | ସି.ଏସ୍. ରାଜେନ ଏକ୍କା | କଂଗ୍ରେସ | ୯୪୬ |
| ୫୮. | ପରଜଙ୍ଗ | ନୃସିଂହ ଚରଣ ସାହୁ | ବିଜେଡି | ୭୪୦ |
| ୧୪୧. | ଲକ୍ଷ୍ମୀପୁର | ପ୍ରଭୁ ଜାନି | ବିଜେଡି | ୨୨୯ |
| ୭୦. | କଣ୍ଟାବାଞ୍ଜି | ସନ୍ତୋଷ ସିଂ ସାଲୁଜା | କଂଗ୍ରେସ | ୧୨୮ |

## ଗୋଛା ସଂରକ୍ଷିତ ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣା

# ଗଳିତ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ନୟାଗଡ଼ ଅଫିସ, ୨୮।୫**



■ ବିଭାଗ କହିଲା ଅଂଶୁଘାତରେ ହୋଇଛି ମୃତ୍ୟୁ
■ ଦାନ୍ତ ଲୁଟି ନେଇଛନ୍ତି ଶିକାରୀ

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ହାତୀର ଗଳିତ ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋତି ଦିଆଯାଇଛି। ମୃତ ହାତୀର ବୟସ ୫ ବର୍ଷ। ଅଂଶୁଘାତରେ ତା'ର ମୃତ୍ୟୁ ହୋଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ପାଣିଥିବା ନାଳ ନିକଟରେ ତା'ର ମୃତ୍ୟୁ ହୋଇଥିବା ବେଳେ ହାତୀଟି କିପରି ଅଂଶୁଘାତରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ଏଭଳି ମିଛର ଆଶ୍ରୟ ନେଇଥିବା ଆଲୋଚନା ହେଉଛି।

ସୂଚନାଯୋଗ୍ୟ, କିଛି ଦିନ ହେଲାଣି ଦଶପଲ୍ଲା ଜଙ୍ଗଲରୁ ୭ଟି ହାତୀ ଥିବା ପଲ ଆସି ଗୋଛା ଜଙ୍ଗଲରେ ଚଳପ୍ରଚଳ କରୁଥିଲେ। ସେଥିରୁ ଗୋଟିଏ ହାତୀର ୪ରୁ ୫ ଦିନ ତଳେ ମୃତ୍ୟୁ ଘଟିଥିଲା। ସୋମବାର ସନ୍ଧ୍ୟାରେ ବିଭାଗ ଏ ନେଇ ଖବର ପାଇବା ପରେ ରାତିରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲା। ମଙ୍ଗଳବାର ସକାଳେ ଏହି ଟିମ୍ ସହିତ ପ୍ରାଣୀ ଚିକିତ୍ସା ଅଧିକାରୀ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାକୁ ନିକଟସ୍ଥ ନାଳ କଡ଼ରେ ପୋତି ଦେଇଥିଲେ। ମରି ଯାଇଥିବା ହାତୀଟି ଦନ୍ତା ଥିଲା। ହେଲେ ତା'ର ବାମ ଦାନ୍ତ ନ ଥିଲା। ଶିକାର ଉଦ୍ଦେଶ୍ୟରେ କେହି ତାକୁ ହତ୍ୟାକରି ବାମ ଦାନ୍ତକୁ ନେଇ ଯାଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ହାତୀ ମରିଥିବା ଜାଗାଠାରୁ ଅଳ୍ପ ଦୂରରେ ଚୁଲି ଥିବାରୁ ଶିକାରୀମାନେ ସେଠାରେ ରୋଷେଇ କରି ଖାଇଥିବା ଅନୁମାନ କରାଯାଇଛି। ଏ ନେଇ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ତଥା ଦାୟିତ୍ୱରେ ଥିବା ନୟାଗଡ଼ ବନଖଣ୍ଡ ଅଧିକାରୀ ସୁଦୀପ ନାୟକ କୁହନ୍ତି, ମୃତ ହାତୀଟି ୫ ବର୍ଷ ବୟସର ହୋଇଥିବାରୁ ତା'ର ଦାନ୍ତ ବିଶେଷ ବଡ଼ ହୋଇ ନ ଥିବ। ବ୍ୟବଚ୍ଛେଦ ରିପୋର୍ଟ ପରେ ଦାନ୍ତକଥା ଜଣାପଡ଼ିବ ବୋଲି ସେ କହିଥିଲେ। ସେହିପରି ପଞ୍ଚରିଡ଼ା ରେଞ୍ଜର ଧନେଶ୍ୱର ରଥ କୁହନ୍ତି, ହାତୀଟି ଛୋଟ ଥିବାରୁ ତା'ର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସେ ନାଳକୁ ପାଣି ପିଇବା ପାଇଁ ଆସିଥିଲା। ହେଲେ ନାଳରେ ପାଣି ନଥିବାରୁ ସେ ସେଠାରେ ପଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି। ହାତୀଟି ବୟସ୍କ ହୋଇ ନ ଥିବାରୁ ତା'ର ଦାନ୍ତ ହୋଇ ନ ଥିବା ସେ କହିଥିଲେ। ଅନ୍ୟପକ୍ଷେ ହାତୀର କାନ୍ଧ ପାଖରୁ ରକ୍ତ ବାହାରୁଥିବା ବେଳେ ଡାହାଣ ପଟ ଦାନ୍ତ ଥିବା ଓ ବାମ ପଟ ଦାନ୍ତ ନ ଥିବା ଘଟଣା ପ୍ରସଙ୍ଗକୁ ଭିନ୍ନ ଆଡ଼କୁ ଟାଣି ନେଉଛି। ଏହି ଘଟଣା ସରକାରଙ୍କ ତରଫରୁ କାମ୍ପା ଯୋଜନାରେ ବିଭିନ୍ନ ଜଙ୍ଗଲରେ ହେଉଥିବା ପାନୀୟ ଜଳ ପ୍ରକଳ୍ପର ବାସ୍ତବିକ ସ୍ଥିତିକୁ ପଦାରେ ପକାଇ ଦେଇଛି।


## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED
(A Govt. of Odisha Undertaking)
Office of the Deputy General Manager [Electrical] EHT (O&M) Division, Duburi (New), At-Bhitarmanika, Po-Pankapal, Dist.-Jajpur-755026
email:ehtm.div.nduburi@optcl.co.in, CIN- U40102OR2004SGC007553
(Connect us-Facebook/optcl.odisha, Twitter/optcl.odisha

No.Tech/Vehicle01/19-20 **TENDER CALL NOTICE NO.01/2019-20** Date: 28.05.2019

Sealed Tenders are invited from the registered Travel agency/Private organization/Individual owner of the vehicle having valid GST registration certificate, PAN card for supply of 01 (One) no. of Diesel run light vehicle 05 seated AC "Indigo ecs" or its equivalent for D.G.M (Elect) of EHT (O&M) Division, New Duburi on monthly hired basis. Cost of tender paper is Rs.2000/- +GST@12%=Rs.2240/- (Including GST), EMD=Rs.3,000/-. Sale of tender documents is from 30.05.2019 to 27.06.2019 (during office hours). Last date of submission of tender is Date 28.06.2019 up to 01:00 P.M. Date of opening of tender is Date 28.06.2019 at 3:00 P.M. For details our website www.optcl.co.in. Corrigendum if any will be published in the OPTCL website only.

Sd./- Dy. General Manager (Elect), EHT (O&M) Division, OPTCL, New Duburi

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
E.H.T.(O&M) DIVISION, JODA, P.O.-Boneikala, Dist.-Keonjhar, Pin.-758038 (ODISHA), CIN:- U40102OR2004SGC007553
PHONE NO.-7328829375, E-mail:- ehtm.div.jod@optcl.co.in

Letter No.173 **TENDER CALL NOTICE NO.- 03/2019-20** Date: 28.05.2019

Sealed tenders are invited from the Civil & HT Contractors having vaild "C" & "D" Class Civil Contractor license issued by Govt. of Odisha/Military/Railways & having valid IT PAN Card/ GST registration for theWork of "Repair & reconstruction of main Drain of grid s/s joda under EHT(O&M) Division Joda. Cost of Tender paper Rs.2240/-, EMD=Rs.5000/-, Sale of Tender documents from dt:- 01.06.2019 to 10.06.2019. Last Date of submission of tender :- 11.06.2019 up to 1.00 P.M. Date of opening of tender :- 11.06.2019 at 3.00 P.M. For details visit our Website :- www.optcl.co.in. Corrigendum if any will be published in the OPTCL website only.

Sd./- Dy. General Manager(Elect.), EHT (O&M) Division Joda

## GOVT. OF ODISHA
## OFFICE OF THE EXECUTIVE ENGINEER
## MAHANADI BARRAGE DIVISION, CUTTACK

No.13-A:- Phone No. 0671–2440118,
Email–eembarragedivnctc@gmail.com

**'e'-procurement Notice No.EEMBD-01/2019-20**

| | | | |
|---|---|---|---|
| 1. | Name of work | : | "Restoration to Rope Drum cover and Gear Box cover of Mahanadi and Birupa Barrage for the year 2019-20". |
| 2. | Total No. of works | : | 01 (One) No. of work. |
| 3. | Tender Cost | : | Rs. 28.56 lakhs. |
| 4. | Mode of Payment of EMD(Bid Security) & Bid Cost | : | The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN. |
| 5. | Period of completion | : | (01 Month) |
| 6. | Other details as follows | | |
| (i) | Procurement Officer | : | Executive Engineer, Mahanadi Barrage Division, Cuttack. |
| (ii) | Availability of Tender online for Bidding | : | 30.05.2019 from 10.00 A.M to 10.06.2019 up to 5.00 P.M. |
| (iii) | Date,Time & Venue of opening of Bid through Online | : | Dtd.11.06.2019 - 11.30 A.M. for both Technical Bid & Financial Bid in the Office of the Executive Engineer, Mahanadi Barrage Division, Cuttack. |
| (iv) | Date of Transparent Lottery to be Conducted (if required) | : | On 13.06.2019 at 11.30 A.M in the office Chamber of the Executive Engineer, Mahanadi Barrage Division, Gandarpur, Cuttack. (Bidders shall furnish their present e-mail id, address and Telephone No. for further correspondence) |

Further details can be seen from the Govt. web site www.tendersodisha.gov.in.

Executive Engineer, Mahanadi Barrage Division, Cuttack

32165/11/0001/1920

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

(A Govt. of Odisha Undertaking)
OFFICE OF DGM (EL) EHT (C) Division, Berhampur-760007
NOTICE INVITING TENDER

**TENDER CALL NOTICE NO.01/2019-20**

Advt. No.01/2019-20 Date: 27.05.2019

Sealed Tenders are invited from the registered service providers/contractors having valid GST registration, EPF & ESI registration, PAN for the work **"Annual maintenance contract for cleaning, sweeping, up-keeping and sanitation works of different offices with its surroundings under EHT(C) Division, Berhampur"**. Cost of Tender paper (non-refundable) =Rs.4,000/- +12% GST=Rs.4,480/- EMD 1% of total estimated value (EMD=Rs.5,550.00). Sale of Tender documents from **29.05.2019** to **04.06.2019.** last date of submission of tender 11.00 A.M of **06.06.2019**. Date of opening of tender 03.00 P.M of **06.06.2019**. For details please visit our website www.optcl.co.in or office in official hours. Corrigendum if any will be published in the office notice board only.

Sd./- DGM (Elect.)

No.10-C

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## PUBLIC HEALTH CIRCLE, SAMBALPUR, ODISHA.

E-mail id: - sephsbp@yahoo.in

**NATIONAL COMPETITIVE BIDDING THROUGH e-Procurement**

Bid Identification No. SEPHSBP- 01 /2019-20 Dt. 25.05.2019

| | | |
|---|---|---|
| 01 | Number of Work | 1 no. |
| 02 | Type of Bid | Two Bid systems |
| 03 | Estimated Cost | Rs.104.26 lakh |
| 04 | Period of Completion | 6 (Six Calendar Months) |
| 05 | Class of Contractor | Class 'B' / Class 'A' |
| 06 | Date & Time of availability of bid document in the portal | From 11.00 Hrs. of dt. 03.06.2019 to 17.00 Hrs. of 17.06.2019 |
| 07 | Last date / time of seeking clarification | 17.00 Hrs. of 10.06.2019 |
| 08 | Last date / time of receipt of bids in the portal | 17.00 Hrs. of 17.06.2019 |
| 09 | Date & Time of opening of Technical bids | At 11.00 Hrs. of 19.06.2019 |
| 10 | Name and Address of the Officer Inviting Bid | Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the e-Procurement portal "http://www.tendersorissa.gov.in"

Sd./- Superintending Engineer, P.H. Circle, Sambalpur.

13018/11/0001/1920

## PARADIP PORT TRUST
**e-TENDERING NOTICE**

Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **Welding Machine.** The last date & time of submission of the tender is **17.00 Hours** on **Dt. 12.06.2019.** For details, log on to website **https://eprocure.gov.in/eprocure/app**

Sr. Dy. Materials Manager

PPT/PR/90/19-20, Dt.28/05/2019

## ODISHA HYDRO POWER CORPORATION LIMITED

OFFICE OF THE SENIOR GENERAL MANAGER (ELECTRICAL) :
Balimela Hydro Electric Porject :, Post : Balimela : Dist : Malkangiri (Odisha), Pin : 764051
Phones : 06861-232581 (O)/ 232641 (R) : Fax : 06861-232541, Email : unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
Odisha State Police Housing & Welfare Corporation Building, Vanivihar, Chouk Janapath, Bhubaneswar-22
Tel : 91-0674-2542983, 2542802, 2545526, Fax : 2542102, Gram : hydropower,
E-mail : ohpc.co@gmail.com / md@ohpcltd.com, Web : www.ohpcltd.com, CIN : U40101OR1995SGC003963

OHPC ISO 9001-14001 18001 Certified

No. BHEP:P-152/2644 Dtd. 27.05.2019

**Notice Inviting Tender No P-152/2019-20**

No. CAD-31: Sealed tenders are invited in two parts i.e. (I) Techno-Commercial bid & (II) Price Bid from the Firms having valid Registration Certificate issued by Govt. Authority and fulfilling the eligibility criteria as per the tender specification for the work as mentioned below.

| Sl. No. | Description of Materials | Cost of tender paper (Non-refundable) in Rs. | EMD in shape of DD only (refundable) in Rs. | Period of availability of tender at OHPC website | Last date & Time of receipt of Tender | Date & time of opening of bid. |
|---|---|---|---|---|---|---|
| 1 | AMC Serices for Maintenance of 4×60 MW + 2×75 MW Generators and Its Auxiliaries, Turbine and its Auxiliaries, other Equipments with their Auxiliaries, Illumination System, Generator Transformers, Oil Purifiers and all equipmments of Valve House of Balimela Hydro Electric Project, Balimela for a period of One Year on Job Contract basis. | Rs. 11,800/- (Rs. 10000/- + GST@18%) | 88,000/- | 04.06.2019 upto 12.00 Hrs of 19.06.2019 | 19.06.2019 upto 12.00 Hrs | 19.06.2019 at 12.30 Hrs |

For details of the tender documents, terms & conditions please visit our website www.ohpcltd.com

Sd./- Senior General Manager (Electrical), BHEP, Balimela

04019/11/0001/1920

## OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU(MDM), DHENKANAL

No. 5717 Dt. 28.05.19

**SHORT TENDER CALL NOTICE**

Sealed tender in prescribed forms are invited from the intending Registered firms/ Authorized licensing Transporting Contractors/ Agents for undertaking the work of transportation of MDM food stuff quarterly from FSD, FCI/OSCSC, Dhenkanal/ Selected Depot to all school points of Dhenkanal district under Mid-Day-Meal Programme for the year 2019-20. The tender paper/ terms and condition can be obtained from the office of the District Project Management Unit (MDM), Dhenkanal, O/o the District Education Officer, Dhenkanal and also available at District website (www.dhenkanal.nic.in) from 29.05.19 to 17.06.19 on any working day during office hour on payment of 15,000/- (Rupees Fifteen Thousand) only in shape of Demand Draft (non refundable) in favour of District Nodal Officer (MDM)-cum-District Education Officer, Dhenkanal payable at Dhenkanal. In case of submission of downloaded tender paper, it must accompany the demand draft amounting Rs. 15,000/- as mentioned above, failing which the tender application will be rejected. The tender shall be received by the District Education Officer, Dhenkanal during the office hour from 29.05.19 to 17.06.19 through Registered Post/ Speed Post only and will be opened on 18.06.2019 at 4.00 PM in the office Chamber of Collector, Dhenkanal in presence of the members of the tender committee and the tenderers or their authorized representatives. There shall be two stages of bidding- Technical and Financial. The interested bidders must submit the Technical bid in a envelope superscribed as "Technical Bid for Tender of Transportation of Mid Day Meal Food stuff in Dhenkanal district for 2019-20". The Financial Bid must be submitted in a separate envelope superscribed as "Financial Bid for Tender of Transportation of Mid Day Meal Food stuff in Dhenkanal district for 2019-20". Both these envelopes must then be placed in a third envelopes superscribed as "Tender of Transportation of Mid Day Meal Food Stuff in Dhenkanal district for 2019-20". The tenders received beyond the scheduled date and time shall be rejected. The undersigned reserves the right to reject/ cancel/ withdraw any or all the tenders without assigning any reason thereof and shall bear no responsibility what so ever consequent upon such decisions.

Sd./- Collector & District Magistrate, Dhenkanal

## सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
## CENTRAL MINE PLANNING & DESIGN INSTITUTE LIMITED

(A Subsidiary of Coal India Limited)
Regional Institute- VII, Plot. No:-E-4,Near Gandhi Park, Samantpuri, Bhubaneswar-751013(Orissa)

Offers are invited for CMPDI, RI-VII, Plot No:-E-4,Near Gandhi Park, Samantpuri, Bhubaneswar through e-tendering (ON-LINE BIDDING) Only :-

| Sl. No. | Tender Notice No. & Date | Description | Estimated Amount. ( in Rs.) | EMD (in Rs.) | Bid Submission period |
|---|---|---|---|---|---|
| 1. | NIT No:CMPDI/RI-VII/DG/HV/TLR/e-T/2019/E-303812 Dated:27.05.2019 | Hiring of 4 (Four) Nos. of vehicle with A/C facility (with minimum seating capacity of 9) with hard top covered body (Mahindra, Bolero, Mahindra Scorpio,Tata Sumo or equivalent) for Drilling and General purpose at CMPDI Exploration Camp, Talcher for a period of 2 Years. | 40,80,000.00 | 51,000.00 | 30.05.2019 to 20.06.2019 |
| 2. | NIT No:CMPDI/RI-VII/DG/HV/KSL/e-T/2019/E-303822 Dated:27.05.2019 | Hiring of 5 (Five) Nos. of vehicle with A/C facility (with minimum seating capacity of 9) with hard top covered body (Mahindra, Bolero, Mahindra Scorpio,Tata Sumo or equivalent) for Drilling and General purpose at CMPDI Exploration Camp, Kosala for a period of 2 Years. | 40,80,000.00 | 51,000.00 | 30.05.2019 to 20.06.2019 |
| 3. | NIT No:CMPDI/RI-VII/DG/HV/GPL/e-T/2019/E-303828 Dated:27.05.2019 | Hiring of 1 (One) no. of vehicle with A/C facility (with minimum seating capacity of 9) with hard top covered body (Mahindra, Bolero, Mahindra Scorpio,Tata Sumo or equivalent) for Drilling and General duties at CMPDI Exploration Camp, Gopalpur for a period of 2 Years. | 13,26,000.00 | 16,575.00 | 30.05.2019 to 20.06.2019 |
| 4. | NIT No:CMPDI/RI-VII/DG/HV/Subcamp - GPL/e-T/2019/E-303834 Dated:27.05.2019 | Hiring of 3 (Three) Nos. of vehicle with A/C facility (with minimum seating capacity of 9) with hard top covered body (Mahindra, Bolero, Mahindra Scorpio,Tata Sumo or equivalent) for Drilling and General duties at CMPDI Exploration Camp, Samaleswari subcamp of Gopalpur for a period of 2 Years. | 39,78,000.00 | 49,725.00 | 30.05.2019 to 20.06.2019 |

Detailed tender notices & Tender documents including terms and conditions of works shall be available on e-Tendering portal **https://coalindiatender.nic.in** and Tender Notices only will be available at websites **www.cmpdi.co.in** or **www.eprocure.gov.in**

**Important note to all prospective bidders:-** For ONLINE bidding,the bidders should process class II/III Digital Signature Certificate (DSC) and enroll themselves at **https://www.coalindiatenders.nic.in** For any query contact HOD (Exploration),CMPDI, RI-VII, Bhubaneswar Tel no. 0674-2301728, Mobile no. 9438881016 & 9438881061 & Fax no. 0674-2301762.

HOD (Exploration)

## REGIONAL PLANT RESOURCE CENTRE

Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, Website : www.rprcbbsr.in

Letter No. 1662/RPRC **QUOTATION CALL NOTICE FOR SOLAR FENCE** Dated : 28.05.2019

Sealed quotations are invited from the Manufacturing firm/Agency having GST registration certificate, PAN and expertise in execution of solar fencing works for "Supply installation & commissioning of solar fence" around Rose Garden inside premises of Botanic Garden at Regional Plant Resource Centre, Bhubaneswar as detailed in the following table.

| Sl. No. | Specification of work | EMD | Last date of receipt of quotation | Date of opening of tender paper | Time of completion |
|---|---|---|---|---|---|
| 1. | Supply, installation, testing & commissioning of solar fencing work around Rose Garden inside premises of Botanic Garden at Regional Plant Resource Centre, Bhubaneswar. | 1% of quoted price | 06.06.19 (up to 5 PM) | 07.06.19 (at 11:00 AM) | 15 days |

Further details can be seen from RPRC website (www.rprcbbsr.in) or from RPRC Notice Board. Any other changes/ Corrigendum's may be seen only from RPRC website (www..rprcbbsr.in) or from RPRC Notice Board.

Sd/- Administrative Officer

## ନିଲାମ ସୂଚନା

**No.08-MM:-** ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ, ବନଖଣ୍ଡ (ବନ୍ୟଜୀବ) ରାଜନଗରଙ୍କ ଦ୍ୱାରା OR Case No- 10R of 2015-16 ରେ ଜବତ କରାଯାଇଥିବା ଟ୍ରାକ୍ଟର ନାମ ''**ଓମ ନମଃ ଶିବାୟଃ**'' Regd. No. OR-05AN-7124 ଓ Trailer Regd. No. OR-05AN-7125 ର ନିଲାମ ନିମ୍ନରେ ପ୍ରଦତ୍ତ କରିବା ତାରିଖ, ସମୟ ଓ ସ୍ଥାନ ଅନୁସାରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ନିଲାମ ଶେଷ ହେବା ପରେ ଟ୍ରାକ୍ଟର ଓ ଟ୍ରେଲର ଉପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ବନଖଣ୍ଡ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ) ରାଜନଗରଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମିଳିପାରିବ। ଏହା ମଧ୍ୟ ଏହି ବନଖଣ୍ଡର **website: www.wildlife.odisha.gov.in** ରେ ଉପଲବ୍ଧ ଅଟେ।

| କ୍ରମିକ ନମ୍ବର | ସ୍ଥାନର ନାମ | ବନାଞ୍ଚଳ | ତାରିଖ, ସମୟ ଓ ସ୍ଥାନ |
|---|---|---|---|
| ୧. | ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ) ରାଜନଗର | ରାଜନଗର (ବନ୍ୟଜୀବ) ବନାଞ୍ଚଳ ରାଜନଗର | ତା.୧୯।୦୬।୨୦୧୯ ରିଖ ଦିବା ୧୧ ଘଟିକା ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ) ରାଜନଗରଙ୍କ କାର୍ଯ୍ୟାଳୟ, ରାଜନଗର |

ତା.୧୯।୦୬।୨୦୧୯ରିଖ ନିଲାମ ଫଳପ୍ରଦ ନ ହେଲେ ପୁନଃ ନିଲାମ ତା.୨୫।୦୬।୨୦୧୯ରିଖ ଦିନ ଉପରୋକ୍ତ ନିଲାମ ସ୍ଥାନ/ ସମୟରେ ଅନୁଷ୍ଠିତ ହେବ।

08053/11/0003/1920 ସ୍ୱା./- ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ), ରାଜନଗର

See Career Appointment on every Wednesday & Saturday

# ବର୍ଷା ଋତୁ: ଜୁନ ୧୫ରୁ ବନ୍ଦ ରହିବ ଶିମିଳିପାଳ

ବାରିପଦା ଅଫିସ,୨୮।୫

ପ୍ରତିବର୍ଷ ଭଳି ଏଥର ବର୍ଷା ଋତୁକୁ ଦୃଷ୍ଟିରେ ରଖି ଆସନ୍ତା ୧୫ରୁ ନଭେମ୍ବର ପହିଲା ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ଏହି ସୂଚନା ଦେଇଛନ୍ତି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ ଶିମିଳିପାଳକୁ ପୂର୍ବ ବର୍ଷ ତୁଳନାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଛି। ୨୦୧୭ ନଭେମ୍ବର ପହିଲାରୁ ୨୦୧୮ ଜୁନ ୧୫ ପର୍ଯ୍ୟନ୍ତ ୩୩ ହଜାର ୪୦୧ ଜଣ ପର୍ଯ୍ୟଟକ ଶିମିଳିପାଳ ଆସିଛନ୍ତି। ସେମାନଙ୍କ ମଧ୍ୟରେ ୧୧ ବିଦେଶୀ ପର୍ଯ୍ୟଟକ ରହିଛନ୍ତି। ସେହିପରି ୨୦୧୮ ନଭେମ୍ବର ପହିଲାରୁ ୨୦୧୯ ଏପ୍ରିଲ ୧୯ ତାରିଖ ମଧ୍ୟରେ ୨୮ ହଜାର ୮୮୨ ଜଣ ପର୍ଯ୍ୟଟକ ଏଠାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ବିଦେଶୀ ପର୍ଯ୍ୟଟକ ରହିଛନ୍ତି।

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ସରିସୃପ, ବିରଳ ପକ୍ଷୀ ଓ ଜୈବ ବିବିଧତା ପାଇଁ ସାରା ବିଶ୍ୱରେ ବିଖ୍ୟାତ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପ୍ରକୃତିର ମନଲୋଭା ଦୃଶ୍ୟ ସାଙ୍ଗକୁ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ଏଥିପାଇଁ ଏହି ଅଭୟାରଣ୍ୟର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଶିମିଳିପାଳକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ଖୁସିର କଥା ବୋଲି କହିଛନ୍ତି ଉପକ୍ଷେତ୍ର ନିର୍ଦ୍ଦେଶକ ପତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଶିମିଳିପାଳ ଅଭୟାରଣ୍ୟର ଜାମୁଆଣି, କୁମାରୀ, ଗୁଡୁଗୁଡିଆ ଓ ରାମତୀର୍ଥ ଠାରେ ଟେଣ୍ଟ, ସାନ୍ତାଳି କଟେଜ, ଆଦିବାସୀ କୁଡିଆ, ବାଉଁଶ କୁଡିଆ ଏବଂ ମଞ୍ଚା ନିର୍ମାଣ କରାଯାଇଛି। ଏଥିରେ ରହିବାକୁ ହେଲେ ଅଗ୍ରୀମ ଅନଲାଇନ ବୁକିଂ କରିବାକୁ ପଡିଥାଏ। ଦିନକୁ ୩ ରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ଭଡା ପଡିଥାଏ। ଏଠାରେ ଥିବା କୁଡିଆଗୁଡିକରେ ଏସି ବ୍ୟବସ୍ଥା ମଧ ରହିଛି। ରାମତୀର୍ଥରେ ବିଜୁଳି ବ୍ୟବସ୍ଥା ଥିବା ବେଳେ ଅନ୍ୟ ସ୍ଥାନରେ ସୋଲାରସିଷ୍ଟମ ସାହାଯ୍ୟରେ କୁଡିଆଗୁଡିକୁ ବିଦ୍ୟୁତୀକରଣ କରାଯାଇଛି। ଅଭୟାରଣ୍ୟର କୁମାରୀ ଓ ମୁକ୍ତାପୁରଠାରେ ପର୍ଯ୍ୟଟକଙ୍କ ପାଇଁ ରେଷ୍ଟୁରାଣ୍ଟ ବ୍ୟବସ୍ଥା ରହିଛି। ତେବେ କୁଡିଆଗୁଡିକରେ ପର୍ଯ୍ୟଟକଙ୍କୁ ଆଦିବାସୀ ଖାଦ୍ୟ ପରଷା ଯାଇଥାଏ। ରାତ୍ରୀଯାପନ ସମୟରେ ପର୍ଯ୍ୟଟକମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ନିୟୋଜିତ ହୋଇଥାନ୍ତି। ଜାମୁଆଣିରେ ୨୧, କୁମାରୀରେ ୧୪, ଗୁଡୁଗୁଡିଆରେ ୬, ରାମତୀର୍ଥରେ ୧୦ଟି ସାନ୍ତାଳି କଟେଜ, ଆଦିବାସୀ କୁଡିଆ, ବାଉଁଶ କୁଡିଆ ଏବଂ ଡରମିଟେରୀ କୋଠରି ରହିଛି। ଶିମିଳିପାଳ ଅଭୟାରଣ୍ୟ ଦକ୍ଷିଣରେ ଉଦଳା ଠାରୁ ଉତ୍ତରରେ ବିଶୋଇ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଦକ୍ଷିଣ ପୂର୍ବଦିଗରେ ବାରିପଦା ଓ ଉତ୍ତର ପଶ୍ଚିମ ଦିଗରେ ଯଶିପୁର ପର୍ଯ୍ୟନ୍ତ ଏହା ଲମ୍ବିଛି। ୨୭୫୦ ବର୍ଗ କିଲୋମିଟରର ପରିମିତ ଏହି ଅଞ୍ଚଳକୁ ସରକାର ୧୯୭୯ରେ ଅଭୟାରଣ୍ୟ ଘୋଷଣା କରିଥିଲେ। ୧୯୮୦ ମସିହାରେ ଓଡ଼ିଶା ସରକାର ଏହି ଅଞ୍ଚଳ ମଧ୍ୟରୁ ୩୦୩ ବର୍ଗ କିଲୋମିଟରକୁ ଜାତୀୟ ଉଦ୍ୟାନ ଘୋଷଣା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ୧୯୮୬ ମସିହାରେ ଏହାର ଆୟତନ ୮୪୫ ବର୍ଗ କିଲୋମିଟରକୁ ବର୍ଦ୍ଧିତ କରାଯାଇଥିଲା। ଅଭୟାରଣ୍ୟ ଭିତରେ କେତେକ ଜନବସତି ଥିବା ଯୋଗୁଁ ଏହାକୁ ଜାତୀୟ ଉଦ୍ୟାନ ଘୋଷଣା କେବଳ ପ୍ରସ୍ତାବରେ ସୀମିତ ରହିଛି। ଏଠାରେ ଥିବା ୧୦୭୬ ପ୍ରକାରର ଉଦ୍ଭିଦ, ୪୨ ପ୍ରଜାତିର ସ୍ତନ୍ୟପାୟୀ, ୨୪୨ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ସାଙ୍ଗକୁ ପାହାଡ, ପର୍ବତ, ଜଳପ୍ରପାତ ପ୍ରକୃତି ପ୍ରେମୀଙ୍କୁ ଆକର୍ଷିତ କରି ଆସୁଛି।

## ବଢିଛି ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା



ଲୁଲୁଙ୍ଗ ନିକଟରେ ଥିବା ଶିମିଳିପାଳ ଅଭୟାରଣ୍ୟର ମୁଖ୍ୟ ଫାଟକ।

# ଚାଲାଣ ବେଳେ ୧୦ ଗୋରୁ ଉଦ୍ଧାର

## ୨ ପିକ୍‌ଅପ୍ ଜବତ, ଡ୍ରାଇଭର ଅଟକ

ଟିପିଲିମା,୨୮।୫(ଡି.ଏନ୍.ଏ.)

ଦୁଇଟି ପିକ୍‌ଅପ୍ ଭ୍ୟାନରେ ବେଆଇନ ଗୋରୁ ଚାଲାଣ ହେଉଥିବା ବେଳେ ଗୋଶାଳା ପୋଲିସ ୫୩ନଂ ଜାତୀୟ ରାଜପଥ ଗୋଶାଳା ଛକରେ ମଙ୍ଗଳବାର ଗାଡ଼ି ଅଟକାଇ ଯାଞ୍ଚ କରିଥିଲା। ବରଗଡ଼ ଜିଲା ଅତାବିରା ଅଞ୍ଚଳରୁ ଝାରସୁଗୁଡ଼ାକୁ ଗୋରୁ ନିଆଯାଉଥିବା ଜଣାପଡ଼ିବା ପରେ ପୋଲିସ ଓଡି୧୫-ଡି୩୩୦୨ ଓ ଓଡି୧୭-ଏ୫୦୮୯ ନମ୍ବର ପିକ୍‌ଅପ୍ ଦୁଇଟିକୁ ଜବତ କରିଛି। ଡ୍ରାଇଭର ଏମ୍‌ଡି ଆଜାଦ ଓ ସନ୍ତୋଷ ଦାସଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବୁଧବାର ଆଜାଦ ଓ ସନ୍ତୋଷଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅଜିତ ଧଳସାମନ୍ତ ସୂଚନା ଦେଇଛନ୍ତି। ଉଭୟ ଭ୍ୟାନରୁ ୧୦ ଗୋରୁ ଉଦ୍ଧାର କରାଯାଇ ଗୋଶାଳା ହରିଓମ୍ ଗୋରୁ ଆଶ୍ରମରେ ଛଡ଼ାଯାଇଛି।

# ୨୨ଶହ ଲିଟର କିରୋସିନ ସହ ପିକ୍‌ଅପ୍ ଅଟକ

ବାସୁଦେବପୁର, ୨୮।୫(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର-ବାଲିଛନ୍ଦା ଘାଟ ରାସ୍ତାର ଗମେଇ ନଦୀପୋଲ ନିକଟରୁ ଏକ ପିକଅପ୍ ଭ୍ୟାନରେ ୨୨ ଶହ ଲିଟର କିରୋସିନ ଚାଲାଣ ହେଉଥିବା ବେଳେ ପୋଲିସ ଏହାକୁ ଧରି ଥାନାରେ ଅଟକ ରଖିଛି। ବାସୁଦେବପୁର ଅଞ୍ଚଳର କୌଣସି ଏକ ତେଲ ଡିପୋରୁ ଏହି କିରୋସିନ ବାଲିଛନ୍ଦା ଘାଟ ଆଡକୁ ନିଆଯାଉଥିବା ଦେଖି କେତେକ ଯୁବକ ସନ୍ଦେହରେ ଏହାକୁ ଅଟକାଇ ଥିଲେ। ପରେ ଖବର ପାଇ ପୋଲିସ ପହଞ୍ଚି କିରୋସିନ ବୋଝେଇ ଗାଡିକୁ ଥାନାକୁ ଆଣିଥିଲା। ଏହାର ଡ୍ରାଇଭର ଓ ହେଲ୍‌ପର୍‌କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଏ ସମ୍ପର୍କରେ ବାସୁଦେବପୁର ଯୋଗାଣ ଅଧିକାରୀଙ୍କ ସମେତ ଭଦ୍ରକ ସିଏସ୍‌ଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ କହିଛନ୍ତି। ଯୋଗାଣ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ତଦନ୍ତ କରାଯିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ସନ୍ଧ୍ୟା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

# ବାମରା:ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ବାମରା,୨୮।୫(ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ସଗରା ପଞ୍ଚାୟତ ଲୁହରେନବେର୍ଣ୍ଣି ଗ୍ରାମରେ ଜଣେ ଶ୍ରମିକଙ୍କ ଆକସ୍ମିତ ମୃତ୍ୟୁ ହୋଇଛି। ସେ ହେଲେ ରାଜେନ୍ଦ୍ର ମାଝି (୩୫)। ସୋମବାର ରାଜେନ୍ଦ୍ର କାମ ଶେଷକରି ଘରକୁ ଫେରିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଗଡ଼ପୋଷ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଅଂଶୁଘାତରେ ରାଜେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ଗଡ଼ପୋଷ ଫାଣ୍ଡି ଅଧିକାରୀ ଏକ ଅପମୃତ୍ୟୁ ମାମଲା (ନଂ. ୫/୧୯) ରୁଜୁ କରି ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଯାଇଛି।

## ସେଲ୍‌ଫି କର୍ଣ୍ଣର


@ ପ୍ରୟାସ


@ ନିରମଳ


@ ଅନୀଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ

## ରୋଗୀଙ୍କ ସମେତ ୪ ଗୁରୁତର


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

ସୋର, ୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ବରଫକଲ ଛକଠାରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମ୍ବୁଲାନ୍ସ ମଧ୍ୟରେ ଥିବା ରୋଗୀଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି।

ସୋମବାର ରାତିପ୍ରାୟ ୨ଟା ବେଳେ ଏକ ଆମ୍ବୁଲାନ୍ସ (ନଂ.ଡବ୍ଲ୍ୟୁବି୩୧ଏ-୦୨୧୭) ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରୁ ରୋଗୀ ଡିସ୍‌ଚାର୍ଜ ନେଇ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଫେରୁଥିଲା। ସୋର ବରଫକଲ ଛକଠାରେ ଏକ ପଥର ବୋଝେଇ ଟ୍ରକ୍ (ନଂ. ଓଆର୍୦୯ଇ-୦୭୪୪)ର ପଛପଟକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୋର ପୋଲିସ ପହଞ୍ଚି ଉଦ୍ଧାର କରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଗାଡ଼ି ଦ୍ୱାରା ଆହତମାନଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ପରେ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆହତମାନେ ହେଲେ ରୋଗୀ ବାସୁ ମଣ୍ଡଳ, ସାଥିରେ ଥିବା ନିମାଇଁ ମୁନିଆ, ଚନ୍ଦନ ମଣ୍ଡଳ, ଶ୍ରୀମନ୍ତ ଦାସମହାପାତ୍ର। ସୋର ପୋଲିସ ଆମ୍ବୁଲାନ୍ସ ଓ ଟ୍ରକ୍‌କୁ ଜବତ କରିଛି।

# ଯୌତୁକ ନିର୍ଯାତନା: ଥାନାରେ ମାମଲା

**ଭଦ୍ରକ ଅଫିସ,୨୮।୫:** ବାପଘରୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ ଦାବି କରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଆରଡିଛକ ସାମରାଇପୁରର ଶାଶୁଘର ଲୋକେ ବୋହୂଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ସ୍ୱାମୀ ଓ ଶାଶୁଙ୍କ ବିରୋଧରେ ଏକ ମାମଲା(ନଂ ୨୬୯/୧୯) ରୁଜୁ କରି ତଦନ୍ତ ଚଳାଇଛି।ପୋଲିସ ସୂଚନା ଅନୁଯାୟୀ ଏରେଣ୍ଡେଇ ଅଞ୍ଚଳର ସୀମାରାଣୀ ଜେନା ଆରଡିଛକର ସୁଶୀଲ କୁମାର ଜେନାଙ୍କୁ ୨୦୧୩ ମେ ୧୧ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ଏହା ମଧ୍ୟରେ ସେ ଏକ କନ୍ୟାସନ୍ତାନର ଜନନୀ ହୋଇଛନ୍ତି। କିନ୍ତୁ ଶାଶୁ ଘର ଲୋକେ ଅଧିକ ଯୌତୁକ ଆଣିବା ଦାବି କରି ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏପରି କି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଷଡଯନ୍ତ୍ର କରାଯାଉଥିବା ଜାଣିପାରି ସେ ସ୍ୱାମୀଘରୁ ଖସି ପଳାଇଆସି ବାପଘର ଏରେଣ୍ଡେଇରେ ରହୁଛନ୍ତି। ସୀମାରାଣୀ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସୋମବାର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENTLY REQUIRED
OFFICE ASSISTANT/ FIELD BOY
Contact:
OM GRAPHICS, Plot No.: 1361, Road No.5, Jagannath Nagar, BBSR
Mob.: 9337024339

REQUIREMENT
Manager: Both Ladies & Gents, Age: 22-32. Helper: 2 Nos, Driver: 1 No
M. No: 9583576928, 7978802641
HOTTA ASSOCIATES, VSS Nagar, Bhubaneswar

DOMINOS PIZZA HIRING
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving Licence Must.
CALL: 9040033665

All Odisha Aadarsha Vidyalaya Vacancy
TEACHER, CLERK, SECURITY GUARD, DATA ENTRY, PEON
(MALE / FEMALE)
Sal- 15,000 / Above, 3 year Exp.
Qualification : +2 / Above
Contact : 8480659517

Application for reputed financial Bank in BBSR, Khorda, Cuttack district.
Post: FOS, TL
Min. Qualification: +2 above
Mob: 8895049690 8280225886
Salary: 10k + Incentive
(No charges applicable)
Email: spamrobbsr@gmail.com

Contact: 9938414918
Bhubaneswar ଅଫିସ୍ ପାଇଁ 10th/above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

REQUIRED
A reputed business house requires
Private Car Driver (One) with DL(3W/4W)
TATA Ace Driver (Two) with DL(Transport)
Please Contact:
9938303321

REQUIRED
ACCOUNTANT with Experience in Tally, Plumber, Electrician, Housekeeping, ITI (Electrical/ Mechanical)
Contact: Gurukrupa Chicks to Chicken Pvt. Ltd.
7894463236, 0674-2465327

Urgently Required
Manager for Plant Operations at Jharsuguda.
Minimum 5 years experience with knowledge of Container Stuffing.
Walk in Interview on 25/26th May'19 at Hotel Orchard, Ekatali
Mobile : 7498268518

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-.
(Part Time/Full Time)
Contact: 9938676412

Walk-in-Interview: Family Planning Association of India, Bhubaneswar Branch, 392-BJB Nagar, Lewis Road, Bhubaneswar.
Time: 10.00AM, Date: 05.06.2019
• Doctor- 01-MBBS / BAMS.
• Health Educators- 03, +3 Pass.
Cont: 0674-2436427, 9439976785



PARADIP PORT TRUST
PARADIP PORT-754 142, ODISHA (INDIA)
ADMINISTRATIVE DEPARTMENT
SAGARMALA
No.AD/RSC-III-21-17/2017/1670
ADVERTISEMENT
Dated, the 24th May, 2019

Paradip Port Trust, an autonomous body under Ministry of Shipping invites applications from Indian Nationals for filling up following posts through **Direct Recruitment.**

| Sl. No. | Post / Scale of pay | No. of Posts | Age Limit | Essential qualification & experience |
|---|---|---|---|---|
| 01. | HINDI ASSISTANT Rs.27400-70500/- (Class-III) | 01 (UR) | 32 Years | Essential : 1. A Graduate with Hindi as an elective subject at Degree level. OR Intermediate with Kovid. 2. Minimum speed of 30 words per minute in Hindi typing through Skill Test to be conducted only on computers with experience of 3 years as Hindi Typist. 3. Preference will be given to the candidates having higher qualification subject to passing the Skill Test. THE SKILL TEST NORMS Time allowed : 10 minutes (30 w.p.m correspond to 9000 KDPH on an average of 5 key depressions for each word) |
| 02. | HINDI TYPIST Rs.25200-59600/- (Class-III) | 01 (UR) | 32 Years | Essential : 1. Degree from a recognized University. 2. Passed Hindi Parichaya or equivalent. 3. Minimum speed of 25 words per minute in Hindi Typing through Skill Test to be conducted only on computers. 4. Desirable : Candidates having higher qualification subject to passing the Skill Test. THE SKILL TEST NORMS Time allowed : 10 minutes (25 w.p.m correspond to 7500 KDPH on an average of 5 key depressions for each word) |

Application complete in all respects including all the information, present / permanent address, e-mail, Mob. No., qualification, caste etc. and all the self attested testimonials with two latest passport size photographs may be submitted to **Secretary, Paradip Port Trust, Dist-Jagatsinghpur, Odisha-754142 by 30.06.2019**. The candidates already in service may submit their application through proper channel. The cutoff date for determining the age is **01.05.2019**. Upper age limit and TA/DA to the SC/ST candidates will be decided as per Govt. guideline. The age limit of the candidates enlisted under compassionate appointment scheme, contract workers working under PPT will be decided as per office order No. AD/RR/II/18/2013/4009, dated : 08.11.2018 for which they have to submit the application through proper channel. Decision of the Appointing Authority would be final and PPT reserves the right to cancel and modify the advertisement/vacancies without any notice.

Sr. Dy. Secretary
For Secretary
PPT/PR/91/19-20, DT.28.05.2019



URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ଆବଶ୍ୟକ
9000ରୁ 12000 ଦରମା ଥାଇ କମ୍ପାନୀ ଶ୍ରମିକ 4 ଜଣ, ଅଭିଜ୍ଞତା ଥିବା ଗ୍ରାଜୁଏଟ୍ ସହ PGDCA, ଷ୍ଟୋର କିପର-1.
ଯୋଗାଯୋଗ:-
9437048854, 9040150146

"Wanted for a photo lamination & framing business core house at Bhubaneswar.
1. Carpenter: Male candidate having experience in design carpentry works on wood.
2. Cook: Cook required for part time/full time.
3. Driver: Having valid HMV/ TRANSPORT license.
Contact No.:
9337170743, 9337170744


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


REQUIRED
1) GODOWN INCHARGES MUST HAVE KNOWLEDGE IN COMPUTER AND DESPATCH
2) COMPUTER OPERATOR MUST HAVE KNOWLEDGE IN COMPUTER AND SAP
3) GODOWN SUPERVISOR MUST HAVE KNOWLEDGE IN INVENTORY CONTROL AND DESPATCH
IN A REPUTED ISO 22000:2005 ORGANISATION AT BHUBANESWAR NEAR TOMANDO.
WALK IN INTERVIEW ON 03.06.2019 AND 04.06.2019 FROM 9.30 A.M. TO 4 P.M.
CONTACT : 9337593376, 9337665446, 7894439987

OFFICE OF THE PRINCIPAL
GOVT. COLLEGE, SUNDARGARH
No.1608 Date: 27.05.19
WALK-IN-INTERVIEW
Interview for engagement of guest faculties for different subjects (+2, +3/P.G & B.Ed) for the academic session 2019-20 shall be conducted on 19.06.2019 and 20.06.2019 at 10 A.M in the respective departments of Govt. College, Sundargarh. For details please visit College Website www.govtcollegesundargarh.org
Sd./- Principal, Govt. College, Sundargarh.

NANDANKANAN ZOOLOGICAL PARK
NOTICE NO. 01 of 2019-20 Date: 28.05.2019
WALK IN INTERVIEW ON 10.06.2019
Nandankanan Zoological Park requires qualified candidates with Post Graduate Degree in Zoology / Wildlife Biology / Life Sciences from a recognized university for temporary engagement of **One Research fellow and two field Assistants** for the project "Species recovery of Gharials (Gavialis gangeticus, Gmelin) in river Mahanadi". The application form along with detail terms and conditions shall be available on the website www.nandankanan.org from 30.05.2019.
Sd./- Deputy Director
Nandankanan Zoological Park

See Career Appointment on every Wednesday & Saturday

"କେନ୍ଦ୍ର ଏବଂ ରାଜ୍ୟ ସ୍ତରର ବିତ୍ତୀୟ ନିୟଣ୍ଟ ହ୍ରାସ ସହ କୃଷି, ଶକ୍ତି ଏବଂ ବ୍ୟାଙ୍କିଙ୍ଗ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ଉନ୍ନତି ଉପରେ ନୂଆ ସରକାର ଧ୍ୟାନ ଦେବା ଉଚିତ।

–ରଘୁରାମ ରାଜନ, ପୂର୍ବତନ ଗଭର୍ନର, ରିଜର୍ଭ ବ୍ୟାଙ୍କ



"କର୍ପୋରେଟ ଟିକସ ୨୫% ପର୍ଯ୍ୟନ୍ତ ହ୍ରାସ କରି ସରକାର କାର୍ଯ୍ୟ ଆରମ୍ଭ କରିପାରିବେ।

–ଅରବିନ୍ଦ ପାନଗାରିଆ, ପୂର୍ବତନ ଉପାଧ୍ୟକ୍ଷ, ନୀତି ଆୟୋଗ



## ସଂକ୍ଷେପରେ

### ଦୁଇଟି ଉପକମିଟି ଗଠନ କଲା ଜିଏସ୍‌ଟି କାଉନ୍‌ସିଲ୍

ନୂଆଦିଲ୍ଲୀ,୨୮-୫: ଜିଏସ୍‌ଟି କାଉନ୍‌ସିଲ୍ କମ୍ପାନୀଙ୍କ ମଧ୍ୟରେ ହେଉଥିବା କାରବାର ଲାଗି ଇ-ବିଲ୍ ତିଆରି କରିବା, କାରବାର ସୀମା ନିର୍ଦ୍ଧାରଣ ତଥା ଏହାକୁ ସୃଷ୍ଟି କରିବା ଭଳି ନୀତିଗତ ତଥା ଟେକ୍ନିକାଲ ପନ୍ଥାପଦ୍ଧତି ନିର୍ଦ୍ଧାରଣ ନେଇ ଦୁଇଟି ଉପକମିଟି ଗଠନ କରିଛି। ଗୋଟିଏ କମିଟି ଇ-ଇନ୍‌ଭଏସ୍ ଲାଗି ବାଣିଜ୍ୟ ପ୍ରକ୍ରିୟା, ନୀତି ଏବଂ ଆଇନ ଦିଗର ପରୀକ୍ଷଣ କରିବ ଏବଂ ଦ୍ୱିତୀୟ କମିଟି ଏହାର କ୍ରିୟାନ୍ୱୟନ ପାଇଁ ଆବଶ୍ୟକ ଟେକ୍ନିକାଲ ଦିଗ ସମ୍ପର୍କରେ ନିଜର ସୁପାରିସ୍ କରିବ। କମ୍ପାନୀ-କମ୍ପାନୀ ମଧ୍ୟରେ କାରବାର ବେଳେ ଜାଲ୍ ବିଲ୍ ତିଆରି କରିବାକୁ ରୋକିବା ଲାଗି ତତ୍କାଳ ପଦକ୍ଷେପ ନେବା ସମ୍ପର୍କରେ କମିଟି ପ୍ରସ୍ତାବ ଦେବ। ଜିଏସ୍‌ଟି ଅଧୀନରେ ଟିକସ ଫାଙ୍କି ରୋକିବା ଲାଗି ଇ-ବିଲ୍ ଅଥବା ଇ-ଚାଲାଣ ଜାରି କରିବା ଉପରେ ରାଜସ୍ୱ ବିଭାଗ ଜୋର୍ ଦେଇଆସୁଛି। ଏହି ଦୁଇ ଉପକମିଟିରେ କେନ୍ଦ୍ର ଓ ରାଜ୍ୟର ଟିକସ ଅଧିକାରୀମାନେ ସାମିଲ ହୋଇଛନ୍ତି। ଏହାଛଡ଼ା ଜିଏସ୍‌ଟି ନେଟ୍‌ୱାର୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ କମିଟିରେ ରହିବେ।

### ଜୁନ୍‌ରୁ କେରଳରେ ଲାଗୁହେବ ପ୍ରାକୃତିକ ବିପର୍ଯ୍ୟୟ ସେସ୍

ନୂଆଦିଲ୍ଲୀ,୨୮-୫: କେରଳ ସରକାର ଜୁନ୍ ପହିଲାରୁ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସେସ୍ ଆଦାୟ କରିବେ। ଜିଏସ୍‌ଟି ଉପରେ ୧ ପ୍ରତିଶତ ସେସ୍ ଲାଗୁ କରାଯିବ। ଗତ ବର୍ଷ କେରଳରେ ଦେଖାଦେଇଥିବା ଭୟଙ୍କର ବନ୍ୟାରେ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମିତ୍ତ ଜିଏସ୍‌ଟି କାଉନ୍‌ସିଲ୍ ଏହି ସେସ୍ ଆଦାୟକୁ ଅନୁମତି ଦେଇଥିଲେ। ଆନ୍ତଃରାଜ୍ୟ ମାଲ୍ ପରିବହନ କ୍ଷେତ୍ରରେ ଏହି ସେସ୍ ଆଦାୟ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ସେସ୍‌ରୁ ପ୍ରାପ୍ତ ଅର୍ଥରେ ବନ୍ୟା ପ୍ରଭାବିତଙ୍କ ଲାଗି ପୁନର୍ବାସ, କ୍ଷତିପୂରଣ ଏବଂ ପୁନଃନିର୍ମାଣ କରାଯିବ। ରାଜ୍ୟ ସରକାର ଏହି ସେସ୍‌ରୁ ବର୍ଷକରେ ପ୍ରାୟ ୬୦୦କୋଟି ଟଙ୍କାର ଅତିରିକ୍ତ ଆୟ କରିବେ ବୋଲି ଆକଳନ କରାଯାଇଛି।

### ଲଜିଷ୍ଟିକ୍ସ ଲାଗି ସ୍ୱତନ୍ତ୍ର ବିଭାଗ ଗଠନ ପ୍ରସ୍ତାବ

ନୂଆଦିଲ୍ଲୀ,୨୮-୫: ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ ହେବାକୁ ଯାଉଥିବା ବେଳେ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ୧୦୦ ଦିନର ଏଜେଣ୍ଡା ପ୍ରସ୍ତୁତ କରାଯାଇଛି। ବ୍ୟବସାୟ ସୁବିଧା ଏବଂ ମାଲ୍ ପରିବହନ(ଲଜିଷ୍ଟିକ୍ସ) ଲାଗି ଏକ ସ୍ୱତନ୍ତ୍ର ବିଭାଗ ଗଠନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ବିଭିନ୍ନ ସରକାରୀ ଏଜେନ୍ସି ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବର୍ତ୍ତମାନ ମାଲ୍ ପରିବହନ(ଲଜିଷ୍ଟିକ୍ସ) ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ନଜର ରଖିବା ଲାଗି ସ୍ୱତନ୍ତ୍ର ଭାବେ କୌଣସି ବିଭାଗ ନାହିଁ। ଫଳରେ ସମୁଦ୍ର, ସଡ଼କ ଏବଂ ରେଲୱେ ଦ୍ୱାରା ଭିନ୍ନ ଭିନ୍ନ ମାର୍ଗରେ ହେଉଥିବା ଆମଦାନୀ-ରପ୍ତାନି ଉପରେ ନଜର ରଖାଯାଇପାରୁନି। ସେ କହିଛନ୍ତି ଯେ, ବର୍ତ୍ତମାନ ଲଜିଷ୍ଟିକ୍ସ ବିଭାଗ ବାଣିଜ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଛି ଏବଂ ସ୍ୱତନ୍ତ୍ର ସଚିବ ସ୍ତରର ଅଧିକାରୀ ଏହାର ମୁଖ୍ୟ ହୋଇଥାନ୍ତି। ସୂଚନାଥାଉ କି, ମାଲ୍ ପରିବହନକୁ ସୁନିଶ୍ଚିତ କରିବା, ସମୟ ବଞ୍ଚାଇବାରେ ସହାୟତା କରିବା, ରପ୍ତାନିକାରୀ ଏବଂ ଘରୋଇ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ାଇବାରେ ଲଜିଷ୍ଟିକ୍ସ ସହଯୋଗ କରିଥାଏ। ଚଳିତବର୍ଷ ଜାନୁୟାରୀରେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ମଧ୍ୟ ମାଲ୍ ପରିବହନ ଲାଗି ଏକ ସ୍ୱତନ୍ତ୍ର ବିଭାଗ ଗଠନ ସପକ୍ଷରେ ସୁପାରିସ କରିସାରିଛନ୍ତି।

### ଏଫ୍‌ଡିଆଇ ଆଗମନ ୬ ବର୍ଷରେ ସର୍ବନିମ୍ନ

ନୂଆଦିଲ୍ଲୀ,୨୮-୫: ଦେଶରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି(ଏଫ୍‌ଡିଆଇ) ଆଗମନ ପ୍ରଥମଥର ୬ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ଏହା ୧ % ହ୍ରାସ ପାଇ ମାତ୍ର ୪୪.୩୭ ବିଲିୟନ ଡଲାରରେ ପହଞ୍ଚିଛି। ସରକାରୀ ତଥ୍ୟ ଅନୁଯାୟୀ ଟେଲିକମ୍, ଫାର୍ମା ଏବଂ ଅନ୍ୟ ସେକ୍ଟରଗୁଡ଼ିକରେ ବିଦେଶୀ ପୁଞ୍ଜିନିବେଶ ବହୁମାତ୍ରାରେ ହ୍ରାସ ପାଇଛି। ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ୍ ଇଣ୍ଟରନାଲ ଟ୍ରେଡ୍(ଡିପିଆଇଆଇଟି)ର ତଥ୍ୟ ଅନୁଯାୟୀ, ୨୦୧୭-୧୮ରେ ଦେଶରେ ୪୪.୮୫ ବିଲିୟନ ଡଲାର ବିଦେଶୀ ପୁଞ୍ଜି ନିବେଶ ହୋଇଥିଲା।

# ଉଜ୍ଜ୍ୱଳାରେ ୫ କେଜିର ସିଲିଣ୍ଡର ହେବ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୮-୫

**ମୋଦି ୨.୦ର ପ୍ରସ୍ତୁତି**
- ଗରିବ ପରିବାରକୁ ମିଳୁଛି ଗ୍ୟାସ୍ ସଂଯୋଗ
- ବାର୍ଷିକ ହାରାହାରି ୭ଥର ରିଫିଲ ହେଉଛି
- ୫ କେଜିର ସିଲିଣ୍ଡର ରିଫିଲ୍ ୨୬୦ ଟଙ୍କା ପଡ଼ିବ
- ୮୦ ଟଙ୍କା ସବ୍‌ସିଡି ମିଳିବ



ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଯୋଗୁ ଗ୍ରାମାଞ୍ଚଳର ମହିଳାମାନଙ୍କ ଭୋଟ୍ ହାତେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱିତୀୟ କାର୍ଯ୍ୟକାଳରେ ଆଉ ଏକ ଧମାକା କରିବାକୁ ଯାଉଛି। ଆଗାମୀ ଦିନରେ ଗରିବ ମହିଳାଙ୍କୁ ୫ କେଜିର ସିଲିଣ୍ଡର ନେବାକୁ ବାଧ୍ୟତାମୂଳକ କରାଯିବ। ମୋଦି ୨.୦ ସରକାର ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହାଦ୍ୱାରା ରିଫିଲିଂ ଅଧିକ ସଂଖ୍ୟାରେ ହୋଇପାରିବ ବୋଲି ମନେ କରାଯାଉଛି। ଅନ୍ୟପକ୍ଷରେ ତୈଳ କମ୍ପାନୀଗୁଡ଼ିକ ମଧ୍ୟ ଏହାଦ୍ୱାରା ଲାଭାନ୍ୱିତ ହେବେ।

ମୋଦି ସରକାର ଦ୍ୱିତୀୟ ଥର କ୍ଷମତାକୁ ଫେରିବା ପରେ ଏବେ ଉଜ୍ଜ୍ୱଳା ଯୋଜନାର ବିସ୍ତାର କରାଯିବ। ପ୍ରଥମ ପର୍ଯ୍ୟାୟରେ ଦାରିଦ୍ର୍ୟ ସୀମାରେଖା(ବିପିଏଲ୍) ତଳେ ଥିବା ପରିବାରଗୁଡ଼ିକୁ ମାଗଣାରେ ଗ୍ୟାସ୍ ସଂଯୋଗ ଦିଆଯାଇଥିଲା। ଏଥିରେ ୧୬୦୦ ଟଙ୍କାର ଖର୍ଚ୍ଚକୁ ସରକାର ବହନ କରୁଥିଲେ। ଏହି ସଂଯୋଗ ପରିବାରର ମହିଳା ସଦସ୍ୟଙ୍କ ନାମରେ ଜାରି କରାଯାଉଛି। ଏହି ସଂଯୋଗ ଅଧୀନରେ ଲୋକଙ୍କୁ ଗୋଟିଏ ଚୁଲି, ୧୪.୨ କେଜିର ସିଲିଣ୍ଡର ଏବଂ ରେଗୁଲେଟର ଦିଆଯାଉଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ ଆସନ୍ତା ୧୦୦ ଦିନ ଭିତରେ ଏହି ଯୋଜନା ଅଧୀନରେ ୮ କୋଟି ଲୋକଙ୍କୁ ସଂଯୋଗ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି। ଅଦ୍ୟାବଧି ୭ କୋଟି ୧୯ ଲକ୍ଷ ଲୋକଙ୍କୁ ଗ୍ୟାସ୍ ସଂଯୋଗ ଦିଆଯାଇଛି। ଏହି ଲକ୍ଷ୍ୟ ପୂରଣ ହେବା ପରେ ଉକ୍ତ ଯୋଜନାରେ ୫ କେଜିର ସିଲିଣ୍ଡର ନେବାକୁ ବାଧ୍ୟ କରାଯିବ। କାରଣ ଦେଖାଯାଇଛି ଯେ, ବଣ୍ଟାଯାଇଥିବା ସିଲିଣ୍ଡର ମଧ୍ୟରୁ ଅଧିକାଂଶ ରିଫିଲିଙ୍ଗ୍ ହେଉ ନାହିଁ। କାରଣ ସିଲିଣ୍ଡର ରିଫିଲିଂ ପାଇଁ ଲୋକଙ୍କୁ ଅତିକମ୍‌ରେ ୭ଶହରୁ ୮ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହି ରିଫିଲ୍ ପାଇଁ ସେମାନଙ୍କୁ କୌଣସି ପ୍ରକାର ସବ୍‌ସିଡି ଦିଆଯାଉନାହିଁ। ସୂଚନାଥାଉ କି, ଉଜ୍ଜ୍ୱଳା ଯୋଜନାରେ ଦିଆଯାଇଥିବା ସଂଯୋଗ ମଧ୍ୟରୁ ବର୍ଷକରେ ହାରାହାରି ୩ଥର ରିଫିଲ୍ କରାଯାଉଛି, ଯାହା କି ରାଷ୍ଟ୍ରୀୟ ହାରାହାରି ଠାରୁ କମ୍। ସାରା ଦେଶରେ ଲୋକେ ବର୍ଷକ ମଧ୍ୟରେ ୭ ଥର ରିଫିଲ୍ କରାଉଛନ୍ତି। ଦିଲ୍ଲୀରେ ଏବେ ୧୪.୨ କେଜିର ଏକ ସିଲିଣ୍ଡର ଦର ୭୧୨ ଟଙ୍କା ପଡୁଛି। ଏହା ଉପରେ ୨୧୫ ଟଙ୍କାର ସବ୍‌ସିଡି ମିଳୁଛି। ଅନ୍ୟପକ୍ଷରେ ୫ କେଜିର ସିଲିଣ୍ଡରକୁ ରିଫିଲ୍ କରିବାକୁ ମାତ୍ର ୨୬୦ ଟଙ୍କା ଖର୍ଚ୍ଚ କରିବାକୁ ହେବ ଏବଂ ଏଥିରେ ୮୦ ଟଙ୍କାର ସବ୍‌ସିଡି ବାବଦ ଅର୍ଥ ବ୍ୟାଙ୍କ ଆକାଉଣ୍ଟକୁ ଆସିବ। ଏହାକୁ ଦେଖିଲେ ସିଲିଣ୍ଡର ରିଫିଲ୍ ମୂଲ୍ୟ ୧୮୦ ଟଙ୍କା ପଡିବ। ଗରିବ ପରିବାର ପାଇଁ ସିଲିଣ୍ଡର ରିଫିଲ୍ କରିବା ସୁବିଧାଜନକ ହେବ। ସେହିପରି ୫ କେଜିର ସିଲିଣ୍ଡରେ ଓଜନ ମଧ୍ୟ କମ୍ ହେବ। ଫଳରେ ଏହାକୁ ସହଜରେ ଅନ୍ୟତ୍ର ନେଇ ହେବ। ସବୁଠୁ ବଡ଼ କଥା ହେଲା, ଏହି ଯୋଜନାର ପରିଧିକୁ ଆଗାମୀ ଦିନରେ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏଥିରେ ଥିବା ନିୟମକୁ କୋହଳ କରାଯିବ। ଫଳରେ ଗରିବ ପରିବାର ନିକଟରେ ଏହି ଯୋଜନାର ଲାଭ ସହଜରେ ଉପଲବ୍ଧ ହେବ। ଉଲ୍ଲେଖ କରାଯାଇପାରେ ଯେ, ୨୦୧୬ରେ ଉତ୍ତର ପ୍ରଦେଶରେ ପ୍ରଥମେ ଉକ୍ତ ଯୋଜନାର ଶୁଭାରମ୍ଭ କରାଯାଇଥିଲା।

## ଏଲ୍‌ଜି ପକ୍ଷରୁ ୱାର୍ଲଡ କପ୍ ଅଫର



ଭୁବନେଶ୍ୱର,୨୮-୫

ପ୍ରମୁଖ ଏଲ୍‌ଜି ପକ୍ଷରୁ ଏହାର 'ୱାର୍ଲଡ କପ୍ ଅଫର' ଅନ୍ତର୍ଗତ ୱିନ ଇଭ୍ରି ଆୱାର ଉଇଥ ଏଲ୍‌ଜି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଏଲ୍‌ଇଡି କ୍ରୟ ଉପରେ ସାରା ଦେଶରେ ପ୍ରତି ଘଣ୍ଟା ଏବଂ ସାପ୍ତାହିକ ଲକି ଡ୍ର କାର୍ଯ୍ୟକ୍ରମ ଚାଲୁ ରହିଛି। ଏଥିରେ ଗ୍ରାହକଙ୍କୁ ବିଭିନ୍ନ ଗିଫ୍ଟ ପ୍ରଦାନ କରାଯାଉଛି। ଭୁବନେଶ୍ୱରର ପ୍ରିଲିନ ଏଣ୍ଟରପ୍ରାଇଜେସରୁ ୪୩ ଇଞ୍ଚ ବର୍ଗର ଏକ ଅଲ୍ଟ୍ରା ଏଚ୍‌ଡି ଏଲ୍‌ଇଡି କ୍ରୟ କରି ପ୍ରଭଞ୍ଜନ ଅଧିକାରୀ ଏକ୍ସ ବୁମ୍ ଏଲକେ ୭୨ ସାଉଣ୍ଡ ସିଷ୍ଟମ ଲାଭ କରିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୨୦ ଜଣଙ୍କ ନାମରେ ଲୁକ୍ ଆଉଟ ନୋଟିସ ଜାରିକଲା ଏମ୍‌ସିଏ

ନୂଆଦିଲ୍ଲୀ,୨୮-୫

କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ସିଏ) ୨୦ ଜଣ ପ୍ରମୋଟର ଓ ଡାଇରେକ୍ଟରଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରିଛି। ସେମାନଙ୍କ ମଧ୍ୟରେ ଜେଟ୍ ଏୟାରୱେଜ୍ ପ୍ରମୋଟର ନରେଶ ଗୋୟଲଙ୍କ ନାମ ମଧ୍ୟ ସାମିଲ ରହିଛି। ଶନିବାର ଗୋୟଲ ତାଙ୍କ ସ୍ତ୍ରୀ ଅନୀତାଙ୍କ ସହ ଦୁବାଇ ବାଟେ ଲଣ୍ଡନ ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ମୁମ୍ବାଇ ବିମାନବନ୍ଦରରେ ରୋକାଯାଇଥିଲା। ଗୃହ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କ ବିରୋଧରେ ଲୁକ୍‌ଆଇଟ ନୋଟିସ ଜାରି କରାଯାଇଛି। ଇଣ୍ଟେଲିଜେନ୍ସ ବ୍ୟୁରୋକୁ ଲୁକ୍‌ଆଉଟ ନୋଟିସ ଜାରି କରିବା ଲାଗି ଏମ୍‌ସିଏ ପକ୍ଷରୁ ୨୦ ଜଣଙ୍କ ନାମ ଦିଆଯାଇଥିଲା। ତଦନ୍ତ ଚାଲିଥିବା ଅଥବା ବିଦେଶ ପଳାଇଯିବାର ସମ୍ଭାବନା ଥିବାରୁ ସେମାନଙ୍କ ବିରୋଧରେ ଏହି ନୋଟିସ ଜାରି କରାଯାଇଛି। ନିକଟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସର୍କୁଲାରରେ ସଂଶୋଧନ କରିଛନ୍ତି। ତଦନୁଯାୟୀ, ଏଣିକି ରାଷ୍ଟ୍ରାୟତ୍ତ ସଂସ୍ଥାର ସିଇଓମାନେ ମଧ୍ୟ ଲୁକ୍‌ଆଉଟ ନୋଟିସ ଜାରି କରିବା ଲାଗି ଅନୁରୋଧ କରିପାରିବେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଋଣ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟରତ ଡିଏଚ୍‌ଏଫ୍‌ଏଲ୍‌ର ପ୍ରମୋଟରଙ୍କ ବିରୋଧରେ ଏମ୍‌ସିଏ ଲୁକ୍‌ଆଉଟ ନୋଟିସ୍ ଜାରି କରିଛି।

## ଏସ୍‌ବିଏସ୍ ବାୟୋଟେକ- ପିଏମ୍ ନରେନ୍ଦ୍ର ମୋଦି ଫିଲ୍ମ ଚୁକ୍ତି

ଭୁବନେଶ୍ୱର,୨୮-୫




ପିଏମ୍ ନରେନ୍ଦ୍ର ମୋଦି ଫିଲ୍ମର ପ୍ରମୋଶନ ଲାଗି ଡଃ ଅର୍ଥୋ ଆୟୁର୍ବେଦିକ ଅଏଲ ଉକ୍ତ ସିନେମା ନିର୍ମାଣକାରୀ ସଂସ୍ଥା ସହ ଚୁକ୍ତିରେ ସାମିଲ ହୋଇଛି। ଡଃ ଅର୍ଥୋ ଅଏଲ ଏସ୍‌ବିଏସ୍ ବାୟୋଟେକ୍ କମ୍ପାନୀର ପ୍ରମୁଖ ଲୋକପ୍ରିୟ ପ୍ରଡକ୍ଟ। ସିନେମାର ସଫଳତା ଲାଗି କମ୍ପାନୀ ପକ୍ଷରୁ ଆଶା ପ୍ରକଟ କରାଯାଇଛି। ଦେଶର ବିକାଶକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଥିବା ବେଳେ କମ୍ପାନୀ ଏହି ଉଦ୍ୟମକୁ ପ୍ରଶଂସା କରୁଥିବା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସିନେମାର ନରେନ୍ଦ୍ର ମୋଦି ଭୂମିକାରେ ବିବେକ ଓବରଏ ନଜର ଆସିଥିବା ବେଳେ ହୀରା ବେନ ଭୂମିକାରେ ଜରିନା ୱାହାବ, ମନୋଜ ଯୋଶୀ ଅମିତ ଶାହ, ବର୍ଖା ବସ୍ତ ଯଶୋଦା ବେନ୍ ଏବଂ ବୋମନ ଇରାନୀ ଲିଡ୍ ରୋଲରେ ରହିଛନ୍ତି। ସିନେମାର ନିର୍ଦ୍ଦେଶନା ଓମଙ୍ଗ କୁମାର ବି ଦେଇଛନ୍ତି।

# ବଜାରରେ ନୂଆ ରିୟଲମି ୩ ପ୍ରୋ

ଭୁବନେଶ୍ୱର,୨୮-୫(ବ୍ୟୁରୋ)



**ପ୍ରମୁଖ ଫିଚର**
- ୪ଜିବି+୬୪ ଜିବି ଭାରିଆଣ୍ଟ ମୂଲ୍ୟ ୧୩,୯୯୯ ଟଙ୍କା
  ୬ଜିବି+ ୬୪ଜିବି ମୂଲ୍ୟ ୧୫,୯୯୯ ଟଙ୍କା
  ୬ ଜିବି+୧୨୮ ଜିବି ୧୬,୯୯୯ ଟଙ୍କା
- ୨୫୬ ଜିବି ପର୍ଯ୍ୟନ୍ତ ଏକ୍ସପାଣ୍ଡେବଲ ମେମୋରି, ୪୦୪୫ ଏମ୍‌ଏଏଚ୍ ବ୍ୟାଟେରି,୬.୩ ଏଫ୍‌ଏଚ୍‌ଡି ଡିସ୍ପଲେ
- ୨୫ ମେଗା ପିକ୍ସେଲ ସେଲ୍ଫି କ୍ୟାମେରା, ୬୪ ମେଗା ପିକ୍ସେଲ ବ୍ୟାକ୍ କ୍ୟାମେରା

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପକ୍ଷରୁ ନୂଆ 'ରିୟଲମି ୩ ପ୍ରୋ' ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହା କମ୍ପାନୀର ଅଧିକୃତ ଷ୍ଟୋର ସମେତ ରିଟେଲ ଷ୍ଟୋରଗୁଡ଼ିକରେ ଉପଲବ୍ଧ ହେବ। ସ୍ଥାନୀୟ ଡମଣାଛକସ୍ଥିତ ମିରାକିଲ ମୋବାଇଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରିୟଲମିର ରାଜ୍ୟ ମୁଖ୍ୟ ନିସ୍କଳଙ୍କ ମହାନ୍ତି, ଷ୍ଟକିଷ୍ଟ ସୁମିତ ଅଗ୍ରୱାଲ ଏବଂ ଷ୍ଟୋର ଓନର ଜିତେନ୍ଦ୍ର କୁମାର ସାହୁ ଏହାର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ କମ୍ପାନୀର ହାପି କଷ୍ଟମରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିଭଳି ଭୁବନେଶ୍ୱରର ୟୁନିକର୍ନ ମୋବାଇଲ ଏବଂ ଲକ୍ଷ୍ମୀ ମୋବାଇଲ ଷ୍ଟୋରରେ ଏହି ମଡେଲଟିକୁ ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ ଲକ୍ଷ୍ମୀ ମୋବାଇଲର ସ୍ୱତ୍ୱାଧିକାରୀ ନକୁଳ ସୁବୁଦ୍ଧି ଏବଂ ୟୁନିକର୍ନ ମୋବାଇଲଠାରେ ସ୍ୱତ୍ୱାଧିକାରୀ ସୂର୍ଯ୍ୟରଞ୍ଜନ ପାତ୍ର ଉପସ୍ଥିତ ଥିଲେ। ଗୋଟିଏ ମାସ ତଳେ ଅନ୍‌ଲାଇନରେ ଏହି ମଡେଲଟିକୁ ବଜାର ପ୍ରବେଶ କରାଇଥିବା ବେଳେ ଏହା ମଙ୍ଗଳବାରଠାରୁ ସାରା ରାଜ୍ୟରେ ଶୁଭାରମ୍ଭ ହୋଇଥିବା ରାଜ୍ୟ ମୁଖ୍ୟ ନିସ୍କଳଙ୍କ ମହାନ୍ତି ସୂଚନା ଦେଇଛନ୍ତି। ଅଫଲାଇନରେ ମଧ୍ୟ ଏହାର ବିକ୍ରି ଭଲ ରହିବ ବୋଲି ଆଶାବାଦୀ ଥିବା ମହାନ୍ତି କହିଛନ୍ତି।

## ବାତ୍ୟା ପ୍ରଭାବିତଙ୍କୁ ଟୟୋଟା କର୍ମଚାରୀଙ୍କ ସହାୟତା

ଭୁବନେଶ୍ୱର,୨୮-୫

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ଫନୀ ପ୍ରଭାବିତ ଲୋକଙ୍କ ଲାଗି ରିଲିଫ ପ୍ରଦାନ କରାଯାଇଛି। ପ୍ରଭାବିତ ୮୦୦ ପରିବାରକୁ ଖାଦ୍ୟ ସାମଗ୍ରୀ ଏବଂ ୧୫୦ ସୋଲାର ଲ୍ୟାମ୍ପ ପ୍ରଦାନ କରାଯାଇଛି। ଏହା ଦ୍ୱାରା ମୋଟ ୩୨ ହଜାର ଲୋକଙ୍କ ନିକଟରେ କମ୍ପାନୀ ପହଞ୍ଚି ପାରିଛି। ଆଗାମୀ ଦିନରେ ଆଉ ୧୫୦ ପରିବାରକୁ ସହାୟତା ଯୋଗାଇବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। କର୍ମଚାରୀଙ୍କ ପକ୍ଷରୁ ସ୍ଥାପିତ ଆଇକେୟାର ସଂସ୍ଥା ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ସେହିଭଳି ଏକ ଭ୍ରାମ୍ୟମାଣ ମେଡିକାଲ ୟୁନିଟ ମଧ୍ୟ ନିୟୋଜନ କରାଯାଇଥିଲା। ଏକ ଦାୟିତ୍ୱ ସମ୍ପନ୍ନ କର୍ପୋରେଟ ସିଟିଜେନ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ମାର୍କେଟିଂ ବିଭାଗ ଡେପୁଟି ନିର୍ଦ୍ଦେଶକ ଏନ.ରାଜା ସୂଚନା ଦେଇଛନ୍ତି।

## ସପ୍ତାହେ ସୁଦ୍ଧା ସମ୍ପୂର୍ଣ୍ଣ ଠିକ୍ ହେବ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ

ଭୁବନେଶ୍ୱର,୨୮-୫

BSNL

ଫନୀ ଯୋଗୁ ରାଜ୍ୟରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ କ୍ଷତିଗ୍ରସ୍ତ ହୋଇଛି। ନେଟ୍‌ୱର୍କ ପୁନରୁଦ୍ଧାର କାର୍ଯ୍ୟ ଦ୍ରୁତ ଭିତ୍ତିରେ ଜାରି ରହିଛି। ଏଭଳି ସ୍ଥିତିରେ ଗ୍ରାହକମାନେ ଲ୍ୟାଣ୍ଡ ଲାଇନ, ବ୍ରଡ ବ୍ୟାଣ୍ଡ, ଏଫ୍‌ଟିଟିଏଚ୍ ଏବଂ ଲିଜ୍‌ଡ ଲାଇନ ଭଳି ସେବା ନେବା ଲାଗି ଅସୁବିଧା ସାମ୍ନା କରୁଛନ୍ତି। ନେଟ୍‌ୱର୍କ ପୁନରୁଦ୍ଧାର କାର୍ଯ୍ୟ ଚାଲୁଥିବାରୁ ଲୋକଙ୍କୁ ସେବା ଯୋଗାଣରେ ବାଧା ଉପୁଜୁଥିବା ବିଏସ୍‌ଏନ୍‌ଏଲ୍ ପକ୍ଷରୁ କୁହାଯାଇଛି। ସପ୍ତାହେ ସୁଦ୍ଧା ନେଟ୍‌ୱର୍କ ଠିକ୍ ହୋଇଯିବ। ଏହା ପରେ ସବୁ ସେବା ଗ୍ରାହକଙ୍କୁ ପୂର୍ବଭଳି ଉପଲବ୍ଧ କରାଯିବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି।

# ବିଓଆଇ ଅଫିସର୍ସ ଆସୋସିଏଶନ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮-୫



ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ ପକ୍ଷରୁ ବାତ୍ୟା ପ୍ରଭାବିତ ଲୋକଙ୍କ ଲାଗି ରିଲିଫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ, ମଶାରି, ସୋଲାର ଲାଇଟ, ଖାଦ୍ୟ ପ୍ୟାକେଟ ଏବଂ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଆଳସାରଙ୍ଗ, ନିମସାହି, ଚାଷଖଣ୍ଡ, ଗଉଡ ସାହି, ପରାହାଟ, ହରଚଣ୍ଡୀ ସାହି, ବଗୁଲା ପାରି ଭଳି ସ୍ଥାନଗୁଡ଼ିକରେ ରିଲିଫ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଝାଡଖଣ୍ଡ ଆସୋସିଏଶନର ସାଧାରଣ ସମ୍ପାଦକ ସୁନୀଲ କୁମାର ଲାକ୍ରା, ସଭାପତି ରାଜକୁମାର ଶ୍ରୀବାସ୍ତବଙ୍କ ସମେତ ଝାଡଖଣ୍ଡର ୮ ସଦସ୍ୟ, ଓଡ଼ିଶା ଆସୋସିଏଶନ ସଭାପତି ସ୍ମୃତିରଞ୍ଜନ ସାହୁ, ସାଧାରଣ ସମ୍ପାଦକ କମଲଜିତ ମହାପାତ୍ର, ସ୍ଥାନୀୟ ବାସିନ୍ଦା ସୁବ୍ରତ କୁମାର ବରାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଳାଧନ ନେଇ ଏଚ୍‌ଏସ୍‌ବିସି ତାଲିକା

# ଏନ୍‌ଆର୍‌ଆଇ ମାନ୍ୟତାକୁ ଢ଼ାଲ କରୁଛନ୍ତି ଭାରତୀୟ

ନୂଆଦିଲ୍ଲୀ,୨୮-୫

ଏଚ୍‌ଏସ୍‌ବିସିସ ତାଲିକାରେ ସାମିଲ ହୋଇଥିବା ଧନୀ ଭାରତୀୟ ଜରିମାନା ଏବଂ ସମ୍ଭବତଃ ମକଦ୍ଦମାରୁ ନିଜକୁ ରକ୍ଷା କରିବା ଲାଗି ଏବେ ନିଜର ଏନ୍‌ଆର୍‌ଆଇ ମାନ୍ୟତା(ପ୍ରବାସୀ ଭାରତୀୟ)କୁ ଢ଼ାଲ କରିବା ଆରମ୍ଭ କରିଛନ୍ତି। ଏଚ୍‌ଏସ୍‌ବିସିରେ ଆକାଉଣ୍ଟ ଖୋଲିବା ବେଳେ ସେମାନେ ଏନ୍‌ଆର୍‌ଆଇ ଥିଲେ ବୋଲି ଏହି ଭାରତୀୟମାନେ ସୁଇଜରଲାଣ୍ଡକୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ସୁଇସ୍ ବ୍ୟାଙ୍କରେ ଜମା କରିଥିବା କଳାଧନ ସମ୍ପର୍କରେ ତଥ୍ୟ ପ୍ରଦାନ ବେଳେ ଆକାଉଣ୍ଟଧାରୀ ଭାରତୀୟମାନେ ନିଜର ପୁରୁଣା ପାସ୍‌ପୋର୍ଟ ସୁଇସ୍ ଅଧିକାରୀଙ୍କ ନିକଟରେ ଜମା କରିବା ଆରମ୍ଭ କରିଛନ୍ତି। ସେମାନେ ୧୮୨ ଦିନରୁ ଅଧିକ ସମୟ ଭାରତ ବାହାରେ ଥିଲେ ବୋଲି ପ୍ରମାଣ କରିବାକୁ ଚାହୁଁଛନ୍ତି। ସେମାନେ ନିଜକୁ ଏନ୍‌ଆର୍‌ଆଇ ଭାବେ ପ୍ରତିଷ୍ଠିତ କରିବା ଏବଂ ସେମାନଙ୍କ ବିରୋଧରେ କୌଣସି ମାମଲା ନ ଥିବା ଏହି ଭାରତୀୟମାନେ ଏବେ ସୁଇସ୍ ସରକାରଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ଏହି ତଥାକଥିତ ଧନୀ ଭାରତୀୟମାନେ ସୁଇଜରଲାଣ୍ଡର ଓକିଲଙ୍କୁ ନିଯୁକ୍ତ କରୁଛନ୍ତି। ସୂଚନାଥାଉ କି, ଏନ୍‌ଆର୍‌ଆଇଙ୍କ ବିଦେଶରେ ହୋଇଥିବା ଆୟ ଉପରେ ଭାରତରେ ଟିକସ ଲାଗି ନ ଥାଏ। ୨୦୧୧ ଏପ୍ରିଲ ପହିଲାରେ ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ଚୁକ୍ତି ହୋଇଥିଲା। ଏହା ପୂର୍ବରୁ ବନ୍ଦ ହୋଇ ନ ଥିବା ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ସୁଇଜରଲାଣ୍ଡ ସୂଚନା ଦେବ।



# କ୍ରିକେଟ ମହାକୁମ୍ଭ



ଆଉ ଗୋଟିଏ ଦିନ ପରେ କ୍ରିକେଟର ମହାକୁମ୍ଭ ଆଇସିସି ବିଶ୍ୱକପ୍ ଆରମ୍ଭ ହେବ। ଏଥିଲାଗି ବିଶ୍ୱର କୋଣ ଅନୁକୋଣରେ ରହିଥିବା କ୍ରିକେଟ୍‌ପ୍ରେମୀଙ୍କ ନଜର ଏବେ ଏହା ଉପରେ ରହିଛି। ବିଶ୍ୱକପ୍ ଯେତେ ନିକଟତର ହେଉଛି କ୍ରିକେଟ୍‌ପ୍ରେମୀ ପୂର୍ବ ସଂସ୍କରଣଗୁଡ଼ିକର କିଛି ରୋଚକ ଘଟଣା ବିଷୟରେ ଜାଣିବାକୁ ବେଶ୍ ଆଗ୍ରହୀ ଗତ ୧୧ ସଂସ୍କରଣରେ ଏମିତି ୩ ଜଣ ଖେଳାଳି ରହିଛନ୍ତି, ଯେଉଁମାନେ କି ଗୋଟିଏ ବିଶ୍ୱକପ୍‌ର ଉଭୟ ସେମିଫାଇନାଲ ଓ ଫାଇନାଲରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଜିତିବାର ସୌଭାଗ୍ୟ ପାଇଛନ୍ତି। ସେମାନଙ୍କ ବିଷୟରେ ସଂକ୍ଷେପରେ...



## ମହିନ୍ଦର ଅମରନାଥ

୧୯୮୩ ବିଶ୍ୱକପ୍‌ରେ କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜକୁ ମାତ୍ ଦେଇ ଚାମ୍ପିୟନ ହୋଇଥିଲା। ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ କପିଳ ଦେବ ୧୭୫ ରନର ମାରାଥନ ଇନିଂସ ଖେଳି ଭାରତକୁ ପରାଜୟରୁ ରକ୍ଷା କରିଥିଲେ। ସେହିଭଳି ଫାଇନାଲରେ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଦଳ ପକ୍ଷରୁ ସର୍ବାଧିକ ୩୮ ରନ କରି ଭାରତକୁ ୧୮୦ ରନର ଏକ ସମ୍ମାନଜନକ ସ୍କୋର ଦେଇଥିଲେ। କିନ୍ତୁ ସେମିଫାଇନାଲ ଓ ଫାଇନାଲ ପରି ୨ଟି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମହିନ୍ଦର ଅମରନାଥଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନକୁ ଆଜି ବି ଦର୍ଶକ ମନେ ରଖିଛନ୍ତି। ଫଳରେ ଏହି ୨ଟି ମ୍ୟାଚ୍‌ରେ ସେ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିବାରେ ସଫଳ ହୋଇଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ଅମରନାଥ ନିଜ ୧୨ ଓଭର ସ୍ପେଲରେ ମାତ୍ର ୨୭ ରନ ବ୍ୟୟ କରି ୨ଟି ଉଇକେଟ୍ ନେବା ସହ ଇଂଲଣ୍ଡକୁ ୨୧୪ ରନରେ ଅଟକାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ଚେଜିଂ ସମୟରେ ସେ ୪୬ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଏହି ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷ ଫାଇନାଲ ମ୍ୟାଚ୍ ଲୋ-ସ୍କୋରିଂ ବିଶିଷ୍ଟ ହୋଇଥିଲେ ମଧ୍ୟ ଏଥିରେ ଅମରନାଥଙ୍କ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ଶ୍ରୀକାନ୍ତ (୩୮) ସନ୍ଦୀପ ପାଟିଲ (୨୭) ଓ ଅମରନାଥ (୨୬)ଙ୍କ ଉପଯୋଗୀ ଇନିଂସ ବଳରେ ୧୮୩ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଅମରନାଥ (୭-୦-୧୨-୩)ଙ୍କ ଚମତ୍କାର ସ୍ପେଲ ଯୋଗୁ ଇଂଲଣ୍ଡ ମାତ୍ର ୧୪୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏଥିରେ ମଧ୍ୟ ଅମରନାଥଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ସେମିଫାଇନାଲ, ଫାଇନାଲର (୧୯୮୩, ୧୯୯୬, ୧୯୯୯) ମ୍ୟାନ୍ ଅଫ୍ ଦି ମ୍ୟାଚ୍

## ଅରବିନ୍ଦ ଡି' ସିଲ୍‌ଭା

ବିଶ୍ୱକପ୍‌ର ୭ମ ସଂସ୍କରଣ ୧୯୯୬ରେ ମିଳିତ ଭାବେ ଭାରତ, ଶ୍ରୀଲଙ୍କା ଓ ପାକିସ୍ତାନରେ ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀଲଙ୍କାକୁ ବିଶ୍ୱବିଜେତା କରାଇବାରେ ଅରବିନ୍ଦ ଡି ସିଲ୍‌ଭା ମୁଖ୍ୟ ନାୟକ ଥିଲେ। ଉଭୟ ସେମିଫାଇନାଲ ଓ ଫାଇନାଲ୍‌ରେ ଡି ସିଲ୍‌ଭାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁ ଶ୍ରୀଲଙ୍କା ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲା। ଐତିହାସିକ ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂକରି ୧ ରନରେ ୨ଟି ଉଇକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୪ ନମ୍ବର ସ୍ଥାନରେ ବ୍ୟାଟିଂକରିବାକୁ ଆସିଥିବା ଡି ସିଲ୍‌ଭା ଗୋଟିଏ ପାର୍ଶ୍ୱରୁ ଦ୍ରୁତ ବ୍ୟାଟିଂକରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ସେ ୪୭ ବଲରୁ ୧୪ ଚୌକା ସହାୟତାରେ ୬୬ ରନର ଦ୍ରୁତ ଇନିଂସ ଖେଳି ଶ୍ରୀଲଙ୍କାକୁ ୮ ଉଇକେଟ୍‌ରେ ୨୫୧ ରନର ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ପରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮ ଉଇକେଟ୍‌ରେ ୧୨୦ ରନ କରିଥିବାବେଳେ ଦର୍ଶକ ବିଶୃଙ୍ଖଳା ଲାଗି ମ୍ୟାଚ୍‌କୁ ବନ୍ଦ କରିଦିଆଯାଇଥିଲା। ରନ୍‌ରେଟ୍ ଆଧାରରେ ଶ୍ରୀଲଙ୍କାକୁ ବିଜୟୀ ଘୋଷିତ କରାଯାଇଥିଲା। ୬୬ ରନ ସହ ଗୋଟିଏ ଉଇକେଟ୍ ନେଇଥିବା ଡି ସିଲ୍‌ଭା ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଫାଇନାଲ ମ୍ୟାଚ୍‌ରେ ମଧ୍ୟ ଅରବିନ୍ଦଙ୍କ ବ୍ୟାଟିଂ କମାଲ ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୪୨ ରନର ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ପ୍ରାରମ୍ଭରୁ ସନଥ୍ ଜୟସୂରିୟା (୯) ଓ ରମେଶ କାଲୁବିଥରନ (୬)ଙ୍କୁ ହରାଇଥିଲା। ୪ର୍ଥ ସ୍ଥାନରେ ଆସିଥିବା ଡି ସିଲ୍‌ଭା ୧୦୭ ରନର ଅପରାଜିତ ଇନିଂସ ଖେଳି ଦଳକୁ ଚାମ୍ପିୟନ କରାଇଥିଲେ। ଶତକ ସହ ୩ଟି ଉଇକେଟ୍ ନେଇଥିବା ଯୋଗୁ ତାଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିଲା।





## ଶେନ ୱର୍ନ

ଅରବିନ୍ଦ ଡି ସିଲ୍‌ଭାଙ୍କ ପରେ ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଅର୍ଥାତ୍ ୧୯୯୯ରେ ଏହି ସଫଳତା ଦୋହରାଇଥିଲେ କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ଲେଗ୍-ସ୍ପିନର ଶେନ୍ ୱର୍ନ। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଶନ୍ ପୋଲକ, ଆଲାନ ଡୋନାଲ୍ଡ, ଜ୍ରାକ୍ କାଲିସ ଓ ଷ୍ଟିଭ ଏଲ୍‌ୱର୍ଥୀଙ୍କ ବଲକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୨୧୩ ରନ କରିପାରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୨ ଓଭରରେ କୌଣସି ଉଇକେଟ୍ ନ ହରାଇ ୪୮ ରନ କରିଥିଲା। ତେବେ ଏହାପରେ ୱର୍ନ ବୋଲିଂ କରିବାକୁ ଆସି ୨୯ ରନରେ ୪ ଉଇକେଟ୍ ନେଇ ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ତିମ ଓଭରରେ ୯ ରନ୍ ଆବଶ୍ୟକ ହେଉଥିବାବେଳେ ଲାନ୍ସ କ୍ଲୁଜନର ୮ ରନ ସଂଗ୍ରହ କରି ଡୋନାଲ୍ଡଙ୍କ ସହ ଭୁଲ ବୁଝାମଣା ଯୋଗୁ ରନ ଆଉଟ୍ ହୋଇଯାଇଥିଲେ। ଫଳରେ ମ୍ୟାଚ ଟାଇ ରହିଥିଲା ଏବଂ ସୁପର୍ ସିକ୍ସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭଲ ରନ୍‌ରେଟ୍ ଯୋଗୁ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା। ଚମତ୍କାର ବୋଲିଂ ଲାଗି ୱର୍ନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପରେ ପାକିସ୍ତାନ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ମଧ୍ୟ ୱର୍ନଙ୍କ ମ୍ୟାଜିକ୍ ଦେଖିବାକୁ ମିଳିଥିଲା। ମିଡଲ ଓଭରରେ ୱର୍ନ (୯-୧-୩୩-୪)ଙ୍କ ଟାଇଟ୍ ବୋଲିଂ ଯୋଗୁ ପାକିସ୍ତାନ ୧୩୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ଆଡାମ ଗ୍ରୀଲକ୍ରୀଷ୍ଟ (୫୪)ଙ୍କ ଅର୍ଦ୍ଧଶତକ ବଳରେ ୨ ଉଇକେଟ୍ ହରାଇ ୨୦ ଓଭରରେ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୱର୍ନଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପେନ୍‌ସିଲ୍ ମୁନରେ ବିଶ୍ୱକପ୍



ଏଲ. ଈଶ୍ୱର ରାଓଙ୍କ ଦ୍ୱାରା ପେନ୍‌ସିଲ୍ ମୁନରେ ଆଇସିସି ବିଶ୍ୱକପର କ୍ଷୁଦ୍ର ପ୍ରତିକୃତି।

# ବିଶ୍ୱକପ୍ ଅଭିଯାନରେ ଟିମ୍ ଇଣ୍ଡିଆ

ମେ ୩୦ରୁ ଇଂଲଣ୍ଡରେ କ୍ରିକେଟ୍ ବିଶ୍ୱକପ୍ ଆରମ୍ଭ ହେବ। ଏହି କ୍ରିକେଟ୍ ମହାସମରରେ ୧୦ଟି ଦଳ ଭାଗ ନେବେ। ଏହି ମେଗା ଇଭେଣ୍ଟ ଆରମ୍ଭ ହେବାକୁ ଆଉ ଗୋଟିଏ ଦିନ ବାକି ରହିଛି। ସମସ୍ତ ଅଂଶଗ୍ରହଣକାରୀ ଦଳ ଗୁଡିକ ସେମାନଙ୍କର ଅଧିନାୟକ ଏବଂ ୧୫ ଜଣିଆ ଟିମ୍ ଘୋଷଣା କରି ସାରିଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ ଇଣ୍ଡିଆ ଗତ ବୁଧବାର ଇଂଲଣ୍ଡରେ ପଦାର୍ପଣ କରିଛି। ଅସଲ ପରୀକ୍ଷା ପୂର୍ବରୁ ଦଳ ଗୁଡ଼ିକ କେତେଗୁଡିଏ ଅଭ୍ୟାସ ମ୍ୟାଚ୍ ଖେଳି ପ୍ରକୃତ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବେ। ଇଂଲଣ୍ଡର ୧୧ଟି ଭେନ୍ୟୁରେ ମୋଟ ୪୮ଟି ମ୍ୟାଚ୍ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ୍ ବେଶ୍ ପ୍ରତିଦ୍ୱନ୍ଦୀତାମୂଳକ ହେବ ବୋଲି ପିଚ୍ କ୍ୟୁରେଟର, କ୍ରିକେଟ୍ ବିଷାରଦ ଏବଂ ପୂର୍ବତନ ଖେଳାଳିମାନେ ଆଶାପୋଷଣ କରିଛନ୍ତି। ଏପରି କି ଭଲ ଫର୍ମରେ ଥିବା ଟିମ୍‌ଗୁଡିକର ଦଳଗତ ସ୍କୋର ୫୦୦ ରନ୍‌ରୁ ଅଧିକ ହୋଇପାରେ ବୋଲି ଇଂଲଣ୍ଡ ଆଣ୍ଡ ୱେଲସ୍ କ୍ରିକେଟ୍ ବୋର୍ଡ ପକ୍ଷରୁ ଦାବି କରାଯାଇଛି। ଫ୍ଲାଟ୍ ପିଚ୍‌ରେ ଅନେକ ବିଶ୍ୱ ରେକର୍ଡ ସ୍ଥାପନ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ପେସ୍ ବୋଲରମାନେ ଚଳିତ ବିଶ୍ୱକପ୍‌ରେ ଏକାଗ୍ରତା ରକ୍ଷା କରିବାରେ ସଫଳ ହେବା ପାଇଁ ଉପଯୁକ୍ତ ଲାଇନ୍ ଏବଂ ଲେନ୍‌ଥରେ ବୋଲିଂ କରିବାକୁ ହେବ। ସେହିପରି ବିଭିନ୍ନ ଦଳର ସ୍ପିନରମାନେ ମଧ୍ୟ ସଫଳ ହେବାର ସମ୍ଭାବନା ରହିଛି। ଏହି ମେଗା ପ୍ରତିଯୋଗିତାରେ ଅଲ୍‌ରାଉଣ୍ଡରମାନେ ବିଭିନ୍ନ ଦଳ ପକ୍ଷରୁ ପ୍ରମୁଖ ଭୂମିକା ଗ୍ରହଣ କରିବେ। ବିରାଟ କୋହଲିଙ୍କ ହାତରେ ଭାରତର କମାଣ୍ଡ ରହିଥିବାବେଳେ ଆରୋନ୍ ଫିଞ୍ଚ ଅଷ୍ଟ୍ରେଲିଆ, ଫାଫ୍ ଡୁପ୍ଲେସି ଦକ୍ଷିଣ ଆଫ୍ରିକା, ସର୍ଫରାଜ ଅହମ୍ମଦ ପାକିସ୍ତାନ, ଇଅନ୍ ମୋର୍ଗାନ ଇଂଲଣ୍ଡ, କେନ୍ ୱିଲିୟମସନ ନ୍ୟୁଜିଲାଣ୍ଡ, ଦିମୁଥ କରୁଣାରତ୍ନେ ଶ୍ରୀଲଙ୍କା, ଅଶ୍ରଫ୍ ମୋର୍ତ୍ତାଜା ବାଂଲାଦେଶ, ଗୁଲ୍‌ବଦିନ୍ ନାଇବ୍ ଆଫଗାନିସ୍ତାନ ଏବଂ ଜାସନ ହୋଲ୍ଡର୍ ୱେଷ୍ଟଇଣ୍ଡିଜ୍‌ର ନେତୃତ୍ୱ ନେଉଛନ୍ତି। ଆଇସିସି ଦ୍ୱାରା ବିଶ୍ୱକପ୍ ଫର୍ମାଟରେ ପରିବର୍ତ୍ତନ ଯୋଗୁ ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ପ୍ରତି ଦଳକୁ ଥରେ ଲେଖାଏ ଭେଟିବେ। ଶେଷରେ ଶ୍ରେଷ୍ଠ ୪ଟି ଦଳ ପଏଣ୍ଟ ଟେବୁଲ୍ ଏବଂ ନେଟ୍ ରନ୍ ରେଟ୍ ଆଧାରରେ ସେମିଫାଇନାଲ୍‌କୁ ଉନ୍ନୀତ ହେବେ। ଆଇସିସି ଏକଦିବସୀୟ ର୍‌ୟାଙ୍କିଙ୍ଗ୍‌ରେ ଯଦିଓ ଆୟୋଜକ ଇଂଲଣ୍ଡ ୧୨୪ ପଏଣ୍ଟ ସହ ୧ ନମ୍ବର ସ୍ଥାନରେ ଏବଂ ଟିମ୍ ଇଣ୍ଡିଆ ୧୨୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଏବଂ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ରହିଛନ୍ତି ତଥାପି ଇଂଲଣ୍ଡର ପରିବେଶରେ ଟାଇଟଲ୍ ହାସଲ ପାଇଁ ମୁଖ୍ୟତଃ ଟିମ୍ ଇଣ୍ଡିଆ, ଆୟୋଜକ ଇଂଲଣ୍ଡ, ସର୍ବାଧିକ ସଫଳତା ପାଇଥିବା ଅଷ୍ଟ୍ରେଲିଆ ଏବଂ ଅନ୍‌ଲକି ସାଉଥ୍ ଆଫ୍ରିକା ରହିଛନ୍ତି। ଅନ୍ୟ ଦଳଗୁଡିକ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ଅଟନ୍ତି। ଯେହେତୁ ଏକଦିବସୀୟ ଫର୍ମାଟ୍, ସେଥିପାଇଁ ବାଂଲାଦେଶ, ଆଫଗାନିସ୍ଥାନ, ଅସ୍ଥିର ପ୍ରଦର୍ଶନ କରୁଥିବା ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ୍ ଏବଂ ପାକିସ୍ତାନ ଦଳର କୌଣସି ମୁହୂର୍ତ୍ତରେ ପ୍ରତ୍ୟାବର୍ତ୍ତନ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। କାରଣ ଇଂଲଣ୍ଡ ପରିବେଶରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ଖେଳାଳିମାନଙ୍କର କାଉଣ୍ଟି ମ୍ୟାଚ୍ ଖେଳିବାର ବେଶ୍ ଅଭିଜ୍ଞତା ରହିଛି। ଅଷ୍ଟ୍ରେଲିଆ ଦଳକୁ ଡେଭିଡ୍ ୱାର୍ନର ଏବଂ ଷ୍ଟିଭେନ୍ ସ୍ମିଥ ଫେରିଛନ୍ତି। ତେଣୁ ଏହି ଦଳ ସ୍ୱତଃ ଶକ୍ତିଶାଳୀ ହୋଇଛି। ଦଳର ପେସ୍ ଏବଂ ସ୍ପିନ୍ ବୋଲିଂ ବେଶ୍ ସନ୍ତୁଳିତ। ନାଥନ୍ ଲିୟନ ଏବଂ ଆଡାମ ଜାମ୍ପାଙ୍କ ପରି ସ୍ପିନର ଏବଂ ଅଲରାଉଣ୍ଡର ମାର୍କସ୍ ଷ୍ଟୋଇନିସ୍ ଅଷ୍ଟ୍ରେଲିଆ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି।

ସେହିପରି ଆୟୋଜକ ଇଂଲଣ୍ଡ ଦଳକୁ ଅଦୌ ହେୟ ମନେକରାଯାଇ ନ ପାରେ। କାରଣ ଅଲରାଣ୍ଡରରେ ଭରପୂର ଏହି ଦଳ ନିଜ ମାଟିରେ ସେମିଫାଇନାଲ ଖେଳିବାକୁ ବେଶ୍ ଦକ୍ଷତା ରଖିଛି। ଦଳରେ ବେନ୍ ଷ୍ଟୋକ୍ସ, ଜନି ବେୟାରଷ୍ଟୋ, ଜୋସ୍ ବଟଲର, ମୋଇନ ଅଲି, ଜୋ ରୁଟ୍, ଆଦିଲ ରସିଦ୍, ଇଆନ୍ ମୋର୍ଗାନଙ୍କ ପରି ନାମୀ ଦାମୀ ଖେଳାଳି ରହିଛନ୍ତି। ସେହିପରି ଅନ୍ୟତମ ଶ୍ରେଷ୍ଠ ଦଳ ରୂପେ ଟିମ୍ ଇଣ୍ଡିଆକୁ କଡା ଟକ୍‌ର ଦେବା ପାଇଁ ଦକ୍ଷିଣ ଆଫ୍ରିକା ଦଳ ମଧ୍ୟ ବେଶ୍ ସନ୍ତୁଳିତ। ଏକଦିବସୀୟ ମ୍ୟାଚ୍ ପାଇଁ ଦଳରେ କ୍ୱିଣ୍ଟନ ଡିକକ୍, ଫ୍ଲାଫ୍ ଡୁପ୍ଲେସି, ଡେଭିଡ୍ ମିଲର୍, ଜେପି ଡୁମିନି, କାଗିସୋ ରାବାଡା ଏବଂ ଇମ୍ରାନ ତାହିର ରହିଛନ୍ତି। ପ୍ରଦର୍ଶନ ଦୃଷ୍ଟିରୁ ଦେଖିଲେ ନ୍ୟୁଜିଲାଣ୍ଡ ଦଳ ମଧ୍ୟ ଏକଦିବସୀୟ ସିରିଜ୍‌ଗୁଡିକରେ ଭଲ ପ୍ରଦର୍ଶନ କରିଛି। ଦଳରେ କେନ୍ ୱିଲିୟମ୍‌ସନ୍, ଟ୍ରେଣ୍ଟ ବୋଲ୍ଟ, ମିଚେଲ୍ ସାଣ୍ଟନର, ଟିମ ସାଉଦି, ରସ୍ ଟେଲର, ମାର୍ଟିନ ଗୁପଟିଲ୍, ଟମ୍ ଲାଥାମ୍‌ଙ୍କ ପରି ସ୍ପେଶାଲିଷ୍ଟ ଖେଳାଳି ରହିଛନ୍ତି। ୱେଷ୍ଟଇଣ୍ଡିଜ୍ ଦଳରେ ମଧ୍ୟ କ୍ରିସ୍ ଗେଲ୍, ସିମରନ୍ ହେଟ୍‌ମେୟର, ଡାରେନ୍ ବ୍ରାଭୋ, ଆନ୍ଦ୍ରେ ରସେଲ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ।

କ୍ରିକେଟ୍ ବିଷାରଦ ଏବଂ ପୂର୍ବତନ ଅଧିନାୟକମାନଙ୍କ ମତରେ ଚଳିତ ବିଶ୍ୱକପ୍ ପାଇଁ ଆଇସିସି ର୍‌ୟାକିଙ୍ଗ୍‌ର ୧ ନମ୍ବର ବ୍ୟାଟ୍ସମ୍ୟାନ୍ ତଥା ଟିମ୍ ଇଣ୍ଡିଆର ଆଗ୍ରେସିଭ୍ ଅଧିନାୟକ ବିରାଟ କୋହଲି ସମସ୍ତଙ୍କ ଆଗରେ ରହିଛନ୍ତି। ଜବରଦସ୍ତ ଫର୍ମରେ ଥିବା ଏବଂ ର୍‌ୟାଙ୍କିଙ୍ଗ୍‌ରେ ୧୨୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ଟିମ୍ ଇଣ୍ଡିଆର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ଶିଖର ଧାୱନ, ରୋହିତ ଶର୍ମା, ଫର୍ମକୁ ଫେରିଥିବା ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଡେଥ୍ ଓଭର ୟର୍କର ସ୍ପେସାଲିଷ୍ଟ ଯଶପ୍ରୀତ ବୁମରା,ସ୍ପିନର କୁଲଦୀପ ଯାଦବ, ୟେଜୁବେନ୍ଦ୍ର ଚହଲ, ଇଣ୍ଟେଲିଜେଣ୍ଟ ରବୀନ୍ଦ୍ର ଜାଡେଜା, ସୁଇଂ ସ୍ପେଶାଲିଷ୍ଟ ଭୁବନେଶ୍ୱର କୁମାର ଏବଂ ଅଭିଜ୍ଞ ମହମ୍ମଦ ସାମିଙ୍କ ଶାଣିତ ବେଗ ଗୁରୁତ୍ୱପୂର୍ଣ୍ଣ। ଏକଦିବସୀୟ ମ୍ୟାଚ୍‌ରେ କ୍ଲେଭର ଏବଂ କୁଲ୍ ରୂପେ ବେଶ୍ ପରିଚିତ ମହେନ୍ଦ୍ର ସିଂ ଧୋନୀ ୩୪୧ ମ୍ୟାଚ୍‌ରୁ ୧୦,୫୦୦ ରନ୍ ଏବଂ କିଙ୍ଗ୍ କୋହଲି ୨୨୭ ମ୍ୟାଚ୍‌ରୁ ୧୦,୮୪୩ ରନ୍ କରିଥିବା ବେଳେ ହିଟ୍ ମ୍ୟାନ୍ ରୋହିତ ଶର୍ମା ୮୦୦୦ରୁ ଅଧିକ ରନ୍ ସଂଗ୍ରହ କରିବା ଟିମ୍ ପାଇଁ ବେଶ୍ ଉପଯୋଗୀ ରହିବ। ବାମହାତୀ ବ୍ୟାଟ୍ସମ୍ୟାନ୍ ଶିଖର ଧାୱନ ଏବଂ ଦ୍ୱିତୀୟ ଉଇକେଟ୍ କିପର୍ ଦୀନେଶ କାର୍ତ୍ତିକଙ୍କର ଇଂଲଣ୍ଡ ପରିବେଶରେ ଭଲ ଅଭିଜ୍ଞତା ରହିଛି।

ଏକ ଦିବସୀୟ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଅଧିନାୟକ କ୍ୟାରିୟର ମଧ୍ୟ ବେଶ୍ ଭଲ। ଏକ ଦିବସୀୟରେ ସେ ୬୮ଟି ମ୍ୟାଚ୍‌ରେ ନେତୃତ୍ୱ ନେଇ ୪୮ଟିରେ ଭାରତକୁ ବିଜୟୀ କରାଇଛନ୍ତି। ବିଶ୍ୱର ଏହି ୧ ନମ୍ବର ବ୍ୟାଟ୍ସମ୍ୟାନ୍ ଏବଂ ୨୦୦୭ରୁ ଏ ପର୍ଯ୍ୟନ୍ତ ୩ଟି ବିଶ୍ୱକପ୍ ଖେଳିଥିବା କ୍ଲେଭର ଏମ୍.ଏସ୍. ଧୋନୀ ସର୍ବାଧିକ ୩୪୧ଟି ଏକଦିବସୀୟ ମ୍ୟାଚ୍ ଖେଳିଥିବାରୁ ବିରାଟ କୋହଲି ଏବଂ ଟିମ୍ ଇଣ୍ଡିଆ ପାଇଁ ମହାରଥୀ ସାବ୍ୟସ୍ତ ହେବେ। ଲୋକେଶ ରାହୁଲ ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଫର୍ମକୁ ଫେରିବା ଭାରତ ପାଇଁ ଲକି ସାବ୍ୟସ୍ତ ହେବ।

ଚଳିତ ବିଶ୍ୱକପ୍ ପାଇଁ ଯଦିଓ ସମସ୍ତ ଦଳ ବେଶ୍ ସନ୍ତୁଳିତ ତଥାପି ପୂର୍ବ ପ୍ରଦର୍ଶନ ଏବଂ ଫର୍ମରେ ଥିବା ବ୍ୟାଟ୍ସମ୍ୟାନ୍ ଏବଂ ବୋଲରମାନଙ୍କ ଯୋଗୁଁ ଟିମ୍ ଇଣ୍ଡିଆ ହଟ୍ ଫେଭରାଇଟ୍ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇସିସି ବିଶ୍ୱକପ୍ ର୍‌ୟାଙ୍କିଙ୍ଗ୍‌ର ବ୍ୟାଟିଂ ଏବଂ ବୋଲିଂରେ ୫ଜଣ ଭାରତୀୟ ସ୍ଥାନ ପାଇଛନ୍ତି। ବ୍ୟାଟିଂରେ ବିରାଟ କୋହଲି, ରୋହିତ ଶର୍ମା ଏବଂ ବୋଲିଂରେ ଯଶପ୍ରୀତ ବୁମରା ଏବଂ ସ୍ପିନ୍‌ର କୁଲଦୀପ ଯାଦବ ଓ ୟେଜୁବେନ୍ଦ୍ର ଚହଲ ରହିଛନ୍ତି।

ଫର୍ମାଟ୍ ବଦଳିବା ସହିତ ଲଢ଼େଇ ହେବ ଭିନ୍ନ ପରିବେଶରେ। ଯଦିଓ ବିଶ୍ୱକପ୍‌ରେ କଙ୍ଗାରୁ ଦଳର ଦବ୍‌ଦବା ଅବ୍ୟାହତ ରହିଛି ତଥାପି ଆଗାମୀ ସଂସ୍କରଣରେ ବିଶ୍ୱତାଜ ଏସିଆ ମହାଦେଶରେ ରହିବାର ବେଶ୍ ସମ୍ଭାବନା ରହିଛି।

-(ନିର୍ମଳ କୁମାର ମିଶ୍ର)

## ସଂକ୍ଷେପରେ

### ଉଦ୍‌ଘାଟନୀ ମ୍ୟାଚ୍‌ରୁ ଷ୍ଟେଇନ୍ ବାଦ୍

**ଲଣ୍ଡନ, ୨୮।୫:** ଘରୋଇ ଇଂଲଣ୍ଡ ବିପକ୍ଷରେ ଗୁରୁବାର ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲାରୁ ଓ ଦକ୍ଷିଣ ଆଫ୍ରିକା ସ୍ପିଡ୍ ଷ୍ଟାର୍ ଡେଲ୍ ଷ୍ଟେଇନ୍ ବାଦ୍ ପଡ଼ିଛନ୍ତି। ଦକ୍ଷିଣ ଆଫ୍ରିକା ଦଳର ମୁଖ୍ୟକୋଚ୍ ଓଟ୍ଟି ଗିବସନ ମଙ୍ଗଳବାର ଏହା ସ୍ପଷ୍ଟ କରିଛନ୍ତି। ଆଇପିଏଲ୍ ଖେଳିବା ସମୟରେ ହୋଇଥିବା ଆଘାତଜନିତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ୩୫ ବର୍ଷୀୟ ଷ୍ଟେଇନ୍‌ଙ୍କୁ ବାଦ୍ ଦିଆଯାଇଥିବା ଗିବସନ କହିଛନ୍ତି। 'ଦିନକୁ ଦିନ ସେ ସୁସ୍ଥ ଦିଗରେ ଅଗ୍ରସର ହେଉଛନ୍ତି। ଯଦି ଷ୍ଟେଇନ ରବିବାର ମ୍ୟାଚ୍ (ବାଂଲାଦେଶ ବିପକ୍ଷ) ଲାଗି ଫିଟ୍ ହୋଇ ନ ଥିବେ ତେବେ ଭାରତ ବିପକ୍ଷ ମ୍ୟାଚ୍ (ଜୁନ୍ ୫) ପାଇଁ ପ୍ରସ୍ତୁତ ହୋଇଯାଇଥିବେ' ବୋଲି ଏକ ଖବରଦାତା ସମ୍ମିଳନୀରେ ଗିବସନ ଏହା ପ୍ରକାଶ କରିଛନ୍ତି। 'ବର୍ତ୍ତମାନ ସୁଦ୍ଧା ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ତେଣୁ ୬ ସପ୍ତାହ ବିଶିଷ୍ଟ ଏହି ଟୁର୍ନାମେଣ୍ଟର ପ୍ରାରମ୍ଭରୁ ଆମେ ରିସ୍କ ଉଠାଇବାକୁ ଚାହୁଁନାହୁଁ ବୋଲି ଏହି ଅବସରରେ ଗିବସନ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକାର ସବୁଠାରୁ ସଫଳ ଟେଷ୍ଟ ବୋଲର ରହିଥିବା ଷ୍ଟେଇନ ବର୍ତ୍ତମାନ ସୁଦ୍ଧା ୪୩୯ ଉଇକେଟ୍ ଅକ୍ତିଆର କରିସାରିଛନ୍ତି। ସେହିଭଳି ଦିନିକିଆରେ ସେ ୧୯୬ ଉଇକେଟ୍ ନେଇଛନ୍ତି। ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୁରୁବାର ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ।

### ରିଜୱାନ, ଆବିଦ୍ ପାକିସ୍ତାନ ଦଳ ସହ ରହିବେ

**କରାଚୀ, ୨୮।୫(ପି.ଟି.):** ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ଓ ଆବିଦ୍ ଅଲି ବିଶ୍ୱକପ୍ ପର୍ଯ୍ୟନ୍ତ ପାକିସ୍ତାନ ଦଳ ସହ ରହିବେ। ଜାତୀୟ ଟିମ୍ ମ୍ୟାନେଜମେଣ୍ଟଙ୍କ ଅନୁରୋଧକ୍ରମେ ମଙ୍ଗଳବାର ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଦୁଇଜଣଙ୍କୁ ବ୍ୟାକ୍-ଅପ୍ ଖେଳାଳି ଭାବେ ଦଳ ସହ ଇଂଲଣ୍ଡରେ ରହିବାକୁ ଅନୁମତି ପ୍ରଦାନ କରିଛି। ୟୁଏଇରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୨ଟି ଶତକ ହାସଲ କରିବା ସତ୍ତ୍ୱେ ଉଇକେଟ୍‌କିପର ରିଜୱାନ ବିଶ୍ୱକପ୍ ଲାଗି ଘୋଷିତ ୧୫ ଜଣିଆ ପାକିସ୍ତାନ ଦଳରେ ସ୍ଥାନ ପାଇପାରି ନ ଥିଲେ। ସେହିଭଳି ଆବିଦ୍ ପ୍ରିଲିମିନାରି ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଫାଇନାଲ ଟିକେଟ୍‌ରୁ ବଞ୍ଚିତ ହୋଇଥିଲେ। ତାଙ୍କ ସ୍ଥାନରେ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆସିଫ୍ ଅଲିଙ୍କୁ ବିଶ୍ୱକପ୍ ସୁଯୋଗ ମିଳିଥିଲା। ନିକଟରେ ପାକିସ୍ତାନ ସୀମିତ ଓଭର ସିରିଜ ଖେଳିବା ଲାଗି ଇଂଲଣ୍ଡ ଟୁର୍ ଯାଇଥିଲା। ସେହି ଦଳରେ ଏହି ଦୁଇ ଖେଳାଳି ସ୍ଥାନ ପାଇଥିଲେ।

> ବିଶ୍ୱକପ୍ ସଫଳତା କେବଳ ୪ ଦଶନ୍ଧି ପ୍ରତୀକ୍ଷାରେ ଅବସାନ ଘଟାଇବ ନାହିଁ, କ୍ୟାରିବିୟନ ଲୋକମାନଙ୍କୁ ଏକତ୍ରିତ କରିବ।
> –ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ



> ଅଷ୍ଟ୍ରେଲିଆ କ୍ରିକେଟ ଦଳର ବିଶ୍ୱକପ୍ ସଫଳତା ଗ୍ଲେନ ମାକ୍ସୱେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଉପରେ ନିର୍ଭର କରିବ।
> –ପ୍ୟାଟ୍ କୁମିନ୍ସ, ଅଷ୍ଟ୍ରେଲିଆ ଉପ ଅଧିନାୟକ



### ଏଫ୍ଆଇଏଚ୍ ସିରିଜ୍ ଫାଇନାଲ୍ସ: ରମଣଦୀପଙ୍କ ପ୍ରତ୍ୟାବର୍ତ୍ତନ

# ଭାରତୀୟ ଦଳ ଘୋଷିତ

**ଭୁବନେଶ୍ୱର,୨୮।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଆସନ୍ତା ୬ ତାରିଖରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ପୁରୁଷ ସିରିଜ ଫାଇନାଲ୍ସ ପାଇଁ ଏକ ୧୮ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି।

**ଭାରତୀୟ ଦଳ**

ଗୋଲକିପର- ପି.ଆର. ଶ୍ରୀଜେସ୍, କ୍ରିଷନ ବି ପାଠକ।

ଡିଫେଣ୍ଡସ- ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା (ଉପ ଅଧିନାୟକ), ସୁରେନ୍ଦର କୁମାର, ବରୁନ୍ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ।

ମିଡଫିଲ୍ଡର- ମନପ୍ରୀତ ସିଂ (ଅଧିନାୟକ), ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ସୁମିତ, ନୀଳକାନ୍ତ ଶର୍ମା।

ଫରୱାର୍ଡ- ମନଦୀପ ସିଂ, ଆକାଶଦୀପ ସିଂ, ରମଣଦୀପ ସିଂ, ଗୁରସାହିବଜିତ ସିଂ ଓ ସିମରନଜିତ ସିଂ।



ଏଫ୍ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ପାଇଁ ମନୋନୀତ ୧୮ଜଣିଆ ଭାରତୀୟ ଦଳ।

ଦଳରେ ଦୁଇଜଣ ଓଡ଼ିଆ ତାରକାଙ୍କୁ ସ୍ଥାନ ମିଳିଛି। ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଉପ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଯୁବ ଡିଫେଣ୍ଡର ଅମିତ୍ ରୋହିଦାସଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି।

ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ଦୀର୍ଘ ୯ ମାସ ଧରି ହକିରୁ ଦୂରେଇ ରହିଥିବା ଅଭିଜ୍ଞ ଷ୍ଟ୍ରାଇକର ରମଣଦୀପ ସିଂ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଷ୍ଟ୍ରେଲିଆ ଗସ୍ତରେ ବିଶ୍ରାମ ଦିଆଯାଇଥିବା ବରୁନ କୁମାରଙ୍କ ସମେତ ଅମିତ ରୋହିଦାସ ଓ ମିଡ୍ ଫିଲ୍ଡର ସୁମିତ୍ ମଧ୍ୟ ଦଳକୁ ଫେରିଛନ୍ତି। ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ମନଦୀପ ସିଂ, ଗୁରସାହିବଜିତ୍ ସିଂ, ସିମରନଜିତ ସିଂ ଓ ଆକାଶଦୀପ ସିଂଙ୍କ ସମେତ ୨୬ ବର୍ଷୀୟ ରମନଦୀପ ସିଂ ଭାରତୀୟ ଫରୱାର୍ଡର ମଙ୍ଗ ସମ୍ଭାଳିବେ। ଅଭିଜ୍ଞ ଗୋଲକିପର ପି.ଆର୍. ଶ୍ରୀଜେସ ଓ କ୍ରିଷନ ବି ପାଠକ ଗୋଲ କିପିଂ ଦାୟିତ୍ୱରେ ରହିବେ। ହରମନପ୍ରୀତ ସିଂ, ବୀରେନ୍ଦ୍ର, ସୁରେନ୍ଦର କୁମାର, ବରୁଣ କୁମାର, ଅମିତ ରୋହିଦାସ ଓ ଗୁରିନ୍ଦର ସିଂ ଦଳର ବ୍ୟାକ୍‌ଲାଇନ୍ ଦାୟିତ୍ୱରେ ରହିବେ। ସେହିପରି ମିଡଫିଲ୍ଡରେ ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ସୁମିତ ଓ ନୀଳକାନ୍ତ ଶର୍ମାଙ୍କ ସମେତ ଅଧିନାୟକ ମନପ୍ରୀତ ମୁଖ୍ୟ ଦାୟିତ୍ୱ ନିର୍ବାହ କରିବେ।

ଭାରତ ପୁଲ୍ ଏ'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡିକ ହେଲେ ରୁଷିଆ, ପୋଲାଣ୍ଡ ଓ ଉଜ୍‌ବେକିସ୍ତାନ। ସେହିପରି ଜାପାନ, ମେକ୍ସିକୋ, ଆମେରିକା ଓ ଦକ୍ଷିଣ ଆଫ୍ରିକା ପୁଲ୍ ବି'ରେ ସ୍ଥାନ ପାଇଛନ୍ତି। ଭାରତ ୬ ତାରିଖରେ ରୁଷିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଭାରତ ଏହି ଟୁର୍ନାମେଣ୍ଟରେ ଶୀର୍ଷରେ ରହି ଅଲିମ୍ପିକ୍ କ୍ୱାଲିଫିକେଶନ ଇଭେଣ୍ଟ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି କ୍ୱାଲିଫିକେଶନ ଇଭେଣ୍ଟ ଚଳିତ ବର୍ଷ ଶେଷ ଆଡକୁ ଆୟୋଜନ ହେବ।

### ଦଳରେ ସନ୍ତୁଳନ ରହିଛି: ଗ୍ରାହମ ରିଡ୍

ଏହି ଟୁର୍ନାମେଣ୍ଟରେ ଭାରତ ଭଲ ପ୍ରଦର୍ଶନ କରି ଶୀର୍ଷରେ ରହିବ ବୋଲି ହେଡ୍ କୋଚ୍ ଗ୍ରାହମ ରିଡ୍ କହିଛନ୍ତି। କୋଚ୍ ହିସାବରେ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟରେ ଭୂମିକା ନିର୍ବାହ କରିବାକୁ ଯାଉଛି। ୨୦୨୦ ଅଲିମ୍ପିକ୍ସ ଲାଗି ଏହି ଟୁର୍ନାମେଣ୍ଟ ଆମ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଆମେ ଏକ ସନ୍ତୁଳିତ ଦଳ ଚୟନ କରିଛୁ ବୋଲି ସେ କହିଛନ୍ତି। ଇଞ୍ଜୁରି ମୁକ୍ତ ହୋଇ ରମନଦୀପ ସିଂ ଓ ଅଷ୍ଟ୍ରେଲିଆ ଗସ୍ତରେ ବିଶ୍ରାମରେ ଥିବା ବରୁଣ କୁମାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁଣି ସୁମିତ ଓ ଅମିତ ରୋହିଦାସଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଭାରତୀୟ ଡିଫେନ୍ସ ଆହୁରି ଦୃଢ ହେବ ଓ ପେନାଲ୍ଟି କର୍ନର କନଭରସନରେ ମଧ୍ୟ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ସେହିପରି ସିମରନଜିତଙ୍କ ପ୍ରତ୍ୟାବର୍ତ୍ତନରେ ଫରୱାର୍ଡ ଲାଇନ୍‌ରେ ଦଳର ଷ୍ଟ୍ରାଇକ୍ ପାୱାରରେ ଉନ୍ନତି ହେବ ବୋଲି ରିଡ୍ କହିଛନ୍ତି। ସର୍କଲ ଏଣ୍ଟ୍ରି, ଟାଇଟ ମାର୍କିଂ ଓ ଟ୍ୟାକ୍‌ଲିଂ ଉପରେ ଆମେ ବର୍ତ୍ତମାନ ଧ୍ୟାନ ଦେଉଛୁ। ଏଥିରେ ଉନ୍ନତି ଆଣିବାକୁ ପ୍ରୟାସ କରିବୁ। ଟୁର୍ନାମେଣ୍ଟରେ ଦଳ କିପରି ସ୍ଥିର ପ୍ରଦର୍ଶନ କରି ତାହା ଉପରେ ଗୁରୁତ୍ୱ ଦେବୁ। ତେଣୁ ଆମେ ସବୁ ଦଳକୁ ସମାନ ଗୁରୁତ୍ୱ ଓ ସମ୍ମାନ ଦେବୁ। ସବୁ ମ୍ୟାଚ୍‌ରେ ଆମେ ଶତପ୍ରତିଶତ ପ୍ରଦର୍ଶନ ପାଇଁ ଚେଷ୍ଟିତ ହେବୁ। ଶ୍ରେଷ୍ଠ ପ୍ରଦର୍ଶନ କରି ଶୀର୍ଷରେ ରହିବା ପାଇଁ ପ୍ରୟାସ କରିବୁ। ଗତ ଅଷ୍ଟ୍ରେଲିଆ ଗସ୍ତ ଆମ ପାଇଁ ଲାଭଦାୟକ ହୋଇଛି। ବିଶ୍ୱର ଶ୍ରେଷ୍ଠ ଦଳ ବିପକ୍ଷରେ ମ୍ୟାଚ୍ ଖେଳିବାର ଅଭିଜ୍ଞତା ହାସଲ କରିଛୁ ଓ ଏହା ଏମେ କାମରେ ଆସିବ। ପେନାଲ୍ଟି କର୍ନର ପାଇଁ ଆମେ ୩ଜଣ ଡ୍ରାଗ୍ ଫ୍ଲିକରଙ୍କୁ ଚୟନ କରିଛୁ ବୋଲି ସେ କହିଛନ୍ତି। ମୋଟାମୋଟି ଉପରେ ଦଳର ସଫଳତା ନେଇ ରିଡ୍ ଆଶାବାଦୀ ଥିବା କଥା କହିଛନ୍ତି।



ଅଧିନାୟକ ମନପ୍ରୀତ ସିଂ, କୋଚ୍ ଗ୍ରାହାମ ରିଡ ଓ ଉପ ଅଧିନାୟକ ବୀରେନ୍ଦ୍ର ଲାକ୍ରା।

### କୌଣସି ଦଳକୁ ହେୟ ମନେ କରୁନୁ: ମନପ୍ରୀତ

ଟୁର୍ନାମେଣ୍ଟରେ କୌଣସି ଦଳକୁ ହେୟ ମନେ କରିହେବ ନାହିଁ। ତେବେ ଜାପାନ ଓ ଦକ୍ଷିଣ ଆଫ୍ରିକା ଭଳି ଭାରତକୁ କଡ଼ା ଚ୍ୟାଲେଞ୍ଜ୍ ଦେବେ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି। ଦଳର ତଥା ଖେଳାଳିଙ୍କ ଆତ୍ମବିଶ୍ୱାସ ସ୍ତରରେ ଉନ୍ନତି ଆଣିବାକୁ ପ୍ରୟାସ କରାଯିବ। ଟୁର୍ନାମେଣ୍ଟରେ ସବୁ ସୁଯୋଗର ସଦ୍‌ବ୍ୟବହାର କରି ଗୋଲରେ ପରିଣତ କରିବାକୁ ଚେଷ୍ଟା କରିବୁ ଓ ଏହା ଆମର ମୁଖ୍ୟ ତଥା ମୂଳ ଲକ୍ଷ୍ୟ ହେବ। ଡିଫେନ୍ସରେ ଥିବା ଦୁର୍ବଳତାକୁ ଦୂର କରିବାକୁ ଚେଷ୍ଟା କରିବୁ। ଏ ନେଇ ମଧ୍ୟ ହୋମ୍ ୱାର୍କ କରିଛୁ। ଏହା ହେଉଛି ଭାରତର ପୁରୁଣା ସମସ୍ୟା। ତେବେ ଏଥର ସବୁ ଦୁର୍ବଳତାକୁ ପଛରେ ପକାଇ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। ମହାବାତ୍ୟା ଫନୀ ସତ୍ତ୍ୱେ ଷ୍ଟାଡିୟମ ସେତେଟା ପ୍ରଭାବିତ ହୋଇନାହିଁ। ଟର୍ଫ୍‌ରେ ମଧ୍ୟ ସେଭଳି କିଛି କ୍ଷତି ହୋଇନାହିଁ। ଭୁବନେଶ୍ୱରରେ ଖେଳିବା ଆମ ପାଇଁ ଏକ ସୌଭାଗ୍ୟର କଥା। ଏଠାକାର ଦର୍ଶକ ସବୁବେଳେ ଆମକୁ ଉତ୍ସାହିତ କରିଥାନ୍ତି। ଦର୍ଶକଙ୍କ ଭଲ ପାଇବା ଆମକୁ ଭଲ ଖେଳିବାକୁ ଉତ୍ସାହିତ କରିବ। ସାହସର ସହ ଫନୀକୁ ମୁକାବିଲା କରିବାରେ ଭୁବନେଶ୍ୱରବାସୀ ସଫଳ ହୋଇଛନ୍ତି ଓ ସରକାର ମଧ୍ୟ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ବିଶ୍ୱକପ୍ ଭଳି ଭୁବନେଶ୍ୱର ଦର୍ଶକ ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ହାସଲ କରିବେ।

### ତ୍ରୁଟି ସୁଧାରିବାକୁ ପ୍ରୟାସ କରିବୁ: ବୀରେନ୍ଦ୍ର

ଫନୀ ଯୋଗୁ କଳିଙ୍ଗ ଷ୍ଟାଡିୟମର ଟର୍ଫ କ୍ଷତିଗ୍ରସ୍ତ ହୋଇନାହିଁ ବୋଲି ଉପ ଅଧିନାୟକ ବୀରେନ୍ଦ୍ର ଲାକ୍ରା କହିଛନ୍ତି। ଆମେ ୪/୫ ଦିନ ହେବ ଅଭ୍ୟାସ କରିଛୁ। ଟର୍ଫ୍‌ରେ କୌଣସି ସମସ୍ୟା ନାହିଁ ବୋଲି ଆମେ ନିଶ୍ଚିତ ଅଛୁ। ଘୋଷିତ ଦଳ ବେଶ୍ ସନ୍ତୁଳିତ। ଦଳରେ ଯୁବ ଓ ଅଭିଜ୍ଞ ଖେଳାଳି ରହିଛନ୍ତି। ମ୍ୟାଚ୍ ଅନ୍ତିମକ୍ଷଣରେ ଆମେ ଗୋଲ ବରଣ କରିଆସୁଛୁ। ଏହା ନିଶ୍ଚିତ ଭାବେ ଏକ ପୁରୁଣା ସମସ୍ୟା। ତେବେ ଏହି ତ୍ରୁଟିକୁ ସୁଧାରିବା ପାଇଁ ଅଭ୍ୟାସ କରୁଛୁ। କେବଳ ସେତିକି ନୁହଁ, ଅନ୍ତିମ ମୁହୂର୍ତ୍ତରେ କିପର ଆମେ ଗୋଲ ଦେବାରେ ସଫଳ ହେବୁ ସେ ନେଇ ମଧ୍ୟ ପ୍ରୟାସ ଜାରି ରଖିଛୁ। ନୂଆ କୋଚ୍ ଏଥିପାଇଁ ଭିଡିଓ ଆନାଲିସିସ କରି ରଣନୀତି ପ୍ରସ୍ତୁତ କରିବେ ବୋଲି ବୀରେନ୍ଦ୍ର କହିଛନ୍ତି। ନୂଆ କୋଚ୍ ବେସିକ ସ୍କିଲ୍ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିବ। ର୍‍ୟାଙ୍କିଙ୍ଗକୁ ଦେଖି କୌଣସି ଦଳର ଶକ୍ତି ଓ ସାମର୍ଥ୍ୟକୁ ଆମେ ମାପିବାକୁ ଚେଷ୍ଟା କରିବୁନି। ଯେକୌଣସି ଦିନରେ ଯେକୌଣସି ଦଳ ବିଜୟୀ ହୋଇପାରିବ। ତେଣୁ ସବୁ ଦଳ ଓ ମ୍ୟାଚ୍‌କୁ ଆମେ ସମାନ ଗୁରୁତ୍ୱ ଦେବୁ। ଛୋଟ ଦଳ ବଡ଼ ଦଳକୁ ହରାଇ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖିଥାନ୍ତି। ତେବେ ଜାପାନ ଓ ଦକ୍ଷିଣ ଆଫ୍ରିକା ଭାରତକୁ ଚ୍ୟାଲେଞ୍ଜ୍ ଦେବେ ବୋଲି ବୀରେନ୍ଦ୍ର କହିଛନ୍ତି।



**ଫ୍ରେଞ୍ଚ ଓପନ**

ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆନୋଟିନା ଲୋଟନରଙ୍କ ବିପକ୍ଷରେ ରିଟର୍ନ ସଟ୍ ଖେଳୁଛନ୍ତି ବ୍ରିଟେନର ଜୋହାନ କୋଣ୍ଟା। ଏହି ମ୍ୟାଚ୍‌ରେ କୋଣ୍ଟା ବିଜୟ୍ ଲାଭ କରିଛନ୍ତି।

### ଇଂଲଣ୍ଡ ଫୁଟ୍‌ବଲ ଦଳରେ କେନ୍ ସାମିଲ

**ଲଣ୍ଡନ, ୨୮।୫ (ଏଏଫ୍‌ପି)**

ଆସନ୍ତା ମାସରେ ଖେଳାଯିବାକୁ ଥିବା ନେଶନ୍ସ ଲିଗ୍ ଫାଇନାଲ୍ସର ସେମିଫାଇନାଲ ପାଇଁ ଘୋଷଣା କରାଯାଇଥିବା ଇଂଲଣ୍ଡର ୨୩ ଜଣିଆ ଦଳରେ ହ୍ୟାରି କେନ୍‌ଙ୍କୁ ସାମିଲ କରାଯାଇଛି। କିନ୍ତୁ ତାଙ୍କ ଟୋଟେନହାମ୍ ହଟ୍ସପୁର ଟିମ୍‌ମେଟ୍ ହ୍ୟାରି ୱିଙ୍କ୍ସ ଏବଂ କରାନ ଟ୍ରିପର ଦଳରୁ ବାଦ୍‌ପଡ଼ିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଇଂଲଣ୍ଡ ମ୍ୟାନେଜର ଗ୍ୟାରେଥ ସାଉଥ୍‌ଗେଟ୍ ୨୭ ଜଣିଆ ଦଳ ମନୋନୀତ କରିଥିଲେ। ଦଳରୁ ସେଥିରୁ ସାଉଥାମ୍ପଟନର ଜେମ୍ସ ୱାର୍ଡ-ପ୍ରୋଇସ୍ ଏବଂ ନାଥାନ ରେଡ୍‌ମଣ୍ଡ୍ ମଧ୍ୟ ବାଦ୍‌ପଡ଼ିଛନ୍ତି। ଏପ୍ରିଲ୍‌ରେ ଗୋଇଠି ଲିଗାମେଣ୍ଟ ସମସ୍ୟା ଯୋଗୁ ଇଂଲଣ୍ଡ ଅଧିନାୟକ କେନ୍ ଖେଳରୁ ନିଜକୁ ଦୂରେଇ ରଖିଥିଲେ। ବର୍ତ୍ତମାନ ସେ କିନ୍ତୁ ଫିଟ୍ ଅଛନ୍ତି। ଜୁନ୍ ୯ ରବିବାର ଫାଇନାଲ ଏବଂ ତୃତୀୟ ସ୍ଥାନ ପ୍ଲେ-ଅଫ୍ ମ୍ୟାଚ ଖେଳାଯିବ। ଜୁନ୍ ୬ରେ ଇଂଲଣ୍ଡ ଓ ନେଦରଲାଣ୍ଡ୍ସ ମଧ୍ୟରେ ପ୍ରଥମ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ। ଏହି ମ୍ୟାଚର ଦିନକ ପୂର୍ବରୁ ଅର୍ଥାତ ଜୁନ୍ ୫ରେ ପର୍ତ୍ତୁଗାଲ ଏବଂ ସୁଇଜରଲାଣ୍ଡ ମଧ୍ୟରେ ଅନ୍ୟ ସେମିଫାଇନାଲ ମ୍ୟାଚ ଖେଳାଯିବ।

### ଅଧିନାୟକ ପଦ ହରାଇଲେ ନେମାର

**ରିଓ ଡି ଜେନେରିଓ, ୨୮।୫(ଏଏଫ୍‌ପି):** ଫିଫା ବିଶ୍ୱକପ୍ ପରେ ଫୁଟ୍‌ବଲର ଅନ୍ୟତମ ଶ୍ରେଷ୍ଠ ଟୁର୍ନାମେଣ୍ଟ କୋପା ଆମେରିକାର ୪୬ତମ ସଂସ୍କରଣ ଜୁନ ୧୪ରୁ ବ୍ରାଜିଲରେ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟ ଲାଗି ମଙ୍ଗଳବାର ଆୟୋଜକ ବ୍ରାଜିଲ ଦଳ ଘୋଷଣା କରାଯାଇଥିବାବେଳେ ଦଳର ଷ୍ଟାର୍ ଷ୍ଟ୍ରାଇକର ନେମାରଙ୍କ ନିକଟରୁ ଅଧିନାୟକ ଦାୟିତ୍ୱ କାଢ଼ି ନିଆଯାଇଛି। ନେମାରଙ୍କ ପ୍ୟାରିସ ସେଣ୍ଟ ଜର୍ମେନ ଦଳର ଟିମ୍‌ମେଟ୍ ଡାନି ଅଲ୍‌ଭେସଙ୍କୁ ନୂତନ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଠଥର କୋପା ଆମେରିକା ଟାଇଟଲ୍ ବିଜୟୀ ବ୍ରାଜିଲ ଟୁର୍ନାମେଣ୍ଟରେ ବଲଭିଆ ବିପକ୍ଷରୁ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ବ୍ରାଜିଲ ଗ୍ରୁପ୍ ଷ୍ଟେଜ୍‌ରେ ଭେନେଜୁଏଲା ଓ ପେରୁ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଟୁର୍ନାମେଣ୍ଟ ପୂର୍ବରୁ କାତାର ଓ ହଣ୍ଡୁରାସ ବିପକ୍ଷରେ ବ୍ରାଜିଲ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଖେଳିବ।

### ଜେଭ୍‌ରେଭ୍‌ଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

**ପ୍ୟାରିସ, ୨୮।୫ (ଏଏଫ୍‌ପି)**

ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ୫ମ ସିଡ୍ ତଥା ଜର୍ମାନ ଖେଳାଳି ଆଲେକ୍‌ଜାଣ୍ଡର ଜେଭ୍‌ରେଭ୍ ସଂଘର୍ଷପୂର୍ଣ୍ଣ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏକ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ଜନ ମିଲ୍‌ମ୍ୟାନଙ୍କୁ ୭୦୬ (୭/୪), ୬-୩, ୨-୬, ୬-୭ (୫/୭),୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୪ ଘଣ୍ଟା ୧୧ ମିନିଟ୍ ଧରି ଚାଲିଥିଲା। ଟୁର୍ନାମେଣ୍ଟର ଏହା ସବୁଠାରୁ ଦୀର୍ଘତମ ମ୍ୟାଚ୍ ବୋଲି କୁହାଯାଉଛି। ରୋଲାଣ୍ଡ ଗ୍ୟାରୋସଠାରେ ୧୯୩୭ରେ ହେନେର ହେଙ୍କେଲଙ୍କ ପରେ ଜର୍ମାନୀର ପ୍ରଥମ ପୁରୁଷ ଖେଳାଳି ହିସାବରେ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି ଜେଭରେଭ। ୨୨ ବର୍ଷୀୟ ଜେଭ୍‌ରେଭ୍ ଦ୍ୱିତୀୟ ରାଉଣ୍ଡରେ ସ୍ୱିଡିଶ କ୍ୱାଲିଫାୟର ମିକାଏଲ୍ ୱାଇମେରଙ୍କୁ ଭେଟିବେ। ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ ଏହି ଖେଳାଳି ସିଜନ ଆରମ୍ଭରେ ସଂଘର୍ଷ ଚଳାଇଥିବାବେଳେ ଗତ ସପ୍ତାହରେ ଜେନେଭାରେ ଏକ ଟାଇଟଲ ଜିତିଥିଲେ। ବର୍ଷକ ପୂର୍ବେ ଏଠାରେ ସେ ଥରେ ମାତ୍ର ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ।

ବ୍ରିଟିଶ ନମ୍ବର ୱାନ୍ ମହିଳା ଖେଳାଳି ଜୋହାନା କୋଣ୍ଟା ପ୍ରଥମ ଥର ପାଇଁ ଫ୍ରେଞ୍ଚ୍ ଓପନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଠାରେ ୨୬ତମ ସିଡ୍‌ପ୍ରାପ୍ତ ଏହି ଖେଳାଳି ବିଶ୍ୱର ୧୪୭ ନମ୍ବର ମାନ୍ୟତାପ୍ରାପ୍ତ ଜର୍ମାନୀର ଆନୋଟିନା ଲୋଟନରଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। କୋଣ୍ଟା ଏଠାରେ ପୂର୍ବରୁ ୪ଥର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ଅଷ୍ଟ୍ରେଲିଆର ବର୍ନାଡ୍ ଟୋମିକ୍ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଟେଲର ଫ୍ରିଜ୍ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ତାଙ୍କୁ ୬-୧, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି।

### କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ ୩୧ରୁ

# ଦେବାଶିଷ ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ

**ଭୁବନେଶ୍ୱର, ୨୮।୫(କ୍ରୀଡ଼ା ପ୍ରତିନିଧି)**

କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲର ଦ୍ୱାଦଶ ସଂସ୍କରଣ ଚଳିତମାସ ୩୧ ତାରିଖରୁ ଆରମ୍ଭ ହେବ। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏହା ଜୁନ ୭ ପର୍ଯ୍ୟନ୍ତ ଚାଲିବ। ଭେନେଜୁଏଲା ଗ୍ରାଣ୍ଡମାଷ୍ଟର ଇଟୁରିଜାଗା ବୋନେଲି ଏଡୁଆର୍ଡୋ (୨୬୩୭ ଏଲୋ ରେଟିଂ) ଟୁର୍ନାମେଣ୍ଟରେ ଟପ୍ ସିଡ୍‌ର ମାନ୍ୟତା ପାଇଥିବାବେଳେ ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ(୨୫୪୪) ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ।

ଅନ୍ତର୍ଜାତୀୟ ଚେସ୍ କ୍ୟାଲେଣ୍ଡରରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟର ମର୍ଯ୍ୟାଦା ବହନ କରୁଥିବା ଏହି ପ୍ରତିଯୋଗିତା ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଛି। ୩ଟି କାଟେଗୋରିରେ ହେବାକୁ ଯାଉଥିବା ଏହି ଟୁର୍ନାମେଣ୍ଟରେ ୩୦ ଦେଶର ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର, ମହିଳା ଗ୍ରାଣ୍ଡମାଷ୍ଟର, ମହିଳା ଅନ୍ତର୍ଜାତୀୟ ମାଷ୍ଟର ଆଦି ଅଂଶଗ୍ରହଣ କରୁଛନ୍ତି। ଟୁର୍ନାମେଣ୍ଟ ପାଇଁ ୨୫,୦୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ଏଓସିଏ ଉପସଭାପତି ରଞ୍ଜନ ମହାନ୍ତି। ୨୦୦୦ରୁ ଊର୍ଦ୍ଧ୍ୱ ଏଲୋ ରେଟିଂପ୍ରାପ୍ତ ଖେଳାଳି କାଟେଗୋରି 'ଏ'ରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଭାରତ, ତାଜିକସ୍ତାନ, ଚେକ୍ ରିପବ୍ଲିକ, ଆର୍ମେନିଆ, ବେଲଜିୟମ, ଆମେରିକା, ସ୍ପେନ, ଭେନଜୁଏଲା, ରୁଷିଆ, ବାଂଲାଦେଶ, ୟୁକ୍ରେନ, କାଜାଖସ୍ତାନ,



ଚେସ୍ ଫେଷ୍ଟିଭାଲ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଶ୍ରୀଲଙ୍କା, ନେପାଳ, ମାଲେସିଆ, ଭିଏତନାମ, ଚିଲି, ଆଫଗାନିସ୍ତାନ, ଦକ୍ଷିଣ ଆଫ୍ରିକା, ସିଙ୍ଗାପୁର, ଗ୍ରୀସ୍, ଜାପାନ, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ହଂକଂ, ଓମାନ, କାତାର, ମଙ୍ଗୋଲିଆ ଆଦି ଦେଶର ପ୍ରତିଯୋଗୀ ଭାଗ ନେବେ।

ପରିସଂଖ୍ୟାନ ଅନୁସାରେ ଏଥିରେ ମୋଟ ୧୯ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ଭାରତର ୩ ଜଣ (ଆର.ଆର. ଲକ୍ଷ୍ମଣ, ଦେବେନ୍ଦୁ ବରୁଆ, ଦେବାଶିଷ ଦାସ) ହୋଇଥିବାବେଳେ ଅନ୍ୟ ୧୬ ଜଣ ବିଦେଶୀ ଖେଳାଳି। ଏହା ବ୍ୟତୀତ ଜଣେ ମହିଳା ଗ୍ରାଣ୍ଡମାଷ୍ଟର, ୧୮ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୬ ଫିଡେ ମାଷ୍ଟର, ୭ ମହିଳା ଫିଡେ ମାଷ୍ଟର, ୪ କ୍ୟାଣ୍ଡିଡେଟ ମାଷ୍ଟର ଓ ୨ ମହିଳା କ୍ୟାଣ୍ଡିଡେଟ ମାଷ୍ଟର ଏହିପରି ୬୦ ଟାଇଟଲଧାରୀ ଏଥିରେ ଭାଗ ନେବାକୁ ଯାଉଛନ୍ତି। କାଟେଗୋରି 'ଏ'ର ଶୀର୍ଷ ୨୦ ବୋର୍ଡ ମ୍ୟାଚର ସିଧା ପ୍ରସାରଣ କରାଯିବ। ଅନ୍ତର୍ଜାତୀୟ ଆର୍ବିଟର ଆର. ଅନନ୍ତରାମଙ୍କ ନେତୃତ୍ୱରେ ଟୁର୍ନାମେଣ୍ଟ ପରିଚାଳିତ ହେବ। ମ୍ୟାଚ ଗୁଡ଼ିକ କ୍ୟାମ୍ପସ ୧୫(ବି)ସ୍ଥିତ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍ ଏବଂ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏଠାରେ ପୂର୍ବରୁ ପ୍ରତିଯୋଗିତାର ୧୧ଟି ଯାକ ସଂସ୍କରଣ, ଫିଡେ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନଶିପ୍ ୨୦୧୬ ଏବଂ ଆହୁରି ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସଫଳତାର ସହିତ ଆୟୋଜିତ ହୋଇଛି।

## ସଂକ୍ଷେପରେ

### ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ବରଗଡ଼ ଅଫିସ,୨୮।୫

ବରଗଡ଼ରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏପରିସ୍ଥିତିରେ ମଙ୍ଗଳବାର ଜଣେ ଶ୍ରମିକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ବରଗଡ଼ ଟାଉନ୍ ଥାନା ଅଧୀନ ଡାଙ୍ଗ ଗ୍ରାମର ଇନ୍ଦ୍ରଜିତ୍ ଭୁଏଙ୍କ ପୁଅ ପୁସ୍ତମ (୪୨)। ସେ ଦିନ ମଜୁରିଆ ଭାବେ କାମ କରନ୍ତି। ମଙ୍ଗଳବାର ପୁସ୍ତମ ତାଙ୍କ ଶ୍ୱଶୁର ଘର ଭଟଲି ଥାନା ଅନ୍ତର୍ଗତ ମୁରୁମକେଲ ଗ୍ରାମକୁ ଯାଇଥିଲେ। ସେଠାରେ ସେ ମୂଲ ଲାଗି ଥିଲେ। ହେଲେ ସେ ଅଂଶୁଘାତର ଶିକାର ହୋଇ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ଲାଗି ବରଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁସ୍ତମଙ୍କ ୨ ପୁଅ ଓ ଜଣେ ଝିଅ ଅଛନ୍ତି। ଅନ୍ୟପକ୍ଷେ ପୁସ୍ତମ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କୁ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ, ଅଂଶୁଘାତରେ ଆମ୍ଭଶଢ଼ା ଗ୍ରାମର ଜଣେ ବାଳିକା ଶ୍ରମିକଙ୍କ ମଧ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଶିଶୁବଳି ସନ୍ଦେହରେ ଉତ୍ତେଜନା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ଅଫିସ ଘେରାଉ

- ବ୍ୟବଚ୍ଛେଦ ରିପୋର୍ଟରେ ପାଣିରେ ବୁଡ଼ି ଶିଶୁ ମୃତ୍ୟୁ ସୂଚନା
- ଡାଇଟମ୍ ଟେଷ୍ଟ ପାଇଁ ବମ୍ବେ ପଠାଯିବ ଭିସେରା

ବଲାଙ୍ଗୀର ଅଫିସ, ୨୮।୫

ବଲାଙ୍ଗୀର ସହର ଚିମିନିଭାଟିପଡା–ଲକ୍ଷ୍ମୀନଗରପଡା ପାଖ ଲକ୍ଷ୍ମୀଯୋର ଭିତରୁ ଗତ ଶୁକ୍ରବାର ରାତିରେ ଜଣେ ନିଖୋଜ ୫ ବର୍ଷର ଶିଶୁର ମୃତଦେହ ମିଳିଥିଲା । ଏହି ଘଟଣାକୁ ପରବର୍ତ୍ତୀ ସମୟରେ ବଳି ସନ୍ଦେହ କରାଯାଇଥିଲା । ସେହି ପଡାରେ ଥିବା ଜଣେ କାଳୀ ସାଧକଙ୍କ ଉପରେ ମୃତଶିଶୁର ପରିବାର ଲୋକେ ସନ୍ଦେହ ପ୍ରକଟ କରିଥିଲେ । ଏହି ଘଟଣାକୁ ନେଇ ପଡାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଟାଉନ୍ ଥାନା ପୋଲିସ ପଡାରେ ଶୁକ୍ରବାର ରାତିରୁ ପୋଲିସ ଫୋର୍ସ ମୁତୟନ କରିଥିଲେ । ଏହି ବଳି ସନ୍ଦେହ ଘଟଣା ଓ ଏହା ପରବର୍ତ୍ତୀ ଉତ୍ତେଜନାକୁ ନେଇ ମୃତ ଶିଶୁର ପରିବାର ଓ ଉକ୍ତପଡାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମଙ୍ଗଳବାର ପୂର୍ବାହ୍ନରେ ଏସ୍‌ପି ଅଫିସ ଘେରାଉ କରିଥିଲେ । ଘଟଣାର ଉଚିତ୍ ତଦନ୍ତ ଓ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

ଲକ୍ଷ୍ମୀନଗରପଡା ନିବାସୀ ଝଗଡୁ ସ୍ୱାଇଁଙ୍କ ପୁଅ ଜିତୁ(୫) ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରୁ କୁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର



ଲକ୍ଷ୍ମୀନଗରପଡାର ମହିଳା ଓ ପୁରୁଷ ଏସ୍‌ପି ଅଫିସ ଘେରାଉ କରିଛନ୍ତି ।

ପତ୍ତା ନମିଳିବାରୁ ଥାନାରେ ରିପୋର୍ଟ କରିଥିଲେ । ତେବେ ଘଟଣାଦିନ ରାତି ପ୍ରାୟ ସାଢ଼େ ୯ଟାରେ ଜିତୁର ମୃତଦେହ ତାଙ୍କ ଘରଠାରୁ ପ୍ରାୟ ୩ ଶହ ମିଟର ଦୂର ଲକ୍ଷ୍ମୀଯୋର ଭିତରେ ପଡିଥିବା କେତେକ ଲୋକେ ଦେଖିଥିଲେ । ବଞ୍ଚିଥିବା ସନ୍ଦେହ କରି ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ଜିତୁର ମୃତ୍ୟୁ ହୋଇସାରିଥିବା ଘୋଷଣା କରିଥିଲେ। ଏହି ଘଟଣା ପରେ ଜିତୁକୁ କେହି ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରି ଅଭିଯୋଗ କରିଥିଲେ । ବଳି ସନ୍ଦେହ ପରେ ପଡାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହି ପଡାରେ ଥିବା ଜଣେ କାଳୀସାଧକ ବଳି ଉଦ୍ଦେଶ୍ୟରେ ଜିତୁକୁ ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରିଥିଲେ। ମଙ୍ଗଳବାର ଜିତୁର ସନ୍ଦେହଜନକ ମୃତ୍ୟୁକୁ ନେଇ ସାମାଜିକ କର୍ମୀ ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ପଡାର ବହୁ ମହିଳା ଓ ପୁରୁଷ ଏସ୍‌ପି ଅଫିସକୁ ଆସି ଘେରାଉ କରିଥିଲେ । ଏସପି କେ. ଶିବା. ସୁବ୍ରମଣିଙ୍କୁ ଭେଟି ଘଟଣା ନେଇ ଆଲୋଚନା କରିବା ସହ ଉଚିତ୍ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏସ୍‌ପି ସୁବ୍ରମଣି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଏହାପରେ ଏସଡିପିଓ ଶ୍ରୀମନ୍ତ ବାରିକଙ୍କୁ ପଡାବାସୀଙ୍କ ସନ୍ଦେହ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଏସଡିପିଓ ବାରିକ ଓ ଅନ୍ୟ କେତେକ ଅଧିକାରୀ ଓ ପଡାର ଦୁଇଜଣ ଲୋକ କାଳୀସାଧକ କୁହାଯାଉଥିବା ନିର୍ଦ୍ଦିଷ୍ଟ ଘରକୁ ଯାଇ ଦେଖିଥିଲେ । ଏ ନେଇ ଏସ୍‌ଡିପିଓ ବାରିକଙ୍କୁ ପଚରାଯିବାରୁ ମୃତ ଶିଶୁର ବ୍ୟବଚ୍ଛେଦ ରିପୋର୍ଟ ଆସିସାରିଛି। ଉକ୍ତ ରିପୋର୍ଟରେ ପାଣିରେ ବୁଡିଯାଇ ଶିଶୁର ମୃତ୍ୟୁ ହୋଇଥିବା ଉଲ୍ଲେଖ ରହିଛି । ମାତ୍ର କେତେ ଜଣ ଲୋକ ଅଯଥାରେ ଏହି ଘଟଣାକୁ ବଳି ସନ୍ଦେହ କରୁଛନ୍ତି । ଯାହାଙ୍କ ଉପରେ ଲୋକେ ସନ୍ଦେହ କରୁଥିଲେ ତାଙ୍କ ଘରକୁ ଯାଇ ଛାନଭିନ ପରେ ସେଠାରେ କିଛି ବି ସନ୍ଦେହଜନକ ସ୍ଥିତି ନାହିଁ ବୋଲି କହିଥିଲେ । ତେବେ ଶିଶୁମୃତ୍ୟୁର ଅଧିକ ତଦନ୍ତ କରିବା ପାଇଁ ତାର ଭିସେରାକୁ ବମ୍ବେ ପଠାଯାଇ ଡାଇଟମ୍ ପରୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ମଦ, ଗଞ୍ଜେଇ କାରବାର ଅଭିଯୋଗରେ ୩ ଗିରଫ

ରେଢାଖୋଲ,୨୮।୫ (ଡି.ଏନ.ଏ.)

ସମ୍ବଲପୁର ଜିଲା ଚାରମାଲ ପୋଲିସ ମଙ୍ଗଳବାର ବେଆଇନ ଦେଶୀ ମଦ ଓ ଗଞ୍ଜେଇ କାରବାର କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ଚୁଡାପୁଡୁଗ ଗ୍ରାମର ଭ୍ରମର ପଲିଆ (୬୦)ଓ ସୁନାମୁଦି ଗ୍ରାମର ବିଭୀଷଣ ଦେହୁରୀ(୫୮)। ଥାନା ଅଧିକାରୀ ବସନ୍ତ କୁମାର ଦଲାଇ ଏହି ସୂଚନା ଦେଇଛନ୍ତି। ଭ୍ରମର ୧୨ଶହ ଗ୍ରାମ ଗଞ୍ଜେଇ ଧରି ଚୋରା ଚାଲାଣ କରୁଥିବା ବେଳେ ୫୫ ନଂ ଜାତୀୟ ରାଜପଥର ହିଣ୍ଡୋଲ ଛକରୁ ଗିରଫ ହୋଇଥିଲେ। ବିଭୀଷଣ ୨୦ଟି ପାଉଚ ଦେଶୀ ମଦ ଧରି ଯାଉଥିବା ବେଳେ ତାଙ୍କୁ ସୁନାମୁଦି ଗାଁ ମୁଣ୍ଡରୁ ପୋଲିସ ଗିରଫ କରିଛି। ଚାରମାଲ ଥାନାରେ ବିଭୀଷଣଙ୍କ ନାମରେ ଏକ ମାମଲା (ନଂ ୬୧/୧୯) ରୁଜୁ ହୋଇଛି। ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ହେଲେ ଜାମିନ ମଞ୍ଜୁର ହେଇଯିବାରୁ ଛାଡି ଦିଆଯାଇଛି। ସେହିପରି ଅନ୍ୟତମ ଗିରଫ ଅଭିଯୁକ୍ତ ଭ୍ରମର ପଲିଆଙ୍କ ନାମରେ ଚାରମାଲ ଥାନା ଏକ ମାମଲା (ନଂ.୬୨/୧୯) ରୁଜୁ କରାଯାଇଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଏଥିସହିତ ରେଢାଖୋଲ ପୋଲିସ ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ଏହି ଥାନା ଅନ୍ତର୍ଗତ କୁହି ଗ୍ରାମର କୈବଲ୍ୟ ମିର୍ଦ୍ଧା (୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବୃତ୍ତି ଛାଡୁଛନ୍ତି କୁମ୍ଭକାର ପରିବାର

ଟିକ୍ରାପଡା, ୨୮।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାରେ ବାସ କରନ୍ତି ଏକଶହ କୁମ୍ଭକାର ପରିବାର। କୌଳିକ ବୃତ୍ତି ମାଟି ତିଆରି ସାମଗ୍ରୀ ତିଆରି କରି ବିକ୍ରି କରିବା ପରେ ସେଥିରେ ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଏବେ ପରିବର୍ତ୍ତିତ ପରିସ୍ଥିତିରେ ମାଟି ତିଆରି ସାମଗ୍ରୀର ଚାହିଦା ଆଶାତୀତଭାବେ କମି ଯାଇଥିବାରୁ ସମ୍ପୃକ୍ତ କୁମ୍ଭକାର ପରିବାରଙ୍କ ଜୀବନ ଜୀବିକା ଏବେ ସଙ୍କଟରେ ପଡିଯାଇଛି। ସରକାରୀ ପ୍ରୋତ୍ସାହନର ଅଭାବ ଓ ଆଶାନୁରୂପ ଲାଭ ମିଳୁ ନ ଥିବା ଯୋଗୁ ଏହି ବୃତ୍ତି ସହ ସଂଶ୍ଳିଷ୍ଟ ରହିବାକୁ ନୂତନ ପିଢ଼ି ଆଉ ଆଗ୍ରହ ପ୍ରକାଶ କରୁ ନାହାନ୍ତି। କୁମ୍ଭାର ବୃତ୍ତିରେ ପରିବାର ଚଳାଇବା ସମ୍ଭବ ହେଉ ନ ଥିବା ଯୋଗୁ ଏହି ସମ୍ପ୍ରଦାୟର ଲୋକେ ଭିନ୍ନ ଭିନ୍ନ ବୃତ୍ତିକୁ ଆପଣାଉଥିବା ଦେଖାଯାଇଛି । ଅନେକ ପରିବାର ଜିଲା ଓ ରାଜ୍ୟ ବାହାରକୁ ଦାଦନ





ଜଣେ ବ୍ୟକ୍ତି ଚକ ଦ୍ୱାରା ସାମଗ୍ରୀ ଗଢୁଛନ୍ତି (ବାମ) । ଗଢା ଯାଇଥିବା ସାମଗ୍ରୀ ।

ଖଟି ଯିବାକୁ ଶ୍ରେୟସ୍କର ମଣୁଛନ୍ତି।

ଟିକ୍ରାପଡା ଗ୍ରାମରେ ରହୁଥିବା ମୋଟ ୧୦୦ କୁମ୍ଭାର ପରିବାରରୁ ମାତ୍ର ୬ଟି ପରିବାର ଏବେ କୌଳିକ ବୃତ୍ତିକୁ ଆପଣାଇ ମାଟିରୁ ବିଭିନ୍ନ ସାମଗ୍ରୀ ଗଢୁଛନ୍ତି। ପଟୁ ମାଟି ସଂଗ୍ରହ କରି ହାଣ୍ଡି, ମାଠିଆ, କଳସୀ, ସରେଇ, ଦୀପ, କୁଁପି, ଚୁଲି, ତେଲେନ, ଖାପୁଣି, ରୁଖା,

- ୯୪ ପରିବାର ଭିନ୍ନବୃତ୍ତି ଆପଣାଇଲେ
- ଅନାଗ୍ରହ ପ୍ରକାଶ କରୁଛନ୍ତି ନୂଆପିଢ଼ି
- ଦାଦନ ଖଟି ଯିବାକୁ ଶ୍ରେୟ ମଣୁଛନ୍ତି

ମାଣ, ତାମ୍ବି, ବଇଠା, ଧୂପଦାନି, କୁଢି, ଝୁଣା ଦୀପ ପ୍ରଭୃତି ସାମଗ୍ରୀ ଗଢନ୍ତି। ଏହି କାମରେ ପରିବାରର ଛୋଟରୁ ବଡ ଯାଏ ସମସ୍ତେ ସାମିଲ ହୋଇଥାନ୍ତି। କୁମ୍ଭକାର ଭୁବନ ରଣାଙ୍କ କହିବା ଅନୁସାରେ ପଟୁ ମାଟି ସଂଗ୍ରହରୁ ସାମଗ୍ରୀ ପ୍ରସ୍ତୁତ ଯାଏ ଅତିକମ୍‌ରେ ପାଞ୍ଚଦିନ ଲାଗିଥାଏ। ପ୍ରସ୍ତୁତ ସାମଗ୍ରୀ ସବୁକୁ ସ୍ଥାନୀୟ ହାଟ ଓ ଆଖପାଖ ଗ୍ରାମରେ ବୁଲି ବୁଲି ବିକି କରାଯାଏ। ଏଥିରୁ ମାସିକ ୨ରୁ ୩ ହଜାର ଟଙ୍କା ମାତ୍ର ଆୟ ହୋଇଥାଏ। ଏତେ କମ୍ ଆୟରେ ପରିବାର ପ୍ରତିପୋଷଣ ସମ୍ଭବ ହେଉ ନ ଥିବାରୁ ଏହି କାମ ପ୍ରତି ଆଉ କୁମ୍ଭାରମାନେ ମନ ବଳାଉ ନ ଥିବା ଭୁବନ କହିଛନ୍ତି। ସରକାର ଆର୍ଥିକ ସାହାଯ୍ୟ ଓ ବୈଷୟିକ ପ୍ରଶିକ୍ଷଣ ପ୍ରଦନର ବ୍ୟବସ୍ଥା କଲେ ଏହି ବୃତ୍ତି ପ୍ରତି ଆମ ଲୋକେ ଅଧିକ ଆକୃଷ୍ଟ ହୋଇ ପାରନ୍ତେ ବୋଲି କୁମ୍ଭକାର ସମ୍ପ୍ରଦାୟର ମନବୋଧ ରଣା, ଲୋଚନ ରଣା, ସନ୍ନ୍ୟାସୀ ରଣା କହନ୍ତି। ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆବଶ୍ୟକ ସ୍ଥାନର ଅଭାବ ହେଉଥିବାରୁ ଏହି ବୃତ୍ତିକୁ ଚଳାଇ ରଖିବା ସମ୍ଭବପର ହେଉ ନାହିଁ ବୋଲି ନୀଳକଣ୍ଠ ରଣା କହନ୍ତି। କୁମ୍ଭାର ସମ୍ପ୍ରଦାୟର ସମସ୍ୟା ଦୂର କରି ଆର୍ଥିକ ପ୍ରୋତ୍ସାହନ ଓ ବୈଷୟିକ ତାଲିମ ପ୍ରଦାନ କରାଯାଇ ଏହି କଳାକୁ ବଞ୍ଚାଇ ରଖିବା ଦିଗରେ ପ୍ରଶାସନ ଆଗଭର ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### କୋଟସମଲାଏ ପ୍ରିମିୟର ଲିଗ୍ କ୍ରିକେଟ

## କୋଟସମଲାଏ, ପାତରପାଲି ବିଜୟୀ

ଅମରପାଲି, ୨୮।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଏଠାରେ ଚାଲିଥିବା ୮ମ କୋଟସମଲାଏ ପ୍ରିମିୟର ଲିଗ୍ କ୍ରିକେଟର ଦ୍ୱିତୀୟ ଦିବସରେ ହରିଣାପାଲିକୁ ହରାଇ କୋଟସମଲାଏ ଏବଂ ଉଲୁଣ୍ଡାକୁ ହରାଇ ପାତରପାଲି ବିଜୟୀ ହୋଇଛି। ପ୍ରଥମ ମ୍ୟାଚ କୋଟସମଲାଏ ଏବଂ ହରିଣାପାଲି ମଧ୍ୟରେ ହୋଇଥିଲା। କୋଟସମଲାଏ ପ୍ରଥମେ ବ୍ୟାଟିଂ କରି ସୋମନାଥଙ୍କ ୧୪ ରନ ଓ ଅନୀଲଙ୍କ ୯ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୫୨ରନ କରିଥିଲେ। ବିପକ୍ଷ ରଞ୍ଜନ ୨ଟି ଓ ସରୋଜ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ହରିଣାପାଲି ଦଳ ୫ଓଭରରେ ସମସ୍ତ ଉଇକେଟ ହରାଇ ୨୨ ରନ କରିଥିଲା। କୋଟସମଲାଏ ପକ୍ଷରୁ ଅନୀଲ ଓ ରାମଗୋପାଳ ପ୍ରତ୍ୟେକ ୪ଟି ଲେଖାଏଁ ଉଇକେଟ ନେଇଥିଲେ। ଅନୀଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ବିଳାଶଙ୍କ ୧୭ ରନ ଓ ମନୋଜଙ୍କ ୧୪ ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୮୧ ରନ କରିଥିଲା । ବିପକ୍ଷ ମନୋରଞ୍ଜନ ୩ଟି ଓ ତାପସ ୨ ଉଇକେଟ ନେଇଥିଲେ। ଜବାବରେ ପାତରପାଲି ଦଳ ଆବଶ୍ୟକ ୮୨ରନକୁ ୯.୩ ଓଭରରେ ୩ ଉଇକେଟ ସଂଗ୍ରହ କରି ନେଇଥିଲା। ପାତରପାଲି ଦଳର ବିଷ୍ଣୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ଖେଳଗୁଡିକୁ ବିଶ୍ୱନାଥ ବାରିକ, ଗୋକୁଳାନନ୍ଦ ପଧାନ ଓ ଧୀରୁ କୁମାର ସାହୁ ପରିଚାଳନା କରିଥିବା ବେଳେ ଘନଶ୍ୟାମ ମହ୍ଣା ଓ ସୁମିତ ଭୁକ୍ତା ସ୍କୋରିଂ ଏବଂ ଘୁଣ୍ଟୁଗୋପାଳ ପୁରୋହିତ ଓ ସୋମନାଥ ପୁରୋହିତ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ଚୋରା ଦେଶୀ ମଦ ଜବତ, ୪ ଗିରଫ

ରାଉରକେଲା ଅଫିସ,୨୮।୫

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମଙ୍ଗଳବାର ବହୁ ପରିମାଣର ଚୋରା ଦେଶୀ ମଦ ଜବତ କରାଯାଇଛି। ଏ ନେଇ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କଠାରୁ ୩୨୪ ଲିଟର ଦେଶୀ ମଦ ସହ ୩ ହଜାର କିଲୋ ପୋଚ ଜବତ କରାଯାଇଛି। ଏହି ଧରପଗଡରେ ଅବକାରୀ ବିଭାଗର ପ୍ରଦୀପ ପଟ୍ଟନାୟକ, ମିହିର ସେଠୀ ଓ ସୂର୍ଯ୍ୟ ନାରାୟଣ ରଥ ପ୍ରମୁଖ ସାମିଲ ଥିଲେ।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ, ୫ ଆହତ

ବରଗଡ଼ ଅଫିସ/ ଭେଡେନ, ୨୮।୫ (ଡି.ଏନ୍.ଏ.)

ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ ବଡବ୍ରାହ୍ମଣୀ ପଞ୍ଚାୟତ ଅଧୀନ କଟାପାଲି ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସବ୍ୟା ସାହୁ। ମିଳିଥିବା ସୂଚନା ମୁତାବକ, ସବ୍ୟା ତାଙ୍କ ସ୍ୱାମୀ ଅରକ୍ଷିତଙ୍କ ସହ ବିଲକୁ ଧାନ କାଟିବା ପାଇଁ ଯାଇଥିଲେ। ସେତିକିବେଳେ ବଜ୍ରପାତ ଘଟି ସବ୍ୟାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇଁ ବିଜେପୁର ପୋଲିସ ପହଞ୍ଚି ଘଟଣାର ଅଧିକ ତଦନ୍ତ ଚଳାଇଛି।

ସେହିପରି ବରଗଡ ଜିଲା ଭେଡେନ ବ୍ଲକ ଅଛାଣ୍ଡପାଲି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରପାତ ଘଟି ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଅରୁଣ ନାଗ, ଚୁଡ଼ାମଣି ଡାଙ୍ଗ, ସୁବାସ ନାୟକ, ସୁଦାମ ପଞ୍ଚଭାୟା ଏବଂ ଲାଇଟର ଭୋରାସାଗର। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭେଡେନ ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଅରୁଣ, ଚୂଡାମଣି ଏବଂ ସୁବାସଙ୍କୁ ବରଗଡ଼ ଜିଲା ଡାକ୍ତରଖାନାକୁ ପଠାଯାଇଛି। ଧାନକଟା ମେଶିନରେ ଧାନ କାଟୁଥିବା ବେଳେ ଏପରି ଅଘଟଣ ଘଟିଥିଲା।



ବିଜେପୁର ବ୍ଲକ କଟାପାଲିରେ ବଜ୍ରପାତରେ ମୃତ ମହିଳାଙ୍କ ଶୋକାକୁଳ ପରିବାର ।

### ବଜ୍ରପାତରେ ଯୁବଚାଷୀ ମୃତ, ୨ ଗୁରୁତର

ନୂଆପଡା ଅଫିସ, ୨୮।୫

ଖେତରେ ରବିଧାନ କାଟୁଥିବା ବେଳେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ନୂଆପଡା ସଦର ବ୍ଲକ ଭାଜିପଲା ଗାଁର ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁପତ ଶବର(୨୦)। ବଜ୍ରପାତରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବଟୁ ଶବର(୧୮)ଏବଂ ଖୁମନ ଶବର(୨୫)। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ବର୍ଷାସହ ଘଡଘଡି ହୋଇଥିଲା । ଖେତରେ ଧାନ କାଟୁଥିବା ଗୋଟିଏ ପରିବାରର ଭୁପତ, ବଟୁ ଓ ଖୁମନ ଜୀବନ ବିକଳରେ ଖେତ ସମୀପ ଏକ ବଡ ଗଛତଳକୁ ଯାଇ ଆଶ୍ରୟ ନେଇଥିଲେ । ଏହି ସମୟରେ ବଜ୍ରପାତ ହେବାରେ ସମସ୍ତେ ଅଚେତ ହୋଇ ପଡି ଯାଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୨୯ ମେ, ୨୦୧୯



“ ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ’ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ଦିନରେ ସିଝାଇଲା, ସନ୍ଧ୍ୟାରେ ବର୍ଷିଲା

ଜାମଟିକ୍ରା,୨୮।୫(ଡି.ଏନ.ଏ.) ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏପରିସ୍ଥିତିରେ ଅତାବିରା ଅଞ୍ଚଳରେ ତାପମାତ୍ରା ୪୧ ଡିଗ୍ରୀରେ ରହୁଥିବା ବେଳେ ଝାଞ୍ଜି ପବନ ସାଙ୍ଗକୁ ଗୁଳୁଗୁଳିରେ ଲୋକ ଆଉଟୁପାଉଟୁ ହେଉଛନ୍ତି। ୧୦ଟା ବାଜିଲେ ଲୋକେ ପଦାକୁ ବାହାରୁ ନାହାନ୍ତି। ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି। ହେଲେ ମଙ୍ଗଳବାର ସନ୍ଧ୍ୟାରେ ଅଚାନକ ପାଗରେ ପରିବର୍ତ୍ତନ ଥିଲା। ସନ୍ଧ୍ୟା ୬ଟାରେ ଅତାବିରାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରବାହରେ ବର୍ଷା ହୋଇଥିଲା। ଫଳରେ ଲୋକେ ଗରମରୁ ସାମାନ୍ୟ ଆଶ୍ୱସ୍ତ ଭାଲ କରିଛନ୍ତି।

### ପୋଲିସ ଚଢ଼ାଉ: ୨ଗିରଫ

ସୋହେଲା,୨୮।୫(ଡି.ଏନ୍.ଏ.)- ବେଆଇନ ମଦ ବିକ୍ରି ଅଭିଯୋଗରେ ବରଗଡ଼ ଜିଲା ସୋହେଲା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଞ୍ଜିପଡ଼ାର ପ୍ରଦୀପ ସେଠ(୨୪) ଏବଂ ପାଣିମୋରା ଗ୍ରାମର ବିଶିକେସନ ନାଗ(୪୮)। ପ୍ରକାଶ ଯେ, ବିଶିକେସନ ବେଆଇନ ଭାବେ ମଦ ବିକ୍ରି କରୁଥିବା ନେଇ ସୋହେଲା ପୋଲିସକୁ ଖବର ମିଳିଥିଲା। ଏନେଇ ପୋଲିସର ଏକ ଟିମ୍ ଚଢ଼ାଉ କରି ବିଶିକେସନଙ୍କ ନିକଟରୁ ୨୫୧ଟି ଦେଶୀ ମଦ ପାଉଚ ଜବତ କରି ତାଙ୍କୁ ଧରିବାରେ ସଫଳ ହୋଇଥିଲା। ଏନେଇ ସୋହେଲା ଥାନା ପୋଲିସ ଏକ ମାମଲା(ନଂ.୮୩/୧୯) ରୁଜୁ କରି ବିଶିକେସନଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ସୋହେଲା ଥାନା ପୋଲିସ ସୋମବାର ସନ୍ଧ୍ୟାରେ ପଦ୍ମପୁର ରୋଡରେ ପାଟ୍ରୋଲିଂ କରୁଥିବା ବେଳେ ଡିପାପଡ଼ାରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ସୂଚନା ମିଳିଥିଲା। ପୋଲିସ ଚଢ଼ାଉ କରି ପ୍ରଦୀପଙ୍କ ନିକଟରୁ ୨୦ଟି ଦେଶୀ ମଦ ପାଉଚ ଜବତ କରି ତାଙ୍କୁ ଗିରଫ କରିଥିଲା। ପୋଲିସ ଏକ ମାମଲା (ନଂ.୮୫/୧୯) ରୁଜୁକରି ପ୍ରଦୀପଙ୍କୁ କୋର୍ଟ ଚାଲାଣ କରିଛି।

### ଠିଡିକାଯୋର ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୁଣାକଟକ,୨୮।୫(ଡି.ଏନ୍.ଏ.)- ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକସ୍ଥିତ ଠିଡିକାଯୋରଠାରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ରଥଯାତ୍ରା କମିଟି ସଭାପତି ତଥା ଦେବୋତ୍ତର ଅଧିକାରୀ ତହସିଲଦାର ବବିତାରାଣୀ ଦଳବେହେରାଙ୍କ ସଭାପତିତ୍ୱରେ ହରଭଙ୍ଗା ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ମାନିତ ଅତିଥିଭାବେ ହରଭଙ୍ଗା ବ୍ଲକ ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର, ବିଡିଓ ରବୀନ୍ଦ୍ର କୁମାର ଶତପଥୀ, ପୁରୁଣାକଟକ ଥାନା ଭାରପ୍ରାପ୍ତ ଅଧିକାରୀ ଜୋସ୍ନା କାଉଁରୀ, ଯନ୍ତ୍ରୀ ଅର୍ଜୁନ ଗଡ଼ନାୟକ, ଦେଶବନ୍ଧୁ ନାୟକ, ପ୍ରତିମା ପ୍ରଧାନ, ସ୍ନେହାଲିନ ପ୍ରଧାନ, ରାଜକିଶୋର ମହାପାତ୍ର, ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ରଥଯାତ୍ରାକୁ କିପରି ଆକର୍ଷଣ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ସମ୍ପାଦକ ବାମଦେବ ଦାଶ ଗତବର୍ଷ ରଥଯାତ୍ରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ସବ୍‌କମିଟି ଗଠନ କରାଯାଇଥିଲା। ବୈଠକରେ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଗ୍ରାମର ମୁଖିଆ, ବୁଦ୍ଧିଜୀବୀ, ବିଶ୍ୱକର୍ମା କାରିଗର, ବ୍ରାହ୍ମଣ ସମାଜ ପ୍ରତିନିଧି ଯୋଗ ଦେଇଥିଲେ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

- ଚାଷୀଙ୍କ ଅମଳ ଧାନ ବର୍ଷାରେ ଭିଜିଲା
- ବୁର୍ଦ୍ଧା ମୁଖ୍ୟରାସ୍ତାରେ ଗଛ ଭାଙ୍ଗି ଯାତାୟାତ ବ୍ୟାହତ
- ବିଦ୍ୟୁତ୍ ସେବା ବିଚ୍ଛିନ୍ନ
- ବର୍ଷାପରେ ଗୁଳୁଗୁଳିରୁ ଆଶ୍ୱସ୍ତି

ବରଗଡ଼ ଅଫିସ୍,୨୮।୫

ବରଗଡ଼ ଜିଲାରେ ମଙ୍ଗଳବାର କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା । ସନ୍ଧ୍ୟା ରେ ଝଡ଼ବତାସ, ବର୍ଷା ସାଙ୍ଗକୁ ବଜ୍ରପାତ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଜ୍ରପାତରେ ଜିଲାର ବିଜେପୁର ବ୍ଲକ କଟାପାଲିରେ ଧାନ ଅମଳରେ ନିୟୋଜିତ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେହିପରି ଭେଡ଼େନ ବ୍ଲକ ଅଛାଣ୍ଡପାଲିରେ ମଧ ଧାନ ଅମଳ କରୁଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

କାଳବୈଶାଖୀ ଯୋଗୁ ଲୋକେ କେବଳ ଏଭଳି ମୃତାହତ ହୋଇଛନ୍ତି, ତାହା ନୁହେଁ। ଚାଷୀଙ୍କ ଅମଳ ଧାନ ବର୍ଷାରେ ଭିଜିଯାଇଛି। କ୍ଷେତ, ଖଳା ସମେତ ମଣ୍ଡିରେ ରହିଥିବା ଧାନ ସେଥିରେ ପ୍ରଭାବିତ ହୋଇଛି । ଏଭଳି କ୍ଷୟକ୍ଷତି ଯୋଗୁ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ଅନ୍ୟପକ୍ଷେ ଏହାକୁ ଆଳ କରି ବେପାରୀମାନେ କଟନୀଛଟନୀ କରିବା ଆଶଙ୍କା ପ୍ରକାଶ ପାଇଛି । ମେଘୁଆ ପାଗ ଲାଗି ରହିଥିବା ଯୋଗୁ ପୁଣି ବର୍ଷା ସମ୍ଭାବନା ରହିଛି। ଫଳରେ ଚାଷୀମାନେ ପାଲ, ତାରପୋଲିନ ଘୋଡ଼ାଇ ଅମଳ ଧାନକୁ କ୍ଷେତ, ଖଳା ଓ ମଣ୍ଡିରେ ସୁରକ୍ଷିତ ରଖୁଥିବା ଦେଖିବାକୁ ମିଳୁଛି ।

ସେହିପରି ଝଡ଼ବତାସ ଯୋଗୁ ଜିଲାର ଅନେକ ସ୍ଥାନରେ ଗଛଗୁଡ଼ିକ ଭାଙ୍ଗି ପଡ଼ିଛି। ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ମୁଖ୍ୟରାସ୍ତାରେ ଏକ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ସୂଚନା ମିଳିଛି । ବର୍ଷାପରେ ଗୁଳୁଗୁଳି, ଗ୍ରୀଷ୍ମ ପ୍ରବାହରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ହେଲେ ଝଡ଼ବତାସ ଯୋଗୁ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇ ପଡ଼ିଥିଲା । କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ଲୋକେ ଅନ୍ଧାରରେ ରହିଥିବା ଜଣାପଡିଛି।



କାଳବୈଶାଖୀ ଯୋଗୁ ଭାଙ୍ଗି ପଡ଼ିଥିବା ଗଛ ସମ୍ମୁଖରେ ବୁର୍ଦ୍ଧା ଗ୍ରାମବାସୀ।

# ଫନୀ ପ୍ରଭାବିତ ପରିବାରକୁ ସହାୟତା

ବରଗଡ଼ ଅଫିସ୍,୨୮।୫

ବରଗଡ଼ ଜିଲା ବରପାଲି ବ୍ଲକ ଲେଣ୍ଡାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱୟଂସିଦ୍ଧା ଫାଉଣ୍ଡେଶନ ପକ୍ଷରୁ ଫନୀ ପ୍ରଭାବିତ ପୁରୀ ଜିଲା ସାତପଡ଼ା ପଞ୍ଚାୟତ ଅଧୀନ ଭୋଇସାହିର ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିବା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍କଳ ବିଶ୍ୱ ବିଦ୍ୟାଳୟ ଏନ୍ଏସ୍ଏସ୍ ବ୍ୟୁରୋ ସହାୟତାରେ ଫାଉଣ୍ଡେଶନର ପ୍ରତିନିଧିମାନେ ସେମାନଙ୍କୁ ସହାୟତା ବାବଦକୁ ଖାଇବା ଟ୍ରେ, ଗ୍ଲାସ ଆଦି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଥିଲେ । ସାତପଡ଼ା ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ କଲେଜରେ ତାହା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡଃ ସୁଶିଳ କୁମାର ବାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡଃ ମନୋରଞ୍ଜନ ମହାନ୍ତି, ସାତପଡ଼ା ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ କଲେଜ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅଧ୍ୟାପକ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।





ଫନୀ ପ୍ରଭାବିତ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରାଯାଉଛି ।

### କାଳବୈଶାଖୀ, ଘୂର୍ଣ୍ଣିଝଡ ପରେ କମିଲା ତାପମାତ୍ରା

# ବିଦ୍ୟୁତ୍ ସରବରାହ ବନ୍ଦ, ଅନ୍ଧାରରେ ବଲାଙ୍ଗୀର ସହର

ବଲାଙ୍ଗୀର ଅଫିସ, ୨୮।୫

ବଲାଙ୍ଗୀରରେ ପ୍ରଚଣ୍ଡ ଗରମ ଓ ତାପମାତ୍ରା ବୃଦ୍ଧି କାରଣରୁ ନାହିଁନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଲୋକେ ଗ୍ରୀଷ୍ମପ୍ରବାହ କାରଣରୁ ତ୍ରାହି ତ୍ରାହି ଡାକୁଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ଘୂର୍ଣ୍ଣିଝଡ ଦେଖିବାକୁ ମିଳିଥିଲା । ଏହି କାରଣରୁ ତାପମାତ୍ରା ସାମାନ୍ୟ କମିଥିବା ଦେଖାଯାଇଛି । ସନ୍ଧ୍ୟା ସାଢ଼େ ୬ଟା ସମୟରେ ଘୂର୍ଣ୍ଣିଝଡ ଆରମ୍ଭ ହୋଇଥିଲା । ଜୋରରେ ପବନ ବୋହିବା ସହ କିଛି ସମୟ ପାଇଁ ଝିପି ଝିପି ବର୍ଷା ହୋଇଥିଲା । ଘୂର୍ଣ୍ଣିଝଡ ଆରମ୍ଭ ହେବା ପରଠାରୁ ସହରର ବିଜୁଳି ଯୋଗାଣ ବାଧାପ୍ରାପ୍ତ ହୋଇଥିଲା । ସନ୍ଧ୍ୟା ସାଢ଼େ ୬ଟାରୁ ବିଜୁଳି କାଟ୍ କରାଯାଇଥିବାରୁ ପ୍ରାୟ ୩ ଘଣ୍ଟା ଧରି ବଲାଙ୍ଗୀର ସହର ଅନ୍ଧାରରେ ରହିଛି । ଲୋକେ ଘୂର୍ଣ୍ଣିଝଡ ଯୋଗୁ ତାପମାତ୍ରା ସାମାନ୍ୟ କମିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ ବୋଲି ଭାବୁଥିବାବେଳେ ସହରରେ ଲାଇଟ୍ ନ ଥିବାରୁ ଘରେ ଲୋକେ ରହିପାରୁ ନ ଥିବା ଦେଖାଯାଇଛି। ଦୀର୍ଘ ୩ ଘଣ୍ଟା ବିଜୁଳି ନ ଥିବାରୁ ସହର ଏକ ପ୍ରକାର ଅନ୍ଧକାରମୟ ହୋଇପଡିଛି । ଏ ନେଇ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କୁ ପଚରାଯିବାରୁ ଘୂର୍ଣ୍ଣିଝଡ ପରେ କେଉଁଠି ଫଲ୍ଟ ଦେଖା ଦେଇଛି । ତାହାକୁ ବିଭାଗୀୟ କର୍ମଚାରୀମାନେ ଖୋଜୁଛନ୍ତି । ତେବେ ଦୀର୍ଘ ସମୟ ପରେ ମଧ ଏହି ଫଲ୍ଟ ମିଳି ନ ଥିବାରୁ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇନାହିଁ ବୋଲି ସେ କହିଛନ୍ତି ।

# ବିବାହର ୨୪ ଦିନ ପରେ ନବବଧୂ ପ୍ରେମିକଙ୍କ ସହ ଫେରାର

ଜହ୍ନାପଙ୍କ,୨୮।୫(ଡି.ଏନ.ଏ.)

ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ଅଧୀନ ପଲସପାଟ ଗାଁରେ ବିବାହର ୨୪ ଦିନ ପରେ ଜଣେ ନବବଧୂ ପ୍ରେମିକଙ୍କ ସହ ଫେରାର ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ବାଉଁଶୁଣୀ ଏବଂ ସୋନପୁର ଟାଉନ ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ମେ ୧ ତାରିଖରେ ପଲସପାଟ ଗ୍ରାମର ଜଣେ ଯୁବକ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ବେଲପଡ଼ା ଗାଁର ଜଣେ ଯୁବତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ନବବଧୂ ବାପ ଘରକୁ ଯାଇଥିଲେ। ୨୫ ତାରିଖରେ ନବବଧୂଙ୍କ ସ୍ୱାମୀ ଏବଂ ତାଙ୍କ ଭାଇ ଶ୍ୱଶୁର ଘରକୁ ଯାଇଥିଲେ। ପରେ ସେମାନେ ଏକ ଯାତ୍ରୀବାହୀ ବସ୍ ଯୋଗେ ନବବଧୂଙ୍କୁ ଧରି ଗାଁକୁ ଫେରୁଥିଲେ। ହେଲେ କୌଶଳକ୍ରମେ ନବବଧୂ ସ୍ୱାମୀ ଓ ଦିଅରଙ୍କୁ ବସରୁ ଓହ୍ଲାଇ କିଛି ଜିନିଷ ଆଣିବା ପାଇଁ କହିଥିଲେ। ପରେ ଯୋଜନା ମୁତାବକ, ନବବଧୂ ବସ୍‌ରୁ ଓହ୍ଲାଇ ପ୍ରେମିକଙ୍କ ସହ ଫେରାର ହୋଇଯାଇଥିଲେ। ସ୍ୱାମୀ ଓ ଦିଅର ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଏନେଇ ବାଉଁଶୁଣୀ ଏବଂ ସୋନପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ବାହାଘର ପରେ ମଧ ନବବଧୂ ମୋବାଇଲ ଫୋନରେ ଦୀର୍ଘ ସମୟ ଧରି କାହା ସାଙ୍ଗରେ କଥା ହେବା ସହ ମେସେଜରେ ଚାଟିଂ କରୁଥିଲେ।

# ବାଳ ସୁଧାର ସେବାଗୃହକୁ ଗଲେ ନାବାଳକ

ବରଗଡ଼ ଅଫିସ୍,୨୮।୫

ବରଗଡ଼ ସହରର ମଙ୍ଗଳାଝୁମ୍ପୁଡ଼ିରେ ଶନିବାର ରାତିରେ ସାମାନ୍ୟ ବଚସାରୁ ହୋଇଥିବା ଆକ୍ରମଣ ଘଟଣାର ଅଭିଯୁକ୍ତ ଜଣେ ନାବାଳକ ବୋଲି ଜଣାପଡ଼ିଛି । ସ୍ଥାନୀୟ ଟାଉନ ଥାନା ପୋଲିସ ନାବାଳକଙ୍କୁ ଥାନାକୁ ଆଣି ବରଗଡ଼ କୋର୍ଟରେ ହାଜର କରିଥିଲା। ସୋମବାର ତାଙ୍କୁ ରାଉରକେଲା ଜୁଭେନାଇଲ କୋର୍ଟରେ ହାଜର କରାଯିବା ପରେ ସେଠାକାର ବାଳ ସୁଧାର ସେବାଗୃହକୁ ପଠାଇ ଦିଆଯାଇଛି। ପ୍ରକାଶ ଥାଉକି, ଶନିବାର ରାତିରେ ସାମାନ୍ୟ ବଚସାରୁ ନାବାଳକ ଜଣକ ଦୀପକ ନାଗଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ଦୀପକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ପରିବାର ଲୋକେ ଟାଉନ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ମାମଲା(ନଂ.୨୪୬/୧୯) ରୁଜୁ କରିଥିଲା। ଏଏସ୍ଆଇ କ୍ଷୀରୋଦ୍ର ବିଶ୍ୱାଳ ମାମଲାର ତଦନ୍ତ କରିଥିଲେ।

# ଭାଇରାଲ ଭିଡ଼ିଓକୁ ନେଇ ଚର୍ଚ୍ଚା

ବରଗଡ଼ ଅଫିସ୍,୨୮।୫

ବରଗଡ଼ ସହରରେ ଗତ କିଛିମାସ ତଳେ ଏକ ଅଶ୍ଳୀଳ ଭିଡ଼ିଓ ଭାଇରାଲ ହେବା ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସ୍ଥାନୀୟ ପୋଲିସ ସେତେବେଳେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ବର୍ତ୍ତମାନ ପୁଣି ଅନ୍ୟଜଣେ ମହିଳାଙ୍କ ଭିଡ଼ିଓ ଭାଇରାଲ ହେବା ଘଟଣା ଆଲୋଚନାର ବିଷୟ ହୋଇଛି। ଅନ୍ୟପକ୍ଷେ ପୋଲିସ କେତେଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଜଣାପଡିଛି।

### ବୌଦ୍ଧରେ ବଢୁଛେ ନକଲି ମଦ କାରବାର

# ଜାନିଶୁନି ଚୁପ୍ ଅବକାରୀ ବିଭାଗ

ବୌଦ୍ଧ,୨୮।୫(ସ୍ୱ.ପ୍ର.)

**ବୌଦ୍ଧ ଜିଲା**

- ରାଜସ୍ୱ ଅସୁଲ୍ ନାଁରେ ଅଧିକ ମଦ ଦୁକାନ ଖୁଲ୍‌ବାକେ ସରକାରୀ ପୋରଛାହନ୍
- ନକ୍‌ଲି ମଦ ପିଇ ଲୋକ୍ କିଡ଼୍‌ନୀ, ଜଣ୍ଡିସ ଲେଖେଁ ରୋଗ୍‌ରେ ଆକ୍‌ରାଁତ ହେଉଛନ୍

ବୌଦ୍ଧ ଜିଲାରେ ଦିନୁଦିନ୍‌କେ ନକଲି ମଦ କାରବାର ବଢ଼ତେଲ ଯାଉଛେ। ଯେନ୍‌ଟା ଗାଁଗଁଲିର ବିକଶରେ ମୁଖିଆ ବାଧକ ସାଜିଛେ। ଅବକାରୀ ବିଭାଗ ଇ ସବୁ ଜାନିଶୁନି ଡୁମ୍‌ପଡୁଥିବା ଘଟନାକେ ନେଇ ଜନସାଧାରନରେ ଅସନ୍‌ତୋଷ ଦେଖାଦେଉଛେ। ଇଆଡ଼େ ମହିଲାମାନେ ଅନେକ ଜାଗାରେ ଏକ୍‌ଯୋଟ ହେଇ ବେଆଇନ ମଦ କାରବାର ବିରୋଧରେ ବିକ୍ଷୋଭ ପଦରଶନ କରୁଛନ୍। ହେଲେ ଅବକାରୀ ବିଭାଗ ସବୁ ଜାନିଶୁନି ପଦକ୍ଷେପ ନାଇଁ ନେବାର। ଗଲା ସାଧାରଣ ନିରବାଚନରେ ପ୍ରାଉଟିଷ୍ଟ କ୍ଲବ ତରଫୁ ପ୍ରାର୍ଥୀ ହେଇଥିବାର ସାମାଜିକ କରମୀ କେଦାରନାଥ ସାହୁ ଗାଁକେ ଗାଁ ବୁଲି ମଦ କାରବାର ବଁଦ୍ କରବାକେ ସଚେତନତା ସୁରୁଷ୍‌ଟି କରି ଚରଚାରେ ରହିଥିଲେ। ହେଲେ ତାକର ସପକ୍ଷରେ ହେଇଥିବାର ମତଦାନରୁ ଫଟିକ ବାରି ହେଉଛେ ଯେ, ସମାଜରୁ ମଦ ରାକ୍ଷସକେ ହଟାବାରଟା କେତେ ଭିଡ଼ାନ କାମ୍ ଆଏ।

ଅବକାରୀ ବିଭାଗ ତରଫୁ ମିଳିଥିବାର ସୂଚନା ଅନ୍‌ସାରେ ଜିଲାରେ ୨୦ରୁ ଅଧିକା ଲାଇସେନ୍ସ ଧାରି ମଦ ଭାଟି ଚାଲିଥିଲାବେଲେ ହରଭଙ୍ଗା ବ୍ଲକରେ ୩ଟା ଭାଟି ବଁଦ୍ ଅଛେ। ସରକାରକଁର ଅନେକ ଯୋଜନା ମଦରୁ ମିଳୁଥିବାର ମୁଟା ରାଜସ୍ୱ ଉପରେ ନିରଭର କରୁଛେ। ସେଥିରଲାଗି ବଁଦ୍ ଭାଟିମାନ ବି ଫେନ୍ ଚାଲୁକରବାକେ ପରଶାସନ ଉପରେ ଚାପ୍ ପଡୁଥିବାର ଜନାପଡ଼ିଛେ। ସରକାରକଁର ଅନେକ ଯୋଜନା ମଦର ଲାଗି ବାଟବନା ହେଉଥିବର କଥା ସଭା ସମିତିରେ କୁହାଯାଉଛେ। ହେଲେ ଇଆଡ଼େ ରାଜସ୍ୱ ଅସୁଲ ନାଁରେ ଅଧିକା ମଦ ଦୁକାନ ଖୁଲବାକେ ସରକାରୀ ପୋରଛାହନ୍ ଯୁଗେଇ ଦିଆଯାଉଥିବାର ଜନାପଡ଼ିଛେ। ସବୁଠାନୁ ବଡ଼କଥା ହେଲା ଲାଇସେନ୍ସ ଧାରି ଭାଟିମାନକେ ବାଦ୍ ଦେଲେ ଗାଁଗଁଲିରେ ବହୁତଟେ ଚୁରା ଦେଶୀମଦ ଭାଟି ଚାଲୁଥିବାର ଅଭିଯୋଗ ହେଉଛେ। ଭାଟି ମଦ ଉପରେ ଲୁକ୍‌କର ରୁଚି ବଢ଼ାବାର ଲାଗି ନାନା ପରକାର ଅନଇତିକ୍ କାମ୍ କରାଯାଉଥିବାର ଜନାଯାଇଛେ। ମଦ ଯେନ୍‌ତା ଅଧିକା ନିଶା ହେବା, ସେଥିରଲାଗି ଭିନେ ଭିନେ ଗଛର ପତର ଆର ରସାୟନ ମଦଥି ମିଶା ଯାଉଥିବାର ଜନାପଡ଼ିଛେ। ସଚେତନତା ଅଭାବୁ ଗାଁଗଁଲିର ନିରିହ ଲୋକ୍ ଇ ବିଷ୍ ମଦ୍‌କେ ପିଇ କିଡ଼୍‌ନୀ, ଜଣ୍ଡିସ ଲେଖେଁ ରୋଗ୍‌ରେ ପଡୁଛନ୍। ଭିନେ ଭିନେ ଜାଗାରେ ମଦ ଚୁରା ଚାଲାନ ହେଉଥିବାର ଖବର ବିଭାଗୀୟ ଅଧିକାରୀମାନକର ପାସେ ଥିଲେ ବି ସେମାନେ ନାଇଁଜାନଲା ଲେଖେଁ ଅଭିନଏ କରୁଛନ୍। ଖାଲି ଟାର୍ଗେଟ ପୂରନ ନାଁରେ ବିଭାଗ ତରଫୁ ଚଢ଼ାଉ କରାଯାଇ ଅଧିକା ମଦ ଜବତ ହେଲେ ବି ଅଲପ୍ ମଦ ଜବତ୍ ହେଇଥିବାର ଦେଖାଯାଉଛେ। ଯେନ୍‌ଟା ଚୁରା ମଦ କାରବାରକେ ବିଭାଗ୍ ତରଫୁ ପୋରଛାହନ୍ ଦେଲା ସାଜୋ ହେଉଛେ ବଲି ଥାନୀୟ ଲୋକ ଅଭିଯୋଗ କରିଛନ୍। ଇଆଡ଼େ ହରଭଙ୍ଗା ବ୍ଲକରେ ଶତାଧିକ ଲୋକ ଜଣ୍ଡିସ ଆର କିଡ଼୍‌ନୀ ରୋଗ୍‌ରେ ଆକ୍‌ରାଁତ ହେଇ ମରୁଥିଲାବେଲେ ଇତାର ପଛେ ନକଲି ମଦ କାରବାର ଦାୟୀ ବଲି ଲୋକ୍ ଆଶଁକା କରୁଛନ୍। ଯେତେ ଜଲଦି ହେବା ଜିଲାରେ ନକଲି ଆର ଚୁରା ମଦ କାରବାରକେ ବଁଦ୍ କରବାର ଦିଗେ ପଦକ୍ଷେପ ନିଆଯାଉ। ଲାଇସେନ୍ସ ଧାରି ଭାଟିମାନକେ ସାଫସୁତର ଆର ମଦର ମାନ ଯାଁଚ୍ କରବାକେ ସାଧାରନରେ ଦାବି ହେଉଛେ।

## ଫଟୋରେ ଖବର







ବରଗଡ଼ ଗାନ୍ଧୀ ଛକ କଲ୍ୟାଣମଣ୍ଡପ ନିକଟ ବଜାରରୁ ଜଣେ ଗ୍ରାହକ ତରଭୂଜ କିଣି ନେଉଛନ୍ତି। (ବାମ)। ବରଗଡ଼ ଲେଙ୍ଗୁ ମିଶ୍ର ଛକ ନିକଟରେ ତାଳସଜର ପସରା (ମଝି)। ବରଗଡ଼ ଗାନ୍ଧୀ ଛକ କଲ୍ୟାଣମଣ୍ଡପ ନିକଟରେ ଗ୍ରାହକମାନେ ଆଖୁରସ ପିଇବା ପାଇଁ ଅପେକ୍ଷା କରିଛନ୍ତି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ୨ଚାଷୀ ଗୁରୁତର

**ବିନିକା, ୨୮।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ମେଘଲା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବିଦ୍ୟୁତ ଖୁଣ୍ଟ ଦେଇ ଲମ୍ବିଥିବା ଡିସ୍ ତାରରୁ ଶର୍ଟ ସର୍କିଟ ହୋଇ ୨ଚାଷୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସିଲାଟୀ ଗ୍ରାମର ଅକୃର ବିଶି (୩୧) ଓ ମେଘଲା ଗ୍ରାମର ପୁରେନ ରଣା(୪୫)। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ପୁରନ୍ଦରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମେଘଲା ମୌଜାରେ ଥିବା ଚାଷ ଜମିରେ ଅପରାହ୍ନ ପ୍ରାୟ ୩.୩୦ରେ ମେଶିନରେ ଧାନ କଟାଯାଉଥିଲା। ଖେତ ସଂଲଗ୍ନ ବିଦ୍ୟୁତ ଖୁଣ୍ଟରେ ଲମ୍ବିଥିବା ଡିସ୍ ତାର ଧାନକଟା ମେଶିନରେ ଲାଗି ଛିଣ୍ଡି ଚାଷଜମିରେ ପଡିଥିଲା । ଛିଣ୍ଡିଯାଇଥିବା ଡିସ୍ ତାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲା। ଏହି ସମୟରେ ସେମାନଙ୍କ ଖେତରେ ଧାନ କାଟୁଥିବା ଅକୃର ଓ ପୁରେନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ବିନିକା ମେଡିକାଲରେ ଚିକିତ୍ସାଧୀନ ଅକୃରଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ରହିଛି ।

### ବଲାଙ୍ଗୀରରୁ ନିଖୋଜ ଛାତ୍ର ରାୟପୁରରୁ ମିଳିଲେ

**ବଲାଙ୍ଗୀର ଅଫିସ, ୨୮।୫:** ବଲାଙ୍ଗୀର ସହରରୁ ନିଖୋଜ ହୋଇଯାଇଥିବା ଜଣେ ଛାତ୍ର ରାୟପୁର ରେଲୱେ ପୋଲିସ ଦ୍ୱାରା ଉଦ୍ଧାର ହୋଇଛନ୍ତି। ସେ ହେଉଛନ୍ତି ବଲାଙ୍ଗୀର ସହର ପୋଲିସ କଲୋନୀର ସଂଗ୍ରାମ ସାହୁଙ୍କ ପୁଅ ଶୁଭମ୍ କୁମାର ସାହୁ (୧୫)। ସୋମବାରଠାରୁ ସେ କୁଆଡେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ବହୁତ ଖୋଜାଖୋଜି କରିବା ପରେ ମଧ ନ ମିଳିବାରୁ ଥାନାରେ ଘର ଲୋକେ ରିପୋର୍ଟ କରିଥିଲେ । ଏହା ସହିତ ସୋସିଆଲ ମିଡିଆରେ ତାଙ୍କ ଫଟୋ ଛଡାଯାଇ ନିଖୋଜ ଥିବା ଦର୍ଶା ଯାଇଥିଲା। ମଙ୍ଗଳବାର ରାୟପୁର ରେଲୱେ ଷ୍ଟେଶନ୍‌ରେ ସେଠାକାର ରେଲୱେ ପୋଲିସ ଶୁଭମ୍‌ଙ୍କୁ ଠାବ କରିଛି। ଏହାପରେ ବଲାଙ୍ଗୀରରୁ ଏକ ପୋଲିସ ଟିମ୍ ତାଙ୍କୁ ଆଣିବାକୁ ଯାଇଛନ୍ତି। ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ନ ବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ପରେ ଶୁଭମ୍ ଘରୁ ଚାଲିଯାଇଥିବା ଜଣାପଡିଛି ।

ଜିଲାପାଳଙ୍କର ନିରଦେଶକେ ବେଖାତିର

# ଘରଭଂଗା ସାହାଯ୍ୟରୁ ବଁଚିତ ଅସାହା ପରିବାର

**ବିନିକା,୨୮।୫ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ଗାଁର ହିରଣ୍ୟ ନାୟକଙ୍କର ଗଲା ବରଷା ଦିନେ ଭାଂଗି ଯାଇଥିଲା। ସେ ଘରଭଂଗା ସାହାଯ୍ ପାଏବାର ବାବ୍‌ଦେ ମେଘଲା ରାଜସ୍ୱ ନିରୀକ୍ଷକ, ବିନିକା ତହସିଲଦାରକୁଁ ଗୁହାରି କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ କୁହିବାହାଲ ଗାଁର ହିରଣ୍ୟ ନାୟକ ଝନେ ନିହାତି ଗରିବ୍ ଲୋକ। ସେ ଦୁଖ୍‌ସୁଖ, ଚାଷବାସ କରି ୪ ପରାନୀ କୁଟୁମ ପୁଷୁଛନ୍। ଗଲା ବରଷା ମାସେ ତାକର ମାଏଟ୍ କୁରିଆଟା ଭାଂଗି ଯାଇଥିଲା। ଇ ବାବ୍‌ଦେ ସେ ମେଘଲା ରାଜସ୍ୱ ନିରୀକ୍ଷକ ଆର ବିନିକା ତହସିଲଦାରକୁଁ ସରକାରୀ ସାହାଯ୍ ଲାଗି ଗୁହାରି କରିଥିଲେ। ହେଲେ ଆଏଜ୍‌ତକ ତାହାକୁ ଘରଭଂଗା ସାହାଯ୍ ନାଇଁ ମିଲିପାରି। ଶେଷେ ହିରଣ୍ୟ ଉପେ ଶୁଇନ୍ ହେଇ ଗଲା ୨୦୧୮, ସେପ୍ଟେମ୍ବର ୧୭ ତାରିଖ୍ ବିନିକାରେ ହେଇଥିବାର ଜିଲାପାଳଙ୍କର ଅଭିଯୋଗ ଶୁନାନି ଶିବିରରେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ଶୁନି ବିଭାଗୀୟ ଅଧିକାରୀମାନକୁ ହିରଣ୍ୟଙ୍କୁ ଘରଭଂଗା ସଂଗେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗୁଟେ ପକାଘର ଯୁଗେଇ ଦେବାର ବେବସ୍ତା କରବାକେ ନିରଦେଶ ଦେଇଥିଲେ। ହେଲେ ହିତାଧିକାରୀ ପକାଘର ପାଏବାର ତ ଦୂରର କଥା ଏଭ୍‌ତକ୍ ଘରଭଂଗା ସାହାଯ୍ ପାଏବାରୁ



ନିଜର ଭଂଗା ଘର ଆଘେ ହିରଣ୍ୟ।

ବି ବଁଚିତ ହେଇ ରହିଛନ୍। ଏନ୍‌ତାଥି ଇ ଗରିବ୍ ପରିବାର ବାରଦୁଆର ହେଇ ବଡ଼ାକଷ୍‌ଟେ ଦିନ୍ ବିତଉଛନ୍। ଯେତେ ଜଲଦି ହେବା ଇ ଗରିବ୍ ପରିବାରକେ ଘରଭଂଗା ସାହାଯ୍ ସମେତ ଆବାସ ଯୋଜନାରେ ସାମିଲ କରି ପକାଘର ଖଁଡ଼େ ଯୁଗେଇ ଦେବାକେ ଦାବି ହେଉଛେ। ଇ ବାବ୍‌ଦେ ବିନିକା ତହସିଲଦାରକୁଁ ପଚରାଲାରୁ ହିତାଧିକାରୀଙ୍କର ଅଭିଯୋଗ ଅନ୍‌ସାରେ ଆମର ପାସେ ଘରଭଂଗାର ସୂଚନା ନାଇଁନ। ସେଥିରଲାଗି ଆମେ ତାହାକୁ କିଛି ସାହାଯ୍ ଦେଇ ନାଇଁ ପାରବାର। ହିତାଧିକାରୀ ମୋତେ ଅଫିସରେ ସାକ୍ଷାତ କରି ଅସବିଧାଟା କାଣା ଜନାଲେ ସେ ହିସାବେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

# ଚାଷୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ




**ଲୋଇସିଂହା,୨୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତ ବାଗଡୁଙ୍ଗରି ଗ୍ରାମରେ କୃଷି ବିଭାଗ ପକ୍ଷରୁ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଏହି ସଭାରେ ବଲାଙ୍ଗୀର ଜିଲାର କପା ବିଶେଷଜ୍ଞ ସୋମନାଥ ମହାପାତ୍ର, କୃଷି ଅଧିଦର୍ଶିକା ସୁଜାତା ପାତ୍ର, କୃଷି ଅଧିକାରୀ ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଚାଷୀମାନଙ୍କୁ ଅଧିକ ଅମଳ ପାଇବା ନିମନ୍ତେ ବୈଷୟିକ ପ୍ରଣାଳୀରେ ଚାଷ ଏବଂ ଠିକ ସମୟରେ ସମସ୍ତ ଉପାଦାନ ବ୍ୟବହାର କରିବା ପାଇଁ ଏହି ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଶେଷରେ ଗ୍ରାମ୍ୟ କୃଷି କର୍ମଚାରୀ ପିଙ୍କରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଇଞ୍ଜିନିୟରିଂ ପରୀକ୍ଷା ଫଳରେ ବିକାଶର ସଫଳତା

**ବରଗଡ଼ ଅଫିସ୍,୨୮।୫**

ବରଗଡ଼ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଛାତ୍ରୀଛାତ୍ରମାନେ ୨୦୧୯ ଇଞ୍ଜିନିୟରିଂ ପରୀକ୍ଷାଫଳରେ ସଫଳତା ଅର୍ଜନ କରିଛନ୍ତି । ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ଅର୍ଜନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫୧ଜଣ ୯ଏସ୍‌ଜିପିଏରୁ ଊର୍ଦ୍ଧ୍ୱ, ୧୮ଜଣ ୮ଏସ୍‌ଜିପିଏରୁ ୯ଏସ୍‌ଜିପିଏରୁ ଊର୍ଦ୍ଧ୍ୱ ଏବଂ ଜଣେ ୭ରୁ ୮ଏସ୍‌ଜିପିଏ ମଧ୍ୟରେ ମାର୍କ ରଖି ସଫଳ ହୋଇଛନ୍ତି। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗରେ ମୋନିକା ରାଉତ, ଲକି ବାରିକ ଓ ପ୍ରିୟଙ୍କା ବେହେରା ୯.୮ଏସଜିପିଏ, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ସ୍ନିଗ୍ଧା ମହାପାତ୍ର ୯.୮ ଏସ୍‌ଜିପିଏ, ସିଭିଲ ଇଞ୍ଜିନିୟରିଂ ବିଭାଗର ଆଶିଷ ଅଦାବର ୯.୬



ଲକି ବାରିକ



ମୋନିକା ଭଗତ୍



ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା



ପ୍ରିୟଦର୍ଶିନୀ ମହାପାତ୍ର



ସ୍ମୃତିମୟୀ ମେହେର



ଧରଣୀପ୍ରଭା ମେହେର

ଏସ୍‌ଜିପିଏ, ଇଲେକ୍ଟ୍ରିକାଲ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗର ପ୍ରିୟଦର୍ଶିନୀ ମହାପାତ୍ର, ଧରଣୀପ୍ରଭା ମେହେର, ସ୍ମୃତିମୟୀ ମେହେର ୯.୬ ଏସ୍‌ଜିପିଏ ଏବଂ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଅଜୟ ଏକ୍କା ୯.୬ ଏସ୍‌ଜିପିଏ ରଖି କଲେଜ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ୧୨ଜଣ, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ୩ଜଣ, ମେକାନିକାଲ ଇଞ୍ଜିନିୟରିଂ ବିଭାଗର ୯ଜଣ ୯ଏସଜିପିଏର ଊର୍ଦ୍ଧ୍ୱ ମାର୍କ ରଖି କୃତକାଯର୍ୟ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ପାଇଁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୂରଲୀକ୍ରୀଷ୍ଣା, ଡାଇରେକ୍ଟର(ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ବିକାଇ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ଏଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମହାପାତ୍ର, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଏକାଡ଼େମିକ୍ସ) ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଉଲୁଣ୍ଡା: କାଳବୈଶାଖୀରେ ବ୍ୟାପକ କ୍ଷତି

**ଉଲୁଣ୍ଡା, ୨୮।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପ୍ରବଳ ପବନ ବର୍ଷା ତଥା ଘଡଘଡି ଯୋଗୁଁ ଜୀବନ ଯାତ୍ରା ବ୍ୟାହତ ହୋଇଯାଇଥିଲା। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଥିବା ଯୋଗୁଁ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାଘାତ ହୋଇଛି। ବିଶେଷକରି ବ୍ଲକର କୋଟସମଲାଇ, କାଦୋଦର, କଳାପଥର, ଜାଲୋଏ, ରକ୍ସା, ନିମ୍ନା, ପଞ୍ଚମହଲା, ଚଡେଇପଙ୍କ, ମୁଣ୍ଡୋଘାଟ, ସିଣ୍ଢୋଲ, ଏସ.ପତ୍ରାପାଲି ଆଦି ପଞ୍ଚାୟତରେ ରବି ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ପନିପରିବା ତଥା ପିଆଜ ଚାଷରେ ମଧ୍ୟ ଅଦିନିଆ ବର୍ଷାଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଝଡତୋଫାନ ଯୋଗୁଁ ବିଭିନ୍ନ ଗ୍ରାମରେ ଚାଳ ଛପର ଉଡି ଯାଇଛି।

Tel No. 06792-261343(O)/261344(Fax)/E-Mail:- serwcbaripada@nic.in
No.07-O

GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS CIRCLE, BARIPADA
"e" Procurement Notice for Road Work
**Identification No.- Online Tender- Road N.C.B. No. 159 for 2019-20.**

**Letter No. 1453** **Date. 24.05.2019**

1. Name of the work :- Construction of OMBADC Road work in the District of Mayurbhanj during 2018-19.
2. Total No. of work :- 01 No. (One)
3. Estimated Cost :- Rs.33.62 Lakhs (approximately).
4. Eligible Class of Contractor :- As per Annexure in the DTCN.
5. Period of Completion :- As per Annexure in the DTCN.
6. Other details :-

| Procurement Officer | Bid identification No. | Availability of tender online for bidding | | Last Date & time of seeking tender clarification | Date & time of opening of tender in O/O S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | Road On-line N.C.B. No.159 | Dt.31.05.2019 at 11.00 A.M. | Dt. 17.06.2019 upto 3.00 P.M. | Dt.13.06.2019 upto 1.00 P.M. | Dt.18.06.2019 at 11.00 A.M. | Will be intimated Separately |

- Further details can be seen from the website: www.tendersorissa.gov.in
- Any Corrigendum / Addendum will be displayed in the above e_tender website only.

25130/11/0001/1920
Superintending Engineer
R.W. Circle, Baripada.

TDCCOL
**TRIBAL DEVELOPMENT CO-OPERATIVE CORPORATION OF ORISSA LTD.**
Tel. 0674-2542475 / 2542617, Fax-2544828
Email: admin@tdccorissa.org, website: www.tdccodisha.org
Notice No. 1250, dated 27.05.2019

**Tender Call Notice for Supply of Plastic Packaging Material for Packaging of different Minor Forest Produce & Surplus Agriculture Produce**

**No. CAD-28:-** Sealed Tender(s) are invited from only registered dealers/ manufacturers/ authorized suppliers/ registered SHGs/ Producer Groups for supply of plastic packaging material for packaging of different Minor Forest Produce and Surplus Agriculture Produce. The detail terms and conditions can be downloaded from the official website- www.tdccodisha.org. The last date and time of receipt of tender documents is up to 4:00pm on 17.06.2019.

26005/11/0002/1920 *Sd./- Managing Director*

No.01-V
**Directorate of Sch. Castes & Sch. Tribes Research & Training Institute Bhubaneswar-3**

**TENDER NOTICE**

**No.1326/M-4/19** **Date:25/05/2019**

Sealed tenders are hereby invited from interested agencies/firms for "Enriching Interactive Kiosks for the use of Visitors of Odisha State Tribal Museum, Bhubaneswar" in SCSTRTI. The bid must be addressed to Director & Spl. Secy. to Govt, SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is 17.06.2019 at 03:PM The interested Agency/firms can log on to the Govt. website (www.odisha.gov.in and www.scstrti.in) for detail.

Sd./-
Director &Spl. Secy. to Govt.
26026/11/0001/1920 SCSTRTI, Bhubaneswar.

THE ODISHA MINING CORPORATION LIMITED
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
**NIT No. 13/E-PROC/OMC/2019**
OMC | ODISHA NEW OPPORTUNITIES
No.CAD-19:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work in month | Class of contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Installation of PVC over head tank to sector-III quarters at Daitari in the district of Keonjhar. | 33.46 | 6 months | C&B | 33,500/- | 6000/- +18% GST |
| 2. | Construction of rest shelter at Putulpani mines of Gandhamrdhan Region in the dist of Keonjhar. | 27.02 | 4 months | C&B | 27,100/- | 6000/- +18% GST |

1. Available of Bid document in Govt. portal from dt.31.05.2019 to 10.06.2019 up to 5.00 PM.
2. Last date of on-line submission of tender in the portal is dt.10.06 .2019 up to 5.00 PM.
3. Date of opening of Technical Bid is dt.11.06.2019 at 11.00 AM.

All other details can be seen from DTCN available at Govt. website www.tendersorissa.gov.in The Odisha Mining Corporation Ltd. reserves the right to reject any or all tenders without assigning any reason thereof.
30005/11/0001/1920 GM (Civil)

**OFFICE OF THE**
**DIVISIONAL FOREST OFFICER, KHARIAR DIVISION, KHARIAR**
At/Po- Khariar, Dist.- Nuapada, Odisha-766107, E-mail ID- dfokhariar@gmail.com, Phone No- 06671-224237

Office Order No. 73 **TENDER CALL NOTICE** /Date 24.05.2019

**No. 03-MM:-** Sealed Tender are invited from intending manufacturers/ Authorised distributers/ Suppliers, Government Agencies for supply of the following Materials.

1. Vermi-Compost
2. Bio-fertiliser (NPK Based)
3. Insecticide (Neem Cake)

Materials should be supplied as per prescribed specification of the above items for utilization in plantation programme under MGNREGA 2019-20 of Khariar Forest Division. The quantity of fertilizer may vary as per requirement. The EMD amount of Rs.10,000/- (Rupees Ten Thousand) only should be submitted in shape of Bank Draft in favour of the Divisional forest Officer, Khariar Forest Division, Khariar along with the tender. The sealed tenders are to be submitted for the above products separately itemwise with all required documents. Last date of receipt of tenders is 10.06.2019 at 01.00PM and date of opening of tender is on dt.12.06.2019 at 10.00AM. Sealed tenders should be submitted to the Office of the Divisional Forest Officer, Khariar Forest Division, Khariar, Dist.- Nuapada, Odisha, Pin- 766107 through Speed Post/ Regd. Post or in the Tender Box kept in the Office. The purchase Committee (consist of ACFs, Range Officer and Dealing Assistant of MGNREGS Section) reserve the right to accept or reject the tenders without assigning any reason thereof.

